# ଧରିତ୍ରୀ
DHARITRI

ଧରିତ୍ରୀ 50 Years

ଭୁବନେଶ୍ୱର, ରବିବାର, ନଭେମ୍ବର ୨୬/୨୦୨୩ (୨୦ ପୃଷ୍ଠା+ଛୁଟିଦିନ) | Bhubaneswar, Sunday, November 26/2023 | Page 20 ₹ 7.00

୫୦ଶ ଭାଗ ୩ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 50 ISSUE 3 | ମୂଲ୍ୟ₹୭/-






**Carens**
From a different world

Take all the great things the Kia Carens has to offer and get ready to be transported to a different world. Right from the Xclusive Matte Graphite Exterior to the Space-age Cockpit with Sage Green Upholstery, Walk-in Lever and Rear Seat Entertainment Screen, the Carens X-Line is crafted to immerse you into a different world of style and comfort.

**Stylish matte graphite exterior and black glossy grille**




make you stand out in the world.

**G1.5 Turbo Petrol engine with 117.5 kW (160 ps) power**




delivers unmatched power for all your family trips.

**Rear seat entertainment screen and walk-in lever**




give the freedom to choose your entertainment and adjust your space.

**Futuristic interiors with spacious 3-rows and comfortable captain seats**




offer more legroom and comfort, which is class-leading.

**Kia Connect# skill with Amazon Alexa**




lets you control your Kia from the comfort of your home.

**Robust 15 Hi-Safety Package**
STANDARD ACROSS ALL VARIANTS

6 Airbags, ESC (Electronic Stability Control), VSM (Vehicle Stability Management), BAS (Brake Assist), HAC (Hill-start Assist Control), DBC (Downhill Brake Control), ABS (Anti-lock Brake System), All Wheel Disc Brakes, Highline Tyre Pressure Monitoring System, Rear Parking Sensors, ISOFIX Child Anchor, High Mount Stop Lamp with Emergency Stop Signal, All Seat 3-point Seat Belts with Reminder, Speed Sensing Door Lock and Impact Sensing Door Unlock

**Kia Service**
Connected • Adaptive • Responsive • Engage

| 3 Years Unlimited Km Warranty | Extended Warranty Up to 5 Years | My Convenience Plus Best-in-class Cost of Ownership^ | IoT Based Smart Services^^ | 24x7 \| 3 Years Nationwide RSA** |
|---|---|---|---|---|

**Book Now** | Call 1800 108 5000 | 093195 91407 | Look for "Kia India" @ | Visit www.kia.com/in | Book Kia Carens

T&C Apply. *Ex-showroom price all India. The product shown is for representation purpose only. Actual features, color and specifications as shown may not be part of standard fitment and may vary. The color shown is subject to availability and may not be available across all variants and may slightly differ from those shown in the ad. Class is defined as 3-row seater car with overall length less than 4 550 mm & height more than 1 680 mm. ^Computed cumulatively with all benefits from comprehensive coverage. ^^IOT based workshops for live vehicle tracking for digital experience.**RSA Coverage across India except Andaman & Nicobar Islands and Lakshadweep Visit your nearest Kia dealership for more details. #Kia Connect comes with 3-year free subscription. Amazon Alexa device is not a standard car accessory and the customer needs to purchase from a third party. Kia Connect skill features may vary depending on the variant, device compatibility, software and network availability both in the vehicle and Alexa device. Kia Connect skill is only available in India and can be interacted with in English and Hindi. Smartwatch and mobile phone are not provided with the vehicle. Kia India Pvt. Ltd. (Formerly known as Kia Motors India Pvt. Ltd.) reserves the right to make any changes with respect to the trims, colors, specifications and other details of any model as mentioned or to discontinue any model or to modify/discontinue any service without prior notice. Kia urges you to follow traffic rules, these are meant to keep you safe on roads. No liability accepted for errors and printing errors.

**FOR INFORMATION CONTACT: BHUBANESHWAR:** **CENTRAL KIA,** PAHAL, PH: 7440004288, **TRUPTI KIA,** PATRAPADA, PH: 7064414001/7064414004/ 7064414005, **ROURKELA: KRISHNA KIA,** PH: 7852941115, **BALASORE: BASANTI KIA,** PH: 7077732182, **SAMBALPUR: CENTRAL KIA,** PH: 7440004263, **ANGUL: CENTRAL KIA,** PH: 7440002918

INNOCEAN-078/22

# ‘କୌଣସି କାମ ମନୋବଳଠାରୁ ବଡ଼ ନୁହେଁ’



ସମାବର୍ତ୍ତନ ଉତ୍ସବରେ ରାଜ୍ୟପାଳ ରଘୁବର ଦାସ, ଛତିଶଗଡ଼ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନଙ୍କ ସହ ଅନ୍ୟ ଅତିଥିମାନେ।

## କିସ୍ ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବ

■ ବିଶ୍ୱଭୂଷଣ ହରିଚନ୍ଦନ, ସ୍ୱାମୀ ଚିଦାନନ୍ଦ ସରସ୍ୱତୀଙ୍କୁ ଡକ୍ଟରେଟ୍ ଡିଗ୍ରୀ

■ ଶ୍ରେଷ୍ଠ ଛାତ୍ରୀଛାତ୍ରଙ୍କୁ ପଦକ, ୩୦୨ଜଣଙ୍କୁ ମିଳିଲା ଡିଗ୍ରୀ ସାର୍ଟିଫିକେଟ

**ଭୁବନେଶ୍ୱର, ୨୫।୧୧(ଅସମାପିକା ସାହୁ)**

ଯୁବଶକ୍ତି ହେଉଛି ଏକବିଂଶ ଶତାବ୍ଦୀର ଭାରତ ବିକାଶର ପ୍ରେରଣାର ଉତ୍ସ। ଯୁବଗୋଷ୍ଠୀଙ୍କ ନିକଟରେ ସର୍ଜନା ଓ ପରିକଳ୍ପନା, ନିଷ୍ପତ୍ତି ନେବାର ଶକ୍ତି ଏବଂ କାମ କରିବାର ଜିଦ୍ ରହିଛି। ଏହି ତିନୋଟି ଯାହା ନିକଟରେ ରହିଛି, ସେ ସବୁ କାମରେ ସଫଳତା ହାସଲ କରିଥାଏ ବୋଲି ରାଜ୍ୟପାଳ ରଘୁବର ଦାସ କହିଛନ୍ତି। ଶନିବାର କିସ୍ ବିଶ୍ୱବିଦ୍ୟାଳୟର ତୃତୀୟ ସମାବର୍ତ୍ତନ ଉତ୍ସବରେ ରାଜ୍ୟପାଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଷ୍ଟ୍ର ନିର୍ମାଣରେ ଶିକ୍ଷାର ଗୁରୁତ୍ୱ ସବୁଠୁ ଉପରେ ବୋଲି କହିଥିଲେ। ଛାତ୍ରୀଛାତ୍ରଙ୍କ ଉଦ୍ଦେଶ୍ୟରେ ରାଜ୍ୟପାଳ କହିଥିଲେ, କୌଣସି କାମ ମନୋବଳଠାରୁ ବଡ଼ ନୁହେଁ। ଯଦି ନିଜ ଭିତରେ ଦୃଢ଼ ମନୋବଳ ଓ ପ୍ରବଳ ଇଚ୍ଛାଶକ୍ତି ରହିଛି, ତେବେ ଯେ କୌଣସି କାମରେ ସଫଳତା ହାସଲ କରିହେବ।

ଉତ୍ସବରେ ଦୀକ୍ଷାନ୍ତ ଅଭିଭାଷଣ ଦେଇ ନୀତି ଆୟୋଗର ପୂର୍ବତନ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅମିତାଭ କାନ୍ତ ଜ୍ଞାନକୁ ସମାଜ ଓ ରାଷ୍ଟ୍ର ନିର୍ମାଣରେ ବିନିଯୋଗ କରିବା ପାଇଁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ବିଶିଷ୍ଟ ଅତିଥି ଛତିଶଗଡ଼ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ ସମ୍ମାନସୂଚକ ଡକ୍ଟରେଟ୍ ଡିଗ୍ରୀ ଗ୍ରହଣ କରି କହିଲେ, ସମାଜର ଅବହେଳିତ, ଦଳିତ ଓ ନିଷ୍ପେଷିତଙ୍କ ପାଇଁ ଛାତ୍ରୀଛାତ୍ରଙ୍କର ଗୁରୁ ଦାୟିତ୍ୱ ରହିଛି। ସେଥିପାଇଁ ସେମାନଙ୍କ ନିକଟରେ ସବୁବେଳେ ଠିଆ ହୋଇ ସହଯୋଗର ହାତ ବଢ଼ାଇବାକୁ ସେ ଛାତ୍ରୀଛାତ୍ରଙ୍କୁ ଆହ୍ୱାନ ଦେଇଥିଲେ। ସେହିପରି ଋଷିକେଶ ପରମାର୍ଥ ନିକେତନ ଆଶ୍ରମର ଅଧ୍ୟକ୍ଷ ତଥା ଆଧ୍ୟାତ୍ମିକ ମୁଖ୍ୟ ସ୍ୱାମୀ ଚିଦାନନ୍ଦ ସରସ୍ୱତୀ ଡକ୍ଟରେଟ୍ ଡିଗ୍ରୀ ଗ୍ରହଣ କରି କହିଲେ, ଛାତ୍ରୀଛାତ୍ର ମେଡାଲ ଜିତନ୍ତୁ, ସମସ୍ତଙ୍କ ପାଇଁ ମଡେଲ ହୁଅନ୍ତୁ। ସିଙ୍ଗାପୁର ମନିଟାରି ଅଥରିଟିର ମୁଖ୍ୟ ଫିନ୍‌ଟେକ୍ ଅଫିସର ତଥା ସିଙ୍ଗାପୁର ବୋର୍ଡ ଅଫ୍ ଇଲେଭାଣ୍ଟିର ଅଧ୍ୟକ୍ଷ ସ୍ୱପ୍ନେନ୍ଦୁ ମହାନ୍ତି, ସମ୍ମାନିତ ଅତିଥି ଭାବେ ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ଭାରତୀୟ ସଙ୍ଗୀତଜ୍ଞ ତଥା ତିନିଥର ଗ୍ରାମୀ ପୁରସ୍କାର ବିଜେତା ରିକି କେଜ୍ ଯୋଗଦେଇଥିଲେ।

ଏହି ଅବସରରେ ବିଶ୍ୱବିଦ୍ୟାଳୟର ଶ୍ରେଷ୍ଠ ଛାତ୍ରୀଛାତ୍ରଙ୍କୁ ପ୍ରତିଷ୍ଠାତା ସ୍ୱର୍ଣ୍ଣପଦକ, କୁଳାଧିପତି ସ୍ୱର୍ଣ୍ଣପଦକ, କୁଳପତି ରୌପ୍ୟ ପଦକ ପ୍ରଦାନ କରାଯାଇଥିଲା। ଏହା ବ୍ୟତୀତ ୩୦୨ ସ୍ନାତକୋତ୍ତର, ଏମ୍‌ଫିଲ୍, ପିଏଚ୍.ଡି. ଡିଗ୍ରୀରେ କୃତକାର୍ଯ୍ୟ ହୋଇଥିବା କୃତୀ ଛାତ୍ରୀଛାତ୍ରଙ୍କୁ ପ୍ରମାଣପତ୍ର ଦିଆଯାଇଥିଲା। ଉତ୍ସବରେ କିସ୍ ବିଶ୍ୱବିଦ୍ୟାଳୟ କୁଳାଧିପତି ସତ୍ୟ ଏସ୍. ତ୍ରିପାଠୀ ଅଧ୍ୟକ୍ଷତା କରିଥିବା ବେଳେ କୁଳପତି ପ୍ରଫେସର ଦୀପକ କୁମାର ବେହେରା ବାର୍ଷିକ ରିପୋର୍ଟ ଉପସ୍ଥାପନ କରିଥିଲେ। କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସ୍ୱାଗତ ଭାଷଣ ଦେଇଥିଲେ ଓ କିସ୍ ବିଶ୍ୱବିଦ୍ୟାଳୟ କୁଳସଚିବ ଧନ୍ୟବାଦ ଅର୍ପଣ କରିଥିଲେ। କିଟ୍ ଓ କିସ୍ ସଭାପତି ଶାଶ୍ୱତୀ ବଳ, ଉପସଭାପତି ଉମାପଦ ବୋଷ, ସମ୍ପାଦକ ଆର୍. ଏନ୍. ଦାଶ, କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂହ, କୁଳସଚିବ ଜ୍ଞାନ ରଞ୍ଜନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ରେଭେନ୍‌ଶାକୁ ଏ++

■ ୨୦୧୬ରେ ମିଳିଥିଲା ନାକ୍ ମାନ୍ୟତା ■ ରାଜ୍ୟର ପ୍ରଥମ ସରକାରୀ ବିଶ୍ୱବିଦ୍ୟାଳୟ

**କଟକ,୨୫।୧୧(ସୁପ୍ରିୟା ପ୍ରିୟଦର୍ଶିନୀ)**




ରେଭେନ୍‌ଶା ବିଶ୍ୱବିଦ୍ୟାଳୟକୁ ନ୍ୟାଶନାଲ ଆସେସ୍‌ମେଣ୍ଟ ଆଣ୍ଡ୍ ଆକ୍ରିଡେଶନ କାଉନସିଲ (ନାକ୍) ପକ୍ଷରୁ ଏ ++ ମାନ୍ୟତା ପ୍ରଦାନ କରାଯାଇଛି। ରାଜ୍ୟର ପ୍ରଥମ ସରକାରୀ ବିଶ୍ୱବିଦ୍ୟାଳୟ ଭାବେ ରେଭେନ୍‌ଶା ଏହି ମାନ୍ୟତା ପାଇଛି। ୨୦୧୬ରେ ରେଭେନ୍‌ଶା ବିଶ୍ୱବିଦ୍ୟାଳୟକୁ ପ୍ରଥମ ଥର ନାକ୍ ଟିମ୍ ପରିଦର୍ଶନ କରିବା ପରେ ‘ଏ’ ମାନ୍ୟତା ମିଳିଥିଲା। ଚଳିତବର୍ଷ ନାକ୍ ଟିମ୍ ଅନୁଧ୍ୟାନ କରିବା ପରେ ‘ଏ++’ ମାନ୍ୟତା ମିଳିପାରିଛି।

ସୂଚନାଯୋଗ୍ୟ, ଗତ ୨୦ରୁ ୨୨ତାରିଖ ୩ ଦିନ ଧରି ରେଭେନ୍‌ଶା ବିଶ୍ୱବିଦ୍ୟାଳୟରେ ନାକ୍ ଟିମ୍ ପକ୍ଷରୁ ବିଭିନ୍ନ କାର୍ଯ୍ୟ ଯାଞ୍ଚ କରାଯାଇଥିଲା। ନାକ୍ ଟିମ୍‌ର ଅଧ୍ୟକ୍ଷ ପ୍ରଫେସର ଦୀପକ କୁମାର ଶର୍ମା, କୋଅର୍ଡିନେଟର ପ୍ରଫେସର ବିଜୟ ଫୁଲାରୀ, ସଦସ୍ୟ ପ୍ରଫେସର ଅରିନ୍ଦମ ଗୁପ୍ତା, ପ୍ରଫେସର ଏସ୍‌ଆର ଜ୍ୟୋତି କିସ୍‌ପୋଟ୍ଟା, ପ୍ରଫେସର ମୈଥିଳୀ କେଥାଭାରପୁ ବିଶ୍ୱବିଦ୍ୟାଳୟରେ ବିଭିନ୍ନ ବିଭାଗ ବୁଲିବା ସହ ଯାଞ୍ଚ କରିଥିଲେ। ଏଥିସହ ବିଶ୍ୱବିଦ୍ୟାଳୟର ଦ୍ୱିତୀୟ କ୍ୟାମ୍ପସ, ଏକାଡେମିକ୍ ବ୍ଲକ, ଲାଇବ୍ରେରୀ, ହଷ୍ଟେଲ ଆଦି ଆନୁଷଙ୍ଗିକ ବ୍ୟବସ୍ଥା ମଧ୍ୟ ଯାଞ୍ଚ କରିଥିଲେ। ସେହିପରି ଛାତ୍ରୀଛାତ୍ର, ପୁରାତନ ଛାତ୍ରୀଛାତ୍ର, ଅଧ୍ୟାପିକା ଓ ଅଧ୍ୟାପକଙ୍କ ସହ ଆଲୋଚନା କରିଥିଲେ। ୨୨ତାରିଖରେ ଅନୁଧ୍ୟାନ ପରେ ନାକ୍ ଟିମ୍ ଅଧ୍ୟକ୍ଷ ଦୀପକ ଶର୍ମା କୁଳପତି ସଞ୍ଜୟ ନାୟକଙ୍କୁ ରିପୋର୍ଟ ପ୍ରଦାନ କରିଥିଲେ। ଗୁରୁବାର ୟୁଜିସି ପକ୍ଷରୁ ‘ଏ++’ ଗ୍ରେଡ୍ ଘୋଷଣା କରାଯାଇଛି। ମୋଟ ୪ ପଏଣ୍ଟରୁ ରେଭେନ୍‌ଶାକୁ ୩. ୫୮ ପଏଣ୍ଟ ମିଳିଛି। ପୂର୍ବରୁ ୨୦୧୬ରେ ନାକ୍ ପକ୍ଷରୁ କରାଯାଇଥିବା ସର୍ଭେରେ ୩.୧୧ ପଏଣ୍ଟ ସହ ମାନ୍ୟତା ମିଳିଥିଲା। ଶନିବାର ‘ଏ++’ ନାକ୍ ମାନ୍ୟତା ମିଳିବାପରେ ବିଶ୍ୱବିଦ୍ୟାଳୟ ପରିସରରେ ଖୁସିର ଲହରି ଖେଳିଯାଇଛି। ଭିତ୍ତିଭୂମି, ଗବେଷଣା, ନିଯୁକ୍ତି ସୁଯୋଗ ଆଦିରେ ଉନ୍ନତମାନର ସୁବିଧା ଥିବାରୁ ସବୁ କ୍ଷେତ୍ରରେ ରେଭେନ୍‌ଶାକୁ ଭଲ ପଏଣ୍ଟ ମିଳିଛି। ଅଧ୍ୟାପିକା ଅଧ୍ୟାପକ ଏବଂ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଖୁସିର ମାହୋଲ ଦେଖାଦେଇଛି। କୁଳପତି ଏବଂ ଅନ୍ୟ କର୍ତ୍ତୃପକ୍ଷଙ୍କ ସହ ଛାତ୍ରୀଛାତ୍ରମାନେ ବାଜା ବଜାଇ ଖୁସି ମନାଇଛନ୍ତି। ଏନେଇ ପିଜି କାଉନ୍‌ସିଲ୍ ଚେୟାରମ୍ୟାନ ଲୁସି ସାମନ୍ତ କହିଛନ୍ତି, ପ୍ରଥମ ସରକାରୀ ବିଶ୍ୱବିଦ୍ୟାଳୟ ଭାବରେ ରେଭେନ୍‌ଶାକୁ ଏ++ ମାନ୍ୟତା ମିଳିଛି। ଏହା କେବଳ ରେଭେନ୍‌ଶା ପାଇଁ ନୁହେଁ ବରଂ ଓଡ଼ିଶାବାସୀଙ୍କ ଲାଗି ଖୁସିର ବିଷୟ। ୨୦୧୬ରେ ଆମକୁ ନାକ୍ ‘ଏ’ ମାନ୍ୟତା ମିଳିଥିଲା। କୋଭିଡ୍ ସମୟରେ ସମସ୍ତ ବ୍ୟବସ୍ଥା ପ୍ରଭାବିତ ହୋଇଥିଲା। ଏହା ସତ୍ତ୍ୱେ ବିଶ୍ୱବିଦ୍ୟାଳୟରେ ସବୁ କ୍ଷେତ୍ରରେ ସୁଧାର ଆସିଥିବାରୁ ଆମକୁ ‘ଏ++’ ମାନ୍ୟତା ମିଳିଥିବାରୁ ସମସ୍ତେ ଗୌରାବାନ୍ୱିତ ମନେ କରୁଛୁ ବୋଲି ସାମନ୍ତ କହିଛନ୍ତି।


















ଧରିତ୍ରୀ
DHARITRI
ଧରିତ୍ରୀ 50 Years
ଭୁବନେଶ୍ୱର,ରବିବାର, ନଭେମ୍ବର ୨୬/୨୦୨୩ | Bhubaneswar, Sunday, November 26/2023 | ପୃଷ୍ଠା-୧

# ପ୍ରେମିକାଙ୍କୁ ୩୧ ଖଣ୍ଡ

■ ମାଟି ତଳୁ ମିଳିଲା ଯୁବତୀଙ୍କ ଖଣ୍ଡ ବିଖଣ୍ଡିତ ମୃତଦେହ
■ ବିବାହିତ ପ୍ରେମିକ, ତାଙ୍କ ସ୍ତ୍ରୀ ଅଟକ

**ବିବାହିତ ପୁରୁଷ, ୫ ସନ୍ତାନଙ୍କ ବାପା। ୨ ବର୍ଷ ହେଲା ଜଣେ ଯୁବତୀଙ୍କୁ ପ୍ରେମ କରୁଥିଲେ। ତାଙ୍କ ସ୍ତ୍ରୀ ଏହା ଜାଣିବା ପରେ ଘରେ ଝଗଡ଼ା ହେଉଥିଲା। ଶେଷରେ ସ୍ତ୍ରୀଙ୍କ ସହ ମିଶି ପ୍ରେମିକାଙ୍କୁ ହତ୍ୟା କଲେ। ପରେ ତାଙ୍କ ମୃତଦେହକୁ ୩୧ ଖଣ୍ଡ କରି ଜଙ୍ଗଲରେ ପୋତିଦେଲେ। ନବରଙ୍ଗପୁର ଜିଲା ରାଇଘର ଥାନା ପୋଲିସ ବାଘବେଢ଼ା ଗ୍ରାମର ତିଲା ଗଣ୍ଡ ନିଖୋଜ ମାମଲାର ତଦନ୍ତ କରି ଶନିବାର ଏହି ଚାଞ୍ଚଲ୍ୟକର ତଥ୍ୟ ସାମ୍ନାକୁ ଆଣିଛି। ୨୦୨୨ରେ ଅଫ୍‌ତାଫ୍ ପୁନାୱାଲା ତାଙ୍କ ଲିଭ୍-ଇନ୍ ପାର୍ଟନର ଶ୍ରଦ୍ଧା ୱାଲକରଙ୍କୁ ତଣ୍ଟିଚିପି ହତ୍ୟା ପରେ ୩୫ ଖଣ୍ଡ କରିବା ସହ ଦିଲ୍ଲୀର ମେହରୁଲି ଜଙ୍ଗଲରେ ଫୋପାଡ଼ି ଦେବା ଭଳି ବର୍ବରତାକୁ ସଦ୍ୟ ଘଟଣା ମନେପକାଇ ଦେଉଛି।**

ନବରଙ୍ଗପୁର/ରାଇଘର,୨୫।୧୧
(ସଦାଶିବ ପ୍ରହରାଜ/କିରଣ ପଟ୍ଟନାୟକ)

ନବରଙ୍ଗପୁର ଜିଲା ରାଇଘର ଥାନା ଅଞ୍ଚଳର ଜଣେ ଯୁବତୀଙ୍କ ମୃତଦେହ ଶନିବାର ମାଟିତଳୁ ପୋଲିସ ଜବତ କରିଛି। ଯୁବତୀ ଜଣକ ହେଲେ ବାଗବେଢ଼ା ଗ୍ରାମର ତିଲା ଗଣ୍ଡ (୨୨)। ତିଲା ବୁଧବାର ଅପରାହ୍ନରେ ବାହାରେ କାମ ଥିବା କହି ଘରୁ କେଉଁଆଡ଼େ ଚାଲିଯାଇଥିଲେ। ପରିବାର ଲୋକେ ତାଙ୍କୁ ଖୋଜାଖୋଜି କରି ପାଇ ନ ଥିଲେ। ଇତିମଧ୍ୟରେ ଶନିବାର ମୁରୁମଡ଼ିହି ଜଙ୍ଗଲରେ ରକ୍ତଛିଟା ଦେଖି କେତେଜଣ ଲୋକ ଗ୍ରାମବାସୀଙ୍କୁ ଜଣାଇଥିଲେ। ଏହି ଖବର ପ୍ରଚାରିତ ହେବା ପରେ ତିଲାଙ୍କ ପରିବାର ଲୋକେ ଘଟଣାସ୍ଥଳରେ ପହଞ୍ଚିଥିଲେ। ରାଇଘର ପୋଲିସ ଓ ସାଇଣ୍ଟିଫିକ୍ ଟିମ୍ ମଧ୍ୟ ଜଙ୍ଗଲରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ମାଟି ତଳୁ ତିଲାଙ୍କ ମୃତଦେହର ଖଣ୍ଡବିଖଣ୍ଡିତ ଅଂଶ ପୋଲିସ ଜବତ କରିଥିଲା। ଘଟଣାସ୍ଥଳରୁ କଟୁରି, କାଠଖଣ୍ଡ ଓ ଶାଢ଼ି ମଧ୍ୟ ଜବତ କରାଯାଇଥିବା ପୋଲିସ କହିଛି। ନମ୍ବର ୨୦୬/୨୩ରେ ମାମଲା ରୁଜୁକରି ତଦନ୍ତ ଚଳାଇବା ସହ ପ୍ରେମିକ ଚନ୍ଦ୍ର ରାଉତ ଓ ତାଙ୍କ ସ୍ତ୍ରୀଙ୍କୁ ଅଟକ ରଖି ପଚରାଉଚରା କରୁଛି। ପୋଲିସ ତଦନ୍ତରୁ ଜାଣିବାକୁ ☞ପୃଷ୍ଠା-୨


ମୃତ ତିଳା ଗଣ୍ଡ

# ଘାଟିରେ ଓଲଟିଲା ଟିପ୍ପର: ୬ ମୃତ

## ୭ ଶ୍ରମିକ ଗୁରୁତର

**ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ୩ ଲକ୍ଷ ଲେଖାଏ ସହାୟତା**

ଚିତ୍ରକୋଣ୍ଡା/ମାଲକାନଗିରି/ଭୁବନେଶ୍ୱର, ୨୫।୧୧(କ୍ଷୀରୋଦ ବେହେରା/ ଦୁର୍ଯ୍ୟୋଧନ ପାତ୍ର/ଅନିଲ ଦାସ)

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ସ୍ୱାଭିମାନ ଅଞ୍ଚଳ ହନ୍ତାଳଗୁଡ଼ା ଘାଟିରେ ଶନିବାର ଏକ ସିମେଣ୍ଟ ବୋଝେଇ ଟିପ୍ପର ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ୬ଜଣ ଶ୍ରମିକଙ୍କ ମୃତ୍ୟୁ ଘଟିଥିବା ବେଳେ ୭ ଗୁରୁତର ହୋଇଛନ୍ତି। ମୃତକମାନେ ହେଲେ ନବରଙ୍ଗପୁର ଜିଲା କୋଷାଗୁମୁଡ଼ା ବ୍ଲକ ଅନ୍ତର୍ଗତ ମୋତିଗାଁର ସୁନାଧର ଭତ୍ରା(୩୫), ପୂର୍ଣ୍ଣ ଭତ୍ରା(୨୭),ଜୀବର୍ଦ୍ଧନ ଭତ୍ରା(୨୨), ସୁନାଧର ଭତ୍ରା(୨୫), ପୁଲସିଙ୍ଗ ଭତ୍ରା(୨୭) ଓ ଦୁର୍ଯ୍ୟୋଧନ ଭତ୍ରା(୨୫)।

ସ୍ୱାଭିମାନ ଅଞ୍ଚଳରେ ପ୍ରମୋଦ ସ୍ୱାଇଁ ନାମକ ଜଣେ ଠିକାଦାରଙ୍କର ପୋଲ କାମ ପାଇଁ ଏକ ଟିପ୍ପର ସିମେଣ୍ଟ ଓ ରଡ୍ ବୋଝେଇ କରି ହନ୍ତାଳଗୁଡ଼ା ଘାଟି ଦେଇ ଯାଉଥିବାବେଳେ ପୂର୍ବାହ୍ନ ପ୍ରାୟ ୧୧ଟା ୩୦ ମିନିଟ୍ ☞ପୃଷ୍ଠା-୨

# ଆଜି ଓଡ଼ିଶା ଆସିବେ ରାଷ୍ଟ୍ରପତି

ନୂଆଦିଲ୍ଲୀ,୨୫।୧୧(ପି.ଟି.)

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ରବିବାର ୨ ଦିନିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି। ରାଷ୍ଟ୍ରପତି ଭବନ ପକ୍ଷରୁ ଶନିବାର ଏହି ସୂଚନା ଦିଆଯାଇଛି। ସୋମବାର ରାଷ୍ଟ୍ରପତି ପାରାଦୀପ ବୋଇତ ବନ୍ଦାଣ ଉତ୍ସବରେ ଯୋଗଦେବାକୁ ଥିବାବେଳେ ଭର୍ଚୁଆଲି ସେ ଏକ ମଲ୍ଟି-ମଡେଲ୍ ଲଜିଷ୍ଟିକ୍ସ ପାର୍କ ଉଦ୍‌ଘାଟନ କରିବେ। ଏଥିସହିତ ରାଷ୍ଟ୍ରପତି ପାରାଦୀପ ସହର ପାଇଁ ଏକ ନୂଆ ରିଜର୍ଭୟର ଏବଂ ଜଳ ବିଶୋଧନ ପ୍ଲାଣ୍ଟର ଶିଳାନ୍ୟାସ କରିବେ। ପରବର୍ତ୍ତୀ ପିଢ଼ିର ଜାହାଜ ଟ୍ରାଫିକ୍ ପରିଚାଳନା ଏବଂ ସୂଚନା ସିଷ୍ଟମକୁ ମଧ୍ୟ ରାଷ୍ଟ୍ରପତି ଶିଳାନ୍ୟାସ କରିବେ ବୋଲି ରାଷ୍ଟ୍ରପତି ଭବନ ସୂତ୍ରରୁ କୁହାଯାଇଛି। ଏହି ଗସ୍ତ ଅବସରରେ ରାଷ୍ଟ୍ରପତି ମୁର୍ମୁ ପାରାଦୀପର ମତ୍ସ୍ୟଜୀବୀମାନଙ୍କ ସହ ଆଲୋଚନା କରିବା କାର୍ଯ୍ୟକ୍ରମ ରହିଛି।

# କୋଚି ବିଶ୍ୱବିଦ୍ୟାଳୟରେ ଦଳାଚକଟା: ୪ ମୃତ, ୬୦ ଆହତ

କୋଚି,୨୫।୧୧

କେରଳର କୋଚି ୟୁନିଭର୍ସିଟି ଅଫ୍ ସାଇନ୍ସ ଆଣ୍ଡ ଟେକ୍ନୋଲୋଜି (ସିୟୁଏସ୍‌ଏଟି) ପରିସରରେ ଶନିବାର ଏକ ସଙ୍ଗୀତ କାର୍ଯ୍ୟକ୍ରମ ଚାଲିଥିବାବେଳେ ପ୍ରବଳ ଗହଳି ଯୋଗୁ ଦଳାଚକଟା ହୋଇଛି। ଏଥିରେ ୪ ଜଣ ଛାତ୍ର ପ୍ରାଣ ହରାଇଥିବାବେଳେ ୬୦ ଆହତ ହୋଇଥିବା ଜଣାପଡ଼ିଛି। ଟେକ୍ ଫେଷ୍ଟ ଅବସରରେ ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

**ସୀମା ପୁନଃ ନିର୍ଦ୍ଧାରଣ କେବେ**

# ବିକାଶର ମୁଖ୍ୟ ଫୋକସ୍ ପଞ୍ଚାୟତ: ମୁଖ୍ୟମନ୍ତ୍ରୀ



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଲକ୍ଷ୍ମୀ ବସ୍ ଯୋଜନାର ଶୁଭାରମ୍ଭ କରୁଛନ୍ତି। ନିକଟରେ ୫-ଟି ଏବଂ ନବୀନ ଓଡ଼ିଶା ଅଧ୍ୟକ୍ଷ ଭି.କେ.ପାଣ୍ଡିଆନ୍ ଉପସ୍ଥିତ।

ଭୁବନେଶ୍ୱର/ରାୟଗଡ଼ା,୨୫।୧୧
(ଅନୀଲ ଦାସ/ ଆଶିଷ ରଞ୍ଜନ ପଣ୍ଡା)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶନିବାର ରାୟଗଡ଼ା ଜିଲାରେ ଲକ୍ଷ୍ମୀ ବସ୍ ଯୋଜନାର ଶୁଭାରମ୍ଭ କରିଛନ୍ତି। ଏହି ଯୋଜନାରେ ଜିଲାରେ ୫୨ଟି ବସ୍ ୧୮୨ ପଞ୍ଚାୟତକୁ ଚାଲିବ। ଏଥିପାଇଁ ୩୦୦ ବସ୍ ଷ୍ଟପେଜ ମଧ୍ୟ କରାଯାଇଛି। ଅନ୍‌ଲାଇନ ଜରିଆରେ କାର୍ଯ୍ୟକ୍ରମ ଆରମ୍ଭ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଲକ୍ଷ୍ମୀ ଘରେ ଘରେ ଖୁସି ଓ ଆନନ୍ଦ ଆଣିବ। ଏହା ଗ୍ରାମାଞ୍ଚଳର ପରିବହନ ବ୍ୟବସ୍ଥାରେ ରୂପାନ୍ତର ଆଣିବ। ଗାଁ ଲୋକଙ୍କ ଜୀବନରେ ଗତି ଓ ପ୍ରଗତି ଆଣିବ। ମୋ ପାଇଁ ଲୋକଙ୍କ ମତାମତ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ଏହି ବସ୍ ସେବା ଗାଁକୁ ଗାଁ ସହିତ ଯୋଡ଼ିବ। ସାମାଜିକ ସମ୍ପର୍କ ସୁଦୃଢ଼ କରିବା ସହିତ ଗ୍ରାମାଞ୍ଚଳର ଅର୍ଥନୀତିକୁ ମଧ୍ୟ ମଜଭୁତ କରିବ। ଲକ୍ଷ୍ମୀ ବସ୍ ପିଲାମାନଙ୍କୁ ସ୍କୁଲ ଓ କଲେଜ ସହିତ, ଚାଷୀଙ୍କୁ ମାର୍କେଟ ସହ ଯୋଡ଼ିବା ସହିତ ରୋଗୀକୁ ହସ୍ପିଟାଲ ମଧ୍ୟ ନେବ। ଏହି ଯୋଜନାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ସ୍ଥାନୀୟ ପରିବହନ ବ୍ୟବସ୍ଥାକୁ ସୁଦୃଢ଼ କରିବା ସହିତ ପର୍ଯ୍ୟଟନ ତଥା ଆଞ୍ଚଳିକ ଆର୍ଥିକ ବ୍ୟବସ୍ଥାକୁ ପ୍ରୋତ୍ସାହିତ କରିବ।

## ରାୟଗଡ଼ାର ୧୮୨ ପଞ୍ଚାୟତକୁ ଯୋଡ଼ିବ ୫୨ ଲକ୍ଷ୍ମୀ ବସ୍

'ଆମ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମରେ ରାୟଗଡ଼ା ଜିଲାରେ ୯୦ କୋଟିରୁ ଅଧିକ ଟଙ୍କା ବିନିଯୋଗରେ ୨୬୦୦ରୁ ଅଧିକ ପ୍ରକଳ୍ପ କରାଯାଉଛି। ପଞ୍ଚାୟତଗୁଡ଼ିକ ହେଉଛି ବିକାଶ କାର୍ଯ୍ୟକ୍ରମର ମୁଖ୍ୟ ଫୋକସ୍। ସବୁ ପଞ୍ଚାୟତରେ ରୂପାନ୍ତର ଆଣି ସାରା ଓଡ଼ିଶାର ରୂପାନ୍ତର କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଯୋଗଦେଇ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଟୁକୁନି ସାହୁ କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀ ରାୟଗଡ଼ାରେ ଲକ୍ଷ୍ମୀ ବସ ଯୋଜନା ଆରମ୍ଭ କରି ଘରେ ଘରେ ଲକ୍ଷ୍ମୀ ପହଞ୍ଚାଇଛନ୍ତି। ଆଜି ଓଡ଼ିଶାରେ ନାରୀମାନେ ସବୁ କ୍ଷେତ୍ରରେ ଆଗରେ ରହୁଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଯୋଗୁ ଓଡ଼ିଶାରେ ନାରୀ ସଶକ୍ତୀକରଣ ହୋଇପାରିଛି। ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ମନ୍ତ୍ରୀ ଜଗନ୍ନାଥ ସାରକା କହିଛନ୍ତି, ☞ପୃଷ୍ଠା-୨



# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଥାଉ ମାନ,
ଯାଉ ଧନ।**

ମନୁଷ୍ୟର ଏକ ଉତ୍କୃଷ୍ଟ ଗୁଣ ହେଉଛି ମାନ ସମ୍ମାନ। ମଣିଷର ମର୍ଯ୍ୟାଦା ପ୍ରାଣଠାରୁ ବି ବିଶାଳ।ଏହାକୁ ଯିଏ ଥରେ ହରାଏ ସିଏ ଆଉ ତାହା ଫେରିପାଏନା। ଧନସମ୍ପି ଥରେ ଚାଲିଗଲେ ତାହା ହୁଏତ ଫେରି ଆସିବାର ସମ୍ଭାବନା ରହିଥାଏ, କିନ୍ତୁ ମାନସମ୍ମାନ ପୁନଶ୍ଚ ଫେରି ଆସି ନ ଥାଏ। ମାନସମ୍ମାନ ହାନି ଯୋଗୁ ବ୍ୟକ୍ତିତ୍ୱର ବଳିଷ୍ଠତା ମଧ୍ୟ ହ୍ରାସ ପାଇଥାଏ।ତେଣୁ ଏଥି ପ୍ରତି ସଜାଗ ରହିବା ବିଧେୟ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଥାଉ ଚିରାକନା ଯାଉ ମାଠ;
ଏଥିପାଇଁ କିଆଁ କାଠ କାଠ।**

ମଣିଷର ଆଭିଜାତ୍ୟ ଟିକିଏ ବଞ୍ଚ ରହିଲେ ସିଏ ସେଇ ଅନୁଭବରେ ହିଁ ଆନନ୍ଦ ପାଇଥାଏ। ଚଳନ୍ତି ବହୁ ମୂଲ୍ୟର ସାମଗ୍ରୀ ସେଇ ସେତକ ଆନନ୍ଦ ତୁଳନାରେ କିଛି ନୁହେଁ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ







ଭୁବନେଶ୍ୱରସ୍ଥିତ ବିର୍ଲା ଗ୍ଲୋବାଲ୍ ବିଶ୍ୱବିଦ୍ୟାଳୟରେ ଶନିବାର ଆୟୋଜିତ ୬ଷ୍ଠ ସମାବର୍ତ୍ତନ ଉତ୍ସବରେ ବାଲୁକା ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କୁ ସମ୍ମାନଜନକ ଡକ୍ଟରେଟ୍ ଉପାଧିରେ ସମ୍ମାନିତ କରାଯାଉଛି। ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ବାଲୁକା କଳା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ପଟ୍ଟନାୟକଙ୍କୁ ବିଶ୍ୱବିଦ୍ୟାଳୟର ଚେୟାରପର୍ସନ ଜୟଶ୍ରୀ ମୋହତା ଏହି ଉପାଧି ଦେଉଛନ୍ତି।

## ୨ ଦିନ ପରେ ମିଳିଲା ମୃତଦେହ

### ପଶ୍ଚିମବଙ୍ଗ ଛାତ୍ର ନଦୀରେ ପଡ଼ି ନିଖୋଜ ଘଟଣା

ବଡ଼ବିଲ, ୨୫।୧୧ (ଦେବପ୍ରିୟ ରଣା)

କେନ୍ଦୁଝର ଜିଲା ବଲାଣୀ ଥାନା ଅଧୀନ ପୁଣ୍ଡୁଲ ଜଳପ୍ରପାତରେ ସେଲ୍ଫି ନେବା ବେଳେ ନଦୀକୁ ଖସିପଡ଼ି ନିଖୋଜ ଥିବା ପଶ୍ଚିମବଙ୍ଗ ଛାତ୍ରଙ୍କ ମୃତଦେହ ଶନିବାର ଜବତ ହୋଇଛି। ଷ୍ଟଡିଟ୍ରୁର୍‌ରେ ଆସିଥିବା ଦୁଇଜଣ ଛାତ୍ର ନଦୀରେ ବୁଡିଯାଇଥିବା ବେଳେ ଜଣଙ୍କୁ ଉପସ୍ଥିତ ଲୋକେ ଉଦ୍ଧାର କରିଥିଲେ। ମୃତ ଛାତ୍ର ହେଲେ ପଶ୍ଚିମବଙ୍ଗ କୋଲକାତାସ୍ଥିତ ହୁଗୁଳି ଆରାମବାଗ ଅଞ୍ଚଳର ତାରାଶଙ୍କର ସରକାର(୨୩)। ସୂଚନା ଅନୁଯାୟୀ, ଗତ ବୁଧବାର କୋଲକାତାସ୍ଥିତ ଆଶୁତୋଷ କଲେଜର ପରିବେଶ ବିଜ୍ଞାନ ସ୍ନାତକୋତ୍ତର ବିଭାଗରୁ ୩୮ ଛାତ୍ରଙ୍କ ସହ ୫ ଜଣ ଅଧ୍ୟାପକ ଷ୍ଟଡିଟ୍ରୁରରେ କେନ୍ଦୁଝର ଆସିଥିଲେ। ଗୁରୁବାର ବଲାଣୀ ଥାନା କୋହ୍ଲପାଣ୍ଟୁଳିସ୍ଥିତ ପୁଣ୍ଡୁଲ ଜଳପ୍ରପାତ ଦେଖିବାକୁ ଯାଇଥିଲେ। ଜଳପ୍ରପାତ ନିକଟରେ ତାରାଶଙ୍କର ଓ ନୀଲାବ ଜୀ ହାତ ଧରାଧରି ହୋଇ ସେଲ୍ଫି ନେବାବେଳେ ଗୋଡ଼ ଖସିଯାଇଥିଲା। ଫଳରେ ଉଭୟ ନଦୀଗର୍ଭକୁ ଖସିପଡ଼ିଥିଲେ। ଗାଡ଼ି ଚାଳକମାନେ ଜଣଙ୍କୁ ଉଦ୍ଧାର କରିବାକୁ ସକ୍ଷମ ହୋଇଥିଲେ। ତାରାଶଙ୍କରଙ୍କୁ ଉଦ୍ଧାର କରାଯାଇପାରି ନ ଥିଲା। ବଲାଣୀ ପୋଲିସ, ଦମକଳ ବାହିନୀ ଓ ଓଡ୍ରାଫ୍ ଟିମ୍ ଖୋଜାଖୋଜି କରି ପାଇ ନ ଥିଲେ। ଶନିବାର ମୃତଦେହ ଭାସୁଥିବା ଦେଖିବାକୁ ମିଳିଥିଲା। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇଥିଲା। ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

**ପ୍ରଥମ ପୃଷ୍ଠାରୁ...**

## ପ୍ରେମିକାଙ୍କୁ ୩୧ ...

ପାଇଛି ଯେ, ମୁରୁମଡିହି ଗ୍ରାମର ଚନ୍ଦ୍ର ରାଉତ ଓ ତିଲାଙ୍କର ପ୍ରେମ ସମ୍ପର୍କ ଥିଲା। ପୂର୍ବରୁ ବିବାହିତ ଓ ୫ ସନ୍ତାନ ଥିବା ଚନ୍ଦ୍ରଙ୍କ ଘରେ ଏନେଇ ଅସନ୍ତୋଷ ଲାଗି ରହୁଥିଲା। ତେଣୁ ତିଲାଙ୍କୁ ଚନ୍ଦ୍ର ଓ ତାଙ୍କ ସ୍ତ୍ରୀ ଯୋଜନାବଦ୍ଧ ଭାବେ ହତ୍ୟା କରିଥିଲେ। ପ୍ରମାଣ ନଷ୍ଟ କରିବାକୁ ଯାଇ ଉଭୟେ ତାଙ୍କ ମୃତଦେହକୁ ୩୧ ଖଣ୍ଡ କରି ଜଙ୍ଗଲରେ ପୋତି ଦେଇଥିଲେ। ଚନ୍ଦ୍ର ଓ ତାଙ୍କ ସ୍ତ୍ରୀଙ୍କୁ ଅଟକ ରଖି ପୋଲିସ ପଚରାଉଚରା କରୁଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିବାବେଳେ ନ୍ୟାୟ ଦାବିରେ ଲୋକେ ଅଭିଯୁକ୍ତଙ୍କ ଘର ସାମ୍ନାରେ ପୋଡ଼ି ସତ୍କାର କରିଛନ୍ତି। ଉତ୍ତେଜନା ଲାଗି ରହିଥିବାରୁ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ୧ ପ୍ଲାଟୁନ୍ ଫୋର୍ସ ମୁତୟନ କରାଯାଇଛି। ଉମରକୋଟରୁ ଅଧିକ ଫୋର୍ସ ମଗାଯାଇଥିବା ପୋଲିସ ସୂଚନା ଦେଇଛି। ଥାନାଧିକାରୀ ରଘୁନାଥ ମାଝି ଓ ଏସ୍‌ଡିପିଓ ଆଦିତ୍ୟ ସେନ ଘଟଣାର ଅଧିକ ତଦନ୍ତ ଚଳାଇଛନ୍ତି।

## ବିକାଶର ମୁଖ୍ୟ ଫୋକସ୍...

ଲକ୍ଷ୍ମୀ ବସ୍ ଯୋଗୁ ଚାଷୀ, ବ୍ୟବସାୟୀ ଓ ମା'ମାନେ ଉପକୃତ ହେବେ। ଏହି କାର୍ଯ୍ୟକ୍ରମକୁ ୫-ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ ଭି.କେ. ପାଣ୍ଡିଆନ ପରିଚାଳନା କରିଥିଲେ। ଏହି ଅବସରରେ ପାଣ୍ଡିଆନ କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ସେ ଜିଲା ଗସ୍ତ କରିଥିଲେ। ରାୟଗଡ଼ାରେ ଲୋକଙ୍କଠାରୁ ପ୍ରସ୍ତାବ ଗ୍ରହଣ କରି ମୁଖ୍ୟମନ୍ତ୍ରୀଙ୍କୁ ଜଣାଇବା ପରେ ଜିଲାରେ ଅନେକ ମଠ ମନ୍ଦିର ସହିତ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ପାଇଁ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ଅନୁମୋଦନ ଦେଇଥିଲେ। ଲୋକଙ୍କ ମତକୁ ମୁଖ୍ୟମନ୍ତ୍ରୀ ସର୍ବାଧିକ ଗୁରୁତ୍ୱ ଦିଅନ୍ତି ବୋଲି ସେ କହିଛନ୍ତି।

ରାୟଗଡ଼ାସ୍ଥିତ ଜିସିଡି ପଡ଼ିଆରେ ଆୟୋଜିତ କାର୍ଯ୍ୟକ୍ରମରେ ଗୁଣୁପୁର ବିଧାୟକ ରଘୁନାଥ ଗମାଙ୍ଗୋ, ରାୟଗଡ଼ା ବିଧାୟକ ମକରନ୍ଦ ମୁଦୁଲି ପ୍ରମୁଖ ଯୋଗଦେଇ ଓଡ଼ିଶାର ବିକାଶ ପାଇଁ, ରାଜ୍ୟର ଗରିବ, ଆଦିବାସୀ ଓ ମହିଳାମାନଙ୍କ ଉନ୍ନତି ପାଇଁ ମୁଖ୍ୟମନ୍ତ୍ରୀ ସାରା ଜୀବନ ସମର୍ପିତ କରିଛନ୍ତି। ରାୟଗଡ଼ା ଜିଲା ପରିଷଦ ଅଧ୍ୟକ୍ଷା ସରସ୍ୱତୀ ମାଝୀ କହିଥିଲେ ଯେ, ଏହାଦ୍ୱାରା ଗରିବ, ଆଦିବାସୀ ଓ ମହିଳା ମାନେ ବହୁତ ଉପକାର ପାଇବେ। ରାୟଗଡ଼ା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷା ଅନସୂୟା ମାଝୀ ସ୍ୱାଗତ ଭାଷଣ ଦେଇଥିଲେ।

## ଘାଟିରେ ଓଲଟିଲା ...

ସମୟରେ ଓଭରଲୋଡ୍ ଯୋଗୁ ଭାରସାମ୍ୟ ହରାଇ ତଳକୁ ଖସି ପଡିଥିଲା। ଗାଡ଼ିରେ ଥିବା ୧୩ ଶ୍ରମିକଙ୍କ ଉପରେ ସିମେଣ୍ଟ ଓ ରଡ୍ ଚାପି ହୋଇ ରହିଯାଇଥିଲା। ଏଥିରେ ୬ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ୭ ଜଣ ହୋଇଥିଲେ। ଗୁରୁତରଙ୍କୁ ଯୋଡ଼ାମ୍ବ ମେଡିକାଲକୁ ନେଇ ପ୍ରାଥମିକ ଚିକିତ୍ସା ପରେ ଚିତ୍ରକୋଣ୍ଡା ଉପଖଣ୍ଡ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

ଯୋଡ଼ାମ୍ବ ଥାନାରେ ନଂ.୧୧/୨୩ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ୬ ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ଚିତ୍ରକୋଣ୍ଡା ଉପଖଣ୍ଡ ଚିକିତ୍ସାଳୟକୁ ଅଣାଯାଇଛି। ଦୁର୍ଘଟଣାରେ ମୃତକଙ୍କ ପରିବାର ସଦସ୍ୟଙ୍କୁ ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝି, ମାଲକାନଗିରି ଜିଲା ପରିଷଦ ଅଧ୍ୟକ୍ଷା ସମାରି ଟାଙ୍ଗୁଲ, ଚିତ୍ରକୋଣ୍ଡା ବ୍ଲକ ଅଧ୍ୟକ୍ଷା ରାଜେଶ୍ୱରୀ ଖିଲ ପ୍ରମୁଖ ଉପଖଣ୍ଡ ଚିକିତ୍ସାଳୟରେ ଭେଟି ସମବେଦନା ଜଣାଇଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମୃତକଙ୍କ ପରିବାରକୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୩ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପା ରାଶି ଘୋଷଣା କରିବା ସହିତ ଆହତ ୭ ଜଣଙ୍କୁ ମାଗଣାରେ ଚିକିତ୍ସା ସେବା ଯୋଗାଇଦେବା ପାଇଁ ଘୋଷଣା କରିଛନ୍ତି।

## କୋଚି ବିଶ୍ୱବିଦ୍ୟାଳୟରେ ...

ବିଶ୍ୱବିଦ୍ୟାଳୟ କ୍ୟାମ୍ପସ୍‌ରେ ଥିବା ଏକ ଖୋଲା ପ୍ରେକ୍ଷାଳୟରେ ପ୍ରଚ୍ଛଦପଟ ଗାୟିକା ନିଖିତା ଗାନ୍ଧୀ ଓ ତାଙ୍କ ଟିମ୍ ସଙ୍ଗୀତ ପରିବେଷଣ କରୁଥିବାବେଳେ ଏଭଳି ଅଭାବନୀୟ ଘଟଣା ଘଟିଛି। ଆହତମାନଙ୍କୁ ତୁରନ୍ତ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସେମାନଙ୍କ ଚିକିତ୍ସା ପାଇଁ କାଲାମସେରି ମେଡିକାଲ କଲେଜରେ ବ୍ୟବସ୍ଥା କରାଯାଇଥିବା ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ବୀଣା ଜର୍ଜ କହିଛନ୍ତି। ପ୍ରାଥମିକ ସୂଚନା ଅନୁଯାୟୀ ସଙ୍ଗୀତ କାର୍ଯ୍ୟକ୍ରମ ଚାଲିଥିବାବେଳେ ବର୍ଷା ହେବାରୁ ପଛରେ ଛିଡ଼ାହୋଇଥିବା ଛାତ୍ରୀଛାତ୍ର ହଠାତ୍ ଷ୍ଟେଜ୍ ଆଡ଼କୁ ମାଡ଼ିଯିବାରୁ ଦଳାଚକଟା ସ୍ଥିତି ଉପୁଜିଥିଲା।

# ଯାଜପୁରରେ ଦନ୍ତା ଆତଙ୍କ

## ଟ୍ରାଙ୍କୁଲାଇଜ୍ କରି କାବୁକଲା ବନ ବିଭାଗ



ଯାଜପୁର/ବିଞ୍ଝାରପୁର/ପ୍ରୀତିପୁର (ହର୍ଷବର୍ଦ୍ଧନ ବେହେରା/ରାମକୃଷ୍ଣ ଦାସ/ସୁଶାନ୍ତ ବେହୁରିଆ),୨୫।୧୧

ଯାଜପୁର ଜିଲା ଦଶରଥପୁର ଓ ବିଞ୍ଝାରପୁର ବ୍ଲକ୍ ଅଞ୍ଚଳରେ ଶନିବାର ଦନ୍ତାହାତୀ ଆତଙ୍କ ସୃଷ୍ଟି କରିଛି। ହାତୀଟି କେନ୍ଦୁଝର ଜିଲା ଆନନ୍ଦପୁର ରେଞ୍ଜ ଅଞ୍ଚଳରୁ ଶୁକ୍ରବାର ରାତିରେ ବୈତରଣୀ ନଦୀ କୂଳ ରାସ୍ତାରେ ଦଶରଥପୁର ବ୍ଲକ ଅଞ୍ଚଳକୁ ପ୍ରବେଶ କରିଥିଲା। ସକାଳୁ ଦଶରଥପୁର ବ୍ଲକର ବିରଜାପୁର, ପାଳଟପୁର, ନନ୍ଦିପୁର ଅଞ୍ଚଳ ଦେଇ ବିଞ୍ଝାରପୁର ବ୍ଲକର ଉତ୍ତଙ୍ଗରା, ପ୍ରୀତିପୁର ଅଞ୍ଚଳର ଧାନ ବିଲରେ ପଶି ଉପଦ୍ରବ କରିବା ସହ ଜନବସତି ମୁହାଁ ହୋଇଥିଲା। ବିରଜାପୁରର ଆତଙ୍କିତ ଲୋକମାନେ ପୋଲିସ ଓ ଜଙ୍ଗଲ ବିଭାଗ ଅଧିକାରୀଙ୍କୁ ଅବଗତ କରାଇଥିଲେ। ଏହାପରେ ବିଞ୍ଝାରପୁର ତହସିଲଦାର କୈଳାସ ଚନ୍ଦ୍ର ମହାଳିକ, ଅଳକୁଣ୍ଡ ଥାନା ଅଧିକାରୀ ପ୍ରଶାନ୍ତ କୁମାର ଦାସଙ୍କ ସମେତ ବନ ଅଧିକାରୀ ଓ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ହାତୀକୁ କାବୁ କରିବାକୁ ଯୋଜନା କରିଥିଲେ। ହାତୀକୁ ଦେଖିବା ପାଇଁ ଲୋକଙ୍କ ଭିଡ଼ ମଧ୍ୟ ଜମିଥିଲା। ଫଳରେ ପୋଲିସ ପକ୍ଷରୁ ଡାକବାଜି ଯନ୍ତ୍ର ସାହାଯ୍ୟରେ ହାତୀ ନିକଟକୁ ନ ଯିବା ଓ ଭୟଭୀତ ନ ହେବା ପାଇଁ ପରାମର୍ଶ ଦିଆଯାଇଥିଲା। ହାତୀଟି ମନ୍ଦାରଖଣ୍ଡ ଛକ ଅତିକ୍ରମ କରି ନନ୍ଦିପୁର ପଞ୍ଚାୟତର ଚଣ୍ଡିଗୋଳ ହାଟ ପଡ଼ିଆ ନିକଟରେ କିଛି ସମୟ ରହିଥିଲା। ଏହାପରେ ବିଞ୍ଝାରପୁର ବ୍ଲକ ଅଧୀନ ଉତ୍ତଙ୍ଗରା ପଞ୍ଚାୟତର ବରିକୁଳ ଗ୍ରାମରେ ପହଞ୍ଚିବା ପରେ ପିଛା କରୁଥିବା ଜଙ୍ଗଲ ବିଭାଗ କର୍ମଚାରୀ ଓ ନନ୍ଦନକାନନରୁ ଆସିଥିବା ବିଶେଷଜ୍ଞ ଦଳ ଅପରାହ୍ନ ସାଢ଼େ ୪ଟାରେ ଟ୍ରାଙ୍କୁଲାଇଜ୍ କରି ହାତୀକୁ କାବୁ କରିଥିଲେ। କଟକ ଡିଏଫ୍‌ଓ ଅଜିତ କୁମାର ଶତପଥୀଙ୍କ ନେତୃତ୍ୱରେ ହାତୀକୁ କ୍ରେନ୍‌ରେ ଉଠାଯାଇ ସୁରକ୍ଷିତ ଭାବେ ହାଇୱା ଟ୍ରକରେ ସ୍ଥାନାନ୍ତର କରାଯିବାକୁ ପଦକ୍ଷେପ ନିଆଯାଉଛି। ହାତୀଟି କେଉଁ ପଲରୁ ବିଚ୍ଛେଦ ହୋଇଛି ତାହାର ଅନୁଧ୍ୟାନ ଚାଲିଛି। ଏହା ସ୍ପଷ୍ଟ ହେବା ପରେ ହାତୀକୁ ସ୍ଥାନାନ୍ତର କରାଯିବ ବୋଲି ଡିଏଫ୍‌ଓ ଶତପଥୀ କହିଛନ୍ତି। ହାତୀ ଚଲାପଥ (ଏଲିଫ୍ୟାଣ୍ଟ କରିଡର) ଏବଂ ହାତୀ ସଂରକ୍ଷିତ ଅଞ୍ଚଳ (ଏଲିଫ୍ୟାଣ୍ଟ ରିଜର୍ଭ) ଯୋଜନା ଉପଯୁକ୍ତ ଭାବେ କାର୍ଯ୍ୟକାରୀ ହୋଇପାରୁନାହିଁ। ଫଳରେ ଗ୍ରାମାଞ୍ଚଳରେ ହାତୀଙ୍କ ଉପଦ୍ରବ ବୃଦ୍ଧି ପାଇବାରେ ଲାଗିଛି।

### ଆଜିର ମନ୍ତବ୍ୟ

"ନିର୍ବାଚନ ବେଳେ କେନ୍ଦ୍ର ସରକାର ତଦନ୍ତକାରୀ ସଂସ୍ଥାର ଦୁରୁପଯୋଗ କରୁଛି। ତେଲଙ୍ଗାନାରେ ପ୍ରଚାର ଚାଲିଥିବାବେଳେ ୪ କଂଗ୍ରେସ ପ୍ରାର୍ଥୀଙ୍କ ଘରେ ଚଢ଼ାଉ ହୋଇଛି। ହେଲେ ଈଶ୍ୱରଙ୍କ ବରଦାନ ପାଇଥିବା ଭାଜପା ପ୍ରାର୍ଥୀଙ୍କ ବିରୋଧରେ ତଦନ୍ତ ହେଉ ନାହିଁ।

**-ପି. ଚିଦାମ୍ବରମ୍, ବରିଷ୍ଠ କଂଗ୍ରେସ ନେତା**

### ତ୍ରୁଟି ସଂଶୋଧନ

ଧରିତ୍ରୀର ୫୦ ବର୍ଷ ପାଳନ ଅବସରରେ ଶୁକ୍ରବାର ଭୁବନେଶ୍ୱର ସ୍ଥିତ ରେଳ ଅଡିଟୋରିୟମ୍‌ଠାରେ ୟୁଥ୍ କନ୍‌କ୍ଲେଭ-୨୦୨୩ ଆୟୋଜିତ ହୋଇଥିଲା। ଏହି ଅବସରରେ ପରିବେଶ ସୁରକ୍ଷା ଦିଗରେ କାର୍ଯ୍ୟ କରୁଥିବା ୩ଟି ସଂସ୍ଥା ଏବଂ ୨ ବ୍ୟକ୍ତିବିଶେଷଙ୍କୁ 'ଧରିତ୍ରୀ କ୍ଲାଇମେଟ୍ ଗ୍ରାଣ୍ଟ' ପ୍ରଦାନ କରାଯାଇଥିଲା। ପୁରସ୍କୃତ ବ୍ୟକ୍ତିଙ୍କ ମଧ୍ୟରୁ ଜଳେନ୍ଦ୍ର ମହାଳିକଙ୍କ ସ୍ଥାନରେ ରାଜେନ୍ଦ୍ର ମହାଳିକ ପ୍ରକାଶ ପାଇଛି। ଏହି ଅନିଚ୍ଛାକୃତ ତ୍ରୁଟି ପାଇଁ ଦୁଃଖ ପ୍ରକାଶ କରୁଛୁ।




ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ଅଷ୍ଟମସ୍ଥ ବୁଧ ଓ ମଙ୍ଗଳଜନିତ ଭ୍ରାତୃ ବିରୋଧ, ପାରିବାରିକ ସମସ୍ୟା, ସହକର୍ମୀଙ୍କ ସହ ଝଗଡ଼ା ବିଷୟକୁ ନେଇ ଚିନ୍ତିତ ରହିବେ। ଅନ୍ୟମାନଙ୍କ କଥା ଠିକ୍ ଥିଲେ ମଧ୍ୟ ଆପଣଙ୍କୁ ଭଲ ଲାଗିବ ନାହିଁ। ସଭାସମିତି ଓ ସଙ୍ଗଠନ କ୍ଷେତ୍ରରୁ ପ୍ରଶଂସିତ ହୋଇପାରନ୍ତି। ମନ ଅସ୍ଥିର ରହିବା କାରଣରୁ କାମଗୁଡ଼ିକ ସମ୍ପନ୍ନ ହେବା କଷ୍ଟକର ହୋଇପଡ଼ିବ।

**ବୃଷ**
ନୀଚସ୍ଥ ରାଶ୍ୟାଧିପ କାରଣରୁ ଘର ସକାଶେ, ଜମିଜମା କିମ୍ବା ଯାନ୍ତ୍ରିକ ଜିନିଷ କ୍ଷେତ୍ରରେ ଅର୍ଥ ବ୍ୟୟ କରିବାକୁ ବାଧ୍ୟ ହେବେ। ପ୍ରଶାସନ ଓ ପ୍ରତିଦ୍ୱନ୍ଦ୍ୱିତାରେ ସଫଳତା ପାଇବେ। ରାଜନୀତି, ଆଇନ ଓ ଅଦାଲତ କ୍ଷେତ୍ରରେ ଦୃଢ଼ ସମର୍ଥନ ଅବ୍ୟାହତ ଯୋଗୁ ଆଗେଇ ଯିବେ। କର୍ମକ୍ଷେତ୍ରରେ ସହକର୍ମୀମାନେ ସହଯୋଗର ହାତ ବଢ଼ାଇ ପାରନ୍ତି।

**ମିଥୁନ**
ପାପଯୁକ୍ତ ଚନ୍ଦ୍ର ହେତୁ ମାନସିକ ବ୍ୟସ୍ତତା କାରଣରୁ କୌଣସି କାମ ଶୃଙ୍ଖଳିତ ହୋଇପାରିବ ନାହିଁ। ଯାହାକିଛି ବିଚାର କରିବେ, ତାହା ଶେଷ ସମୟରେ ଓଲଟପାଲଟ ହୋଇଯିବ। ପ୍ରତିଶ୍ରୁତି ଦେଇଥିବା ମିତ୍ରମାନେ ମତ ବଦଳାଇ ଅସହଯୋଗ କରିପାରନ୍ତି। କଳା, ସାହିତ୍ୟ ଓ ଗୁରୁତ୍ୱପୂର୍ଣ୍ଣ କାମମାନଙ୍କରେ ଉପଯୁକ୍ତ ଭାବେ ଫଳ ପାଇପାରନ୍ତି।

**କର୍କଟ**
ଗୁରୁଚାଣ୍ଡାଳ ଯୋଗ ହେତୁ କର୍ମକ୍ଷେତ୍ରରେ ସତର୍କରେ କାମ କରନ୍ତୁ। ପାରିବାରିକ କ୍ଷେତ୍ରରେ ପ୍ରତିକ୍ରିୟାଶୀଳ ରହିଲେ ପରିସ୍ଥିତି ବଦଳିଯିବ। ସାହିତ୍ୟ, ସାମ୍ବାଦିକତା, ଗବେଷଣା, ବାଣିଜ୍ୟ ଓ ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି କରିବେ। ବନ୍ଧୁ ମେଳରେ ଅପ୍ରିୟ ସତ କହି ବିରୋଧୀ ହେବେ।

**ସିଂହ**
ଆଜି ଚତୁର୍ଥସ୍ଥ ଧନାଧିପ କାରଣରୁ ଅର୍ଥଲାଭର ଯୋଗ ରହିଛି, ଅବଶ୍ୟ ଏହା ଆପଣଙ୍କର ବହୁତ ପୂର୍ବରୁ ହିଁ ପାଇବାର ଥିଲା। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ନୂତନ ପଦକ୍ଷେପ ଗ୍ରହଣ କରିବେ। ପିଲାମାନଙ୍କ କାର୍ଯ୍ୟକଳାପ ନାପସନ୍ଦ କରିପାରନ୍ତି। କର୍ମକ୍ଷେତ୍ରରେ ଅପରାହ୍ନ ସମୟରେ କାରଣ ନ ଥାଇ ମଧ୍ୟ ଦୋଷୀ ସାବ୍ୟସ୍ତ ହେବେ।

**କନ୍ୟା**
ପାପପ୍ରଭାବ ଯୁକ୍ତ ଗୁରୁ ଯୋଗୁ ଆପଣଙ୍କ ପାରିବାରିକ କ୍ଷେତ୍ରକୁ ପଡ଼ୋଶୀମାନେ ସମସ୍ୟା ବହୁଳ କରିପାରନ୍ତି। ଯାନବାହନରେ ସତର୍କ ରହିବା ଭଲ ନଚେତ୍ କୌଣସି ଅପ୍ରୀତିକର ପରିସ୍ଥିତିର ସାମ୍ନା କରିବାକୁ ପଡ଼ିପାରେ। ପିଲାଙ୍କ କୃତିତ୍ୱ ସକାଶେ ଗର୍ବ ଅନୁଭବ କରିବେ। ବନ୍ଧୁମାନଙ୍କ ସହ ଦୀର୍ଘ ଦିନରୁ ଭାଙ୍ଗି ଥିବା ଅମେଳ ପୁଣି ଯୋଡ଼ି ହୋଇଯିବ।

**ତୁଳା**
ଦ୍ୱିତୀୟସ୍ଥ ମଙ୍ଗଳ ଓ ବୁଧ ହେତୁ କାହାର ମିଠା କଥାରେ ଭାସିଯାଆନ୍ତୁ ନାହିଁ, ଯାହାକି ସମସ୍ୟାର ହେତୁ ସ୍ୱରୂପ ହୋଇପାରେ। ବନ୍ଧୁଙ୍କ ପ୍ରାୟୋଜିତ ଚକ୍ରାନ୍ତ କର୍ମକ୍ଷେତ୍ରରେ ଆତଙ୍କିତ କରିପାରେ। ଅନିୟମିତ ଆହାର ଯୋଗୁ ସ୍ୱାସ୍ଥ୍ୟହାନି ଘଟିବାର ସମ୍ଭାବନା ରହିଛି। ଅର୍ଥ ସମ୍ପର୍କକୁ କେନ୍ଦ୍ର କରି ତର୍କର ସମ୍ମୁଖୀନ ହେବେ।

**ବିଛା**
ସ୍ୱଗୃହୀ ମଙ୍ଗଳଜନିତ ଆପଣଙ୍କ ପ୍ରତ୍ୟେକ ଅଭାବନୀୟ ପରିସ୍ଥିତି ଆଜିହିଁ ସୁଧୁରିଯିବ। ଲେଖାପଢ଼ାରୁ, କଳା, ସାହିତ୍ୟରେ ଓ ଅଭିନୟ କ୍ଷେତ୍ରରୁ ପ୍ରଶଂସା ପାଇବେ। ଯେଉଁ ବିବାଦୀୟ ଘଟଣା ପାଇଁ ଆଶଙ୍କା କରୁଛନ୍ତି ସେଥିରେ କିଛି ହେବ ନାହିଁ। ଗୃହସୀମା କିମ୍ବା ଘରଭଡ଼ାକୁ କେନ୍ଦ୍ର କରି ବିତର୍କର ସମ୍ମୁଖୀନ ହେବେ।

**ଧନୁ**
ରାହୁଯୁକ୍ତ ବୃହସ୍ପତି କାରଣରୁ ସ୍ୱାସ୍ଥ୍ୟ ସମସ୍ୟା ମାନସିକ ସ୍ଥିତିକୁ ବିଷାଦିତ କରିପାରେ। ଆପଣଙ୍କ ଲୋକପ୍ରିୟତା ପଡ଼ୋଶୀଙ୍କ ଈର୍ଷାପରାୟଣତାକୁ ବୃଦ୍ଧି କରିବ। କେତେକ ନୂତନ କାମର ପରିକଳ୍ପନା କରିବେ, କିନ୍ତୁ ଖର୍ଚ୍ଚଭାର ଯୋଗୁ ଚିନ୍ତାପ୍ରକଟ କରିବେ। ଗୁରୁଜନଙ୍କ ସାନ୍ତ୍ୱନା ବାଣୀ ମନରେ ଆଶ୍ୱସ୍ତି ଭରିପାରେ।

**ମକର**
ଆଜି ଶନିଙ୍କ ଦୃଷ୍ଟି ପ୍ରଭାବରେ ପାରିବାରିକ ସ୍ତରରେ ସନ୍ତାନ ହେତୁକ ମାନସିକ ଆଘାତ ପାଇପାରନ୍ତି। ଏକ ଭିନ୍ନ ପରିସ୍ଥିତିରେ ଭାଙ୍ଗିପଡ଼ିଥିବା ସମ୍ପର୍କ ପୁନଃ ପ୍ରତିଷ୍ଠିତ ହେବାର ଆଶା ରହିଛି। ଅର୍ଥ ସମ୍ପର୍କିତ ଆଲୋଚନାରେ ଟେନସନ୍ କିଛି ମାତ୍ରାରେ କମିଯିବ। ହଠାତ୍ ଜଣେ ବନ୍ଧୁଙ୍କ ଉପସ୍ଥିତିକୁ କେନ୍ଦ୍ର କରି ଝଗଡ଼ା ଲାଗିପାରେ।

**କୁମ୍ଭ**
ସ୍ୱଗୃହୀ ଶନି ହେତୁ ପ୍ରତ୍ୟେକ ଦିଗରୁ ଆଜି ଦିନଟି ଭଲ। ପ୍ରତି କ୍ଷେତ୍ରରେ ଜୟଯୁକ୍ତ ହେବେ। ପିଲାଙ୍କର କିଛି ସମସ୍ୟା ମନକୁ ବିଚଳିତ କରିବାର ଆଶଙ୍କା ଦେଖାଦେବ। ଇଚ୍ଛା ନ ଥିଲେ ମଧ୍ୟ ବାଧ୍ୟବାଧକତାରେ ପଡ଼ି କଠିନ ପରିଶ୍ରମଜନିତ କ୍ଳାନ୍ତି ଅନୁଭବ କରିବେ। ଭୁଲ୍ ବୁଝାମଣାଜନିତ ପାରିବାରିକ ଶାନ୍ତି ଓ ସୁସ୍ଥତା ବ୍ୟାହତ ହୋଇପାରେ।

**ମୀନ**
ଆଜି ସକାଳୁ ସକାଳୁ ବନ୍ଧୁ କିମ୍ବା ପରିଜନଙ୍କ ସହିତ ଭ୍ରମଣ କରିପାରନ୍ତି। କିନ୍ତୁ ରେବତୀ ନକ୍ଷତ୍ର କର୍ମକ୍ଷେତ୍ରରେ ଅପ୍ରିୟ ସତ୍ୟ ପ୍ରକାଶ କରି ବିବାଦୀୟ ହୋଇ ପାରନ୍ତି। ପ୍ରକୃତ ଘଟଣା ନ ବୁଝି ପଡ଼ୋଶୀ କ୍ରୋଧ ପ୍ରକାଶ କରିପାରନ୍ତି। ଗୃହ କାମରେ ବ୍ୟସ୍ତ ରହି କୌଣସି କାମକୁ ପାସୋରି ଦେଇ ପାରନ୍ତି। କୋର୍ଟ କାମ ସୁରୁଖୁରୁରେ ହେବ।

ଆଜି କାର୍ତ୍ତିକ ଶୁକ୍ଳ ଚତୁର୍ଦ୍ଦଶୀଯୁକ୍ତ ପୂର୍ଣ୍ଣିମା ରବିବାର, ଶ୍ରୀମନ୍ଦିରରେ ଡାଳକିଆ ବେଶ, କେଦାର ବ୍ରତ, ପୂର୍ଣ୍ଣିମା ବିହିତ ଚନ୍ଦ୍ରୋପବାସ, ନଭେମ୍ବର ୨୬ ତାରିଖ, ରାଶିନକ୍ଷତ୍ର-ଦ୍ୱିଜା/ମେଷ, ଚତୁର୍ଦ୍ଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୬।୪୯ ଗତେ ଘ.୦୯।୦୦ ମଧ୍ୟେ, ଘ.୧୨।୫୫ ଗତେ ଘ.୦୨।୫୦ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୩।୪୦ ଗତେ ଘ.୦୫।୦୨ ମଧ୍ୟେ ରାହୁକାଳ।

**ଆଇଆଇଡି ନିଷ୍କ୍ରିୟ କଲେ ଯବାନ**

ମାଲକାନଗିରି, ୨୫।୧୧ (ଦୁର୍ଯ୍ୟୋଧନ ପାତ୍ର): ଛତିଶଗଡ ବିଜାପୁର ଜିଲା ଆୱାପଲ୍ଲୀ ଅଞ୍ଚଳରେ ଯବାନମାନେ ୨ ଆଇଇଡି ନିଷ୍କ୍ରିୟ କରିଛନ୍ତି। ବାସାଗୁଡା ରାସ୍ତାରେ ସିଆରପିଏଫ୍‌ର ସର୍ଚ୍ଚ ଅପରେଶନ କରାଯାଉଥିବାବେଳେ ଆଇଇଡିକୁ ୪ ଫୁଟ ତଳେ ଠାବ କରିଥିଲେ। ଯବାନମାନଙ୍କୁ କ୍ଷତି ପହଞ୍ଚାଇବା ଉଦ୍ଦେଶ୍ୟରେ ମାଓବାଦୀ ସଂଗଠନ ଦ୍ୱାରା ଏହି ଦୁଇଟି ୨୫ କିଲୋ ଆଇଡି ଖଞ୍ଜାଯାଇଥିଲା।

# ଉଦ୍ଧାର କାର୍ଯ୍ୟର ଖବର ରଖୁଛନ୍ତି ମୁଖ୍ୟମନ୍ତ୍ରୀ



୫-ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ ଭି.କେ. ପାଣ୍ଡିଆନ୍‌ଙ୍କୁ ନବୀନ ନିବାସରେ ଭେଟୁଛନ୍ତି ଉତ୍ତରକାଶୀ ଟନେଲରେ ଫସି ରହିଥିବା ଓଡ଼ିଆ ଶ୍ରମିକଙ୍କ ପରିବାର ସଦସ୍ୟ।

## ଉତ୍ତରାଖଣ୍ଡ ଟନେଲରେ ୫ ଓଡ଼ିଆ

ଭୁବନେଶ୍ୱର,୨୫।୧୧(ଅନିଲଦାସ)

ଉତ୍ତରାଖଣ୍ଡ ଉତ୍ତରକାଶୀ ଟନେଲରେ ଫସି ରହିଥିବା ଓଡ଼ିଆ ଶ୍ରମିକଙ୍କ ପରିବାର ସଦସ୍ୟମାନେ ଶନିବାର ୫-ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ ଭି.କେ. ପାଣ୍ଡିଆନଙ୍କୁ ଭେଟିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ଶ୍ରମିକଙ୍କ ପରିବାର ସଦସ୍ୟମାନଙ୍କୁ ରାଜ୍ୟ ସରକାର ଉତ୍ତରକାଶୀକୁ ନେବା ପାଇଁ ସମସ୍ତ ବ୍ୟବସ୍ଥା କରିଛନ୍ତି। ସେମାନେ ହେଲେ ନବରଙ୍ଗପୁର ଜିଲାର ଫୁଲଚାନ୍ଦ ଭତ୍ରା, ମୟୂରଭଞ୍ଜ ଜିଲାର ବିମଳା ନାୟକ, ଚିତ୍ତରଞ୍ଜନ ନାୟକ। ପୂର୍ବରୁ ଅନ୍ୟ ଦୁଇ ଶ୍ରମିକଙ୍କ ପରିବାର ଉତ୍ତରକାଶୀରେ ପହଞ୍ଚି ସାରିଛନ୍ତି। ଏହାଦ୍ୱାରା ଉଦ୍ଧାର ପରେ ଫସି ରହିଥିବା ଶ୍ରମିକମାନେ ସେମାନଙ୍କ ପରିବାରବର୍ଗଙ୍କୁ ଭେଟିପାରିବେ। ଏହି ଶ୍ରମିକମାନେ ହେଲେ ଭଦ୍ରକ ଜିଲାର ତପନ ମଣ୍ଡଳ, ନବରଙ୍ଗପୁରର ଭଗବାନ ଭତ୍ରା ଏବଂ ମୟୂରଭଞ୍ଜର ବିଶ୍ୱେଶ୍ୱର ନାୟକ, ଧୀରେନ ନାୟକ ଓ ରାଜୁ ନାୟକ। ସେମାନଙ୍କ ପରିବାର ସଦସ୍ୟମାନେ ୫-ଟି ଅଧ୍ୟକ୍ଷଙ୍କୁ ନବୀନ ନିବାସରେ ସାକ୍ଷାତ କରିଥିଲେ। ଅଧ୍ୟକ୍ଷ ସେମାନଙ୍କୁ ରାଜ୍ୟ ସରକାରଙ୍କ ପକ୍ଷରୁ ଓଡ଼ିଆ ଶ୍ରମିକଙ୍କ ସୁରକ୍ଷା ପାଇଁ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଜଣାଇଥିଲେ। ରାଜ୍ୟ ସରକାରଙ୍କ ଅଫିସର ଓ ସ୍ୱତନ୍ତ୍ର ଟିମ୍ ଉଦ୍ଧାରସ୍ଥଳକୁ ଯାଇଛନ୍ତି ଏବଂ ଉଦ୍ଧାରକାରୀ ଦଳ ସହିତ ନିୟମିତ ଯୋଗାଯୋଗରେ ଅଛନ୍ତି। ଆମର ସବୁ ଶ୍ରମିକ ସୁରକ୍ଷିତ ଅଛନ୍ତି ବୋଲି ସେ କହିଛନ୍ତି। ମୁଖ୍ୟମନ୍ତ୍ରୀ ଘଟଣା ସମ୍ପର୍କରେ ସମ୍ପୂର୍ଣ୍ଣ ଅବଗତ ଅଛନ୍ତି। ଶ୍ରମିକମାନଙ୍କ ନିରାପତ୍ତା ଓ ଉଦ୍ଧାର କାର୍ଯ୍ୟ ସମ୍ପର୍କରେ ନିୟମିତ ଖବର ନେଉଛନ୍ତି ବୋଲି ପାଣ୍ଡିଆନ ପରିବାର ସଦସ୍ୟଙ୍କୁ କହିଥିଲେ। ଉଦ୍ଧାର କାର୍ଯ୍ୟ ତ୍ୱରାନ୍ୱିତ ହୋଇଛି ଏବଂ ଖୁବଶୀଘ୍ର ସେମାନେ ପରିବାରକୁ ଫେରି ଆସିବେ ବୋଲି ୫-ଟି ଅଧ୍ୟକ୍ଷ ସେମାନଙ୍କୁ ଆଶ୍ୱାସନା ଦେଇଛନ୍ତି।

## ଉତ୍ତରକାଶୀ ଗଲେ ଶ୍ରମମନ୍ତ୍ରୀ, ଶ୍ରମିକ ପରିବାର ସଦସ୍ୟ

ଉତ୍ତରାଖଣ୍ଡର ଉତ୍ତରକାଶୀ ସୁଡ଼ଙ୍ଗରେ ଫସିରହିଥିବା ୪୧ ଶ୍ରମିକଙ୍କ ମଧ୍ୟରେ ୫ ଜଣ ଓଡ଼ିଆ ଅଛନ୍ତି। ଟନେଲ ଭିତରେ ଥିବା ଶ୍ରମିକଙ୍କ ମନୋବଳ ବଢ଼ାଇବା ପାଇଁ ଶନିବାର ରାଜ୍ୟ ଶ୍ରମ ମନ୍ତ୍ରୀ ସାରଦା ନାୟକ ସେମାନଙ୍କ ପରିବାର ସଦସ୍ୟଙ୍କୁ ନେଇ ବିମାନରେ ସେଠାକୁ ଯାତ୍ରା କରିଛନ୍ତି। ତେବେ ଫସିଥିବା ସମସ୍ତ ଓଡ଼ିଆ ଶ୍ରମିକ ସୁସ୍ଥ ଥିବା ସୂଚନା ମିଳିଛି। ଉତ୍ତରକାଶୀ ଯିବା ପୂର୍ବରୁ ଶ୍ରମ ମନ୍ତ୍ରୀ ସାରଦା ନାୟକ କହିଛନ୍ତି, ୧୩ ତାରିଖରେ ଓଡ଼ିଶାରୁ ୨ବରିଷ୍ଠ ଅଧିକାରୀ ଉତ୍ତରକାଶୀ ଯାଇଛନ୍ତି। ବର୍ତ୍ତମାନ ସେମାନେ ସେଠାରେ ଅଛନ୍ତି। ସେମାନେ ଫସି ରହିଥିବା ଶ୍ରମିକ ସହ କଥାବାର୍ତ୍ତା କରୁଛନ୍ତି। ଶ୍ରମିକଙ୍କୁ ଉଦ୍ଧାର କରିବା ପାଇଁ ଉଦ୍ୟମ ଚାଲିଛି। କୌଣସି କାରଣବଶତଃ ଉଦ୍ଧାର କାର୍ଯ୍ୟରେ ବିଳମ୍ବ ହେଉଛି। ଶ୍ରମିକମାନଙ୍କୁ ଖୁବଶୀଘ୍ର ଟନେଲରୁ ଉଦ୍ଧାର କରାଯିବ ବୋଲି ଆଶା କରାଯାଉଛି। ଜଗନ୍ନାଥଙ୍କ ଆର୍ଶୀବାଦରୁ ୪୧ ଜଣ ଶ୍ରମିକ ଉଦ୍ଧାର ହୋଇ ନିଜ ନିଜ ଘରକୁ ଫେରିବେ।

## ଶିମିଳିପାଳ ଅସ୍ଥାୟୀ ଭାବେ ବନ୍ଦ

ବାରିପଦା, ୨୫।୧୧(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ଶିମିଳିପାଳ ଅଭୟାରଣ୍ୟକୁ ଅସ୍ଥାୟୀ ଭାବେ ପର୍ଯ୍ୟଟକଙ୍କ ପ୍ରବେଶକୁ ବନ୍ଦ କରାଯାଇଛି। ପରବର୍ତ୍ତୀ ବିଜ୍ଞପ୍ତି ପର୍ଯ୍ୟନ୍ତ ଶିମିଳିପାଳ ବନ୍ଦ ରହିବ ବୋଲି ଶିମିଳିପାଳ କର୍ତ୍ତୃପକ୍ଷ ଜଣାଇଛନ୍ତି। ଅଧିକ ଅନୁଧ୍ୟାନ ପାଇଁ ପର୍ଯ୍ୟଟକମାନେ ଶିମିଳିପାଳର ଅଫିସିଆଲ ୱେବ୍‌ସାଇଟ କିମ୍ବା ଇକୋଟୁର ଓଡ଼ିଶାର ହେଲ୍ପଲାଇନ ନମ୍ବରରେ ଯୋଗାଯୋଗ କରିପାରିବେ।






## ୫-ଟି ଅଧ୍ୟକ୍ଷଙ୍କୁ ଭେଟିଲା ଓଡ଼ିଶା ମନ୍ଦିର ସେବାୟତ ସଂଘ

ଭୁବନେଶ୍ୱର,୨୫।୧୧ (ଅନିଲ ଦାସ)

ଓଡ଼ିଶା ମନ୍ଦିର ସେବାୟତ ସଂଘର ସଦସ୍ୟମାନେ ୫-ଟି ଅଧ୍ୟକ୍ଷ ତଥା ଭି.କେ. ପାଣ୍ଡିଆନ୍‌ଙ୍କୁ ନବୀନ ନିବାସରେ ଭେଟିଛନ୍ତି। ୫-ଟି ଉପକ୍ରମରେ ରାଜ୍ୟର ବିଭିନ୍ନ ମନ୍ଦିର ଓ ଐତିହ୍ୟ ସ୍ଥଳଗୁଡ଼ିକର ରୂପାନ୍ତର ଉଦ୍ୟମ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଏଥିସହିତ ଗ୍ରାମାଞ୍ଚଳରେ ଥିବା ଛୋଟ ଛୋଟ ମନ୍ଦିରକୁ 'ମୋ ଓଡ଼ିଶା ନବୀନ ଓଡ଼ିଶା' ଯୋଜନା ମାଧ୍ୟମରେ ଅର୍ଥରାଶି ମଞ୍ଜୁର କରି ଭାରତ ବର୍ଷରେ ନୂଆ ପରିଚୟ ସୃଷ୍ଟି କରିଥିବାରୁ ଓଡ଼ିଶାର ସମସ୍ତ ସେବାୟତଙ୍କ ତରଫରୁ ମଧ୍ୟ କୃତଜ୍ଞତା ପ୍ରକାଶ କରାଯାଇଛି। ବିଭିନ୍ନ ଜିଲା ଗସ୍ତ କାର୍ଯ୍ୟକ୍ରମରେ ପାଣ୍ଡିଆନ୍ ମନ୍ଦିର ଏବଂ ସେବାୟତମାନଙ୍କ ସୁବିଧା ଅସୁବିଧା ଦୂର ପାଇଁ ପଦକ୍ଷେପ ନେଇ ଥିବାରୁ ସେବାୟତମାନେ ତାଙ୍କୁ କୃତଜ୍ଞତା ଜଣାଇଛନ୍ତି। ହଜାର ହଜାର ବର୍ଷର ପୁରୁଣା ମଠ ମନ୍ଦିରଗୁଡ଼ିକର ବିକାଶ ଓ ରୂପାନ୍ତର ପାଇଁ ମୁଖ୍ୟମନ୍ତ୍ରୀ ଐତିହାସିକ ପଦକ୍ଷେପ ନେଇଥିବାରୁ ସେବାୟତମାନେ ମୁଖ୍ୟମନ୍ତ୍ରୀଙ୍କୁ ସାଧୁବାଦ ଜଣାଇଛନ୍ତି। ଏହି ଅବସରରେ ୫-ଟି ଅଧ୍ୟକ୍ଷ ଆଗାମୀ ଶ୍ରୀମନ୍ଦିର ପରିକ୍ରମା ଯୋଜନାର ଶୁଭ ଉଦ୍‌ଘାଟନ ଉତ୍ସବରେ ଓଡ଼ିଶା ମନ୍ଦିର ସେବାୟତ ସଂଘର ସମ୍ପୂର୍ଣ୍ଣ ସହଯୋଗ କାମନା କରିଛନ୍ତି। ଏଥିସହିତ ଏହି କାର୍ଯ୍ୟକ୍ରମକୁ କିପରି ସଫଳ କରାଯିବ ସେ ବିଷୟରେ ସେବାୟତମାନଙ୍କ ସହିତ ଆଲୋଚନା କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଓଡ଼ିଶା ମନ୍ଦିର ସେବାୟତ ସଂଘର ସଭାପତି କାମେଶ୍ୱର ତ୍ରିପାଠୀ (ବାରିପଦା ଜଗନ୍ନାଥ ମନ୍ଦିର), ସମ୍ପାଦକ ସିଂହାରୀ ଆଲୋକ ଖୁଣ୍ଟିଆ (ସାକ୍ଷୀଗୋପାଳ ମନ୍ଦିର), ସଂଯୋଜକ ଦେବୀ ପାଣି (ବିରଜା ମନ୍ଦିର), ସଚେତକ ସୁବାସ ମିଶ୍ର (ଶ୍ରୀ ଗୋପାଳ ମନ୍ଦିର), ନୀଳମଣି ସୁଆର (ଅଲାରନାଥ ମନ୍ଦିର), ଗଦା ନନା (ଆଖଣ୍ଡଳମଣି ମନ୍ଦିର), ପୁଣ୍ୟଶ୍ଳୋକ ନନ୍ଦ (ନୀଳଗିରି ଜଗନ୍ନାଥ ମନ୍ଦିର), ରଞ୍ଜିତ ମହାପାତ୍ର(ଶିରୁଳୀ ମହାବୀର ମନ୍ଦିର), ସୂର୍ଯ୍ୟ ନାରାୟଣ ପଣ୍ଡା (କାକଟପୁର ମଙ୍ଗଳା ମନ୍ଦିର), ବାପୁଜୀ ରଣା (ତାରା ତାରିଣୀ ମନ୍ଦିର), ରଞ୍ଜନ ପଣ୍ଡା (ମଣିନାଗ ମନ୍ଦିର), ମହାରୁଦ୍ର ଝା (ରାମମନ୍ଦିର), ସାଇ ରାମ୍ ଗାନ୍ଧୀ (ବେନୁପଡା ମଠ) ପ୍ରମୁଖ ସାମିଲ ହୋଇଥିଲେ।











SAGARMALA
Ministry of Ports, Shipping & Waterways
Government of India
PM Gati Shakti
G20
PARADIP PORT AUTHORITY
CELEBRATES
THE GLORIOUS JOURNEY OF
ODISHA'S
MARITIME HERITAGE
ON
BOITA BANDANA UTSAV
PORT DAY-2023
27th November 2023 (Monday) at 10 AM
Chief Guest
Smt. Droupadi Murmu
Hon'ble President of India
Guest of Honour
Shri Raghubar Das
Hon'ble Governor of Odisha
In august presence of
Shri Shripad Yesso Naik
Hon'ble Minister of State for Ports, Shipping and Waterways & Tourism, Govt. of India
Shri Bishweswar Tudu
Hon'ble Union Minister of State for Tribal Affairs and Jal Shakti
Shri Shantanu Thakur
Hon'ble Minister of State for Ports, Shipping and Waterways Govt. of India
Smt. Tukuni Sahu
Hon'ble Minister of Water Resources Commerce & Transport Govt. of Odisha
Dr. Rajashree Mallick
Hon'ble Member of Parliament Lok Sabha, Jagatsinghpur
Shri Sambit Routray
Hon'ble Member of Legislative Assembly, Paradip
Venue: Paradip Port, Paradip

**ଶପିଂ ମଲ୍‌ରେ ନିଆଁ: ୧୧ ମୃତ**

ପାକିସ୍ତାନର କରାଚୀ ସହରସ୍ଥିତ ଏକ ଶପିଂ ମଲ୍‌ରେ ଶନିବାର ଅଗ୍ନିକାଣ୍ଡ ଘଟି ୧୧ ଜଣଙ୍କ ମୃତ୍ୟୁ ହେବା ସହ ଅନ୍ୟ ୬ ଆହତ ହୋଇଛନ୍ତି। ସକାଳ ୭ଟାରେ ମଲ୍‌ର ଦ୍ୱିତୀୟ ମହଲାରେ ନିଆଁ ଲାଗି ପରେ ଏହା ଚତୁର୍ଥ, ପଞ୍ଚମ ଓ ଷଷ୍ଠ ମହଲାକୁ ବ୍ୟାପିଯାଇଥିଲା। ୧୨ ଦମକଳ ଗାଡ଼ି ଓ ୫୦ ଅଗ୍ନିଶମ କର୍ମଚାରୀ ଦୀର୍ଘ ସମୟର ଉଦ୍ୟମ ପରେ ନିଆଁକୁ ଆୟତ୍ତ କରିବା ସହ ବିଲ୍ଡିଂରୁ ୪୨ ଜଣଙ୍କୁ ଉଦ୍ଧାର କରିଛନ୍ତି।



## ସିରିଆ ସେନା ସେଲ୍ ମାଡ଼ରେ ୯ ମୃତ

**ବେରୁଟ୍,୨୫।୧୧:** ସିରିଆ ଉତ୍ତର ପଶ୍ଚିମାଞ୍ଚଳରେ ଥିବା ଏକ ଗ୍ରାମ ଉପରେ ଶନିବାର ସିରିଆ ସେନା ସେଲ୍ ମାଡ଼ କରିବାରୁ ୬ ପିଲାଙ୍କ ସମେତ ୯ ଜଣଙ୍କ ମୃତ୍ୟୁ ଘଟିଛି। ଇଦ୍‌ଲିବ ପ୍ରଦେଶର କାଓକାଫିନ୍ ଗ୍ରାମରେ ଏହି ଆକ୍ରମଣ ହୋଇଛି। ରୁଷିଆ ଏବଂ ତୁର୍କିଏ ମଧ୍ୟରେ ୨୦୨୦ ମାର୍ଚ୍ଚରେ ହୋଇଥିବା ଯୁଦ୍ଧବିରତିର ଏହା ସଦ୍ୟତମ ଉଲ୍ଲଂଘନ। ସିରିଆର ବିଦ୍ରୋହୀ ଗୋଷ୍ଠୀର ୧୨ ବର୍ଷର ସଂଘର୍ଷରେ ୫ ଲକ୍ଷ ଲୋକଙ୍କ ଜୀବନ ଗଲାଣି। ତୁର୍କେଇ ଉକ୍ତ ବିଦ୍ରୋହୀ ଗୋଷ୍ଠୀକୁ ସହାୟତା କରୁଥିବା କୁହାଯାଉଛି।

## ଭୋଟ ବେଳେ ପୋଲିଂ ଏଜେଣ୍ଟଙ୍କ ମୃତ୍ୟୁ

**ଜୟପୁର,୨୫।୧୧:** ରାଜସ୍ଥାନର ପାଲି ଜିଲାରେ ଶନିବାର ଭୋଟଗ୍ରହଣ ଚାଲିଥିବାବେଳେ ହୃଦ୍‌ଘାତରେ ଜଣେ ପୋଲିଂ ଏଜେଣ୍ଟଙ୍କ ମୃତ୍ୟୁ ଘଟିଛି। ଶାନ୍ତି ଲାଲ୍ ନାମକ ବ୍ୟକ୍ତି ଜଣେ ଭାଜପା ପ୍ରାର୍ଥୀଙ୍କ ଏଜେଣ୍ଟ ଭାବେ ସୁମେରପୁର ନିର୍ବାଚନ ମଣ୍ଡଳୀର ୪୭ ନମ୍ବର ବୁଥ୍‌ରେ ଉପସ୍ଥିତ ଥିଲେ। ହଠାତ୍ ସେ ମୂର୍ଚ୍ଛା ଯିବାରୁ ତାଙ୍କୁ ପ୍ରଥମେ ସ୍ଥାନୀୟ ହସ୍ପିଟାଲ ଓ ପରେ ଜିଲା ହସ୍ପିଟାଲ ନିଆଯାଇଥିବାବେଳେ ଡାକ୍ତର ମୃତ ଘୋଷଣା କରିଥିଲେ।

## ସୁଡ଼ଙ୍ଗ ତଳେ ଜୀବନ

# ୪୧ ଶ୍ରମିକ, ୧୪ ଦିନ

### ଆଜିଠୁ ହାତରେ ଖନନ

**ଉତ୍ତରକାଶୀ,୨୫।୧୧**

ଉତ୍ତରାଖଣ୍ଡର ଉତ୍ତରକାଶୀସ୍ଥିତ ସୁଡ଼ଙ୍ଗରେ ଗତ ୧୨ ତାରିଖରୁ ଫସି ରହିଥିବା ୪୧ ଶ୍ରମିକ କେବେ ବାହାରର ଆଲୋକ ଦେଖିବେ, ତାହା କହିହେଉ ନାହିଁ। ଖନନ କାର୍ଯ୍ୟରେ ନିୟୋଜିତ ଆମେରିକାର ଓଜନଦାର ମେଶିନ୍‌ର ଡ୍ରିଲିଂ ଯନ୍ତ୍ରାଂଶ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ଫଳରେ ଶୁକ୍ରବାର ଖନନ କାର୍ଯ୍ୟ ପୁଣିଥରେ ଅଟକିଛି। ରବିବାରଠାରୁ ହାତରେ ଖନନ ଆରମ୍ଭ ହେବ ବୋଲି ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମି କହିଛନ୍ତି। ସୁଡ଼ଙ୍ଗ ଭିତରେ ଫସିଥିବା ଔଗର ମେଶିନ୍‌ର ଯନ୍ତ୍ରାଂଶଗୁଡ଼ିକୁ କାଟି ବାହାର କରିବା ପାଇଁ ହାଇଦ୍ରାବାଦରୁ ଏକ ସ୍ୱତନ୍ତ୍ର ମେଶିନ୍ ଅଣାଯାଇଛି। ଉଦ୍ଧାର ପାଇଁ ସମସ୍ତ ସମ୍ଭାବ୍ୟ ଦିଗ ଉପରେ ଉଦ୍ୟମ ଜାରି ରହିଛି।

ଫସିଥିବା ଶ୍ରମିକମାନଙ୍କ ପାଖରେ ପହଞ୍ଚିବାକୁ ଆଉ ମାତ୍ର ୧୦ରୁ ୧୨ ମିଟର ଖନନ ବାକିଥିବା ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। ପରବର୍ତ୍ତୀ ୫ ମିଟର ମଧ୍ୟରେ କୌଣସି ଧାତବ ପ୍ରତିବନ୍ଧକ ଚିହ୍ନଟ ହୋଇ ନ ଥିବା ଗ୍ରାଉଣ୍ଡ-ପେନେଟ୍ରେଟିଂ ରାଡାରରୁ



ଜଣାପଡ଼ିଛି। ଫସିଥିବା ଶ୍ରମିକମାନଙ୍କ ପାଇଁ ସେମାନଙ୍କ ଆତ୍ମୀୟ ଓ ସମ୍ପର୍କୀୟମାନେ ସୁଡ଼ଙ୍ଗ ବାହାରେ ପଡ଼ିରହିଥିବାବେଳେ ସେମାନଙ୍କ ପ୍ରତୀକ୍ଷାର ଅନ୍ତ ଘଟୁନାହିଁ। ଦୁଇ ଦିନରେ ଦୁଇଟି ପ୍ରତିବନ୍ଧକ ସେମାନଙ୍କୁ ଧୈର୍ଯ୍ୟହରା କରିଛି। ଖନନ କାର୍ଯ୍ୟ ଅଟକିବା ପୂର୍ବରୁ ୪୬.୮ ମିଟର ପର୍ଯ୍ୟନ୍ତ ପାଇପ୍ ଟନେଲ ଭିତରକୁ ଯାଇଥିଲା। ଖନନ କାର୍ଯ୍ୟରେ ନିୟୋଜିତ ୨୫ ଟନ୍ ଓଜନର ଡ୍ରିଲିଂ ମେଶିନ୍‌ର ବ୍ଲେଡ୍ ଭାଙ୍ଗି ମାଟିତଳେ ରହିଯିବାରୁ ଉଦ୍ଧାର କାର୍ଯ୍ୟ ଅଟକିଛି। ତେଣୁ ହାତରେ ଖନନ ପନ୍ଥା ବାଛିବାକୁ ନିଷ୍ପତ୍ତି ହୋଇଛି। ଏହା ହେଲେ ଉଦ୍ଧାର କାର୍ଯ୍ୟକୁ ଆଉ କେତେକ ସପ୍ତାହ ଲାଗିପାରେ ବୋଲି କୁହାଯାଉଛି। ଶୁକ୍ରବାର ଦିନସାରା କାମ ବନ୍ଦ ରହିଥିଲା। ଔଗର ମେଶିନ୍ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିବା ଅନ୍ତର୍ଜାତୀୟ ଟନେଲ ବିଶେଷଜ୍ଞ ଆର୍ନୋଲ୍ଡ ଡିକ୍ସ କହିଛନ୍ତି। ଶ୍ରମିକମାନେ ଖାତରେ ୧୦ରୁ ୨୦ ମିଟର ଖୋଳିବା ସହ ଉପରୁ ୮୬ ମିଟର ଗଭୀର ପର୍ଯ୍ୟନ୍ତ ଖନନ ପାଇଁ ଅନ୍ୟ ଏକ ବିକଳ୍ପ ଉପରେ ମଧ ବିଚାର କରାଯାଉଥିବା ସେ କହିଛନ୍ତି।

ସେପଟେ ୬ ଇଞ୍ଚ ଓସାରର ପାଇପ୍ ଦେଇ ସୁଡ଼ଙ୍ଗ ଭିତରେ ଥିବା ଶ୍ରମିକମାନଙ୍କ ପାଖକୁ ଖାଦ୍ୟ, ପାଣି ଓ ଅନ୍ୟାନ୍ୟ ଜରୁରୀ ସାମଗ୍ରୀ ପଠାଯାଉଛି। ଫସିଥିବା ଶ୍ରମିକମାନଙ୍କ ପାଖକୁ ଶନିବାର ମୋବାଇଲ୍ ଫୋନ୍ ଏବଂ ଲୁଡୁ ପାଲି ପଠାଯାଇଛି। ତାହା ସେମାନଙ୍କ ଟାଇମ୍ ପାସ୍‌ରେ ସହାୟକ ହେବା ସହ ଅବସାଦ ଦୂର କରିପାରିବ ବୋଲି ଜଣେ ଅଧିକାରୀ କହିଛନ୍ତି।

## ଜନ୍ମଦିନ ପାଳିବାକୁ ଦୁବାଇ ନ ନେବାରୁ ସ୍ତ୍ରୀ ମୁଥରେ ସ୍ୱାମୀ ମୃତ

**ପୁଣେ,୨୫।୧୧**

ଜନ୍ମଦିନ ପାଳିବା ଲାଗି ଦୁବାଇ ନେବାକୁ ମନା କରିବାରୁ ସ୍ତ୍ରୀଙ୍କ ମୁଥ ମାଡ଼ରେ ୩୬ ବର୍ଷୀୟ ସ୍ୱାମୀଙ୍କ ମୃତ୍ୟୁ ଘଟିଛି। ପୁଣେର ୱାନାଭ୍‌ଡି ଅଞ୍ଚଳରେ ଶୁକ୍ରବାର ଅପରାହ୍ନରେ ଦମ୍ପତିଙ୍କ ଆପାର୍ଟମେଣ୍ଟରେ ଏହି ଘଟଣା ଘଟିଛି। ସ୍ୱାମୀ ନିଖିଲ ଖାନ୍ନାଙ୍କର ନିର୍ମାଣ ବ୍ୟବସାୟ ରହିଛି। ୬ ବର୍ଷ ତଳେ ସେ ରେଣୁକାଙ୍କୁ ପ୍ରେମ ବିବାହ କରିଥିଲେ। ଜନ୍ମଦିନ ପାଳିବାକୁ ଦୁବାଇ ନ ନେବା ଏବଂ ଦାମୀ ଉପହାର ନ ଦେବାକୁ କେନ୍ଦ୍ରକରି ଦମ୍ପତିଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ରେଣୁକା ଉତ୍କ୍ଷିପ୍ତ ହୋଇ ନିଖିଲଙ୍କ ମୁହଁକୁ ଏକ ଶକ୍ତ ମୁଥ ମାରିଥିଲେ, ଯେଉଁଥିରେ ତାଙ୍କ ନାକ ଫାଟିବା ସହ କେତୋଟି ଦାନ୍ତ ଭାଙ୍ଗିଯାଇଥିଲା। ପ୍ରବଳ ରକ୍ତସ୍ରାବ ଯୋଗୁ ସେ ଚେତାଶୂନ୍ୟ ହୋଇପଡ଼ିଥିଲେ।

## ଖବରଦାତା ସୌମ୍ୟା ବିଶ୍ୱନାଥନଙ୍କ ୪ ହତ୍ୟାକାରୀଙ୍କୁ ଆଜୀବନ ଜେଲ

**ନୂଆଦିଲ୍ଲୀ,୨୫।୧୧**




ଟିଭି ଖବରଦାତା ସୌମ୍ୟା ବିଶ୍ୱନାଥନ ହତ୍ୟା ମାମଲାରେ ଦୋଷୀସାବ୍ୟସ୍ତ ୪ ଜଣଙ୍କୁ ଦିଲ୍ଲୀର ଏକ ଅଦାଲତ ଶନିବାର ଆଜୀବନ ଜେଲ ଦଣ୍ଡାଦେଶ ଦେଇଛନ୍ତି। ପଞ୍ଚମ ଅଭିଯୁକ୍ତଙ୍କୁ ୩ ବର୍ଷ ଜେଲଦଣ୍ଡ ମିଳିଛି। ଅପରାଧ ବିରଳରୁ ବିରଳତମ ବର୍ଗରେ ଆସୁ ନ ଥିବାରୁ ଦୋଷୀଙ୍କୁ ମୃତ୍ୟୁଦଣ୍ଡ ଦିଆଗଲା ନାହିଁ ବୋଲି ଅଦାଲତ କହିଛନ୍ତି। ୨୦୦୮ ସେପ୍ଟେମ୍ବର ୩୦ ରାତିରେ ୨୫ ବର୍ଷୀୟା ସୌମ୍ୟା କାର୍ ଚଳାଇ ଘରକୁ ଫେରୁଥିବାବେଳେ ଡକାୟତି ଉଦ୍ୟମରେ ତାଙ୍କୁ ହତ୍ୟା କରାଯାଇଥିଲା। ରବି କପୁର, ଅମିତ ଶୁକ୍ଳା, ବଲ୍‌ଜିତ ମଲିକ ଏବଂ ଅଜୟ କୁମାରଙ୍କୁ ଆଜୀବନ ଜେଲଦଣ୍ଡ ହୋଇଥିବାବେଳେ ଅଜୟ ସେଠୀଙ୍କୁ ୩ ବର୍ଷ ଜେଲଦଣ୍ଡ ହୋଇଛି।

## ମହୁଆଙ୍କ ବିରୋଧରେ ସିବିଆଇ ତଦନ୍ତ ଆରମ୍ଭ

**ନୂଆଦିଲ୍ଲୀ,୨୫।୧୧**

ଲୋକପାଳଙ୍କ ନିର୍ଦ୍ଦେଶକ୍ରମେ କ୍ୟାଶ୍ ଫର୍ କ୍ୱେରି ବିବାଦରେ ସମ୍ପୃକ୍ତ ତୃଣମୂଳ କଂଗ୍ରେସ ଏମ୍‌ପି ମହୁଆ ମୋଇତ୍ରଙ୍କ ବିରୋଧରେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ପ୍ରାଥମିକ ତଦନ୍ତ ଆରମ୍ଭ କରିଛି। ମହୁଆଙ୍କ ବିରୋଧରେ ଫୌଜଦାରି ମାମଲା ରୁଜୁ ହବ କି ନାହିଁ ସେ ନେଇ କେନ୍ଦ୍ରୟ ସଂସ୍ଥା ପ୍ରାଥମିକ ତଦନ୍ତର ନିଷ୍କର୍ଷ ଆଧାରରେ ନିଷ୍ପତ୍ତି ନେବ ବୋଲି ଏକ ସୂତ୍ରରୁ ଜଣାପଡ଼ିଛି। ପ୍ରାଥମିକ ଅନୁଧାନ ସମୟରେ ସିବିଆଇ ତୃଣମୂଳ ଏମ୍‌ପିଙ୍କୁ ଗିରଫ କରିବ ନାହିଁ କିମ୍ବା ଚଢ଼ାଉ କରିବ ନାହିଁ। ତେବେ ତାଙ୍କୁ ପଚରାଉଚରା କରିପାରିବ ଏବଂ ବିଭିନ୍ନ କାଗଜପତ୍ର ଯାଞ୍ଚ କରିପାରିବ। ତଦନ୍ତ ରିପୋର୍ଟ ଲୋକପାଳଙ୍କ ନିକଟରେ ଦାଖଲ କରାଯିବ। ଲୋକ ସଭାରେ ପ୍ରଶ୍ନ କରିବା ପାଇଁ ମହୁଆ ବ୍ୟବସାୟୀ ହୀରାନନ୍ଦାନୀଙ୍କଠାରୁ ଲାଞ୍ଚ


ମହୁଆ ମୋଇତ୍ର

ନେଇଥିବା ସୁପ୍ରିମକୋର୍ଟ ଆଇନଜୀବୀ ଜୟ ଅନନ୍ତ ଦେହର୍ଦ୍ରାଇ ଅଭିଯୋଗ ଆଣିଥିଲେ। ଏ ସମ୍ପର୍କରେ ସେ ଭାଜପା ଏମ୍‌ପି ନିଶିକାନ୍ତ ଦୁବେଙ୍କୁ ଜଣାଇଥିଲେ। ନିଶିକାନ୍ତଙ୍କ ଅଭିଯୋଗ ଆଧାରରେ ଲୋକ ସଭା ବାଚସ୍ପତି ଓମ୍ ବିର୍ଲା ମାମଲାକୁ ଏଥିକ୍ସ କମିଟିର ବିଚାର ପାଇଁ ପଠାଇଥିଲେ। ଦୁବେ ଲୋକପାଳଙ୍କ ନିକଟରେ ମଧ ଅଭିଯୋଗ କରିଥିଲେ।

## ଭାରତ-ଇୟୁ ସେମିକଣ୍ଡକ୍ଟର ଏମ୍‌ଓୟୁ

**ନୂଆଦିଲ୍ଲୀ,୨୫।୧୧**

### ଆତ୍ମନିର୍ଭରଶୀଳତା ବୃଦ୍ଧିରେ ସହାୟକ ହେବ

ସେମିକଣ୍ଡକ୍ଟର ଉପରେ ଗବେଷଣା, ଇନୋଭେଶନ, କୌଶଳ ବିକାଶ, ସହଭାଗିତା ଏବଂ ବଜାର ତଥ୍ୟ ଆଦାନପ୍ରଦାନ ଆଦି କ୍ଷେତ୍ରରେ ସହଯୋଗ ପାଇଁ ଭାରତ ଏବଂ ୟୁରୋପୀୟ ସଂଘ (ଇୟୁ) ମଧ୍ୟରେ ବୁଝାମଣାପତ୍ର (ଏମ୍‌ଓୟୁ) ସ୍ୱାକ୍ଷର ହୋଇଛି। ଶୁକ୍ରବାର ଏକ ଭର୍ଚୁଆଲ ଫର୍ମାଟରେ ଭାରତ-ଇୟୁ ବାଣିଜ୍ୟ ଓ ପ୍ରଯୁକ୍ତି ପରିଷଦ ବୈଠକ ଅନୁଷ୍ଠିତ ହେବା ପୂର୍ବରୁ ଉକ୍ତ ଏମ୍‌ଓୟୁ ସ୍ୱାକ୍ଷର ହୋଇଥିଲା। ବୈଠକରେ ଭାରତ ପକ୍ଷରୁ ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର, ବାଣିଜ୍ୟ ଓ ଶିଳ୍ପମନ୍ତ୍ରୀ ପୀୟୂଷ ଗୋୟଲ ଏବଂ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଅଧ୍ୟକ୍ଷତା କରିଥିବାବେଳେ ୟୁରୋପ ପକ୍ଷରୁ କାର୍ଯ୍ୟନିର୍ବାହୀ ଉପାଧ୍ୟକ୍ଷ ଭାଲଡିସ୍ ଡୋମ୍ବ୍ରୋସ୍କିସ୍ ଏବଂ ଉପାଧ୍ୟକ୍ଷ ଭେରା ଜୌରୋଭା ସଭାପତିତ୍ୱ କରିଥିଲେ। ସେମିକଣ୍ଡକ୍ଟର ମାନୁଫାକ୍ଚରିଂ କ୍ଷେତ୍ରରେ ଆତ୍ମନିର୍ଭରଶୀଳତା ବୃଦ୍ଧି ଉଦ୍ଦେଶ୍ୟରେ ୧୦ ବିଲିୟନ ଡଲାର ଖର୍ଚ୍ଚ କରିବା ପାଇଁ କେନ୍ଦ୍ର ସରକାର ଲକ୍ଷ୍ୟ ରଖିଛନ୍ତି। ଏହି ବୁଝାମଣା ଉପରୋକ୍ତ ଲକ୍ଷ୍ୟ ପୂରଣରେ ସହାୟକ ହେବ ବୋଲି ଆଶା କରାଯାଉଛି।

## ଦ୍ୱିତୀୟ ଦଫା ପଣବନ୍ଦୀ ମୁକ୍ତି ବିଳମ୍ବିତ

### ସବୁ ପଣବନ୍ଦୀ ନ ଫେରିବା ଯାଏ ଗାଜାରେ ରହିବେ ଇସ୍ରାଏଲୀ ସୈନ୍ୟ

**ଗାଜା ସିଟି/ଜେରୁଜେଲମ୍,୨୫।୧୧**

ଇସ୍ରାଏଲ-ହମାସ୍ ଯୁଦ୍ଧକୁ ୫୦ ଦିନ ବିତିଥିବାବେଳେ ଶନିବାର ଅସ୍ତ୍ରବିରତିର ଦ୍ୱିତୀୟ ଦିନରେ ୧୩ ପଣବନ୍ଦୀଙ୍କୁ ମୁକ୍ତ କରିବା ପ୍ରକ୍ରିୟାକୁ ହମାସ୍ ଆତଙ୍କବାଦୀ ଗୋଷ୍ଠୀ ବିଳମ୍ବିତ କରୁଥିବା ଅଭିଯୋଗ ହୋଇଛି। ଉତ୍ତର ଗାଜା ଷ୍ଟ୍ରିପ୍‌କୁ ଇସ୍ରାଏଲ୍ ଅଧିକ ଖାଦ୍ୟ ଟ୍ରକ୍ ଛାଡ଼ିବାକୁ ଅନୁମତି ଦେଉ ବୋଲି ହମାସ କହିଛି। ବିଳମ୍ବର ସମାଧାନ ପାଇଁ ଇଜିପ୍ଟ ଓ କାତାରର ମଧ୍ୟସ୍ଥମାନେ ଉଦ୍ୟମ ଚଳାଇଛନ୍ତି। ମୁକ୍ତ ହେବାକୁ ଥିବା ୧୩ ପଣବନ୍ଦୀଙ୍କ ତାଲିକା ହମାସ୍ ପଠାଇଥିବା କାଏରୋ ପୂର୍ବରୁ ସୂଚନା ଦେଇଥିଲା। ହମାସ୍ ୧୩ ପଣବନ୍ଦୀଙ୍କୁ ଛାଡ଼ିଲେ ଏହା ବଦଳରେ ଇସ୍ରାଏଲ୍ କର୍ତ୍ତୃପକ୍ଷ ୪୨ ଜଣ ପାଲେଷ୍ଟିନୀୟ ବନ୍ଦୀଙ୍କୁ ମୁକ୍ତ କରିଦେବେ। ପଣବନ୍ଦୀମାନଙ୍କ ଫେରିବା ବାଟକୁ ସମ୍ପର୍କୀୟମାନେ ସୀମାରେ ଅପେକ୍ଷା କରି ରହିଛନ୍ତି। ସେମାନେ ପହଞ୍ଚିବା ପରେ ଚିକିତ୍ସା କରାଯିବାକୁ ଥିବାରୁ କେତେକ ସମ୍ପର୍କୀୟ ହସ୍ପିଟାଲ ଆଡ଼େ ମୁହାଁଇଲେଣି।

ଶୁକ୍ରବାର ସ୍ଥାନୀୟ ସମୟ ସକାଳ ୭ଟାରୁ ୪ ଦିନିଆ ଅସ୍ତ୍ରବିରତି ଆରମ୍ଭ ହୋଇଥିଲା। ଏଥିସହ ୧୩ ଇସ୍ରାଏଲୀ ପଣବନ୍ଦୀଙ୍କୁ ହମାସ୍ ମୁକ୍ତ କରିଛି। ପରେ ହମାସ୍ ପ୍ରଥମ ପର୍ଯ୍ୟାୟରେ ୨୪ ପଣବନ୍ଦୀଙ୍କୁ ମୁକ୍ତ କରିଥିଲା। ଶନିବାର ଆଉ ୧୩ ଜଣଙ୍କୁ ଛାଡ଼ିବାକୁ ଥିବାବେଳେ ଏଥିରେ ବିଳମ୍ବକୁ ନେଇ ଇସ୍ରାଏଲ୍ ଚିନ୍ତା ପ୍ରକଟ କରିଛି। ହମାସ୍ ସବୁ ପଣବନ୍ଦୀଙ୍କୁ ମୁକ୍ତ ନ କରିବା ପର୍ଯ୍ୟନ୍ତ ଇସ୍ରାଏଲ୍ ସୈନ୍ୟ ଗାଜା ଛାଡ଼ି ଯିବନାହିଁ ବୋଲି ଆଇଡିଏଫ୍ ମୁଖ୍ୟ ହେର୍ଜି ହାଲେଭି କହିଛନ୍ତି। ସାମୟିକ ଅସ୍ତ୍ରବିରତି ପରେ ଇସ୍ରାଏଲ୍ ଡିଫେନ୍ସ ଫୋର୍ସ ଗାଜା ଷ୍ଟ୍ରିପ୍‌ରେ ଆକ୍ରମଣ ଜାରି ରଖିବ ୪ ଦିନର ଯୁଦ୍ଧବିରତି ସମୟରେ ତାଙ୍କ ସୈନ୍ୟମାନେ ନିଜକୁ ପ୍ରସ୍ତୁତ କରିବା ସହ ଯୁଦ୍ଧ ଜାରି ରଖିବା ପାଇଁ ସାମର୍ଥ୍ୟ ବଢ଼ାଉଥିବା ଶନିବାର ସନ୍ଧ୍ୟାରେ ହାଲେଭି କହିଛନ୍ତି।

ଅକ୍ଟୋବର ୭ରେ ହମାସ୍ ଆତଙ୍କବାଦୀମାନେ ଇସ୍ରାଏଲରୁ ପ୍ରାୟ ୨୪୦ ଜଣଙ୍କୁ ଅପହରଣ କରି ପଣବନ୍ଦୀ ରଖିଥିଲେ। ସେମାନେ ୪ ଜଣଙ୍କୁ ଛାଡ଼ିଦେଇଥିବାବେଳେ କାତାର, ଇଜିପ୍ଟ ଓ ଆମେରିକାର ମଧ୍ୟସ୍ଥତାରେ ସନ୍ଧି ପରେ ୧୩ ଇସ୍ରାଏଲୀ ଓ ଅନ୍ୟ ଦେଶର ୧୧ ପଣବନ୍ଦୀଙ୍କୁ ହମାସ୍ ଶୁକ୍ରବାର ମୁକ୍ତ କରିଥିଲା। ଏହା ବଦଳରେ ଇସ୍ରାଏଲ ମଧ ନିଜ ଜେଲରୁ ୧୫୦ ପାଲେଷ୍ଟିନୀୟଙ୍କୁ ମୁକ୍ତ କରିଛି।




## ସ୍ଥାୟୀ ଯୁଦ୍ଧବିରତି ପାଇଁ ଲଣ୍ଡନରେ ବିଶାଳ ରାଲି

**ଲଣ୍ଡନ,୨୫।୧୧**

ଗାଜାରେ ସ୍ଥାୟୀ ଯୁଦ୍ଧବିରତି ଦାବିରେ ପାଲେଷ୍ଟାଇନ୍ ସପକ୍ଷବାଦୀମାନେ ଶନିବାର କେନ୍ଦ୍ରୀୟ ଲଣ୍ଡନ ସହର ରାଜରାସ୍ତାରେ ବିଶାଳ ରାଲି କରିଛନ୍ତି। ଏଥିରେ ଲକ୍ଷାଧିକ ବିକ୍ଷୋଭକାରୀ ସାମିଲ ହୋଇଥିଲେ। ଜାତିବାଦ ଘୃଣା ବଢ଼ାଇବା ସନ୍ଦେହରେ ଜଣେ ବିକ୍ଷୋଭକାରୀଙ୍କୁ ଗିରଫ କରାଯାଇଛି। ସେ ଧରିଥିବା ପ୍ଲାକାର୍ଡରେ ନାଜି ପ୍ରତୀକ ଥିଲା ବୋଲି ମେଟ୍ରୋପଲିଟାନ୍ ପୋଲିସ କହିଛି। ଗତ ମାସରୁ ଇସ୍ରାଏଲ୍-ହମାସ୍ ଯୁଦ୍ଧ ଲାଗିରହିଥିବାବେଳେ ଏହାକୁ ବନ୍ଦ କରିବା ଦାବିରେ ବ୍ରିଟେନ୍ ରାଜଧାନୀରେ ପ୍ରତି ସପ୍ତାହାନ୍ତରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି। ତେବେ କେନ୍ଦ୍ରୀୟ ଲଣ୍ଡନ୍‌ର ହ୍ୱାଇଟ୍ ହଲ୍‌ଠାରେ ଶେଷ ହୋଇଥିବା ଶନିବାରର ଏହି ନ୍ୟାଶନାଲ ମାର୍ଚ୍ଚ ସବୁଠୁ ବଡ଼ ବିକ୍ଷୋଭ ଥିଲା। ଜାତିଆଣ ହିଂସା ବଢ଼ାଇବାକୁ ଉଦ୍ୟମ କଲେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୋଲିସ ଲିଫ୍‌ଲେଟ୍ ଜରିଆରେ ଲୋକଙ୍କୁ ସତର୍କ କରାଇଥିଲା। କୌଣସି ନିରୀହ ଲୋକଙ୍କୁ ହତ୍ୟା କିମ୍ବା ଅପହରଣ ଭଳି ଆତଙ୍କବାଦୀ କାର୍ଯ୍ୟର ପ୍ରୋତ୍ସାହନ କିମ୍ବା ଉତ୍ସବ ମନାଇବାକୁ ବରଦାସ୍ତ କରାଯିବ ନାହିଁ ବୋଲି ଡେପୁଟି ଆସିଷ୍ଟାଣ୍ଟ ପୋଲିସ କମିଶନର କହିଛନ୍ତି।

## ୨ ଶରଣାର୍ଥୀଙ୍କୁ ଇନ୍‌ଫର୍ମର କହି ହତ୍ୟା

ୱେଷ୍ଟବ୍ୟାଙ୍କର ଏକ ଶରଣାର୍ଥୀ ଶିବିରରେ ପାଲେଷ୍ଟିନୀୟ ଆତଙ୍କବାଦୀମାନେ ୨ ଜଣଙ୍କୁ ଇସ୍ରାଏଲୀ ଇନ୍‌ଫର୍ମର ସନ୍ଦେହରେ ଶନିବାର ଗୁଳିକରି ହତ୍ୟା କରିଛନ୍ତି। ପରେ ଉତ୍ୟକ୍ତ ଲୋକେ ଶରଣାର୍ଥୀ ଦ୍ୱୟଙ୍କ ମୃତଦେହକୁ ଗୋଇଠା ମାରି ଘୋଷାଡ଼ି ନେଇ ବିଦ୍ୟୁତ୍ ଖୁଣ୍ଟରେ ବାନ୍ଧିବାକୁ ଉଦ୍ୟମ କରିଥିଲେ, ଯାହାର ଦୃଶ୍ୟ ଭାଇରାଲ ହୋଇଛି।

## ତେଜସ୍‌ରେ ଉଡ଼ିଲେ ମୋଦି

**ବେଙ୍ଗାଲୁରୁ,୨୫।୧୧**



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର ତେଜସ୍ ପ୍ରଶିକ୍ଷଣ ବିମାନରେ ଉଡ଼ିଛନ୍ତି। ହାଲୁକା ଲଢୁଆ ବିମାନ (ଏଲ୍‌ସିଏ)ରେ ଉଡ଼ିବାରେ ମୋଦି ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ। ଏହା ଏକ ଅବିଶ୍ୱସନୀୟ ଅଭିଜ୍ଞତା ଏବଂ ଆମ ଦେଶର ସ୍ୱଦେଶୀ ସାମର୍ଥ୍ୟ ଉପରେ ଆତ୍ମବିଶ୍ୱାସକୁ ବଢ଼ାଇଛି। ଏହା ତାଙ୍କୁ ଜାତୀୟ ସାମର୍ଥ୍ୟ ଉପରେ ଗର୍ବ ଓ ଆଶାର ନୂଆ ଅନୁଭୂତି ଦେଲା ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

ମୋଦି ଶନିବାର ରାଷ୍ଟ୍ରାୟତ୍ତ ପ୍ରତିରକ୍ଷା ଉଦ୍ୟୋଗ ହିନ୍ଦୁସ୍ଥାନ ଏରୋନଟିକ୍ସ ଲିମିଟେଡ୍(ଏଚ୍‌ଏଏଲ୍)ର ବେଙ୍ଗାଲୁରୁ କମ୍ପ୍ଲେକ୍ସରେ ପହଞ୍ଚି ଉକ୍ତ ସଂସ୍ଥା ଓ ଏହାର କର୍ମଚାରୀମାନଙ୍କ ଉଦ୍ୟମକୁ ଉଚ୍ଚ ପ୍ରଶଂସା କରିଥିଲେ। ପ୍ରତିରକ୍ଷା ଗବେଷଣା ଓ ବିକାଶ ସଂଗଠନ (ଡିଆର୍‌ଡିଓ)ର ବେଙ୍ଗାଲୁରୁସ୍ଥିତ ଏରୋନଟିକ୍ସ ଡେଭେଲପମେଣ୍ଟ ଏଜେନ୍ସି (ଏଡିଏ) ଲାବ୍ ତେଜସ୍ ହାଲୁକା ଲଢୁଆ ବିମାନର ଡିଜାଇନ୍ କରିଥିବାବେଳେ ଏଚ୍‌ଏଏଲ୍ ଏହାର ନିର୍ମାଣ କରିଛି। ଆଉ ୯୭ଟି ତେଜସ୍ କିଣିବା ପାଇଁ ପ୍ରତିରକ୍ଷା ସରଞ୍ଜାମ ଅଧିଗ୍ରହଣ ପରିଷଦ ଅନୁମୋଦନ କରିବା ଆଶା କରାଯାଉଛି। ବର୍ତ୍ତମାନ ସୁଦ୍ଧା ସୈନ୍ୟବାହିନୀ ପାଖରେ ଥିବା ୪୦ ତେଜସ୍ ଏମ୍‌କେ୧ ବିମାନ ମଧ୍ୟରୁ ୭ଟିକୁ ପ୍ରଶିକ୍ଷଣ ବିମାନ ଭାବେ ବ୍ୟବହାର କରାଯାଉଛି। ଗତ ଅକ୍ଟୋବରରେ ବାୟୁସେନାକୁ ପ୍ରଥମ ଦୁଇ ଆସନ ବିଶିଷ୍ଟ ପ୍ରଶିକ୍ଷଣ ବିମାନ ଭାରିଆଣ୍ଟ ପ୍ରଦାନ କରାଯାଇଥିଲା। ଆଉ ୬ଟି ଟ୍ରେନର ଏବଂ ୮୩ ଏଲ୍‌ସିଏ-ଏମ୍‌କେ୧ଏ ଭାରିଆଣ୍ଟ ଖୁବ୍‌ଶୀଘ୍ର ବାୟୁସେନାକୁ ହସ୍ତାନ୍ତର କରାଯିବ।

ଅନ୍ୟପକ୍ଷରେ ପ୍ରଧାନମନ୍ତ୍ରୀଙ୍କ ତେଜସ୍ ଉଡ଼ାଣକୁ ନେଇ କଂଗ୍ରେସ ତାଚ୍ଛଲ୍ୟ କରିଛି। ନିର୍ବାଚନ ପୂର୍ବରୁ ଏଭଳି ଫଟୋ ଶୁଟ୍ କରିବାରେ ମୋଦି ମାଷ୍ଟର। ପୂର୍ବରୁ ସେ ଏଭଳି ଅନେକ ଉଦ୍ୟମ କରିଥିବା ସମସ୍ତେ ଜାଣନ୍ତି ବୋଲି ବିରୋଧୀ ଦଳ କହିଛି।

## ବଦଳିଛି ଦେଶର ସୁରକ୍ଷା ଭିତ୍ତିଭୂମି

**ନୂଆଦିଲ୍ଲୀ,୨୫।୧୧**

### ୨୬/୧୧ ଆକ୍ରମଣକୁ ୧୫ ବର୍ଷ



୯/୧୧ ଆକ୍ରମଣ ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକୁ ବୈଶ୍ୱିକ ଆତଙ୍କବାଦର ବିପଦକୁ ନେଇ ଜାଗ୍ରତ କରିଥିବାବେଳେ ୨୬/୧୧ ମୁମ୍ବାଇ ଆତଙ୍କବାଦୀ ଆକ୍ରମଣ ଘଟଣା ଭାରତର ସୁରକ୍ଷା ଚିନ୍ତା ବଢ଼ାଇଥିଲା। ପାକିସ୍ତାନରୁ ସମୁଦ୍ର ପଥରେ ଆସିଥିବା ଆତଙ୍କବାଦୀ ଏକସଙ୍ଗେ ମୁମ୍ବାଇ ମହାନଗରୀରର ବିଭିନ୍ନ ସ୍ଥାନରେ ଆକ୍ରମଣ କରି ୧୬୬ ଜଣଙ୍କୁ ହତ୍ୟା କରିବା ସହ ଅନେକେ ଆହତ ହୋଇଥିଲେ। ଏଭଳି ଅତର୍କିତ ତଥା ବଡ଼ ଆକ୍ରମଣର ମୁକାବିଲା ଲାଗି ଭାରତ ଉପଯୁକ୍ତ ପ୍ରସ୍ତୁତ ନ ଥିବା ଉକ୍ତ ଆକ୍ରମଣ ପ୍ରମାଣିତ କରିଦେଇଥିଲା। ୧୦ ଲଶ୍କର ଆତଙ୍କବାଦୀ କରାଚୀରୁ ମାଛଧରା ବୋଟ୍‌ରେ ଆସି ମୁମ୍ବାଇରେ ୪ ଦିନ ଧରି ଲଗାତର ଆକ୍ରମଣ ଜାରି ରଖିଥିଲେ। ଫଳରେ ଭାରତୀୟ ତଟସୁରକ୍ଷାରେ ଢିଲା ଏବଂ ଆଭ୍ୟନ୍ତରୀଣ ସୁରକ୍ଷାରେ ତ୍ରୁଟି ପଦାରେ ପଡ଼ିଯାଇଥିଲା। ଆତଙ୍କବାଦ ମୁକାବିଲା ଭିତ୍ତିଭୂମି ଏବଂ ସ୍ଥାନୀୟ ପୋଲିସ ପର୍ଯ୍ୟାପ୍ତ ନ ଥିବା ସ୍ପଷ୍ଟ ହୋଇଥିଲା।

ଏହି ଆକ୍ରମଣ ପରେ ସରକାର ଦେଶର ସୁରକ୍ଷା ଭିତ୍ତିଭୂମି ବଢ଼ାଇବା ପାଇଁ କେତେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଥିଲେ। ଫଳରେ ସାମୁଦ୍ରିକ ସୁରକ୍ଷାକୁ ଜୋର୍‌ଦାର କରାଯିବା ସହ ଗୋଇନ୍ଦା ବ୍ୟବସ୍ଥାରେ ରହିଥିବା ତ୍ରୁଟି ସୁଧାରିବାକୁ ପଦକ୍ଷେପ ନିଆଯାଇଥିଲା। ଆତଙ୍କବାଦର ବିଲୋପ ପାଇଁ ଦେଶର ଆଇନକୁ କଡ଼ାକଡ଼ି କରାଯିବା ସହ ଆତଙ୍କବାଦୀ ମାମଲାର ତଦନ୍ତ ପାଇଁ ସ୍ୱତନ୍ତ୍ର ସଂସ୍ଥା ଗଠନ କରାଯାଇଥିଲା। ୨୬/୧୧ ଆକ୍ରମଣ ପରେ ସାମୁଦ୍ରିକ ସୁରକ୍ଷାର ସମ୍ପୂର୍ଣ୍ଣ ଦାୟିତ୍ୱ ନୌସେନାକୁ ହସ୍ତାନ୍ତର କରାଯାଇଥିବାବେଳେ ତଟସୁରକ୍ଷା ବାହିନୀକୁ ଆଞ୍ଚଳିକ ଜଳରାଶିର ସୁରକ୍ଷା ଏବଂ ଉପକୂଳରେ ନବନିର୍ମିତ ଶତାଧିକ ନୂଆ ମେରାଇନ୍ ଥାନା ସହ ଯୋଗାଯୋଗ ଦାୟିତ୍ୱ ଦିଆଯାଇଥିଲା। ସେହିପରି ୨୦ ମିଟରରୁ ଅଧିକ ଲମ୍ବା ବୋଟ ଓ ଜାହାଜଗୁଡ଼ିକରେ ସ୍ୱତଃ ଚିହ୍ନଟ ବ୍ୟବସ୍ଥା (ଏଆଇଏସ୍)କୁ ବାଧ୍ୟତାମୂଳକ କରାଯାଇଥିଲା। ଯାହା ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଥିବା ସମସ୍ତ ଦୃଶ୍ୟକୁ ଚିହ୍ନଟ କରିବା ସହ ଅନ୍ୟାନ୍ୟ ସୂଚନା ଦେବ। ସେହିପରି ୩୦୦ ଟନ୍‌ରୁ ଅଧିକ କ୍ଷମତା ବିଶିଷ୍ଟ ଜାହାଜ ପାଇଁ ଅନ୍ତର୍ଜାତୀୟ ନିୟମରେ ଏଆଇଏସ୍‌କୁ ବାଧ୍ୟତାମୂଳକ କରାଯାଇଥିଲା।

ଗୋଇନ୍ଦା ବ୍ୟୁରୋ (ଆଇବି)ର ମଲ୍ଟି ଏଜେନ୍ସି ସେଣ୍ଟର (ଏମ୍‌ଏସି)ର ସାମର୍ଥ୍ୟ ବଢ଼ାଇବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। କେନ୍ଦ୍ରୀୟ ସଂସ୍ଥା, ସୁରକ୍ଷା ବଳ ଏବଂ ରାଜ୍ୟ ପୋଲିସ ସହ ସୂଚନା ଆଦାନପ୍ରଦାନକୁ ସମନ୍ୱିତ କରିବା ଏହାର ପ୍ରାଥମିକ କାର୍ଯ୍ୟ। ସବୁବେଳେ ତଥ୍ୟ ଆଦାନପ୍ରଦାନ ସହ ଏହାର ସମୀକ୍ଷା ପାଇଁ ନିୟମିତ ବୈଠକକୁ ବାଧ୍ୟତାମୂଳକ କରାଯାଇଥିଲା। କେବଳ ସେତିକି ନୁହେଁ, ବେଆଇନ କାର୍ଯ୍ୟକଳାପ ପ୍ରତିକାର ଆଇନ (ୟୁଏପିଏ)ରେ ସଂଶୋଧନ କରାଯାଇ ସେଥିରେ ଆତଙ୍କବାଦର ସଂଜ୍ଞାକୁ ବିସ୍ତୃତ କରାଯାଇଥିଲା। ଦେଶରେ ପ୍ରଥମ ବାସ୍ତବ ସଂଘୀୟ ତଦନ୍ତକାରୀ ସଂସ୍ଥା ଗଠନ ନିମନ୍ତେ ପାର୍ଲାମେଣ୍ଟରେ ନ୍ୟାଶନାଲ ଇନ୍‌ଭେଷ୍ଟିଗେଶନ ଏଜେନ୍ସି (ଏନ୍‌ଆଇଏ) ଆଇନ ଗୃହୀତ ହୋଇଥିଲା।

## ସଂକ୍ଷେପରେ

### ବାରଙ୍ଗ କଲେଜରେ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ

ବାରଙ୍ଗ,୨୫।୧୧(ଲିଙ୍ଗରାଜ ରାଉତ)

ଓଡ଼ିଶା ସରକାରଙ୍କ ଯୁବ ବିକାଶ ଓ କ୍ରୀଡ଼ା ମନ୍ତ୍ରଣାଳୟ ଦ୍ୱାରା କଲେଜ ଛାତ୍ରୀଛାତ୍ରଙ୍କ ସର୍ବାଙ୍ଗୀନ ଉନ୍ନତି ନିମନ୍ତେ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ବାରଙ୍ଗ କୁଞ୍ଜବିହାରୀ ମହାବିଦ୍ୟାଳୟରେ ଉଦ୍‌ଘାଟିତ ହୋଇଯାଇଛି। ଦୀର୍ଘ ମାସେ ଧରି ଛାତ୍ରୀଛାତ୍ରଙ୍କୁ ନେଇ ଚାଲିବାକୁ ଥିବା ଏହି କାର୍ଯ୍ୟକ୍ରମକୁ ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। କଲେଜ ଅଧ୍ୟକ୍ଷ ପ୍ରତାପ ସ୍ୱାଇଁ ଏଥିରେ ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମରେ ବିଜେଡି ନେତା ନିର୍ମଳ ରାଉତ, ଜନକ ମାଝୀ ଅତିଥି ଭାବେ ଉପସ୍ଥିତ ଥିଲେ। ରାଜନୀତି ବିଜ୍ଞାନର ପ୍ରାଧ୍ୟାପକ ଡ. ସନ୍ତୋଷ ମିଶ୍ର ସଂଯୋଜନା କରିଥିଲେ। ଉଦ୍‌ଘାଟନୀ ଦିବସର ପ୍ରଥମ ଦିନରେ ସୃଜନଶୀଳ ଲେଖନୀ ଓ ଓଡ଼ିଆ ତର୍କ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ର ଏବଂ ଅଧ୍ୟାପିକା, ଅଧ୍ୟାପକ ଓ ଅନ୍ୟ କର୍ମଚାରୀ ଯୋଗଦେଇଥିଲେ। ସୂର୍ଯ୍ୟକାନ୍ତ ପଣ୍ଡା ଧନ୍ୟବାଦ ଦେଇଥିଲେ।

# ଏଥର ଭୁବନେଶ୍ୱର ବାଲିଯାତ୍ରାରେ ୯୦୦ଷ୍ଟଲ

■ ଭିଡ଼ ନିୟନ୍ତ୍ରଣକୁ ଗୁରୁତ୍ୱ
■ ସାଂସ୍କୃତିକ କାର୍ଯ୍ୟକ୍ରମ, ମୀନାବଜାର ଓ ବାଣିଜ୍ୟମେଳା

ଭୁବନେଶ୍ୱର,୨୫।୧୧(ଶର୍ମିଷ୍ଠା ପାଣିଗ୍ରାହୀ)

କାର୍ତ୍ତିକ ପୂର୍ଣ୍ଣିମାଠାରୁ ଆରମ୍ଭ ହେବ ଭୁବନେଶ୍ୱର ବାଲିଯାତ୍ରା। ଏହି ପରିପ୍ରେକ୍ଷୀରେ ଶନିବାର ବାଲିଯାତ୍ରା ପଡ଼ିଆଠାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସମ୍ପୂର୍ଣ୍ଣ ଆୟୋଜନ ସମ୍ପର୍କରେ ସୂଚନା ଦିଆଯାଇଛି। ଚଳିତ ବର୍ଷ ୯୦୦ରୁ ଊର୍ଦ୍ଧ୍ୱ ଷ୍ଟଲ୍ ପଡିବ। ସୋମବାର ସକାଳେ ବୋଇତ ବନ୍ଦାଣ କାର୍ଯ୍ୟକ୍ରମ ହେବ। ସଭାପତି ତଥା ବିଧାୟକ ସୁଶାନ୍ତ କୁମାର ରାଉତ, ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଓ ଅଶ୍ୱିନୀ ପାତ୍ର ଉପସ୍ଥିତ ରହିବେ। ଜନଗହଳି ଓ ଯାତାୟାତ ନିୟନ୍ତ୍ରଣ ସହ ଏକ ଭିଡ଼ମୁକ୍ତ ବାଲିଯାତ୍ରା ପାଇଁ ପାର୍କ ବ୍ୟବସ୍ଥାକୁ ବିଶେଷ ଗୁରୁତ୍ୱ ଦିଆଯାଇଛି। ହାଇଟେକ ପଟୁ ଆସୁଥିବା ଯାତ୍ରୀ ଏସ୍‌କେପ୍ ଗଡ଼ାର ଦକ୍ଷିଣ ପାର୍ଶ୍ୱରେ ପାର୍କିଂ କରିବେ। ପଟିଆ ପଟୁ ଆସିଥିବା ଯାତ୍ରୀମାନେ ୧୯ଗୁଣ୍ଠ ପଡ଼ିଆରେ ଓ ବାରଙ୍ଗ, କଟକ, ନଗରୀ, ଗଣ୍ଡରପୁର ପଟୁ ଆସୁଥିବ ଯାତ୍ରୀ ପ୍ରଭୁ ଲକ୍ଷେଶ୍ୱର ମହାଦେବ ପ୍ରାଙ୍ଗଣ ଓ ଚନ୍ଦନ ତୋଟାରେ ପାର୍କିଂ କରିବେ। ଲୋକଙ୍କ ସୁବିଧା ପାଇଁ ବାଲିଯାତ୍ରାରେ ମେଡିକାଲ, ଅଗ୍ନିଶମ, ପାଣି, ବାୟୋଟଏଲେଟ୍, ବ୍ୟାଟେରି ଭେଇକିଲ୍, ସ୍ୱେଚ୍ଛାସେବୀ, ପୋଲିସ ମିତ୍ର ଆଦି ସେବା ଯୋଗାଇ ଦିଆଯିବ। କମିଶନରେଟ୍ ପୋଲିସ ପକ୍ଷରୁ ଆବଶ୍ୟକ ଟ୍ରାଫିକ ପୋଲିସ, ରିଜର୍ଭ ପୋଲିସ, ସଶସ୍ତ୍ର ପୋଲିସ ଅଫିସର ମଧ୍ୟ ନିୟୋଜନ କରାଯିବ। ସମ୍ପୂର୍ଣ୍ଣ ପଡ଼ିଆକୁ ସିସିଟିଭି ନଜରରେ ରଖାଯିବ। ରାସ୍ତା, ପଡ଼ିଆ ଆଲୋକୀକରଣ କରାଯାଉଛି। ସ୍ଥାନୀୟ ଲୋକଙ୍କ ଯିବାଆସିବା ପାଇଁ ଛୋଟ ଗାଡ଼ିର ବ୍ୟବସ୍ଥା ମଧ୍ୟ ରହିଛି। ୩୦୦ ସ୍ୱେଚ୍ଛାସେବୀ, ୧୦୦ ପୋଲିସ ମିତ୍ର ରହିବେ। ସେହିପରି ପ୍ରତ୍ୟେକ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଉଛି। ଏଥିସହ ବାଣିଜ୍ୟ ମେଳା ଓ ମିନାବଜାର ମଧ୍ୟ ପଡ଼ିବ ବୋଲି ସୂଚନା ଦିଆଯାଇଛି।

# ଜୟନ୍ତ ମହାପାତ୍ର ଭାରତୀୟ ଇଂରାଜୀ କବିତା ଜଗତର 'ଆଲୋକ ବର୍ତ୍ତିକା'



ସାହିତ୍ୟ ଉତ୍ସବର ଶ୍ରଦ୍ଧାଞ୍ଜଳି ଅଧିବେଶନରେ ଉପସ୍ଥିତ ଅତିଥି।

ଭୁବନେଶ୍ୱର, ୨୫।୧୧(ଅସମାପିକା ସାହୁ)

**ସୋଆ ସାହିତ୍ୟ ଉତ୍ସବ**

ସୋଆ ସାହିତ୍ୟ ଉତ୍ସବର ଦ୍ୱିତୀୟ ଦିବସରେ ବିଖ୍ୟାତ ଭାରତୀୟ ଇଂରାଜୀ କବି ଦିବଙ୍ଗତ ଜୟନ୍ତ ମହାପାତ୍ରଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଏହି ଅଧିବେଶନରେ ବିଶିଷ୍ଟ କବି ସ୍ୱାକ୍ରିତା ପଲ୍ କୁମାର ଅଧ୍ୟକ୍ଷତା କରି କହିଥିଲେ, ଜୟନ୍ତ ମହାପାତ୍ର ତାଙ୍କ ପଛରେ ସାହିତ୍ୟର ଏକ ବିଶାଳ ଧାରା ଛାଡ଼ି ଚାଲି ଯାଇଛନ୍ତି। ଆରମ୍ଭରେ ତାଙ୍କ ଲେଖାକୁ ଭାରତରେ ଉପଯୁକ୍ତ ଗୁରୁତ୍ୱ ଦିଆଯାଇନଥିଲା। ମାତ୍ର ପଶ୍ଚିମ ଦେଶଗୁଡ଼ିକରେ ତାଙ୍କ କାର୍ଯ୍ୟର ଅନେକ ପ୍ରଶଂସା କରାଯିବା ପରେ ସେ ଉପଯୁକ୍ତ ସମ୍ମାନ ପାଇଥିଲେ। ସେ ଭାରତୀୟ ଇଂରାଜୀ କବିତା ଜଗତର 'ଆଲୋକ ବର୍ତ୍ତିକା' ଥିଲେ ବୋଲି ସ୍ୱାକ୍ରିତା କହିଥିଲେ। ଏହି ସ୍ୱତନ୍ତ୍ର ସ୍ମୃତିଚାରଣ ଓ ଶ୍ରଦ୍ଧାଞ୍ଜଳି ଅଧିବେଶନରେ ବିଶିଷ୍ଟ କବି ପ୍ରଫେସର ଅଶ୍ୱିନୀ କୁମାର, ଦୁର୍ଗା ପ୍ରସାଦ ପଣ୍ଡା, ନଳିନ କୁମାର ଓ ବିପିନ ସାମନ୍ତରାୟ ଦିବଙ୍ଗତ ଜୟନ୍ତ ମହାପାତ୍ରଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ସହ ତାଙ୍କୁ ଭାରତୀୟ ସାହିତ୍ୟର 'କିମ୍ବଦନ୍ତୀ' ଭାବେ ବର୍ଣ୍ଣନା କରିଥିଲେ। ଏହି ଅବସରରେ ଆସାମୀ କବି ନଳିନ କୁମାର ତାଙ୍କର ଏକ ଓଡ଼ିଆ କବିତା ପାଠ କରିଥିଲେ ଓ ତାହାର ଇଂରାଜୀ ଅନୁବାଦ ପ୍ରଫେସର ଅଶ୍ୱିନୀ କୁମାରଙ୍କ ଦ୍ୱାରା ପାଠ କରାଯାଇଥିଲା। ଶୁକ୍ରବାର ଆରମ୍ଭ ହୋଇଥିବା ଏହି ତିନି ଦିନିଆ ସାହିତ୍ୟ ଉତ୍ସବରେ ସାରା ଭାରତରୁ ୨୫୦ଜଣ ବିଶିଷ୍ଟ ଲେଖକ, କବି, ଔପନ୍ୟାସିକ, ସମାଲୋଚକ, ଐତିହାସିକ ଓ କଳାକାର ଯୋଗ ଦେଇଛନ୍ତି।

# 'ପ୍ରଶ୍ୱାସରେ ସ୍ୱଚ୍ଛ ବାୟୁ ଗ୍ରହଣ ଶିଶୁଙ୍କ ଅଧିକାର'



ସୁଇଚ୍‌ଅନ୍ ଫାଉଣ୍ଡେଶନ ପକ୍ଷରୁ ଭରତପୁରଠାରେ ଅନୁଷ୍ଠିତ ସଚେତନତା ଶୋଭାଯାତ୍ରା।

ଭୁବନେଶ୍ୱର,୨୫।୧୧(ଅନୁରାଧା ମହାରଣା)

ପିଲାମାନଙ୍କ ଉପରେ ବାୟୁ ପ୍ରଦୂଷଣର କ୍ଷତିକାରକ ପ୍ରଭାବ, ମୃତ୍ୟୁ ହାରରେ ବୃଦ୍ଧି ଏବଂ ସ୍ୱାସ୍ଥ୍ୟ ସମସ୍ୟା ଚିନ୍ତାର ବିଷୟ ପାଲଟିଛି। ଭୁବନେଶ୍ୱରର ପ୍ରାୟ ୩୦୦ରୁ ଅଧିକ ପିଲା ଶିଶୁ ଅଧିକାର ସପ୍ତାହ ପାଳନରେ ସ୍ୱଚ୍ଛ ବାୟୁ ପ୍ରଶ୍ୱାସ ନେବାର ଅଧିକାର ପାଇଁ ରାଜରାସ୍ତାରେ ପଦଯାତ୍ରା କରିଛନ୍ତି। ଏହି ଅବସରରେ ବିଏମ୍‌ସି ଡେପୁଟି ମେୟର ମଞ୍ଜୁଲତା କହଁର କହିଛନ୍ତି, ସୁସ୍ଥ ଭବିଷ୍ୟତ ପାଇଁ ଶିଶୁଙ୍କ ଅଧିକାରକୁ ପ୍ରାଥମିକତା ଦିଆଯିବା ଆବଶ୍ୟକ। ସୁଇଚ୍ ଅନ୍ ଫାଉଣ୍ଡେଶନର ପରିଚାଳନା ନିର୍ଦ୍ଦେଶକ ବିନୟ ଜାଜୁ କହିଛନ୍ତି, ଏହି ଶିଶୁ ପିଢ଼ି ବିପଦରେ ଅଛନ୍ତି, ଶିଶୁ ଏବଂ ଯୁବକମାନଙ୍କ ସହ ଆମର ଏକ ସର୍ଭେରୁ ଜଣାପଡ଼ିଛି ଯେ ସେମାନେ ବାୟୁ ପ୍ରଦୂଷଣକୁ ନେଇ ଗଭୀର ଭାବରେ ଚିନ୍ତିତ। ସମାଧାନ ଆମ ସାମ୍ନାରେ ଅଛି। ୟୁନିସେଫ୍ ପରି ବିଶ୍ୱସ୍ତରୀୟ ସଂସ୍ଥା ମଧ୍ୟ ପୂର୍ବାନୁମାନ କରିଛନ୍ତି ଯେ ୨୦୫୦ସୁଦ୍ଧା ବାୟୁ ପ୍ରଦୂଷଣ ଶିଶୁ ମୃତ୍ୟୁହାରର ମୁଖ୍ୟ କାରଣ ହେବ। ତଥାପି ସମସ୍ତ ପିଲାଙ୍କୁ ନିର୍ମଳ ବାୟୁ ପ୍ରଶ୍ୱାସ ନେବାକୁ ଅଧିକାର ରହିବା ଉଚିତ୍।

ସୂଚନା ଥାଉକି, ଓଡ଼ିଶାରେ ବାୟୁ ଗୁଣବତ୍ତା ବିଷୟରେ ଶିଶୁ ଏବଂ ଯୁବ ଧାରଣା ଉପରେ ସୁଇଚ୍ ଅନ୍ ଫାଉଣ୍ଡେଶନ ଦ୍ୱାରା ଏକ ସର୍ଭେ କରାଯାଇଥିଲା। ବାୟୁ ପ୍ରଦୂଷଣ ବିଷୟରେ ସେମାନଙ୍କ ଧାରଣା ଆକଳନ କରିବାକୁ ମୋଟ ୧୭୯ ଯୁବକଙ୍କ ମଧ୍ୟରେ ଏହି ସର୍ଭେ କରାଯାଇଥିଲା। ଅଧ୍ୟୟନରୁ ଜଣାପଡ଼ିଛି ଯେ ୯୭ ପ୍ରତିଶତ ଶିଶୁ ଏବଂ ଯୁବକ ବିଶ୍ୱାସ କରନ୍ତି ଯେ ବାୟୁ ପ୍ରଦୂଷଣ ମାନବ ସ୍ୱାସ୍ଥ୍ୟ ପାଇଁ ଏକ ବଡ଼ ବିପଦ। କେୟାର ହସ୍ପିଟାଲର ଶିଶୁ ବିଶେଷଜ୍ଞ ଡାକ୍ତର ମମତା ପଣ୍ଡା କହିଛନ୍ତି, ସୂକ୍ଷ୍ମ ଏବଂ ଅତି ସୂକ୍ଷ୍ମ କ୍ଷୁଦ୍ର କଣିକାଗୁଡ଼ିକ ଗର୍ଭାଶୟ ନଳୀରେ ରକ୍ତବାହୀ ମାଧ୍ୟମରେ ସିଧାସଳଖ ଗତି କରି ଗର୍ଭସ୍ଥ ଶିଶୁକୁ (ଗର୍ଭାଶୟ ଶିଶୁକୁ) ପ୍ରଭାବିତ କରିପାରେ ଏବଂ ଏହା ଏକ ସିଷ୍ଟମିକ ପ୍ରଦାହ ସୃଷ୍ଟି କରିଥାଏ ଯାହା ଅଙ୍ଗର ବିକାଶ ତଥା ଭ୍ରୂଣ ରୋଗ ପ୍ରତିରୋଧକ ଶକ୍ତି ଉପରେ ପ୍ରଭାବ ପକାଇଥାଏ। ଭୁବନେଶ୍ୱରର ତପୋବନ ହାଇସ୍କୁଲର ଶିକ୍ଷକ ବିନୋଦିନୀ ମଲ୍ଲିକ କହିଛନ୍ତି, ଆମର ପିଲାମାନେ ଆମ ଭବିଷ୍ୟତର ଅସ୍ତିତ୍ୱ ଏବଂ ବାୟୁ ପ୍ରଦୂଷଣ ବିରୋଧରେ କାର୍ଯ୍ୟ କରିବା ପାଇଁ ସେମାନଙ୍କ ଆବେଦନ ଶୁଣିବା ଆମ ପରି ବୟସ୍କମାନଙ୍କର ଦାୟିତ୍ୱ। ରୁଚିକା ସାମାଜିକ ସେବା ସଂଗଠନର ସିଇଓ ବେଣୁଧର ସେନାପତି କହିଛନ୍ତି, ଜଳବାୟୁ ସଙ୍କଟ କିପରି ମାନବ ସମାଜକୁ ଚକିତ କରିଚାଲିଛି ତାହାର ଅନ୍ୟତମ ଦୃଶ୍ୟ ହେଉଛି ବାୟୁ ପ୍ରଦୂଷଣ। ପିଲାଙ୍କ ପାଇଁ ସ୍ୱଚ୍ଛ ବାୟୁ ଗ୍ରହଣ ଅଧିକାର ଦିଗରେ ସଂଗଠନ ସର୍ବଦା ତତ୍ପର ଥିବା କହିଛନ୍ତି। ଆୟୋଜିତ ପଦଯାତ୍ରା ବିଜୁନଗର ଛକରୁ ଆରମ୍ଭ ହୋଇ ଚନ୍ଦେଶ୍ୱର ଛକରେ ଶେଷ ହୋଇଥିଲା।

# ଏକାମ୍ର କ୍ଷେତ୍ରରେ ଶିବ ପୁରାଣ କଥା

ପୁରୁଣା ଭୁବନେଶ୍ୱର,୨୫।୧୧ (ସୁବାସ ଚନ୍ଦ୍ର ପ୍ରଧାନ)

ଭୁବନେଶ୍ୱର ସାଂସ୍କୃତିକ ପରିଷଦ ଆନୁକୂଲ୍ୟରେ ଲିଙ୍ଗରାଜ ମନ୍ଦିର ସମ୍ମୁଖରେ ପଣ୍ଡିତ ଅଶୋକ ଭରଦ୍ୱାଜ ମହାରାଜଙ୍କ ପ୍ରବଚକ ମଣ୍ଡଳୀ ଦ୍ୱାରା 'ଶିବ ପୁରାଣ କଥା'ପ୍ରବଚନ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏହାକୁ ଶନିବାର ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଉଦ୍‌ଘାଟନ କରିଛନ୍ତି। କାର୍ତ୍ତିକ ମାସରେ ଲିଙ୍ଗରାଜ ମନ୍ଦିରକୁ ଆସୁଥିବା ଶ୍ରଦ୍ଧାଳୁ କାର୍ଯ୍ୟକ୍ରମକୁ ଉପଲବ୍ଧ କରିବା ସହ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା। ସ୍ଥାନୀ ଆଞ୍ଚଳର ଲୋକେ ଯୋଗଦେଇ ଜୀବନର ଶାନ୍ତିର ମାର୍ଗ ଓ ପବିତ୍ର କାର୍ତ୍ତିକ ମାସର ମହତ୍ତ୍ୱ ସମ୍ପର୍କରେ ବାଣୀ ଶୁଣିଥିଲେ। ଏହି କାର୍ଯ୍ୟକ୍ରମରେ ବିଧାୟକ ଅନନ୍ତ ନାରାୟଣ ଜେନା, ସୁଶାନ୍ତ କୁମାର ରାଉତ, ମେୟର ସୁଲୋଚନା ଦାସ, ଓଡ଼ିଶା କୋଠାବାଡ଼ି ଓ ଅନ୍ୟାନ୍ୟ ଶ୍ରମିକ କଲ୍ୟାଣ ବୋର୍ଡ ଅଧ୍ୟକ୍ଷା ଶ୍ରୀମୟୀ ମିଶ୍ର, ଡେପୁଟି ମେୟର ମଞ୍ଜୁଲତା କହଁର, କର୍ପୋରେଟର ଚନ୍ଦ୍ର ଶେଖର ମଲ୍ଲିଆ, ଶିବ ପ୍ରସାଦ ବେହେରା, ଶିବ ନାରାୟଣ ରାୟ, ଶ୍ରୀଧର ବେହେରା, ମହାମାୟା ସ୍ୱାଇଁ, ଅନୁଷ୍ଠାନର ସମ୍ପାଦକ ଦୀପକ ମହାପାତ୍ର, ଦାଶରଥି ଗରାବଡ଼ୁ, ସୁରେଶ ବାରିକ, ମନୋଜ ବେହେରା, ପୂର୍ଣ୍ଣେନ୍ଦୁ ପୂଜାପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ଏଆଇପିଏନ୍‌ବିଓଏର କ୍ରୀଡ଼ା ସମ୍ମିଳନୀ


କ୍ରୀଡ଼ା ସମ୍ମିଳନୀରେ ଯୋଗଦେଇଥିବା ଅତିଥିମାନେ।

ଭୁବନେଶ୍ୱର,୨୫।୧୧(ଅନୁରାଧା ମହାରଣା)

ସର୍ବଭାରତୀୟ ପଞ୍ଜାବ ନ୍ୟାଶ୍‌ନାଲ ବ୍ୟାଙ୍କ ଅଧିକାରୀ ସଂଘ (ଏଆଇପିଏନ୍‌ବିଓଏ) ଓଡିଶା ଜୋନ୍‌ର ଚତୁର୍ଥ ବାର୍ଷିକ କ୍ରୀଡା ସମ୍ମିଳନୀ ଭୁବନେଶ୍ୱରର ଓୟୁଏଟି ପରିସରରେ ଶନିବାରଠାରୁ ଆରମ୍ଭ ହୋଇଛି। ଆସନ୍ତା ୨୭ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ସମ୍ମିଳନୀରେ ବ୍ୟାଙ୍କର ଭୁବନେଶ୍ୱର, କଟକ, ସମ୍ବଲପୁର, ବାଲେଶ୍ୱର ଏବଂ ବ୍ରହ୍ମପୁର ଅନ୍ତର୍ଗତ ୫ଟି ସର୍କଲ କାର୍ଯ୍ୟାଳୟର ଅଧିକାରୀମାନେ ଅଂଶଗ୍ରହଣ କରିଛନ୍ତି। ବ୍ୟାଙ୍କ୍‌ର ଭୁବନେଶ୍ୱର ଅଞ୍ଚଳର ଆଞ୍ଚଳିକ ମୁଖ୍ୟ ଏ. ଉଦୟ ଭାସ୍କର ରେଡ୍ଡୀ ଏହି କ୍ରୀଡା ସମ୍ମିଳନୀକୁ ଉଦ୍‌ଘାଟନ କରିଥିଲେ। ଭୁବନେଶ୍ୱର ସର୍କଲ ସେକ୍ରେଟାରି ତଥା ଓଡିଶାର ଆସିଷ୍ଟାଣ୍ଟ ଜେନେରାଲ ସେକ୍ରେଟାରି ତ୍ରୈଲୋଚନ ସାହୁ ଅଂଶଗ୍ରହଣକାରୀ ଓ ଅତିଥିଙ୍କୁ ସ୍ୱାଗତ ଜଣାଇବା ସହ ଆଗାମୀଦିନରେ ଏହି କାର୍ଯ୍ୟକ୍ରମକୁ ନିରବଚ୍ଛିନ୍ନ ଭାବେ ଜାରି ରଖିବାକୁ ସଦସ୍ୟମାନଙ୍କୁ ଅନୁରୋଧ କରିଥିଲେ। ଏହି ଅବସରରେ ବ୍ୟାଙ୍କର ଭୁବନେଶ୍ୱର ସର୍କଲ ମୁଖ୍ୟ ଏଲ୍ .କେ ମିଶ୍ର, କଟକ ସର୍କଲ ମୁଖ୍ୟ ଜଗବନ୍ଧୁ ପାଢୀ, ଭୁବନେଶ୍ୱର ସର୍କଲ ପ୍ରେସିଡେଣ୍ଟ ପ୍ରଫୁଲ୍ଲ ଦଳାଇ, କଟକ ସର୍କଲ ସେକ୍ରେଟାରି ଦୀପକ ପ୍ରଧାନ, ବାଲେଶ୍ୱର ସର୍କଲ ସେକ୍ରେଟାରି ଆକାଶ ଦାସ, ବ୍ରହ୍ମପୁର ସର୍କଲ ସେକ୍ରେଟାରି ପି.ସନ୍ତୋଷ ପାତ୍ର, ସମ୍ବଲପୁର ସର୍କଲ ସେକ୍ରେଟାରି ସୁଜିତ ବେହେରା, ଏଆଇପିଏନ୍‌ବିଓଏର ପୂର୍ବତନ ଅଧ୍ୟକ୍ଷ ପ୍ରମୋଦ ମେକାପ ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ୧୬ଦିବସୀୟ ଲିଙ୍ଗଭିତ୍ତିକ ହିଂସା ବିରୋଧି ଅଭିଯାନର ଶୁଭାରମ୍ଭ

ଭୁବନେଶ୍ୱର,୨୫।୧୧ (ବନ୍ଦନା ସେଠୀ)

ୱାର୍ଡ଼ ନଂ. ୧୩ ଅନ୍ତର୍ଗତ ଶ୍ରୀୟନ ଶ୍ରମିକ ବସ୍ତିଠାରେ ସିସିଡବ୍ଲ୍ୟୁଡ଼ି ଓ ଆକ୍ସନଏଡ଼ ଆସୋସିଏସନ୍‌ର ମିଳିତ ଆନୁକୁଲ୍ୟରେ ୧୬ ଦିବସୀୟ ଲିଙ୍ଗଭିତ୍ତିକ ହିଂସା ବିରୋଧି ଅଭିଯାନର ଶନିବାର ଆରମ୍ଭ ହୋଇଛି। ତୃଣମୂଳ ସ୍ତରରୁ ବ୍ୟାପକ ସଚେତନତା, ପରିବାର ସ୍ତରରୁ ଲିଙ୍ଗଭିକ ହିଂସା ବନ୍ଦ ହେବା ଜରୁରୀ ଓ ସୁରକ୍ଷିତ ସହର ପାଇଁ ଜନ ସଚେତନତାର ଆବଶ୍ୟକତା ରହିଛି ବୋଲି ଅତିଥି ମତ ପ୍ରକାଶ କରିଥିଲେ। ଏଥିରେ କଲ୍ୟାଣୀ ରାଉତ, ସ୍ନିଗ୍ଧା ଦାସ, ରୋଜାଲିନ ବେହେରା ଓ ସ୍ୱପ୍ନାରାଣୀ ପ୍ରଧାନ ନିଜର ବକ୍ତବ୍ୟ ରଖିଥିଲେ। ଅଭିଯାନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଭାସ୍କର ଚନ୍ଦ୍ର ପ୍ରଧାନ ସୂଚନା ପ୍ରଦାନ କରିଥିବାବେଳେ ସରସ୍ୱତୀ ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ଲକି ମହଲା ଓ ସବିତା ରାଉତ ପରିଚାଳନା କରିଥିଲେ।

# ନୂଆସାହି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ କ୍ରୀଡ଼ା



ଭୁବନେଶ୍ୱର, ୨୫।୧୧(ଅସମାପିକା ସାହୁ)

ରସୁଲଗଡ଼ ନୂଆସାହି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୨୪ତମ ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମଞ୍ଚନାଥ ଉଚ୍ଚବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ଅକ୍ଷୟ କୁମାର ବାରିକ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟ ସଭାପତି ଅମରେନ୍ଦ୍ର ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ୨୫ଟି ପ୍ରତିଯୋଗିତାରେ ମୋଟ ୪୫୦ଶିଶୁ ଅଂଶଗ୍ରହଣ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଶିକ୍ଷା ବିକାଶ ସମିତିର ପୂର୍ବ ସଂଭାଗ ସଂଯୋଜକ ଶିରିଶ କୁମାର ହାତୀ ଯୋଗଦେଇ କୃତି ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ବିଦ୍ୟାଳୟ ପ୍ରଧାନଆଚାର୍ଯ୍ୟ ଦୁଃଶାସନ ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିବା ସହିତ ଶିକ୍ଷା ସହିତ କ୍ରୀଡ଼ାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ବିଦ୍ୟାଳୟର କ୍ରୀଡ଼ା ପ୍ରମୁଖ କୁମୁଦ ଚନ୍ଦ୍ର ମହାନ୍ତ ଓ ହରେକୃଷ୍ଣ ବାରିକଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟ ସମ୍ପାଦିତ ହୋଇଥିଲା।

# ପରିମଳ ପରିଚାଳନା ପାଇଁ ୱାର୍ଡ ସ୍ତରରେ ଦାୟିତ୍ୱ ବଣ୍ଟନ

ଭୁବନେଶ୍ୱର,୨୫।୧୧ (ବନ୍ଦନା ସେଠୀ)

ଭୁବନେଶ୍ୱର ସହରକୁ ସ୍ୱଚ୍ଛ ଓ ସୁନ୍ଦର କରି ରଖିବା ପାଇଁ ବିଏମ୍‌ସି ପକ୍ଷରୁ ନିରନ୍ତର ପ୍ରୟାସ କରାଯାଉଛି। ତେବେ ଏହାକୁ ଅଧିକ ବ୍ୟାପ୍ତ କରିବା ତଥା ପରିମଳ ବ୍ୟବସ୍ଥାରେ ସୁଧାର ଆଣି କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ୱାର୍ଡ ସ୍ତରରେ ବିଭିନ୍ନ କର୍ମଚାରୀଙ୍କୁ ସ୍ୱତନ୍ତ୍ର ଦାୟିତ୍ୱ ପ୍ରଦାନ କରାଯାଇଛି। ନିଜନିଜ ୱାର୍ଡରେ ସ୍ୱଚ୍ଛତା ରକ୍ଷା ନେଇ ସେମାନେ କାର୍ଯ୍ୟ କରିବେ। ଏଥିସହ ନିର୍ମାଣ ହେଉଥିବା ସ୍ଥାନଗୁଡିକ ପରିଷ୍କାର ରଖିବା ସହ ନିର୍ମାଣ ସ୍ଥାନକୁ ଆବଦ୍ଧ କରି କାମ କରିବା, ସଫେଇ କାମ ରାତି ଏବଂ ବଡିଭୋର୍‌ରୁ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। କୌଣସି ରାସ୍ତାରେ ବର୍ଜ୍ୟ ଜମା ହେଲେ ସମ୍ପୃକ୍ତ ଏଜେନ୍ସିଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କମିଶନର ବିଜୟ ଅମୃତା କୁଲାଙ୍ଗେ ନିର୍ଦ୍ଦେଶ ଦେଇଛନ୍ତି। ଶନିବାର କମିଶନରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ପରିମଳ, ଜାଗା ମିଶନ ଓ ମୁକ୍ତା କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ଆଲୋଚନା କରାଯାଇଥିଲା। ସେହିପରି ରାସ୍ତାରୁ ବର୍ଜ୍ୟ ଉଠାଇବା ପାଇଁ ଏଜେନ୍ସିମାନେ ବ୍ୟାଗ୍ ବ୍ୟବହାର କରିବା, ରାସ୍ତାରେ ଜିରୋ ଡମ୍ପିଂ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ପାର୍କଗୁଡିକର ଠିକଭାବେ ପରିଚାଳନା କରିବା, ମଶା ବଂଶ ଲୋପ ପାଇଁ ମଶା ଧୂଆଁ ଓ ମଶା ତେଲ ସଞ୍ଚନକୁ ଆହୁରି ବ୍ୟାପକ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହାବାଦ୍ ଜାଗା ମିଶନ ପାଇଁ ଦିଆଯାଇଥିବା ୯ ପ୍ରକାର ଭିତ୍ତିଭୂମିର ବିକାଶକୁ କଡାକଡି କାର୍ଯ୍ୟକାରୀ କରିବା, ସମସ୍ତ ବସ୍ତିକୁ ବିଜୁ ଆଦର୍ଶ କଲୋନୀରେ ରୂପାନ୍ତରୀକରଣ କରାଯିବା ନେଇ ଆଲୋଚନା ହୋଇଥିଲା। ଏହି କାମରେ କୌଣସି ସାଲିସ କରାଯିବ ନାହିଁ ବୋଲି କମିଶନର ରୋକ୍‌ଠୋକ୍ କହିଥିଲେ। ତୃତୀୟ ପର୍ଯ୍ୟାୟ ଭୂମି ଅଧିକାର ପ୍ରମାଣ ପତ୍ର ଚଳିତମାସ ୩୦ରେ ପ୍ରଦାନ କରାଯିବାକୁ ଯୋଜନା କରାଯାଇଛି। ସେହିପରି ବସ୍ତି ବାସିନ୍ଦା ସଂଘ ସହ କାର୍ଯ୍ୟ କ୍ଷେତ୍ରରେ ନିୟମିତ ବୈଠକ କରିବାକୁ କୁହାଯାଇ ଥିଲା। ମୁକ୍ତା ଅଧିନରେ ହେଉଥିବା ସମସ୍ତ ପ୍ରକଳ୍ପ ରୂପାୟନ ଅଂଶୀଦାର (ଇମ୍ପ୍ଲିମେଣ୍ଟେସନ ପାର୍ଟନର)ଙ୍କ ସକ୍ରିୟ ଯୋଗଦାନରେ ସମୟ ସୀମାରେ କାର୍ଯ୍ୟ ଆଗେଇ ନେବାକୁ ନିର୍ଦ୍ଦେଶ ଦିଆଯାଇଛି। ବୈଠକରେ ଅତିରିକ୍ତ କମିଶନର ଅତିରିକ୍ତ କମିଶନର ସୂର୍ଯ୍ୟବଂଶୀ ମୟୁର ବିକାଶ, ଶୁଭେନ୍ଦୁ କୁମାର ସାହୁ, ଡେପୁଟି କମିଶନର ସାନିଟେସନ ଡ. ମନୋରଞ୍ଜନ ସାହୁଙ୍କ ସମେତ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

# ବିଶ୍ୱ ଐତିହ୍ୟ ସପ୍ତାହ ସମାରୋହ ଉଦ୍‌ଯାପିତ

ଭୁବନେଶ୍ୱର,୨୫।୧୧(ଅନୁରାଧା ମହାରଣା)

ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା (ଏଏସ୍‌ଆଇ) ପକ୍ଷରୁ ଚାଲିଥିବା ବିଶ୍ୱ ଐତିହ୍ୟ ସପ୍ତାହ ସମାରୋହ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଗତ ସପ୍ତାହ ଧରି କଳାହାଣ୍ଡି ବିଶ୍ୱବିଦ୍ୟାଳୟ ମୁକ୍ତାକାଶ ମଞ୍ଚରେ ଆୟୋଜିତ ଏହି ସମାରୋହରେ ଏଏସ୍‌ଆଇ ମହାନିର୍ଦ୍ଦେଶକ ପ୍ରଫେସର କିଶୋର କୁମାର ବାସା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। କଳାହାଣ୍ଡି ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସଞ୍ଜୟ କୁମାର ଶତପଥୀ, ସମ୍ବଲପୁର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ବିଧୁ ଭୂଷଣ ମିଶ୍ର, ଓ ରେଜିଷ୍ଟ୍ରାର ଡ. ନୃପରାଜ ସାହୁ ଏବଂ ଏଏସଆଇ ଭୁବନେଶ୍ୱର ମଣ୍ଡଳ ଅଧୀକ୍ଷଣ ପ୍ରତ୍ନତତ୍ତ୍ୱବିତ୍ ଡ. ସୁଶାନ୍ତ କୁମାର କର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସମାରୋହରେ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀଶିକ୍ଷକ ଅନ୍ୟ ଅଂଶଗ୍ରହଣକାରୀଙ୍କୁ ଅତିଥିମାନେ ବିଶ୍ୱ ଐତିହ୍ୟ ସପ୍ତାହର ଗୁରୁତ୍ୱ ଉପରେ କହିଥିଲେ। ଏହି ଅବସରରେ ଆୟୋଜିତ ପ୍ରତିଯୋଗିତାର ବିଜେତାମାନଙ୍କୁ ଏଏସ୍‌ଆଇ ମହାନିର୍ଦ୍ଦେଶକ ପୁରସ୍କାର ଏବଂ ପ୍ରମାଣ ପତ୍ର ପ୍ରଦାନ କରିଥିଲେ।

# 'ମେରା ଭାରତ ମହାନ'ରେ ଦେଶାତ୍ମବୋଧକ ସଙ୍ଗୀତ ଆସର



ଭୁବନେଶ୍ୱର,୨୫।୧୧(ଶର୍ମିଷ୍ଠା ପାଣିଗ୍ରାହୀ)

ସୁଷମା ସଂଗୀତ ସଦନ ପକ୍ଷରୁ ଦେଶାତ୍ମବୋଧକ ସଙ୍ଗୀତ ସନ୍ଧ୍ୟା 'ମେରା ଭାରତ ମହାନ' ଶନିବାର ରବୀନ୍ଦ୍ର ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ଦେଶାତ୍ମବୋଧକ ଅବସରରେ ସନ୍ଧ୍ୟାର ସଭା କାର୍ଯ୍ୟ ପୂର୍ବରୁ ହିଁ ଏକ ସୁନ୍ଦର ଦେଶାତ୍ମବୋଧକ ସଙ୍ଗୀତ 'ସାତ ସୁରୋ କେ...' କୁ ସନ୍ଧ୍ୟାର ସମସ୍ତ କଣ୍ଠଶିଳ୍ପି ମିଶି ପରିବେଷଣ କରିଥିଲେ। ଅନୁଷ୍ଠାନର ଉପସଭାପତି ମିତାଲି ଚିନାରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଶିଳ୍ପୀଗୁରୁ ସୁଦର୍ଶନ ସାହୁ, ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ବିଭାଗର ସ୍ୱତନ୍ତ୍ର ସଚିବ ମଧୁସୂଦନ ଦାଶ, ଏମଜିଏମ ମିନେରାଲ୍ସ ଲିମିଟେଡର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ପଙ୍କଜ ଲୋଚନ ମହାନ୍ତି, ଗୋପବନ୍ଧୁ ଏକାଡେମି ଅଫ ଆଡ୍‌ମିନିଷ୍ଟ୍ରେଶନର ଯୁଗ୍ମ ନିର୍ଦ୍ଦେଶକ ମମତା ରାଣୀ ନାୟକ, ହର୍ବେଜ ପର୍ସନାଲ କେୟାର ଆଇଏସିର ସଭାପତି ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଦିବ୍ୟରଞ୍ଜନ ଦାସ, ଭାରତୀୟ ଶିକ୍ଷା ବିକାଶ ସଂସ୍ଥାନର ରାଜ୍ୟ ପରିଚାଳନା ସମ୍ପାଦକ କରୁଣାକର ପ୍ରଧାନ, ଅନୁଷ୍ଠାନ ସମ୍ପାଦକ ତଥା ସଂଗୀତ ନିର୍ଦ୍ଦେଶକ ଲକ୍ଷ୍ମୀକାନ୍ତ ପାଲିତ ପ୍ରମୁଖ ଯୋଗ ଦେଇଥିଲେ। ଏହା ପରେ ପାଲିତ୍‌ଙ୍କ ବଡ଼ପୁତ୍ର ରଣଦୀପ୍ ପାଲିତ୍‌ଙ୍କ କଣ୍ଠରୁ ଶୁଣିବାକୁ ମିଳିଥିଲା ତିଜା ଜେରା... ସଙ୍ଗୀତ। ଦେଶାତ୍ମବୋଧକ ସଙ୍ଗୀତଗୁଡ଼ିକ ମଧ୍ୟରେ ଏହି ଗୀତଟି ପ୍ରାୟ ସମସ୍ତଙ୍କ ପ୍ରିୟ। ଏହାପରେ ସାନ ପୁତ୍ର ବନ୍ଦିଶ ପାଲିତ୍‌ଙ୍କ କଣ୍ଠରୁ ଆଜାଦିୟାଁ...ଗୀତ ସନ୍ଧ୍ୟାର ଦେଶାତ୍ମବୋଧକ ପରିବେଶକୁ ଅଧିକ ମୁଖରିତ କରିଥିଲା। ପରେ ପରେ ପ୍ରଣବଜ୍ୟୋତି ନାଥଙ୍କ ୟେ ଦେଶ କି ମିଟି..., ଆଦ୍ୟାଶା ଦାସଙ୍କ ସୃଷ୍ଟିରେ ଜହିଁ ପୁଷ୍ପ ବରଷେ..., ସିଦ୍ଧାନ୍ତ ଶତପଥୀଙ୍କ ରହି ରହି ମୋତେ..., ମିତାଲି ଚିନାରାଙ୍କ ସରହାଦ୍ ପେ ଯୋ.., ଅର୍ଣ୍ଣବ ପଣ୍ଡାଙ୍କ ଏସା ଦେଶ ହେ ମେରା..., ନାଜିଆ ଆଲାମ୍‌ଙ୍କ ୟେ ମେରେ ୱତନ୍ କେ ଲୋଗୋଁ..., ଲକ୍ଷ୍ମୀକାନ୍ତ ପାଲିତ୍‌ଙ୍କ ମରଣର ଚିତା..., ବନ୍ଦିଶଙ୍କ ୟେ ୱତନ୍ ମେରେ ୱତନ୍, ରଣଦୀପ୍‌ଙ୍କ ମେରେ ରଙ୍ଗ ଦେ..., ସିଦ୍ଧାନ୍ତ ଓ ଅର୍ଣ୍ଣବଙ୍କ କଣ୍ଠରୁ ଜିନ୍ଦେଗୀ ମତ ନା ବନଜାଏ... ସମେତ ଆହୁରି ଅନେକ ଗୀତ ଶୁଣିବାକୁ ମିଳିଥିଲା।

# ଅସହାୟଙ୍କ ପାଇଁ କଲମ ଉଠାଇବାକୁ ଆହ୍ୱାନ

**୨୬ତମ କଳିଙ୍ଗ ପୁସ୍ତକମେଳା**

**ଓଡ଼ିଆ ସାହିତ୍ୟର ୧୦ ବିଭାଗରେ ଶ୍ରେଷ୍ଠ ବିବେଚିତ ୧୩ ପୁସ୍ତକର ଲେଖକ ସମ୍ମାନିତ**



ପୁସ୍ତକମେଳା ମଞ୍ଚରେ ଅତିଥିଙ୍କ ସହ ସମ୍ମାନିତ ଲେଖକମାନେ।

ଭୁବନେଶ୍ୱର,୨୫।୧୧(ଶର୍ମିଷ୍ଠା ପାଣିଗ୍ରାହୀ)

୨୬ତମ କଳିଙ୍ଗ ପୁସ୍ତକମେଳାର ଶନିବାର ସନ୍ଧ୍ୟାରେ ସାହିତ୍ୟ ସମ୍ମାନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଛତିଶଗଡ଼ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ ଯୋଗଦେଇ ସମାଜର ହିତ ପାଇଁ ଆବଶ୍ୟକ ହେଲେ ସାହିତ୍ୟ ସବୁକ୍ଷେତ୍ରରେ ପ୍ରବେଶ କରି ପାରିବ ବୋଲି କହିଥିଲେ। ଲେଖକ ନିଜର ମନର କଥା ଭାବରେ ଭିଜେଇ ଶବ୍ଦରେ ସଜେଇ ପାଠକ ନିକଟରେ ପହଞ୍ଚାଇଥାଏ। ସମାଜର ଉତ୍ଥାନ ପାଇଁ, ସାମାଜିକ ବ୍ୟାଧିର ଦୂରୀକରଣ ପାଇଁ ସାହିତ୍ୟିକଙ୍କ ଅବଦାନ ରହିଛି ରହିବ। ଆଜିର ଲେଖକଙ୍କୁ ଅସହାୟଙ୍କ ପାଇଁ କଲମ ଉଠାଇବାକୁ ରାଜ୍ୟପାଳ ବିଶ୍ୱଭୁଷଣ ଆହ୍ୱାନ ଦେଇଥିଲେ।

ମୁଖ୍ୟବକ୍ତା ଡ଼. ବିଜୟାନନ୍ଦ ସିଂହ କହିଛନ୍ତି, ସାହିତ୍ୟ ସାଧନା ସହ ଜଡ଼ିତ ପ୍ରତ୍ୟେକ ବ୍ୟକ୍ତି ଜଣେ ଜଣେ ଯୋଦ୍ଧା। ସାମାଜିକ ଯୁଦ୍ଧରେ ଲେଖନୀର ଅସ୍ତ୍ର ଧରି ପରିବର୍ତ୍ତନର ସଂଗ୍ରାମ ଜାରି ରଖିବା ଉଚିତ୍। ସମାରୋହରେ ଓଡ଼ିଆ ସାହିତ୍ୟର ୧୦ଟି ବିଭାଗରେ ଶ୍ରେଷ୍ଠ ବିବେଚିତ ୧୩ଟି ଚୟନ କରାଯାଇଥିବା ପୁସ୍ତକର ଲେଖକଙ୍କୁ ଚଳିତ ବର୍ଷର ମର୍ଯ୍ୟାଦାଜନକ 'ପୁର୍ଣ୍ଣେନ୍ଦୁ ମିଶ୍ର ସ୍ମୃତି ସ୍ମାରକୀ ସାରସ୍ୱତ ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ଏହାସହ ପୁସ୍ତକ ମେଳାର ପ୍ରତିଷ୍ଠାତା ସଭାପତି ସ୍ୱର୍ଗତ ଗୀତା ହୋତାଙ୍କ ସ୍ମୃତିରେ ସାହିତ୍ୟ ଓ ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଶୈଳରାଣୀ ମିଶ୍ରଙ୍କୁ 'ଗୀତା ହୋତା ସ୍ମୃତି ସ୍ମାରକୀ ସମ୍ମାନ' ରେ ସମ୍ମାନିତ କରାଯାଇଥିଲା। ମଞ୍ଚାସୀନ ଅତିଥିଙ୍କ ଦ୍ୱାରା କଳିଙ୍ଗ ପୁସ୍ତକ ମେଳାର ବାର୍ଷିକ ମୁଖପତ୍ର 'ହର୍ଷିତା' ଉନ୍ମୋଚିତ ହୋଇଥିଲା। କଳିଙ୍ଗ ପୁସ୍ତକ ମେଳାର ପ୍ରତିଷ୍ଠାତା ପୁର୍ଣ୍ଣେନ୍ଦୁ ମିଶ୍ର ଖାଲି ଜଣେ ଲେଖକ ନ ଥିଲେ ସାହିତ୍ୟ ସହ ଜଡ଼ିତ ବ୍ୟକ୍ତି ଓ ଅନୁଷ୍ଠାନର ଜଣେ ଦୃଢ଼ ପୃଷ୍ଠପୋଷକ ମଧ୍ୟ ଥିଲେ। ତାଙ୍କ ଅବର୍ତ୍ତମାନରେ ତାଙ୍କରି ସ୍ମୃତିରେ ଦିଆଯାଉଥିବା ଏହି ସମ୍ମାନ ଓଡ଼ିଆ ସାହିତ୍ୟ ଜଗତର ଛୋଟିଆ ପ୍ରେରଣା ଭାବେ ଆମେ ମନେକରୁ ବୋଲି ଏହାର ସମ୍ପାଦିକା ରେଣୁକା ମିଶ୍ର କହିଥିଲେ। ଦେବାଶିଷ ମହାପାତ୍ର ମଞ୍ଚ ପରିଚାଳନା କରିଥିବା ବେଳେ ପୂର୍ଣ୍ଣାନନ୍ଦ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## ସଂକ୍ଷେପରେ

### ବନ ବିଭାଗ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ

**ନିରାକାରପୁର,୨୪।୧୧(ମାନସ ଚନ୍ଦ୍ର ପଟ୍ଟନାୟକ)**

ଜଙ୍ଗଲୀ ଜୀବଜନ୍ତୁ ଆମର ପ୍ରକୃତ ବନ୍ଧୁ। ସେମାନଙ୍କର ସୁରକ୍ଷା ଆମର ଦାୟିତ୍ୱ। ସେମାନଙ୍କ ପ୍ରତି ଶତ୍ରୁତା ଆଚରଣ ନ କରିବା ଆମର ଦାୟିତ୍ୱ। ଏନେଇ ଟାଙ୍ଗୀ ବନ ବିଭାଗ ପକ୍ଷରୁ ଚନ୍ଦ୍ରମାପାଟପୁର ନୀଳକଣ୍ଠେଶ୍ୱର ଦେବଙ୍କ ପୀଠରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜଙ୍କିଆ ପଞ୍ଚାୟତ ବିଜେଡି ସଭାପତି କସ୍ତୁରୀ ସାମନ୍ତରାୟ ସଭାପତିତ୍ୱ କରିଥିଲେ। ଭୂଷଣ୍ଡପୁର ଫରେଷ୍ଟର ପ୍ରଶାନ୍ତ ଦାଶ ଯୋଗଦେଇ ଜଙ୍ଗଲୀ ଜୀବଜନ୍ତୁଙ୍କ ଦ୍ୱାରା ଫସଲ ସମେତ ଅନ୍ୟାନ୍ୟ କ୍ଷୟକ୍ଷତି ହେଲେ ବିଭାଗ ପକ୍ଷରୁ ସହାୟତା ଯୋଗାଇଦିଆଯାଉଛି। ଜୀବଜନ୍ତୁଙ୍କୁ ହଇରାଣ ନ କରିବା ପାଇଁ ବନ ବିଭାଗ ପକ୍ଷରୁ ନିବେଦନ କରାଯାଇଛି। ଏହି କାର୍ଯ୍ୟକ୍ରମରେ କୃଷି କମିଟି ସଭାପତି, କୃଷ୍ଣେଶ୍ୱରଙ୍କ କମିଟି ସଭାପତି କାଳୁ ପଲେଇ, ଗୁକୁ ପ୍ରଧାନ, ସୁବାସ କୁଣ୍ଟୁ, ନିଧି କଳସ, ପରମାନନ୍ଦ ଚଇନି ପ୍ରମୁଖ ଚାଷୀ ଓ ଗ୍ରାମବାସୀ ଉପସ୍ଥିତ ଥିଲେ।

### ୨୯ରେ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ

**ବୋଲଗଡ଼,୨୫।୧୧(ଦେବବ୍ରତ ହୋତା)**

ବୋଲଗଡ଼ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଆନୁକୂଲ୍ୟରେ ଗୋଷ୍ଠୀ ଶିକ୍ଷାଧିକାରୀ ଗୋକୁଳ ଚନ୍ଦ୍ର ବଳବନ୍ତରାୟ ଏବଂ ମଣ୍ଡଳ ସଂଯୋଜକ ପଦ୍ମଚରଣ ବେହେରାଙ୍କ ପରାମର୍ଶକ୍ରମେ ସାନପଦରସ୍ଥିତ ଭକ୍ତଚରଣ ସରକାରୀ ଉଚ୍ଚ ବିଦ୍ୟାଳୟର ସମ୍ମିଳନୀ କକ୍ଷରେ ବୋଲଗଡ଼ ମଣ୍ଡଳସ୍ତରୀୟ ବାଲ ବୈଜ୍ଞାନିକ ପ୍ରଦର୍ଶନୀ ସମ୍ବନ୍ଧୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ କୈଳାସ ନାଥ ସ୍ୱାଇଁଙ୍କ ପୌରୋହିତ୍ୟ ଓ ବିଜ୍ଞାନ ମେଳା କମିଟିର କୋଷାଧ୍ୟକ୍ଷ ପ୍ରଫୁଲ୍ଲ ସିଂହଙ୍କ ସଂଯୋଜନାରେ ହୋଇଥିବା ଉକ୍ତ ସଭାରେ ସହ ଗୋଷ୍ଠୀ ଶିକ୍ଷାଧିକାରୀ ଅମିତା ମିଶ୍ର, ବାମନ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ମାଗୁଣି ପ୍ରଧାନ, ବିଜ୍ଞାନ ମେଳା କମିଟିର ସମ୍ପାଦକ ହରିବନ୍ଧୁ ତ୍ରିପାଠୀ, କାର୍ଯ୍ୟକାରୀ ସମ୍ପାଦକ ପ୍ରଫୁଲ୍ଲ ଚନ୍ଦ୍ର ସିଂହ, ସଂପୁରସ୍ଥିତ ଚତୁର୍ଭୁଜ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରମୋଦ ସ୍ୱାଇଁ ଅତିଥିଭାବେ ଯୋଗଦେଇଥିଲେ। ଆସନ୍ତା ୨୯ତାରିଖରେ ଭକ୍ତ ଚରଣ ସରକାରୀ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହେବାକୁ ଥିବା ଉପରୋକ୍ତ ପ୍ରଦର୍ଶନୀର ସଫଳ ରୂପାୟନ ନିମିତ୍ତ ଉପସ୍ଥିତ କାର୍ଯ୍ୟକାରୀ କମିଟିର ସମସ୍ତ ସଭ୍ୟଙ୍କ ମଧ୍ୟରେ କାର୍ଯ୍ୟବଣ୍ଟନ କରାଯାଇଥିଲା।

### ବିଦ୍ୟାଳୟରେ ବିଜ୍ଞାନ ମେଳା

**ଟାଙ୍ଗୀ,୨୫।୧୧(ରଘୁନାଥ ସାହୁ):** କୁହୁଡ଼ି କ୍ଷେତ୍ରବାସୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ୍ ହୃଷୀକେଶ ପ୍ରଧାନ ଅତିଥିଭାବେ ଯୋଗଦେଇ ବିଜ୍ଞାନ ମେଳାକୁ ଉଦ୍‌ଘାଟନ କରିଥିଲେ। ଜନତା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅର୍ଜୁନ ଚରଣ ସ୍ୱାଇଁ, ଅଶୋକ ରାଉତରାୟ ଯୋଗଦେଇ କୁନି ବୈଜ୍ଞାନିକଙ୍କୁ ଉତ୍ସାହିତ କରିଥିଲେ। ପରିବେଶ ସୁରକ୍ଷା, ପୁଷ୍ଟିକର ଖାଦ୍ୟର ଉପକାରିତା, ଜଳ ସଂରକ୍ଷଣ, ଶକ୍ତି ସଂରକ୍ଷଣ ପ୍ରକଳ୍ପକୁ ଅତିଥିମାନେ ପ୍ରଶଂସା କରିଥିଲେ। ପ୍ରଧାନ ଶିକ୍ଷକ ପ୍ରସନ୍ନ ଶ୍ରୀଚନ୍ଦନ ସଂଯୋଜନା କରିଥିଲେ। କ୍ଷେତ୍ରବାସୀ ପ୍ରଧାନ, ସମରେଶ ବେହେରା, ସସ୍ମିତା ଦଳବେହେରା, ଶୈଳବାଳା ମହାରଣା, ସୁଚିତ୍ରା ରାଉତରାୟ ସହଯୋଗ କରିଥିଲେ। ପ୍ରକାଶ ଚନ୍ଦ୍ର ସାହୁ ଧନ୍ୟବାଦ ଦେଇଥିଲେ।

# ଶ୍ରୀବିଗ୍ରହଙ୍କ ତ୍ରିବିକ୍ରମ ବେଶ

**ପୁରୀ, ୨୫।୧୧(ଅଜିତ୍ ମହାନ୍ତି)**



ପଞ୍ଚୁକର ତୃତୀୟ ଦିବସ ଶନିବାର ଅବସରରେ ଶ୍ରୀମନ୍ଦିରରେ ଶ୍ରୀବିଗ୍ରହମାନଙ୍କ ଆଡ଼କିଆ ବା ତ୍ରିବିକ୍ରମ ବେଶ ସମ୍ପନ୍ନ ହୋଇଛି। ଦାରୁ ବିଗ୍ରହମାନଙ୍କ ଅବକାଶ ନୀତି ଶେଷହେବା ପରେ ମହାପ୍ରଭୁଙ୍କ ତ୍ରିବିକ୍ରମ ବେଶ ଆରମ୍ଭ ହୋଇଥିଲା। ପୁଷ୍ପାଳକ ସେବକମାନେ ବେଶ ସମ୍ପାଦନ କରିଥିଲେ। ଆଡ଼କିଆ ବେଶରେ ଜଗନ୍ନାଥ ଓ ବଳଭଦ୍ରଙ୍କ ମସ୍ତକରେ ଚୂଳ ଲାଗି କରାଯାଇଥିଲା। ଏହି ଚୂଳରେ ସ୍ୱର୍ଣ୍ଣନିର୍ମିତ କିଆ ଆଡ଼ବାଗରେ ଖୋସାଯାଇଥିଲା। ମା’ ସୁଭଦ୍ରା ଓ ଦୁଇ ଠାକୁରଙ୍କ ମସ୍ତକର ଶୀର୍ଷଭାଗରେ ସ୍ୱର୍ଣ୍ଣଚନ୍ଦ୍ରିକା ମଧ୍ୟ ଖଞ୍ଜାଯାଇଥିଲା। ଏଥିସହିତ ପୂର୍ବଦିନ ପରି ଅନ୍ୟାନ୍ୟ ସ୍ୱର୍ଣ୍ଣ ଅଳଙ୍କାର ଓ ହଳ, ମୂଷଳ, ଶଙ୍ଖ, ଚକ୍ର ଏବଂ ପାଟବସ୍ତ୍ର ଇତ୍ୟାଦିରେ ଠାକୁରମାନଙ୍କୁ ଆଡ଼କିଆ ବା ତ୍ରିବିକ୍ରମ ବେଶରେ ଭୂଷିତ କରାଯାଇଥିଲା। ଏହି ସୁନା କିଆଗୁଡ଼ିକ ଶ୍ରୀଜଗନ୍ନାଥ ଓ ଶ୍ରୀବଳଭଦ୍ରଙ୍କ ମସ୍ତକରେ ପିନ୍ଧାଯାଇଥିବା ସୋଲ, କନା, ବେତ, ଜମ୍ବୁରା, କଇଁଥ ଅଠାରେ ନିର୍ମିତ ଚୂଳରେ ଖୋସାଯାଏ। ଚୂଳ ଶେଷରେ ଲଗାଯାଏ ସୁନାର ଚନ୍ଦ୍ରିକା। ମା’ ସୁଭଦ୍ରାଙ୍କୁ ମଧ୍ୟ ଏହି ବେଶରେ ଗୋଟିଏ ସୁନା ଚନ୍ଦ୍ରିକା ଦ୍ୱାରା ଶୋଭିତ କରାଯାଏ। ମାତ୍ର ତାଙ୍କ ମସ୍ତକରେ ଚୂଳ ଲାଗି କରା ନ ଯାଇ ସୁନା କିରୀଟ ଲଗାଯାଏ। ଠାକୁରମାନଙ୍କ ମୁଖର ଉପର ପାର୍ଶ୍ୱରେ ଦୁଇଟି ଲେଖାଏଁ କାଡ଼କାନି ଲଗାଯାଇଥାଏ। ଏହି ବେଶରେ ଘାଗଡ଼ା ମାଳି, ବରକୋଳି ମାଳି, ପଦ୍ମମାଳି, ଗିନିମାଳି, ପଦକ ମାଳି ପିନ୍ଧାଯାଇଥାଏ। ଏହାବ୍ୟତୀତ ମହାପ୍ରଭୁଙ୍କ ଅନ୍ୟାନ୍ୟ ଅଳଙ୍କାର, ମାଳି, ଶ୍ରୀପୟର, ଶ୍ରୀହସ୍ତ ଏବଂ ଆୟୁଧ ମଧ୍ୟ ଲାଗି କରାଯାଇଥିଲା। ମହନ୍ତ ମହାରାଜ ରାମ ଜୟନ୍ତୀ ଦାସଙ୍କ ଦ୍ୱାରା ଏହି ବେଶର ପ୍ରଚଳନ ହୋଇଥିବା ଜଣାଯାଏ । ମହାପ୍ରଭୁଙ୍କ ଏହି ତ୍ରିବିକ୍ରମ ବେଶ ଦର୍ଶନ କରିବା ନିମନ୍ତେ ଶ୍ରୀମନ୍ଦିରରେ ଭକ୍ତଙ୍କ ପ୍ରବଳ ଗହଳି ହୋଇଥିଲା । ଭକ୍ତମାନେ ପ୍ରଶାସନ ପକ୍ଷରୁ ନିର୍ମାଣ କରାଯାଇଥିବା ବ୍ୟାରିକେଡ୍ ମଧ୍ୟରେ ଆସି ମହାପ୍ରଭୁଙ୍କ ଦୁର୍ଲଭ ବେଶକୁ ଦର୍ଶନ କରିଥିଲେ।



ଖୋର୍ଦ୍ଧା ପ୍ରାଣନାଥ ମହାବିଦ୍ୟାଳୟ ଅର୍ଥନୀତି ବିଭାଗ ପକ୍ଷରୁ ଅନୁଷ୍ଠିତ ଆଲୋଚନାଚକ୍ର ଅବସରରେ ଉପସ୍ଥିତ ଅତିଥିଙ୍କ ଗହଣରେ ଛାତ୍ରୀଛାତ୍ର।

## ‘ରାଷ୍ଟ୍ର, ଅର୍ଥନୀତି ଓ ସମାଜ’ ଆଲୋଚନାଚକ୍ର

**ଖୋର୍ଦ୍ଧା,୨୫।୧୧(ପ୍ରଭାତ ପାଣିଗ୍ରାହୀ):** ପ୍ରାଣନାଥ ମହାବିଦ୍ୟାଳୟର ମୈତ୍ରୀଭବନ ପରିସରରେ ଅର୍ଥନୀତି ବିଭାଗ ପକ୍ଷରୁ ‘ରାଷ୍ଟ୍ର, ଅର୍ଥନୀତି ଓ ସମାଜ’ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଫକୀର ମୋହନ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର କୁମରବର ଦାସ ଯୋଗଦେଇ ଏହି ବିଷୟବସ୍ତୁ ଉପରେ ମତବ୍ୟକ୍ତ କରିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷା ଡ.ଅଜନ୍ତା ଶତପଥୀ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ବିଭାଗୀୟ ମୁଖ୍ୟ ସୁନିଲ ରଞ୍ଜନ କର ନିଜର ମତବ୍ୟକ୍ତ କରିଥିଲେ। ପ୍ରାଧ୍ୟାପକ ଶୁଭେନ୍ଦୁ ମହାନ୍ତିଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରରେ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି, ମହାବିଦ୍ୟାଳୟର ଉପାଧ୍ୟକ୍ଷା ବିନୋଦିନୀ ମିଶ୍ର, ପ୍ରାଧ୍ୟାପକ ଡ.ଚକ୍ରଧର ବଳ, ପ୍ରାଧ୍ୟାପିକା ପ୍ରଣତି ମହାପାତ୍ର, ଅଧ୍ୟାପିକା ଡ.ତପସ୍ୱିନୀ ନାୟକ, ନିହାରୀକା ବିଶ୍ୱାଳ ଏବଂ ବିଭିନ୍ନ ବିଭାଗର ଅଧ୍ୟାପିକା, ଅଧ୍ୟାପକ ଉପସ୍ଥିତ ଥିଲେ। ପ୍ରାଧ୍ୟାପକ ଶୁଭେନ୍ଦୁ ମହାନ୍ତି ଧନ୍ୟବାଦ ଦେଇଥିଲେ

# ମାଙ୍କଡ଼ା ପଥର ବୋଝେଇ ୯ ଗାଡ଼ି ଜବତ



**ଟାଙ୍ଗୀ,୨୫।୧୧(ରଘୁନାଥ ସାହୁ)**

ଖୋର୍ଦ୍ଧା ଜିଲା ଖଣି ବିଭାଗ ଅଧିକାରୀ ଜଗନ ବେହେରାଙ୍କ ନେତୃତ୍ୱରେ ଶୁକ୍ରବାର ବିଳମ୍ବିତ ରାତିରେ ଚଢ଼ାଉ କରାଯାଇ ବେଆଇନ ଭାବେ ଚାଲଣ ହେଉଥିବା ୯ଟି ମାଙ୍କଡ଼ା ପଥର ବୋଝେଇ ଗାଡ଼ି ଜବତ କରାଯାଇଛି। ଗାଡ଼ିଗୁଡ଼ିକୁ ଛାଡ଼ି ଡ୍ରାଇଭରମାନେ ଖସି ପଳାଇଥିଲେ। ଜବତ ଗାଡ଼ିକୁ ହେପାଜତରେ ରଖାଯାଇ ତଦନ୍ତ ଜାରି ରହିଛି ବୋଲି ଟାଙ୍ଗୀ ଥାନା ଆଇଆଇସି ସୁଶାନ୍ତ କୁମାର ବେହେରା ସୂଚନା ଦେଇଛନ୍ତି। ସୂଚନା ମୁତାବକ, ପ୍ରତିଦିନ ରାଜସ୍ୱ ଓ ଜଙ୍ଗଲ ଜମିରୁ ବେଆଇନ ଭାବେ ମାଙ୍କଡ଼ା ପଥର ମେଶିନ ସାହାଯ୍ୟରେ କଟାଯାଇ ବାହାରକୁ ଚାଲାଣ କରାଯାଉଛି। ତେବେ କଟାଯାଉଥିବା ଖଣିର କିସମ, ଏରିଆକୁ ନେଇ ବିଭିନ୍ନ ସମୟରେ ରାଜସ୍ୱ ଓ ଜଙ୍ଗଲ ବିଭାଗ ମଧ୍ୟରେ ଦ୍ୱନ୍ଦ୍ୱ ସୃଷ୍ଟି ହେଉଛି। ଯାହା ଖଣି ମାଫିଆଙ୍କୁ ସୁହାଉଛି। ଶୁକ୍ରବାର ରାତିରେ ମାଙ୍କଡ଼ା ପଥର ଚାଲାଣ ହେଉଥିବା ଖବରପାଇ ଖଣି ଅଧିକାରୀ ଜଗନ ବେହେରାଙ୍କ ନେତୃତ୍ୱରେ ବିଭାଗୀୟ କର୍ମଚାରୀ, ଟାଙ୍ଗୀ ତହସିଲଦାର, ଟାଙ୍ଗୀ ପୋଲିସ ସହଯୋଗରେ ଚଢ଼ାଉ କରାଯାଇ ୯ଟି ମାଙ୍କଡା ପଥର ବୋଝେଇ ଗାଡ଼ି ଜବତ କରାଯାଇଛି। ତେବେ ଗାଡ଼ିଗୁଡ଼ିକୁ ଛାଡ଼ି ଡ୍ରାଇଭରମାନେ ଖସି ପଳାଇଥିଲେ। ଜବତ ଗାଡ଼ି (ଓଆର-୦୨-ବିଆର୍ ୯୬୬୦, ଓଆର-୦୨-ବିଏନ୍-୪୮୪୨, ଓଡି-୦୨-ଭି-୩୬୯୭, ଓଡି-୦୭-୪୯୧୧, ଓଆର-୦୭-ଭି ୪୦୨୧, ଓଡି-୦୭ଭି-୩୬୯୭, ଓଡି-୦୭-୩୪୦୯, ଓଡି-୦୭ଏକ୍ସ-୪୩୦୮, ଓଡି-୦୭ଏଚ୍-୯୭୭୬, ଓଡି-୦୭ଏମ୍-୧୧୩୭)କୁ ବିଭାଗୀୟ ଡ୍ରାଇଭରଙ୍କ ଦ୍ୱାରା କୁହୁଡି ଫାଣ୍ଡି ପରିସରକୁ ଅଣାଯାଇଛି। ଗାଡିରୁ ୨ଟି ମୋବାଇଲ ଫୋନ ଜବତ ହୋଇଛି।

## ମତ୍ସ୍ୟଜୀବୀଙ୍କ ପାଇଁ ସଚେତନତା କାର୍ଯ୍ୟକ୍ରମ




ସଚେତନତା କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀ ଏବଂ ଅନ୍ୟମାନେ।

**କୃଷ୍ଣପ୍ରସାଦ,୨୫।୧୧(କୈଳାସ ଚନ୍ଦ୍ର ପଟ୍ଟନାୟକ)**

ଚିଲିକା ଉପରେ ନିର୍ଭର କରି ଜୀବିକା ନିର୍ବାହ କରୁଥିବା ମତ୍ସ୍ୟଜୀବୀଙ୍କୁ ସ୍ୱାବଲମ୍ବୀ କରିବା ଓ ଆର୍ଥିକ ସହାୟତା ଯୋଗାଇଦେବା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ବିଭିନ୍ନ ଯୋଜନା ପ୍ରସ୍ତୁତ କରିଛନ୍ତି। ଏହି ଯୋଜନା କିପରି ମତ୍ସ୍ୟଜୀବୀଙ୍କ ପାଖରେ ପହଞ୍ଚି ପାରିବ ଏବଂ ସେମାନେ କିପରି ଏହାର ଲାଭ ପାଇପାରିବେ ସେ ସମ୍ପର୍କରେ ମତ୍ସ୍ୟ ବିଭାଗ ପକ୍ଷରୁ ଶୁକ୍ରବାର ବରୁଣାଇ ପ୍ରାଥମିକ ମତ୍ସ୍ୟଜୀବୀ ସମବାୟ ସମିତି ଖଟିସାହି ପରିସରରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସହକାରୀ ମତ୍ସ୍ୟ ଅଧିକାରୀ ବିଜୟାନନ୍ଦ ସେଠଙ୍କ ଅଧ୍ୟକ୍ଷତାରେ ବରୁଣାଇ ପ୍ରାଥମିକ ମତ୍ସ୍ୟଜୀବୀ ସମବାୟ ସମିତି ସମ୍ପାଦକ ସରୋଜ କୁମାର ଜାଲି, ଖଟିସାହି ଗ୍ରାମ୍ୟ କମିଟି ସମ୍ପାଦକ ନିରଞ୍ଜନ ଜେନା, ମୁଖ୍ୟ ସହକାରୀ ମତ୍ସ୍ୟ ଅଧିକାରୀ ବିରବର ସେଠୀ, ବରିଷ୍ଠ ମତ୍ସ୍ୟ ପରାମର୍ଶଦାତା ରଜନୀକାନ୍ତ ମଲିକ, ରମେଶ ଚନ୍ଦ୍ର ଜେନା, ନଳିନୀ କାନ୍ତ ଜେନା, ସାଗରିକା ଜାଲି, ପ୍ରଭାତୀ ଜେନା ପ୍ରମୁଖ ଯୋଗଦେଇ ମତ୍ସ୍ୟଜୀବୀଙ୍କ ପାଇଁ ଉଦ୍ଦିଷ୍ଟ ଥିବା ସରକାରଙ୍କ ବିଭିନ୍ନ ଯୋଜନା ଓ ସହାୟତା ସମ୍ପର୍କରେ ସୂଚନା ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଚିଲିକା ଉପକୂଳବର୍ତ୍ତୀ ଖଟିସାହି ଗ୍ରାମର ୧୮ଟି ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ଏବଂ ସମସ୍ତ ମତ୍ସ୍ୟଜୀବୀ ସାମିଲ ହୋଇଥିଲେ। ସାଗର ମିତ୍ର ରେନିରାଣୀ ଜେନା, ରଶ୍ମିତା ନାୟକ, ମାମାଲି ବରାଳ, ରୂପା ଦାସ, ଶଶିକାନ୍ତ ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଯୌନ ଉତ୍ପୀଡ଼ନ ନିରାକରଣ କର୍ମଶାଳା

**ଖୋର୍ଦ୍ଧା,୨୫।୧୧(ପ୍ରଭାତ ପାଣିଗ୍ରାହୀ)**

ଗୋପବନ୍ଧୁ ସରକାରୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ଯୌନ ଉତ୍ପୀଡନର ପ୍ରତିକାର ସମ୍ବନ୍ଧୀୟ ଆଲୋଚନାଚକ୍ର ଖୋର୍ଦ୍ଧା ତାଲୁକ ଆଇନ ସେବା କମିଟି ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଛି। ଖୋର୍ଦ୍ଧା କୋର୍ଟର ପ୍ରଥମ ଅତିରିକ୍ତ ଜିଲା ବିଚାରପତି ତଥା ତାଲୁକ ଆଇନ ଚେୟାରମ୍ୟାନ ଅଜୟ କୁମାର ପ୍ରଧାନ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ପରିବାର ଅଦାଲତ ବିଚାରପତି ରାଜେଶ କୁମାର ନାୟାର, ଚିଫ୍ ଜୁଡିସିଆଲ ମାଜିଷ୍ଟ୍ରେଟ ଶରତ କୁମାର ଜେନା, ସିଭିଲ ଜଜ୍ କମ ଆସିଷ୍ଟାଣ୍ଟ ସେସନ ଜଜ୍ ଚିନ୍ମୟୀ ରଥ, ସିଭିଲ ଜଜ୍ ସୁନିତା କୁମାରୀ ଖଣ୍ଡେଲୱାଲ, ବାର୍ ସଭାପତି ସର୍ବେଶ୍ୱର ସାହୁ, ଏଡିଏମ୍‌ଓ ବିଶ୍ୱରଞ୍ଜନ ମିଶ୍ର ଓ ଆଇନଜୀବୀ କୃଷ୍ଣ ଦଳବେହେରା, ଅଶୋକ ମହାପାତ୍ର, ବରିଷ୍ଠ ଆଇନଜୀବୀ ବିକ୍ରମ ଚମ୍ପତି ପ୍ରମୁଖ ଉପସ୍ଥିତ ଥିଲେ। ଚିକିତ୍ସାଳୟର ସମସ୍ତ କର୍ମକର୍ତ୍ତା ଯୋଗଦେଇଥିଲେ। ଉପଯୁକ୍ତ ଆଇନ ବ୍ୟବସ୍ଥା ହିଁ ସମାଜକୁ ଶୃଙ୍ଖଳିତ କରିପାରିବ। ଆଇନ ବ୍ୟବସ୍ଥା ଥିବାରୁ ସାଧୀନଭାବେ ରାଜରାସ୍ତାରେ ବିଚରଣ କରି ପାରୁଛୁ ବୋଲି ମତପ୍ରକାଶ ପାଇଥିଲା। ପ୍ରାଣନାଥ ମହାବିଦ୍ୟାଳୟର ଅଧ୍ୟାପିକା ଡ.ରଶ୍ମି କର ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ଖୋର୍ଦ୍ଧା ଜିଲା ବାର୍ ସଂଘର ସମ୍ପାଦକ ମନ୍ମଥ କୁମାର ମିଶ୍ର ଧନ୍ୟବାଦ ଦେଇଥିଲେ। ଏହାକୁ ତାଲୁକ ଲିଗାଲ ସେବା ସମ୍ପାଦକ ବସନ୍ତ କୁମାର ଶତପଥୀ ସଂଯୋଜନା କରିଥିଲେ।

## ବରିଷ୍ଠ ନାଗରିକଙ୍କୁ ସମ୍ବର୍ଦ୍ଧନା

**ବୋଲଗଡ଼,୨୫।୧୧(ଦେବବ୍ରତ ହୋତା)**

ବୋଲଗଡ଼ ବ୍ଲକ ସାନପଦର ଠାରେ ୩୦୦ଜଣ ବରିଷ୍ଠ ନାଗରିକଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ସଭାପତି ରାଜ କିଶୋର ବ୍ରହ୍ମାଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ଗୋପାଳପୁର, କଡବ, ସାନପଦର, ପିଚୁକୁଳି ଓ କୁଳାସର ପଞ୍ଚାୟତର ବରିଷ୍ଠ ନାଗରିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପୂଜ୍ୟପୂଜା ସଂସଦର ସଦସ୍ୟମାନେ ବରିଷ୍ଠ ନାଗରିକଙ୍କୁ ସ୍ୱାଗତ କରିଥିଲେ। ପରେ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ବରିଷ୍ଠ ନାଗରିକଙ୍କ ସମସ୍ୟା ଓ ତାର ନିରାକରଣ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଦିବଂଗତ ବରିଷ୍ଠ ନାଗରିକଙ୍କ ଆତ୍ମାର ସଦ୍‌ଗତି ପାଇଁ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ପୂଜ୍ୟ ପୂଜା କମିଟି ସଦସ୍ୟ ଅଜୟ ମଙ୍ଗରାଜ, ଅର୍ଜୁନ ପଟ୍ଟନାୟକ, ସମିତିସଭ୍ୟ ଦିଲ୍ଲୀପ ମହାପାତ୍ର, ସରପଞ୍ଚ ବୈକୁଣ୍ଠ ସ୍ୱାଇଁ, ଗ୍ରାମ କମିଟି ସଭାପତି ସୁରେଶ ଚନ୍ଦ୍ର ମହାପାତ୍ର, ଶିବୁ ଦାସ, ଚନ୍ଦ୍ରମଣି ସ୍ୱାଇଁ, ମନୋଜ ସାହୁ, ଶରତ ସ୍ୱାଇଁ, ରମେଶ ମହାରଣା ପ୍ରମୁଖ ସହଯୋଗ କରିଥିଲେ। ପୂର୍ବତନ ସରପଞ୍ଚ ବିଜୟ ସାହୁ ଧନ୍ୟବାଦ ଦେଇଥିଲେ।

## ଶ୍ରୀରାମ ଦୟା ପରିଷଦ ପକ୍ଷରୁ ପୂଜ୍ୟପୂଜା ସମାରୋହ



ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ପ୍ରତିଭାଧାରୀ।

**ନିରାକାରପୁର,୨୫।୧୧(ମାନସ ଚନ୍ଦ୍ର ପଟ୍ଟନାୟକ)**

ନିରାକାରପୁର ପଞ୍ଚାୟତରେ ଥିବା ଶ୍ରୀରାମ ମନ୍ଦିର ପରିସର ମାରୁତି ମଣ୍ଡପରେ ଶ୍ରୀରାମ ଦୟା ପରିଷଦ ଆନୁକୂଲ୍ୟରେ ପୂଜ୍ୟପୂଜା ସମ୍ମାନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶିକ୍ଷାବିତ୍ ବେଣୁଧର ଦାସ ପୌରୋହିତ୍ୟ କରିଥିବା ବେଳେ ଖୋର୍ଦ୍ଧା ଜିଲା ପରିଷଦ ଅଧ୍ୟକ୍ଷା ରୂପଶ୍ରୀ ରାଣୀ ଗୁମାନସିଂ, ସୁସାହିତ୍ୟିକ ଡ.ପୂର୍ଣ୍ଣଚନ୍ଦ୍ର ଦାଶ, ଶ୍ରୀରାମ ଦୟା ପରିଷଦର ଉପସଭାପତି ସତ୍ୟବାଦୀ ବଳବନ୍ତରାୟ ପ୍ରମୁଖ ଅତିଥିଭାବେ ଯୋଗଦେଇ ଅନୁଷ୍ଠାନ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ଏହି ଅବସରରେ ଅଞ୍ଚଳର ଚାଷୀ, ସମାଜସେବୀ, ସାହିତ୍ୟକ, ନୃତ୍ୟସଙ୍ଗୀତ ଆଦି ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନୁଷ୍ଠାନର ସମ୍ପାଦକ ଗଙ୍ଗାଧର ତ୍ରିପାଠୀ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ସଭାପତି ଡ.ମୃତ୍ୟୁଞ୍ଜୟ ରଥ ମଞ୍ଚ ପରିଚାଳନା କରିଥିଲେ। ଅନୁଷ୍ଠାନର ଯୁଗ୍ମ ସମ୍ପାଦକ ରମାନାଥ ଦାସ ଧନ୍ୟବାଦ ଦେଇଥିଲେ।

## ଡିସେମ୍ବର ୧୭ ରେ ‘ରୋଷା’ର ବର୍ଷିକୋତ୍ସବ

**ଜଟଣୀ,୨୫।୧୧(ରବୀନ୍ଦ୍ର ନାଥ ମହାକୁଡ଼)**

ଜଟଣୀ ରାମଚନ୍ଦ୍ରପୁର ବଜାରସ୍ଥିତ ରେଲୱେ ଓଲ୍ଡ ଷ୍ଟୁଡେଣ୍ଟ ଆସୋସିଏଶନ(ରୋଷା) ସଭାଗୃହରେ ‘ରୋଷା’ର ବାର୍ଷିକ ଉତ୍ସବ ପାଳନ ନିମନ୍ତେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଆସୋସିଏଶନର ସଭାପତି ଡା.ପ୍ରସନ୍ନ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ସଙ୍ଗଠନର ସମ୍ପାଦିକା ପ୍ରଣତି ସ୍ୱାଇଁ ଆଗାମୀ ବର୍ଷିକ ଉତ୍ସବ ପାଳନ ପ୍ରସ୍ତୁତି ସମ୍ପର୍କରେ କହିଥିଲେ। ଡିସେମ୍ବର ୧୭ରେ ବାର୍ଷିକ ଉତ୍ସବ ପାଳନ କରାଯିବା ପାଇଁ ନିଷ୍ପତ୍ତି ହୋଇଛି। ଏଥିସହ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ଖେଳକୁଦ ସହିତ ସାଂସ୍କୃତିକ ଓ ଆଧ୍ୟାତ୍ମିକ ପ୍ରତିଯୋଗିତା କରାଯିବ ବୋଲି ବରିଷ୍ଠ ସଭ୍ୟା ଜାଗୃତି ସ୍ୱାଇଁ ସୂଚନା ଦେଇଛନ୍ତି। ବୈଠକରେ ରୋଷା’ର ବହୁ ସଦସ୍ୟ ଉପସ୍ଥିତ ଥିଲେ। ଶେଷରେ ହୃଦୟ ରଞ୍ଜନ ମହାନ୍ତି ଧନ୍ୟବାଦ ଦେଇଥିଲେ।

## ବରିଷ୍ଠ ନାଗରିକଙ୍କୁ ସ୍ୱତନ୍ତ୍ର ସୁବିଧା ପ୍ରଦାନ ପାଇଁ ଦାବିପତ୍ର

**ଟାଙ୍ଗୀ,୨୫।୧୧(ରଘୁନାଥ ସାହୁ)**



ଟାଙ୍ଗୀ ଆଞ୍ଚଳିକ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଉଛି।

ବରିଷ୍ଠ ନାଗରିକଙ୍କୁ ମେଡିକାଲରେ ଚିକିତ୍ସା ଓ ବ୍ୟାଙ୍କରେ ସେବା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରିବା ଦାବିରେ ଟାଙ୍ଗୀ ଆଞ୍ଚଳିକ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଚାନ୍ଦପୁର ବସନ୍ତ ମଞ୍ଜରୀ ସାଧାରଣ ହସ୍ପିଟାଲ, ଟାଙ୍ଗୀ ୟୁକୋ ବ୍ୟାଙ୍କ ଓ ଚାନ୍ଦପୁର ଷ୍ଟେଟ ବ୍ୟାଙ୍କର ଅଧିକାରୀଙ୍କୁ ଭେଟି ଦାବିପତ୍ର ପ୍ରଦାନ କରାଯାଇଛି। ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ଚାନ୍ଦପୁର ବସନ୍ତ ମଞ୍ଜରୀ ସାଧାରଣ ହସ୍ପିଟାଲରେ ବରିଷ୍ଠ ନାଗରିକଙ୍କ ପଞ୍ଜୀକରଣ ପାଇଁ ସ୍ୱତନ୍ତ୍ର ଧାଡି ଓ ଚିକିତ୍ସା ସୁବିଧା ଯୋଗାଇଦେବା, ୟୁକୋ ବ୍ୟାଙ୍କରେ ବରିଷ୍ଠ ନାଗରିକଙ୍କ ପାଇଁ ସ୍ୱତନ୍ତ୍ର ଧାଡି ଓ କାଉଣ୍ଟରର ବ୍ୟବସ୍ଥା, ବସିବା, ପାନୀୟଜଳ ବ୍ୟବସ୍ଥା, ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ ଶାଖାରେ ସ୍ୱତନ୍ତ୍ର କାଉଣ୍ଟର ବ୍ୟବସ୍ଥା ଓ ଉପର ମହଲାକୁ ଯାଇ ପାରୁନଥିବା ବରିଷ୍ଠ ନାଗରିକଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା ଯୋଗାଇଦେବା ଆଦି ଦାବି ରହିଛି। ବରିଷ୍ଠ ନାଗରିକଙ୍କୁ ସ୍ୱତନ୍ତ୍ର ବ୍ୟବସ୍ଥା ଯୋଗାଇଦେବା ପାଇଁ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସୁପରିଣ୍ଟେଣ୍ଡେଣ୍ଟ ଡା.ସତ୍ୟ ରଞ୍ଜନ ନନ୍ଦ, ଚାନ୍ଦପୁର ବସନ୍ତ ମଞ୍ଜରୀ ସାଧାରଣ ହସ୍ପିଟାଲ ସୁପରିଣ୍ଟେଣ୍ଡେଣ୍ଟ ଡା.ତ୍ରିଲୋଚନ ବାରିକ, ୟୁକୋ ବ୍ୟାଙ୍କ ମ୍ୟାନେଜର ବାଉରିବନ୍ଧୁ ବେହେରା ଓ ଷ୍ଟେଟ ବ୍ୟାଙ୍କ ଇଣ୍ଡିଆ ମ୍ୟାନେଜର ପ୍ରଭୁ ପ୍ରସାଦ ବେହେରା ପ୍ରତିଶ୍ରୁତି ଦେଇଥିଲେ। ଆଞ୍ଚଳିକ ବରିଷ୍ଠ ନାଗରିକ ମଞ୍ଚର ସଂଯୋଜକ ବିଜୟ କୁମାର ରାଉତ, ପରାମର୍ଶ କମିଟି ସଦସ୍ୟ ଡା.ମଧୁସୂଦନ ସେନାପତି, ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ.ଚନ୍ଦ୍ର ଶେଖର ଦାଶ, ପୂର୍ବତନ ସରପଞ୍ଚ ଦଣ୍ଡପାଣି ବେହେରା, ଶିକ୍ଷାବିତ ସୁରେନ୍ଦ୍ର କୁମାର ରାଉତ, ସାମ୍ବାଦିକ ରଘୁନାଥ ସାହୁ, ସମାଜସେବୀ ପ୍ରଭାକର ବିଶ୍ୱାଳ, ଦିଲୀପ କୁମାର ନାଥ ପ୍ରମୁଖଙ୍କ ଉପସ୍ଥିତିରେ ଦାବିପତ୍ର ପ୍ରଦାନ କରାଯାଇଥିଲା।

## ‘ସାମାଜିକ କଲ୍ୟାଣ ପ୍ରତି ନିଜକୁ ସମର୍ପିତ କର’

**ବେଗୁନିଆ,୨୫।୧୧(ହର ପ୍ରସନ୍ନ ପଣ୍ଡା)**




ସମନ୍ୱିତ ଯୁବ ବିକାଶ ସମାରୋହରେ ବିଧାୟକ ରାଜେନ୍ଦ୍ର କୁମାର ସାହୁ ଏବଂ ଅନ୍ୟ ଅତିଥିମାନେ।

ବେଗୁନିଆ ବ୍ଲକ ଅନ୍ତର୍ଗତ କଣ୍ଟାବାଡ ରମାମଣି ମହାବିଦ୍ୟାଳୟ ପରିସରରେ ଶନିବାର ସମନ୍ୱିତ ଯୁବ ବିକାଶ ସମାରୋହ ଅନୁଷ୍ଠିତ ହୋଇଯାଇଛି। କ୍ରୀଡ଼ା ଓ ଯୁବ ବ୍ୟାପାର ବିଭାଗ ପକ୍ଷରୁ ପ୍ରାୟୋଜିତ ଏବଂ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିଚାଳନାରେ ଆୟୋଜିତ ସମାରୋହରେ ମହାବିଦ୍ୟାଳୟର ପରିଚାଳନା କମିଟି ଅଧ୍ୟକ୍ଷ ପ୍ରାଧ୍ୟାପକ ପ୍ରଫୁଲ୍ଲ କୁମାର କର ସଭାପତିତ୍ୱ କରିଥିଲେ। ବିଧାୟକ ରାଜେନ୍ଦ୍ର କୁମାର ସାହୁ ମୁଖ୍ୟ ଅତିଥି, ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି ବକ୍ତା ଏବଂ ଜିଲା ପରିଷଦ ସଭ୍ୟ ପ୍ରକାଶ ଚନ୍ଦ୍ର ସାହୁ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଅତ୍ୟାଧୁନିକ ଯୁଗରେ ଛାତ୍ରୀଛାତ୍ର ମାନେ ବିଭିନ୍ନ ସାମାଜିକ କଲ୍ୟାଣ ଦିଗରେ ସାମିଲ ହୁଅନ୍ତୁ। ନିଜର କାର୍ଯ୍ୟ ଦକ୍ଷତାକୁ ଜାହିର କରି ଉଚ୍ଚ ସ୍ଥାନକୁ ଦଖଲ କର ବୋଲି ଅତିଥି ସାହୁ ଉଦ୍‌ବୋଧନ ଦେଇଥିଲେ। ପ୍ରାରମ୍ଭରେ ମହାବିଦ୍ୟାଳୟର ପ୍ରତିଷ୍ଠାତା ସ୍ୱର୍ଗତ ପଦ୍ମ ଚରଣ ପାଣିଗ୍ରାହୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ପରେ ଛାତ୍ରୀଛାତ୍ରମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ଅଧ୍ୟକ୍ଷ ଗଙ୍ଗାଧର ଦାଶ ସ୍ୱାଗତ ଭାଷଣ ଦେଇଥିବା ବେଳେ ପ୍ରାଧ୍ୟାପକ ପ୍ରଦୀପ କୁମାର ସାହୁ ଅତିଥି ପରିଚୟ ସହ ସଂଯୋଜନା କରିଥିଲେ। ଅଧ୍ୟାପକ ଦିଲ୍ଲୀପ କୁମାର ସାଥୁଆ ଓ ଖେଳ ଶିକ୍ଷକ ବିଜୟ କୁମାର ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ପ୍ରାଧ୍ୟାପକ ନାରାୟଣ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ। ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

## ସଂକ୍ଷେପରେ

### ବାଲିଯାତ୍ରା ରଥକୁ ସ୍ୱାଗତ

**ପିପିଲି, ୨୫।୧୧ (ଦୁର୍ଗାମାଧବ ମିଶ୍ର):**

ପିପିଲିରେ କଟକ ବାଲିଯାତ୍ରା ରଥକୁ ପିପିଲି ବ୍ଲକ ପ୍ରଶାସନ ପକ୍ଷରୁ ସ୍ୱାଗତ କରାଯାଇଛି। ଭୁବନେଶ୍ୱରଠାରୁ ପିପିଲି ଅଭିମୁଖେ ରଥ ପହଞ୍ଚିବା ପରେ ମିଶନ ଶକ୍ତି ମହିଳାମାନେ ରଥକୁ ବନ୍ଦାପନା କରି ସ୍ୱାଗତ ଜଣାଇଥିଲେ। ଏହି ରଥକୁ ବିଡିଓ ସରୋଜ କୁମାର, ତହସିଲଦାର ପୁନମ ମହାପାତ୍ର, ଜିଲା ପରିଷଦ ସଭ୍ୟ ଧରଣୀଧର ସାହୁ ସ୍ୱାଗତ କରିଥିଲେ।

### ଅଲ୍ ଇଣ୍ଡିଆ ଲୋୟର୍ସ ୟୁନିୟନ୍‌ର କନ୍‌ଭେନସନ

**ପୁରୀ, ୨୫।୧୧(ଅଜିତ୍ ମହାନ୍ତି):**

ସମ୍ବିଧାନ ପ୍ରଦତ୍ତ ଲୋକଙ୍କ ମୌଳିକ ଅଧିକାରର ସୁରକ୍ଷା, ସ୍ୱାଧୀନ ବିଚାର ବ୍ୟବସ୍ଥା, ଉତ୍ତରଦାୟିତ୍ୱ ବ୍ୟବସ୍ଥାପିକା ଏବଂ ଓକିଲମାନଙ୍କ ପାଇଁ ସାମାଜିକ ନିରାପତ୍ତା, ସ୍ୱାସ୍ଥ୍ୟବୀମା ଆଦି ଦାବିକରି ଅଲ୍ ଇଣ୍ଡିଆ ଲୟର୍ସ ୟୁନିୟନ ପକ୍ଷରୁ ପୁରୀରେ ଓଡ଼ିଶା ରାଜ୍ୟସ୍ତରୀୟ କନ୍‌ଭେନ୍‌ସନ ଅନୁଷ୍ଠିତ ହୋଇଯାଇଛି। ବୈଠକରେ କାର୍ଯ୍ୟକାରୀ ସଭାପତି ଲକ୍ଷ୍ମୀଧର ପଙ୍ଗାରି, ନିତ୍ୟାନନ୍ଦ ବେହୁରିଆ, ମୀନା ଦାସ ଓ ରାଧା ଦାସ ପ୍ରମୁଖ ଉପସ୍ଥିତ ଥିଲେ। ରାଜ୍ୟ ଯୁଗ୍ମସମ୍ପାଦକ ଶରତ କୁମାର ରାୟଗୁରୁ ସ୍ୱାଗତ ଭାଷଣ ଦେବାସହ ୧୯୮୨ ସଂଗଠନ ଆରମ୍ଭଠାରୁ ଆଜି ପର୍ଯ୍ୟନ୍ତ ପ୍ରସଙ୍ଗଭିତ୍ତିକ ଆନ୍ଦୋଳନ ଉପରେ ଆଲୋକପାତ କରିଥିଲେ। ସମ୍ପାଦକ ଦୀପକ କୁମାର ମହାପାତ୍ର ରିପୋର୍ଟ ଉପସ୍ଥାପନ କରିଥିଲେ। ପରେ ରିପୋର୍ଟ ଉପରେ ରାଜ୍ୟର ବିଭିନ୍ନ ଜିଲାର ପ୍ରତିନିଧିମାନେ ଆଲୋଚନା କରିଥିଲେ। ସମ୍ବିଧାନ ବଞ୍ଚାଅ ଓ ଦେଶ ବଞ୍ଚାଅ ସମ୍ପର୍କିତ ବିଷୟବସ୍ତୁ ଉପରେ ଲକ୍ଷ୍ମୀଧର ପଙ୍ଗାରି ମତ ଦେଇଥିଲେ। ପରେ ଯାମିନୀ ମିଶ୍ର, ପ୍ରତାପ ସେଠୀ, ଅଭିମନ୍ୟୁ ଗୌଡ଼, ଶିବ ମିଶ୍ର, ଶରତ ବେହେରା, ରାଜକିଶୋର ପ୍ରଧାନ, ରଚିତା ରାଉତରାୟ, ସର୍ବାନୀ ଦାସ, ଚନ୍ଦ୍ରଭାନୁ ଦାସ, ପ୍ରଶାନ୍ତ ନାୟକ, କବିରାଜ ପ୍ରଧାନ, ସୋହନ ମିଶ୍ର ପ୍ରମୁଖ ଯୁବ ଆଇନଜୀବୀ ବିଭିନ୍ନ ଦାବି ଉପସ୍ଥାପନ କରିଥିଲେ। ଶେଷରେ ଗୋବିନ୍ଦ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

### ଓଡ଼ିଆ ଖାଦ୍ୟକୁ ପ୍ରଶଂସାକଲେ ତାମିଲନାଡୁର ଆଇଏଏସ୍ ଅଧିକାରୀ

**ଗୋପ, ୨୫।୧୧ (ଭାରତୀ ଭୂଷଣ ଉପାଧ୍ୟାୟ):**

ଶୁକ୍ରବାର ତାମିଲନାଡୁର ଆଇଏଏସ୍ ଅଧିକାରୀ ଚିତ୍ରା ବିଜିୟନାଙ୍କ ନେତୃତ୍ୱରେ ଏକ ୧୧ ଜଣିଆ ପ୍ରତିନିଧି ଦଳ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଦ୍ୱାରା ଚାଲିଥିବା ବିଭିନ୍ନ ପ୍ରକଳ୍ପ ବୁଲିବା ସହ ଗୋପ ବ୍ଲକ ପରିସରରେ ମହିଳା ମହାସଂଘ ଦ୍ୱାରା ଚାଲିଥିବା କାଫେରେ ଭୋଜନ କରିବା ପରେ ଓଡ଼ିଆ ଖାଦ୍ୟକୁ ପ୍ରଶଂସା କରିଛନ୍ତି। ପ୍ରକାଶଯେ, ଗୋପ ବ୍ଲକରେ ଥିବା ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ସରକାରଙ୍କ ପକ୍ଷରୁ ଆର୍ଥିକ ସହାୟତା ପାଇ ସ୍ୱାବଲମ୍ବୀ ହୋଇପାରିଥିବାବେଳେ ତାମିଲନାଡୁର ଏହି ପ୍ରତିନିଧି ଦଳ ଏହାକୁ ଦେଖି ଖୁସି ହୋଇଥିଲେ। କୋଣାର୍କରେ ମାନସୀ ପୁଷ୍ଟିଙ୍କ ଦ୍ୱାରା ଚାଲିଥିବା ଓମ୍ ଗାୟତ୍ରୀ ଯୁଟ୍ ସେଣ୍ଟରେ ଚାଲିଥିବା ବିଭିନ୍ନ ପ୍ରକାରର ଖୋଟ କାମ ଦେଖି ବିମୋହିତ ହେବା ସହ ଗୋପ ପରିସରରେ ମହିଳା ମହାସଂଘ ସଭାନେତ୍ରୀ ମୀନାକ୍ଷୀ ପୃଷ୍ଟିଙ୍କ ଦ୍ୱାରା ଚାଲିଥିବା କାଫେରେ ପ୍ରସ୍ତୁତ ଓଡ଼ିଆ ଘରର ଖାଦ୍ୟ ଯଥା ଅରୁଆ ଅନ୍ନ ସହିତ କାର୍ତ୍ତିକ ମାସର ହବିଷ ଡାଲମା ଓ ଅନ୍ୟାନ୍ୟ ଖାଦ୍ୟ ଖାଇ ବେଶ୍ ପ୍ରଶଂସା କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଡିଓ ଛବିରାଣୀ ସାହୁ, ବ୍ଲକ ଜୀବିକା ମିଶନ ଅଧିକାରିଣୀ ଦୀପାଳି ଛାଟୋଇ, ରୁବିଲତା ଓଝା ପ୍ରମୁଖ ଉପସ୍ଥିତ ଥିଲେ।

# ଜମୁଛି କାଗଜ ଡଙ୍ଗା ବେପାର

## ଦିନକ ପରେ କାର୍ତ୍ତିକ ପୂର୍ଣ୍ଣିମା

**ନିମାପଡ଼ା, ୨୫।୧୧(ରଞ୍ଜନ ପଟ୍ଟନାୟକ)**

କାଗଜ ଡଙ୍ଗା ଦେଇଛି ରୋଜଗାର। ଏଭଳି ସ୍ଥିତି ନିମାପଡ଼ା ବ୍ଲକ ଅଧୀନ ସାଇଁଶ ପଞ୍ଚାୟତ ତୋରିହଁବନ୍ଧ ଗ୍ରାମରେ ଦେଖିବାକୁ ମିଳିଛି। ଗ୍ରାମର ମହିଳା ଫୁରସତ୍ ସମୟରେ କାଗଜ ଡଙ୍ଗା ତିଆରି କରି କିଭଳି ଆତ୍ମନିର୍ଭରଶୀଳ ହୋଇପାରିଛନ୍ତି। ଗ୍ରାମର ୧୦ ଜଣ ମହିଳା ଆତ୍ମନିର୍ଭରଶୀଳ ହେବା ଉଦ୍ଦେଶ୍ୟରେ ଆଜକୁ ୧୦ ବର୍ଷ ତଳେ ଗଠନ କରିଥିଲେ 'ଗୋପବନ୍ଧୁ ସ୍ୱୟଂ ସହାୟକ ଗୋଷ୍ଠୀ'। ଉକ୍ତ ଗୋଷ୍ଠୀର ମହିଳା ଆଜି ରଙ୍ଗ ବେରଙ୍ଗର କାଗଜ ଡଙ୍ଗା ତିଆରି କରି ହଜାର ହଜାର ଟଙ୍କା ରୋଜଗାର କରିପାରୁଛନ୍ତି। ଦିନକ ପରେ କାର୍ତ୍ତିକ ପୂର୍ଣ୍ଣିମା। ଏନେଇ ଲୋକଙ୍କ ଆବଶ୍ୟକ ପଡ଼ିଥାଏ ଡଙ୍ଗା। ବଜାରରେ ବିଭିନ୍ନ ପ୍ରକାର ହାତ ତିଆରି ଡଙ୍ଗା ବିକ୍ରି ହୋଇଥାଏ। ତାକୁ କିଣିବା ପାଇଁ ବଜାର ହାଟରେ ଭିଡ଼ ହୋଇଥାଏ। ଲୋକଙ୍କ ଆବଶ୍ୟକତାକୁ ଦେଖି ଗୋଷ୍ଠୀର ମହିଳା ନିଜେ ଡଙ୍ଗା ତିଆରି କରିବାକୁ ମନ ବଳାଇଥିଲେ। ଜଟଣୀ ଅଞ୍ଚଳର ଅନସୂୟା ମହାନ୍ତିଙ୍କଠାରୁ ପ୍ରେରଣା ପାଇ ମହିଳାମାନେ କାର୍ଯ୍ୟ ଆରମ୍ଭ କରିଥିଲେ। କାର୍ଟୁନ, ପଞ୍ଚରଙ୍ଗି କାଗଜ, ଜମୁରା ଏବଂ ରଦି କାଗଜକୁ ବ୍ୟବହାର କରି ସୁନ୍ଦର ସୁନ୍ଦର ଡଙ୍ଗା ନିର୍ମାଣ କରିଥାନ୍ତି।



ଗୋପବନ୍ଧୁ ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ପ୍ରସ୍ତୁତ ରଙ୍ଗବେରଙ୍ଗରେ କାଗଜ ଡଙ୍ଗା ।

ଗୋଷ୍ଠୀର ସଦସ୍ୟା ଏକତ୍ରିତ ହୋଇ ୧ ନଂ. ଠାରୁ ୧୦ନଂ. ପର୍ଯ୍ୟନ୍ତ ବିଭିନ୍ନ ପ୍ରକାରର ଡଙ୍ଗା ନିର୍ମାଣ କରିବାରେ ଲାଗି ପଡ଼ିଛନ୍ତି; ଯାହାର ମୂଲ୍ୟ ସର୍ବନିମ୍ନ ୧ ଟଙ୍କାଠାରୁ ୧୦ ଟଙ୍କା ପର୍ଯ୍ୟନ୍ତ ରହିଛି। ଏମାନଙ୍କ ହାତ ତିଆରି ଡଙ୍ଗା ଏବେ କଟକ, ପୁରୀ, ଭୁବନେଶ୍ୱର, ଖୋର୍ଦ୍ଧା ଆଦି ଅଞ୍ଚଳକୁ ବିକ୍ରି ପାଇଁ ଯାଉଛି। ବେପାରୀ ମଧ୍ୟ ତାଙ୍କଠାରୁ ଡଙ୍ଗା ନେଉଛନ୍ତି। ଏହାଦ୍ୱାରା ସେମାନେ ନିଜ ପରିଶ୍ରମ ମୁତାବକ ପାରିଶ୍ରମିକ ପାଇ ଏବେ ନିଜ ଗୋଡ଼ରେ ଠିଆ ହୋଇପାରିଛନ୍ତି। ସରକାରୀ ପ୍ରୋତ୍ସାହନ ମିଳିଲେ ଅଧିକ ରୋଜଗାର କରିବା ସହିତ ଗ୍ରାମାଞ୍ଚଳର ବେରୋଜଗାର ମହିଳାଙ୍କୁ ଏଥିରେ ସାମିଲ କରି ଆତ୍ମନିର୍ଭରଶୀଳ କରାଇପାରନ୍ତୁ ବୋଲି ଗୋଷ୍ଠୀର ସଭାନେତ୍ରୀ ଶର୍ମିଷ୍ଠା ପ୍ରଧାନ, ସମ୍ପାଦିକା କନକଲତା ପ୍ରଧାନ, ସଭ୍ୟା ସନ୍ଧ୍ୟାରାଣୀ ରଥ, ସବିତା ପ୍ରଧାନ, ମମତା ପ୍ରଧାନ, ବିଜୟଲକ୍ଷ୍ମୀ ପ୍ରଧାନ, ଖୁଲଣା ପ୍ରଧାନ, ଉଲ୍ଲାସ ପ୍ରଧାନ, ସ୍ମିତା ପ୍ରଧାନ ପ୍ରମୁଖ କହିଛନ୍ତି।

# 'ଡାକ୍ତରମାନଙ୍କ ପରି ଫାର୍ମାସିଷ୍ଟଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ'

## ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର

**ପୁରୀ, ୨୫।୧୧(ଅଜିତ୍ ମହାନ୍ତି):**

କଲେଜ ଅଫ୍ ଫାର୍ମାସ୍ୟୁଟିକାଲ ସାଇନ୍‌ସେସ୍ ମହାବିଦ୍ୟାଳୟରେ ୬୨ତମ ଜାତୀୟ ଫାର୍ମାସି ସପ୍ତାହ ଅବସରରେ ଏକ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଉଦ୍‌ଘାଟିତ ହୋଇଯାଇଛି। କଲେଜ ସଭାକକ୍ଷଠାରେ କଲେଜର ଚେୟାରପର୍ସନ୍ ଅନିମା ଦାସ, ଡ. ଅମିୟକାନ୍ତ ମିଶ୍ର, କଲେଜର ସମସ୍ତ ଅଧ୍ୟାପିକା ଓ ଅଧ୍ୟାପକାଙ୍କ ଗହଣରେ ଏହା ଅନୁଷ୍ଠିତ ହୋଇଛି। ଉକ୍ତ ସଭାରେ ପୁରୀ ବଡ଼ ମେଡିକାଲର ଅବସରପ୍ରାପ୍ତ ଅଫିସର ଡ. ବଦ୍ରିନାଥ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ, ଡାକ୍ତରମାନଙ୍କ ପରି ଫାର୍ମାସିଷ୍ଟଙ୍କ ଭୂମିକା ମଧ୍ୟ ଗୁରୁତ୍ୱପୂର୍ଣ୍ଣ, ଯଦ୍ୱାରା ଜଣେ ରୋଗୀର ଜୀବନ ରକ୍ଷା ହୋଇପାରୁଛି। ପୁରୀର ଡ୍ରଗ୍ସ ଇନ୍ସପେକ୍ଟର ଅଞ୍ଜନ କୁମାର ସାହୁ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ଫାର୍ମାସି ପାଠର ମହତ୍ତ୍ୱ ଓ ଫାର୍ମାସିଷ୍ଟମାନଙ୍କ ସମାଜ ପ୍ରତି ଭୂମିକା ବିଷୟରେ ବିସ୍ତୃତ ବିବରଣୀ ଦେଇଥିଲେ। ସର୍ବପ୍ରଥମେ କଲେଜର ଅଧ୍ୟକ୍ଷ ପ୍ରଫେସର ଡ. ଅମିୟକାନ୍ତ ମିଶ୍ର ଉପସ୍ଥିତ ସମସ୍ତ ଛାତ୍ରୀଛାତ୍ରଙ୍କୁ ଶୁଭେଚ୍ଛା ଜଣାଇବା ସହିତ କଲେଜ ଛାତ୍ରୀଛାତ୍ରମାନଙ୍କ ଉନ୍ନତି ଓ ସମାଜ କଲ୍ୟାଣ ପାଇଁ ହେଉଥିବା ବିଭିନ୍ନ କାର୍ଯ୍ୟକ୍ରମର ବିବରଣୀ ଦେଇଥିଲେ। କୁଇଜ୍ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ କଲେଜ ଅଧ୍ୟାପକ ଯଶସ୍ୱୀ ରାୟ ଧନ୍ୟବାଦ ଅର୍ପଣ କରିଥଲେ। ପୁରୀ ମୁଖ୍ୟ ଡାକ୍ତରଖାନାର ଅବସରପ୍ରାପ୍ତ ମେଡିକାଲ ଅଫିସର ଡ. ବଦ୍ରିନାଥ ମିଶ୍ରଙ୍କ ତତ୍ତ୍ୱାବଧାନରେ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଥିଲା। ଉକ୍ତ ପରୀକ୍ଷା ଶିବିରକୁ କଲେଜର ଅଧ୍ୟାପିକା ସୁନୀତା ମିଶ୍ର, ସନ୍ଧ୍ୟାରାଣୀ ପାଢ଼ୀଯୋଶୀ, ଅଧ୍ୟାପକ ସିଦ୍ଧେଶ୍ୱର ପାଢ଼ୀଯୋଶୀ, ଅସିତ୍ କୁମାର ଷଡ଼ଙ୍ଗୀ ଓ ସରୋଜ ବିହାରୀ ମିଶ୍ର ପ୍ରମୁଖ ସୁଚାରୁରୂପେ ପରିଚାଳନା କରିଥିଲେ।

### ବାଲିଯାତ୍ରା ସଚେତନତା ରଥକୁ ସ୍ୱାଗତ

**ସାକ୍ଷୀଗୋପାଳ ୨୫।୧୧(ଭରତ ରାଉତ):**

ସତ୍ୟବାଦୀ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ସାକ୍ଷୀଗୋପାଳ ଛକଠାରେ ଓଡ଼ିଶା ପ୍ରସିଦ୍ଧ ବାଲିଯାତ୍ରା ସଚେତନତା ରଥକୁ ସତ୍ୟବାଦୀ ପ୍ରଶାସନ ପକ୍ଷରୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଛି। କଟକରେ ବିଶ୍ୱ ପ୍ରସିଦ୍ଧ ବାଲିଯାତ୍ରା ସଚେତନତା ରଥ ଓ ସେଥିରେ ଥିବା ୭ ଜଣ ସାଧବ ପୁଅ ସାକ୍ଷୀଗୋପାଳ ଛକଠାରେ ପହଞ୍ଚିବା ସମୟରେ ସତ୍ୟବାଦୀ ବିଡିଓ ଲିପ୍ସା ରାୟ, ଅତିରିକ୍ତ ବିଡିଓ ସଲିଳ ଦାସ, ଗ୍ରାମ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ସୌଭାଗ୍ୟ ରଞ୍ଜନ କର ପ୍ରମୁଖ ସ୍ୱାଗତ ଜଣାଇଥିଲେ। ରାଜ୍ୟ ସରକାରଙ୍କ ପକ୍ଷରୁ ଓଡ଼ିଶାର ପ୍ରାଚୀନ କଳା ସଂସ୍କୃତିକୁ ସମସ୍ତଙ୍କ ପାଖରେ ପହଞ୍ଚାଇବା ଲକ୍ଷ୍ୟ ନେଇ ଚଳିତ ମାସ ୨୨ ତାରିଖରୁ ରାଜ୍ୟର ୭ଟି ଜିଲାକୁ ଏହି ରଥ ପରିକ୍ରମା କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିବା ସମ୍ପର୍କରେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ ସୂଚନା ଦେଇଛନ୍ତି।

### ସମନ୍ୱିତ ଯୁବ ବିକାଶ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉଦଘାଟିତ

**ପିପିଲି, ୨୫।୧୧ (ଦୁର୍ଗା ମାଧବ ମିଶ୍ର):**

ବଳଙ୍ଗା ମହାବିଦ୍ୟାଳୟ ଦୟାନିଧି ବିହାର ପରିସରରେ ଉଚ୍ଚ ମାଧମିକ ବିଦ୍ୟାଳୟ ଛାତ୍ରଛାତ୍ରୀମାନଙ୍କ ନିମନ୍ତେ ସମନ୍ୱିତ ଯୁବ ବିକାଶ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉଦଘାଟିତ ହୋଇଯାଇଛି। ଏଥିରେ ନିମାପଡ଼ା ପଞ୍ଚାୟତ ସମିତି ଅଧକ୍ଷ ଶଙ୍କର ଭୋଇ, ଉପାଧ୍ୟକ୍ଷା ଅନୁସୂୟା ମହାନ୍ତି, ପରିଚାଳନା ପରିଷଦ ସଭାପତି ରାଜକିଶୋର ରଥ, ଅଧକ୍ଷ ପ୍ରଭାତ କୁମାର ସାହୁ, ସରପଞ୍ଚ ଅଞ୍ଜଳି ପ୍ରଧାନ, ସୁରେଶ ଚନ୍ଦ୍ର ମଙ୍ଗରାଜ, ପ୍ରଫୁଲ୍ଲ କୁମାର ସ୍ୱାଇଁ, ସମିତି ସଭ୍ୟ ଦୁର୍ଗା ପ୍ରସାଦ ପ୍ରଧାନ, ସାମାଜିକ କର୍ମୀ ରତୁରାଜ ମହାନ୍ତି ଅତିଥି ଭାବରେ ଯୋଗଦେଇ କାର୍ଯ୍ୟକ୍ରମର ସଫଳ ରୂପାୟନ ଉପରେ ଆଲୋକପାତ କରିଥିଲେ। ମହାବିଦ୍ୟାଳୟ ଉପାଧ୍ୟକ୍ଷ ହରମୋହନ ମହାନ୍ତି ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଅଧାପକ ଅଶୋକ ସୁବୁଦ୍ଧିଙ୍କ ନିର୍ଦ୍ଦେଶନାରେ ଛାତ୍ରୀମାନେ ଦେଶାତ୍ମବୋଧକ ସଙ୍ଗୀତ ପରିବେଷଣ କରିଥିଲେ।

# ସ୍ପେଶାଲ ଡ୍ରାଇଭ କାର୍ଯ୍ୟକ୍ରମ : ୫ ଲକ୍ଷ ୮୨ ହଜାର ୭୦୬ ଟଙ୍କା ଜରିମାନା ଆଦାୟ

**ପୁରୀ, ୨୫।୧୧(ଅଜିତ୍ ମହାନ୍ତି):**



ଜିଲା ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ମଙ୍ଗଳାଘାଟ ରୋଡ୍ ସମେତ ବିଭିନ୍ନ ରୋଡ୍‌ରେ ସ୍ପେଶାଲ୍ ଡ୍ରାଇଭ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଭାଗ କମିଶନର ଅମିତାଭ ଠାକୁରଙ୍କ ନିର୍ଦ୍ଦେଶକ୍ରମେ ଜିଲାପାଳ ସମର୍ଥ ବର୍ମା ଓ ଏସ୍‌ପି ଡ. କନ୍‌ୱର ବିଶାଲ ସିଂଙ୍କ ପରାମର୍ଶକ୍ରମେ ଓ ଆର୍‌ଟିଓ ରବିନ ପଟ୍ଟନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଚଢ଼ାଉ କରାଯାଇଥିଲା। ଚଢ଼ାଉ ସମୟରେ ୧୭ ଜଣ ମଦ୍ୟପ ଗାଡ଼ି ଚାଳକଙ୍କୁ ଧରାଯାଇ ସେମାନଙ୍କଠାରୁ ଫାଇନ୍ ଆଦାୟ କରାଯାଇଥିବାବେଳେ ଦ୍ରୁତ ଗାଡ଼ିଚାଳନା ପାଇଁ ୧୯ଜଣ, ବିନା ହେଲମେଟ୍ ପାଇଁ ୧୫ଜଣ, ଗାଡ଼ିଚାଳନା ସମୟରେ ମୋବାଇଲ ବ୍ୟବହାର ପାଇଁ ଜଣେ, ଓଭରଲୋଡିଂ, ବିନା ପରମିଟ୍‌ରେ ଗାଡ଼ିଚାଳନା, ମାଲ୍‌ବାହୀ ଗାଡ଼ିରେ ପାସେଞ୍ଜର ନେବା ଓ ଟ୍ରିପଲ୍ ରିଡିଂ ପାଇଁ ଜଣେ ଲେଖାଏଁ ବ୍ୟକ୍ତିଙ୍କ ଠାରୁ ଫାଇନ୍ ଆଦାୟ କରାଯାଇଥିଲା। ଡିଏଲ୍ ଅନ୍‌ଭ୍ୟାଲିଡ ପାଇଁ ୧୩ ଓ ଅନ୍ୟାନ୍ୟ କାରଣରୁ ୧୨ଜଣ ସର୍ବୋପରି ୮୨ଜଣଙ୍କ ଠାରୁ ୫ ଲକ୍ଷ ୮୨ ହଜାର ୭୦୬ ଟଙ୍କା ଫାଇନ୍ ଆଦାୟ କରାଯାଇ ୨ଲକ୍ଷ ୧୧ହଜାର ୮୧୧ଟଙ୍କା ନଗଦ ଫାଇନ୍ ଅସୁଲ କରାଯାଇଛି। ଚଢ଼ାଉ ସମୟରେ ଏମ୍‌ଭିଆଇ, ଅତିରିକ୍ତ ଏମ୍‌ଭିଆଇ ଓ ସମସ୍ତ କର୍ମଚାରୀ ସହଯୋଗ କରିଥିବା ବେଳେ ଆଗକୁ ଏହି ଅଭିଯାନ ଜିଲାର ପ୍ରତ୍ୟେକ ଅଞ୍ଚଳରେ ଆହୁରି କଡ଼ାକଡ଼ି କରାଯିବ ବୋଲି ଆର୍‌ଟିଓ ପଟ୍ଟନାୟକ ସୂଚନା ଦେଇଛନ୍ତି।

# ଧବଳେଶ୍ୱରଙ୍କ ବଡ଼ସିଂହାର ବେଶ



ସତ୍ୟବାଦୀ ଅଞ୍ଚଳରେ ଅବସ୍ଥିତ ଶ୍ରୀ ଧବଳେଶ୍ୱର ଦେବଙ୍କ ବଡ଼ସିଂହାର ବେଶ ।

**ସାକ୍ଷୀଗୋପାଳ, ୨୫।୧୧ (କିଶୋର ମହାପାତ୍ର/ପ୍ରଶାନ୍ତ ବାରିକ)**

ପୁରୀ ଜିଲା ସତ୍ୟବାଦୀ ଅଞ୍ଚଳର ଆଦ୍ୟ ଶାସନ ବୀର ରାମଚନ୍ଦ୍ରପୁର ଗ୍ରାମର ଚତୁର୍ଥ ଖଣ୍ଡିରେ ଅବସ୍ଥିତ ଶ୍ରୀ ଧବଳେଶ୍ୱର ଦେବଙ୍କ ପୀଠରେ ଶନିବାର ବଡ଼ଓଷା ଉପଲକ୍ଷେ ଠାକୁରଙ୍କ ପୂଜାର୍ଚ୍ଚନା ପାଇଁ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗିଥିଲା। ପୂର୍ବ ରାତ୍ରରୁ ଦେବନୀତି ଆରମ୍ଭ କରାଯାଇ ମଙ୍ଗଳ ଆଳତି, ଅବକାଶ, ବାଳଭୋଗ ନୀତି ଅନୁଷ୍ଠିତ ହୋଇଥିଲା। ସକାଳ ୬ଟାରୁ ଭକ୍ତଙ୍କ ନିମନ୍ତେ ମନ୍ଦିରରେ ସାହାଣ ମେଲା ଦର୍ଶନ ଆରମ୍ଭ ହୋଇଥିଲା। ଭକ୍ତ ଧାଡ଼ିରେ ଯାଇ ଠାକୁରଙ୍କ ବଡ଼ସିଂହାର ବେଶ ଦର୍ଶନ କରି ବେଲପତ୍ର, ଫୁଲ, କ୍ଷୀର, କଦଳୀ, ପଇଡ଼ ପାଣି ଲାଗି କରି ପୂଜାର୍ଚ୍ଚନା କରିଥିଲେ। ସାକ୍ଷୀଗୋପାଳ ଓ ଏହା ଆଖପାଖ ଅଞ୍ଚଳର ପ୍ରାୟ ୫୦ ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ସତ୍ୟବାଦୀ ପୋଲିସ ଆଇନଶୃଙ୍ଖଳା ନିୟନ୍ତ୍ରଣ ପାଇଁ ଉପସ୍ଥିତ ଥିଲେ। ଖଣ୍ଡିକୋଠ କମିଟି ସଭ୍ୟ ଏଥିରେ ସହଯୋଗ କରିଥିଲେ। ମନ୍ଦିର ରଙ୍ଗ କରାଯିବା ସହିତ ଫୁଲହାର ଓ ଆଲୋକସଜ୍ଜା କରାଯାଇଥିଲା। ବିଭିନ୍ନ ଘରକରଣା ସାମଗ୍ରୀ ଓ ଫାଷ୍ଟଫୁଡ୍ ଦୋକାନରେ ବେଶ୍ କାରବାର ହୋଇଥିଲା।

# ସୋଲର ରହିଛି ସ୍ୱତନ୍ତ୍ର ଚାହିଦା



ସୋଲ ଡଙ୍ଗା ତିଆରିରେ ନିମଗ୍ନ ଜଣେ କାରିଗର ।

**ଅସ୍ତରଙ୍ଗ, ୨୫।୧୧(ପ୍ରଦୀପ୍ତ ଦୀକ୍ଷିତ)**

କାର୍ତ୍ତିକ ପୂର୍ଣ୍ଣମାକୁ ମୁଖ୍ୟତଃ ଲୋକେ ଡଙ୍ଗାଭସା ପୂର୍ଣ୍ଣମା ରୂପେ ଜାଣିଥାନ୍ତି। ଏହି ପୂର୍ଣ୍ଣମା ଆସିଲେ ଲୋକଙ୍କ ଖୋଜା ପଡ଼େ ଡଙ୍ଗା। ଓଡ଼ିଆ ଜାତିର ସଂସ୍କୃତି, ପରମ୍ପରା ପ୍ରତୀକ ଏହି ଡଙ୍ଗାଭସା ପୂର୍ଣ୍ଣମା। କିଏ କିଏ କଦଳୀ ପାଟୁଙ୍ଗାରେ ଡଙ୍ଗା ଭସାଇଥାନ୍ତି ତ ପୁଣି କିଏ ସୋଲ, କାଗଜ ଡଙ୍ଗା ଭସାଉଥିବା ଦେଖିବାକୁ ମିଳେ। ତେବେ କାର୍ତ୍ତିକ ପୂର୍ଣ୍ଣମା ଆସିଲେ ଚଳଚଞ୍ଚଳ ହୋଇଥାନ୍ତି ଡଙ୍ଗା କାରିଗର। ଏମିତି ଜଣେ ସୋଲ କାରିଗର ହେଲେ ପୁରୀ ଜିଲା ଅସ୍ତରଙ୍ଗ ଅଞ୍ଚଳର ବ୍ରଜସୁନ୍ଦର ଦାସ। ପାଖାପାଖି ୫୦ରୁ ୬୦ ପ୍ରକାରର ଡଙ୍ଗା ତିଆରି କରି ବଜାରରେ ବିକ୍ରି କରିଥାନ୍ତି। ଏହି ଡଙ୍ଗାର ମୂଲ୍ୟ ୫ ଟଙ୍କାରୁ ଆରମ୍ଭ ହୋଇ ୫ ହଜାର ଟଙ୍କା ପର୍ଯ୍ୟନ୍ତ ରହିଛି। କାର୍ତ୍ତିକ ପୂର୍ଣ୍ଣମାର ୩/୪ ମାସ ଆଗରୁ ବ୍ରଜସୁନ୍ଦର ଡଙ୍ଗା ତିଆରିରେ ଲାଗିପଡ଼ନ୍ତି। ଡଙ୍ଗା ତିଆରି ପାଇଁ କଟକରୁ ବିଭିନ୍ନ ପ୍ରକାର କଞ୍ଚାମାଲ ସଂଗ୍ରହ କରି ସେଥିରେ ମନ୍ଦିର, ବତକ, ହଂସ ଓ ଯୁଦ୍ଧଜାହାଜ ଆକୃତିର ଡଙ୍ଗା ତିଆରି କରିଥାନ୍ତି। ବ୍ରଜସୁନ୍ଦରଙ୍କ ହାତତିଆରି ଡଙ୍ଗା ପାଇଁ ବିଭିନ୍ନ ଅଞ୍ଚଳ ବ୍ୟବସାୟୀମାନେ ଭିଡ଼ ଜମାଇଥାନ୍ତି। ଏହାସହ ସେ ସ୍ଥାନୀୟ ଅସ୍ତରଙ୍ଗ ବଜାର ସହ ଆଖପାଖ ଅଞ୍ଚଳରେ ଡଙ୍ଗା ବିକ୍ରି କରିଥାନ୍ତି। ବିଶ୍ୱାସ ରହିଛି ଆଗ କାଳରେ ସାଧବମାନେ ସାତ ସମୁଦ୍ର ପାରି ହୋଇ ବୋଇତ ନେଇ ବାଣିଜ୍ୟ କରିବାକୁ ଯାଉଥିଲେ। ଆଉ ସେହି ପୁରୁଣା ସ୍ମୃତିକୁ ମନେରଖିବାକୁ ବୋଇତ ବନ୍ଦାଣ ଉତ୍ସବ କରାଯାଇଥାଏ। ଆଉ ଏକ ଲୋକକଥା ଅନୁସାରେ କାର୍ତ୍ତିକ ମାସରେ ଡଙ୍ଗା ଭସାଇବା ଦ୍ୱାରା କୋଟି ଜନ୍ମର ପୁଣ୍ୟ ମିଳିଥାଏ।

# ବିଳମ୍ବିତ ରାତିରେ ଲାଗିହେଲା ଗଜଭୋଗ

**ଅସ୍ତରଙ୍ଗ, ୨୫।୧୧(ପ୍ରଦୀପ୍ତ ଦୀକ୍ଷିତ)**

ପଞ୍ଚକର ତୃତୀୟ ଦିନ, ମହାକାର୍ତ୍ତିକ ମାସର ବଡ଼ପର୍ବ ବଡ଼ଓଷା। ବଡ଼ଓଷାରେ ପୁରୀ ଜିଲା ଅସ୍ତରଙ୍ଗ ବ୍ଲକ ନଈଗୁଆଁ ଓ ଓସିଆଁ ମଧ୍ୟରେ ଅବସ୍ଥିତ ବାବା ଧବଳେଶ୍ୱରଙ୍କ ପାଖରେ ତ୍ରୟୋଦଶୀ ଓ ଚତୁର୍ଦ୍ଦଶୀର ସନ୍ଧିକ୍ଷଣରେ ପାଖରେ ଗଜଭୋଗ ଓ ତରଣ ଲାଗି ହୋଇଥାଏ। ବଡ଼ଓଷା ତଥା କାର୍ତ୍ତିକ ବ୍ରତ କରିଥିବା ଭକ୍ତ ଓ ଶ୍ରଦ୍ଧାଳୁ ଗଜଭୋଗ ଓ ତରଣ ପାଇବା ପରେ ବ୍ରତ ଉଦ୍‌ଯାପନ କରିଥାନ୍ତି। ସେଥିପାଇଁ ରାତିରେ ମହାସ୍ନାନ କରାଯାଇ ମଇଲମ, ମଙ୍ଗଳଆଳତି ଆଦି ସମସ୍ତ ନୀତିକାନ୍ତି ପରେ ଭକ୍ତ ଓ ଶ୍ରଦ୍ଧାଳୁ ଦର୍ଶନ କରିଥିଲେ। ପବିତ୍ର କାର୍ତ୍ତିକ ମାସର ବଡ଼ଓଷା ପାଇଁ ଅସ୍ତରଙ୍ଗ ବ୍ଲକର ଗ୍ରାମାଞ୍ଚଳର ବିଭିନ୍ନ ଶୈବପୀଠରେ ବ୍ରତଧାରୀମାନେ ଗଜ ଭୋଗ ବସାଇଥିଲେ। ମନ୍ଦିର ସେବାୟତଙ୍କ ନୀତି ନିର୍ଘଣ୍ଟ ଅନୁଯାୟୀ ପୂଜାର୍ଚ୍ଚନା କରାଯାଇ ଗଜ ଭୋଜ ଲାଗି ହୋଇଥିଲା।

# ନଦୀବନ୍ଧରେ ଜଙ୍ଗଲୀ ଜନ୍ତୁ, ଆତଙ୍କରେ ଅଞ୍ଚଳବାସୀ

**ନିମାପଡ଼ା, ୨୫।୧୧(ରଞ୍ଜନ ପଟ୍ଟନାୟକ)**

ନିମାପଡ଼ା ପୌରାଞ୍ଚଳରେ ରାତି ସମୟରେ ଜଙ୍ଗଲୀ ଜନ୍ତୁଙ୍କ ବିଚରଣକୁ ନେଇ ଏକପ୍ରକାର ଭୟର ବାତାବରଣ ସୃଷ୍ଟି ହୋଇଛି। ଗତ କିଛିଦିନ ହେବ ୨ରୁ ୪ଟି ହେଟା ବାଘ (ମାଟିଆ ଗଧିଆ) ରାତି ୯ଟା ପରଠାରୁ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ କୁଶଭଦ୍ରା ନଦୀ ବନ୍ଧ ଉପରେ ବିଚରଣ କରୁଥିବା ଦେଖିବାକୁ ମିଳୁଛି; ଯାହାଦ୍ୱାରା ରାତ୍ରିରେ ନଦୀବନ୍ଧରେ ଯିବାଆସିବା କରିବାକୁ ଅଞ୍ଚଳବାସୀ ଭୟ କରୁଛନ୍ତି। ବିଶେଷକରି ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ନଦୀ ବନ୍ଧରେ ସଂଖ୍ୟାଧିକ ନିଶାଡ଼ି ଆସର ଜମାଇଥାନ୍ତି। ଜଙ୍ଗଲୀ ପ୍ରାଣୀ ଦେଖା ଯିବା ଫଳରେ ସେମାନେ ଭୟଭୀତ ହୋଇ ପଡ଼ିଛନ୍ତି। ଦିନକୁଦିନ ଜଙ୍ଗଲ ଅବକ୍ଷୟ ହେବା ଫଳରେ ଏମାନେ ଜନବସତି ମୁହାଁ ହେଉଛନ୍ତି। ରାତିରେ ସତର୍କ ହୋଇ ନଦୀ ବନ୍ଧରେ ଯାତାୟାତ କରିବାକୁ ବନବିଭାଗ ପକ୍ଷରୁ ପରାମର୍ଶ ଦିଆଯାଇଛି।



କୁଶଭଦ୍ରା ନଦୀ ବନ୍ଧରେ ହେଟା ବାଘ (ମାଟିଆ ଗଧିଆ) ବୁଲୁଥିବାର ଦୃଶ୍ୟ ।

# ପଞ୍ଚକରେ ପତିତପାବନ ଦେବଙ୍କ ଭିନ୍ନ ବେଶ

**ପିପିଲି, ୨୫।୧୧ (ପ୍ରଭାତ କୁମାର ମହାପାତ୍ର):**

କାର୍ତ୍ତିକ ଧର୍ମ ମାସ ଅବସରରେ ପିପିଲି ଦର୍ଜୀ ସାହିସ୍ଥିତ ଶ୍ରୀ ପତିତପାବନ ଦେବଙ୍କ ମନୋଜ୍ଞ ପାଞ୍ଚ ପ୍ରକାର ବେଶ ଦେଖିବାକୁ ମନ୍ଦିରରେ ନାହିଁ ନ ଥିବା ଭିଡ଼ ଦେଖାଦେଇଥିଲା। ପୁରୀ ଶ୍ରୀମନ୍ଦିର ପରି ଜଗନ୍ନାଥଙ୍କ ନୀତିକାନ୍ତି ଅନୁରୂପ ସମସ୍ତ ପୂଜା ପଦ୍ଧତି, ରୀତିନୀତି ଓ ପର୍ବପର୍ବାଣି ପତିତପାବନଙ୍କର ମଧ୍ୟ ହୋଇଥାଏ । କାର୍ତ୍ତିକ ବ୍ରତ ଅବସରରେ ସ୍ଥାନୀୟ ଶତାଧିକ ମହିଳା ପ୍ରାତଃ କାଳରୁ ମନ୍ଦିରକୁ ଆସି ଶ୍ରୀ ରାଧା ଦାମୋଦର ଓଷା ବ୍ରତର ସମସ୍ତ ବିଧିବିଧାନ ସହ ପତିତପାବନଙ୍କ ମନ୍ଦିର ପରିସରରେ ହବିଷିଆଳୀ ପାଳନ କରିଛନ୍ତି। ପ୍ରତ୍ୟହ





ସକାଳେ ଦହିଚୁଡ଼ା ଓ ଖେଚୁଡ଼ି ବାଲଭୋଗ ଲଗାଯାଇ ପିଲାମାନଙ୍କୁ ବଣ୍ଟା ଯାଉଛି। ଇତ୍ୟବସରରେ ପତିତପାବନ ଦେବଙ୍କ କାର୍ତ୍ତିକ ପ୍ରସାଦ ଖାଇବା ଏବେ ଘରକୁ ନେବା ପାଇଁ ପ୍ରତିଦିନ ଭକ୍ତଙ୍କ ଭିଡ଼ ଲାଗି ରହିଛି। ସୁପକାରଙ୍କ ଦ୍ୱାରା ପ୍ରସ୍ତୁତ ଅନ୍ନ, ଡାଲି, ବେଶର, ମହୁର, ଶାଗ, ଖଟା, ଖିରୀ ଇତ୍ୟାଦି ଭକ୍ତମାନଙ୍କୁ ଯୋଗାଇ ଦିଆଯାଉଛି । ସକାଳ ଓ ସନ୍ଧ୍ୟା ଆଳତୀ ଦେଖିବାକୁ ଭକ୍ତମାନଙ୍କ ଭିଡ଼ ଦେଖାଯାଉଛି । କାର୍ତ୍ତିକ ମାସର ଶେଷ ପାଞ୍ଚ ଦିନ ସନ୍ଧ୍ୟା ସମୟରେ ପତିତପାବନଙ୍କ ଭିନ୍ନ ଭିନ୍ନ ବେଶ କରାଯାଉଛି। ସୁନା ବେଶ, ତୁଳସୀ ବେଶ, ବନମାଳୀ ବେଶ, ଦାମୋଦର ବେଶ, ଦୟଣା ବେଶ ଇତ୍ୟାଦିରେ ପ୍ରଭୁଙ୍କ ମନୋରମ ବେଶ କରାଯାଉଛି । ପ୍ରକାଶଥାଉକି ଆସନ୍ତା କାର୍ତ୍ତିକ ପୂର୍ଣ୍ଣିମାଦିନ ପଞ୍ଚୁକର ଶେଷ ଦିବସରେ ସ୍ୱର୍ଣ୍ଣ ବେଶ ସହିତ ବିଭିନ୍ନ ବିଶେଷ ନୀତିକାନ୍ତି କରାଯିବ ବୋଲି ମୁଖ୍ୟ ପୂଜକ ଲକ୍ଷ୍ମୀଧର ପଣ୍ଡା କହିଛନ୍ତି ।

# ବାଲିଯାତ୍ରା ପାଇଁ ଟ୍ରାଫିକ୍ କଟକଣା

**କଟକ,୨୫ା୧୧ (କାର୍ତ୍ତିକ ସାହୁ)**

- ଅପରାହ୍ନ ୨ଟାରୁ ଭିଡ଼ ଭାଙ୍ଗିବା ପର୍ଯ୍ୟନ୍ତ ଲାଗୁ
- ଆମ ବାଲିଯାତ୍ରା ମୋବାଇଲ୍ ଆପ୍‌ରେ ମିଳିବ ପାର୍କିଂସ୍ଥଳ, ଟ୍ରାଫିକ ତଥ୍ୟ

ଆସନ୍ତା ୨୭ ତାରିଖରୁ ଆରମ୍ଭ ହେବ ଐତିହାସିକ କଟକ ବାଲିଯାତ୍ରା। ଜନସାଧାରଣଙ୍କ ସୁବିଧା, ସୁରକ୍ଷା ଓ ସୁଗମନାଗମନକୁ ଦୃଷ୍ଟିରେ ରଖି ଓଡ଼ିଶା ପୋଲିସ ଅର୍ବାନ ଆକ୍ଟ ୨୦୦୩ର ଧାରା ୨୮(ଓଡ଼ିଶା ଆକ୍ଟ ୨୦୦୭ର ଧାରା ୮) ଏବଂ ପୋଲିସ କମିଶନରେଟ ଭୁବନେଶ୍ୱର-କଟକ ଟ୍ରାଫିକ ଓ ପବ୍ଲିକ ଅର୍ଡର ୨୦୦୮ ଧାରା ୩୬ ଅନୁସାରେ କମିଶନରେଟ ପୋଲିସ ପକ୍ଷରୁ ଟ୍ରାଫିକ କଟକଣା ଓ ପାର୍କିଂ ବ୍ୟବସ୍ଥା ଅପରାହ୍ନ ୨ଟାରୁ ଭିଡ଼ ଭାଙ୍ଗିବା ପର୍ଯ୍ୟନ୍ତ ଲାଗୁ କରାଯାଇଛି। ବାଲିଯାତ୍ରା ପାଇଁ ହୋଇଥିବା ପାର୍କିଂସ୍ଥଳରେ ଜନସାଧାରଣ ଯାନ ରଖିବା ପରେ ସେଠାରୁ ପ୍ରଶାସନ ଦ୍ୱାରା ଯୋଗାଇ ଦିଆଯାଇଥିବା ଗାଡ଼ିରେ ବାଲିଯାତ୍ରା ପଡ଼ିଆ ପର୍ଯ୍ୟନ୍ତ ଆସିପାରିବେ। ପ୍ରଶାସନ ପକ୍ଷରୁ ପ୍ରସ୍ତୁତ ଆମ ବାଲିଯାତ୍ରା ଆପ୍‌ରେ ବାଲିଯାତ୍ରାର ପାର୍କିଂସ୍ଥଳ ଓ ଟ୍ରାଫିକ ବିଷୟରେ ତଥ୍ୟ ମିଳିପାରିବ।

ସୂଚନା ଅନୁସାରେ, ବାଲିଯାତ୍ରା ଆରମ୍ଭ ଦିନଠାରୁ କଟକଣା ସମୟରେ ବେଲ୍‌ଭ୍ୟୁ ଛକରୁ ତିନିଚକିଆ ଓ ଚାରିଚକିଆ ଯାନ ସତୀଚୌରା, ସେଲ୍‌ଟର ଛକ ଓ କନିକା ଛକ ଦେଇ ବାଲିଯାତ୍ରା ପଡ଼ିଆ ଆଡ଼କୁ ଯାଇପାରିବ ନାହିଁ। ସେଗୁଡ଼ିକ ବେଲ୍‌ଭ୍ୟୁ ଛକରୁ ସିଡିଏ-୧୧ ଛକ ଓ ବିଜୁ ପଟ୍ଟନାୟକ ପାର୍କ କିମ୍ବା ଭୁଆଶୁଣୀ ପଡ଼ିଆରେ ପାର୍କିଂ କରିବ। ସତୀଚୌରା ଛକରୁ ୨ ଚକିଆ ଯାନ ସେଲଟର ଛକ ଓ କନିକା ଛକ ଦେଇ ବାଲିଯାତ୍ରା ପଡ଼ିଆରେ ନିର୍ଦ୍ଧାରିତ ପାର୍କିଂସ୍ଥଳ ଦୟାଶ୍ରମ ସାମ୍ନା ପଡ଼ିଆ କିମ୍ବା କାର୍ତ୍ତିକେଶ୍ୱର ଗଡ଼ାର ବାମପଟେ ଥିବା ପାର୍କିଂ ପଡ଼ିଆରେ ପାର୍କିଂ କରିପାରିବ। ଚହଟା ଛକରୁ ୩/୪ ଯାନ ସିଧା ହରିଣ ପାର୍କ ଦେଇ ବାଲିଯାତ୍ରା ପଡ଼ିଆ ଆଡ଼କୁ ଯାଇପାରିବ ନାହିଁ। ସେଗୁଡ଼ିକ ଭୁଆଶୁଣୀ ପଡ଼ିଆରେ ପାର୍କିଂ କରିବ। ମଧୁସୂଦନ ସେତୁ ଆଡୁ ଆସୁଥିବା ୩/୪ ଚକିଆ ଯାନଗୁଡ଼ିକ ବିଜୁ ପଟ୍ଟନାୟକ ପାର୍କ ନିକଟ ପାର୍କିଂ କିମ୍ବା ଭୁଆସୁଣୀ ପଡ଼ିଆରେ ପାର୍କିଂ କରିବେ। ଭୁବନେଶ୍ୱର ପଟୁ ଆସୁଥିବା ୩/୪ ଚକିଆ ଯାନଗୁଡିକ ଜୁଡିସିଆଲ ଏକାଡେମୀ ଛକରୁ ସିଧା ସତୀଚଉରା ଦେଇ ସିଡିଏ-୧୧ରୁ ବିଜୁ ପଟ୍ଟନାୟକ ପାର୍କ ନିକଟ ପାର୍କିଂ କିମ୍ବା ଭୁଆସୁଣୀ ପଡ଼ିଆରେ ପାର୍କିଂ କରିବ। ଭୁଆସୁଣୀ ପଡ଼ିଆ ଓ ଚହଟା ଛକରୁ କେବଳ ଦୁଇଚକିଆ ଯାନ ହରିଣ ପାର୍କ ପର୍ଯ୍ୟନ୍ତ ଆସି ବାଲିଯାତ୍ରା ପଡ଼ିଆରେ ପୂର୍ବରୁ ନିର୍ଦ୍ଧାରିତ କାର୍ତ୍ତିକେଶ୍ୱର ଗଡ଼ା ପାଖ ପାର୍କିଂରେ ରହିବ। ହରିଣ ପାର୍କ ଛକରୁ ୩/୪ ଚକିଆ ଯାନ ସିଧା ବାଲିଯାତ୍ରା ପଡ଼ିଆ ଆଡ଼କୁ ଯାଇପାରିବ ନାହିଁ, ସେଗୁଡ଼ିକ ଏଠାରୁ ଡାହାଣକୁ ଯାଇ ଖ୍ରୀଷ୍ଟିଆନ୍ ପଡ଼ିଆରେ ପାର୍କିଂ କରିବ। ମଧୁକୁଞ୍ଜ ପାର୍କ ପାଖରୁ ଏବଂ ବିଜୁ ପଟ୍ଟନାୟକ ଛକଠାରୁ ୩/୪ ଚକିଆ ଯାନ ଦୟାଶ୍ରମ ରାସ୍ତାରେ ସିଧା ବାଲିଯାତ୍ରା ପଡ଼ିଆ ଆଡ଼କୁ ଯାଇପାରିବ ନାହିଁ। ସେଗୁଡ଼ିକ ଖ୍ରୀଷ୍ଟିଆନ ପଡ଼ିଆରେ ପାର୍କିଂ କରିବ। ବିଜୁ ପଟ୍ଟନାୟକ ଛକଠାରୁ କେବଳ ଦୁଇଚକିଆ ଯାନ ଦୟାଶ୍ରମ ରାସ୍ତାରେ ଯାଇ ବାମପଟ ପଡ଼ିଆରେ ପାର୍କିଂ କରିବ। କନିକା ଛକଠାରୁ ୩/୪ ଚକିଆ ଯାନ ସିଧା ଚଣ୍ଡୀ ଛକ ଦେଇ ବାଲିଯାତ୍ରା ପଡ଼ିଆ ନ ଯାଇ ବିଜୁ ପଟ୍ଟନାୟକ ଛକ ଦେଇ ଖ୍ରୀଷ୍ଟିଆନ ପଡ଼ିଆରେ ପାର୍କିଂ କରିବ। ଚଣ୍ଡୀଛକଠାରୁ ୨/୩ ଚକିଆ ଯାନ ସିଧା କନଭେଣ୍ଟ ସ୍କୁଲ ଛକ ଦେଇ ନ ଯାଇ କନିକା ଛକ ଓ ବିଜୁ ପଟ୍ଟନାୟକ ଛକ ଦେଇ ଖ୍ରୀଷ୍ଟିଆନ ପଡ଼ିଆରେ ପାର୍କିଂ କରିବ। କିନ୍ତୁ ଦୁଇଚକିଆ ଯାନଗୁଡ଼ିକ ଏଠାରୁ କନ୍‌ଭେଣ୍ଟ ସ୍କୁଲ ଓ ପିଏଚ୍‌ଡି ଅଫିସ ଦେଇ ଦୟାଶ୍ରମ ସାମ୍ନାରେ ପାର୍କିଂ କରିବ। ୩/୪ ଚକିଆ ଯାନଗୁଡ଼ିକ ସମାଜ ଅଫିସ ଛକରୁ ନାରୀ ସେବା ସଦନ ଛକ ଦେଇ ସିଧା ବାଲିଯାତ୍ରା ପଡ଼ିଆ ଆଡ଼କୁ ଯାଇପାରିବ ନାହିଁ। ସେଗୁଡ଼ିକ ମିଶନ ରୋଡ୍‌ରେ ଯାଇ ଚଣ୍ଡି ଛକ, କନିକା ଛକ ଓ ବିଜୁ ପଟ୍ଟନାୟକ ଛକ ଦେଇ ଖ୍ରୀଷ୍ଟିୟାନ ପଡ଼ିଆରେ ପାର୍କିଂ କରିବ। ପିଏଚ୍‌ଡି ଅଫିସ ଓ ଦୟାଶ୍ରମ ଛକଠାରୁ କୌଣସି ଯାନ ସିଧା ବାଲିଯାତ୍ରା ପଡ଼ିଆ ଆଡ଼କୁ ଯାଇପାରିବ ନାହିଁ। ବକ୍ସିବଜାର ଫାୟାର ଷ୍ଟେଶନ ଛକଠାରୁ ୩/୪ ଚକିଆ ଯାନ ରିଜର୍ଭ ପୋଲିସ ଲାଇନ୍ ଦେଇ ବାଲିଯାତ୍ରା ପଡ଼ିଆ ଆଡ଼କୁ ଯାଇପାରିବ ନାହିଁ। ଏଠାରୁ କେବଳ ଦୁଇଚକିଆ ଯାନ ରିଜର୍ଭ ପୋଲିସ ଲାଇନ ଦେଇ ଓଡ଼ିଶା ପୋଲିସ ଆସୋସିଏଶନ ଛକଠାରୁ ବାମ ମୋଡ଼ ନେଇ ନାରୀ ସେବାସଦନ ଛକ ଡାହାଣକୁ ଯାଇ କଳାବିକାଶ କେନ୍ଦ୍ର ଓ ପିଏଚ୍‌ଡି ଅଫିସ ଛକ ଦେଇ ଦୟାଶ୍ରମ ସାମ୍ନାରେ ପାର୍କିଂ କରିବ। ନାରୀ ସେବା ସଦନ ଛକ ଏବଂ ଓଡ଼ିଶା ପୋଲିସ ଆସୋସିଏଶନ ଛକଠାରୁ କୌଣସି ଗାଡ଼ି ସିଧା ମଧୁସୂଦନ ଷ୍ଟାଚ୍ୟୁ ଆଡ଼କୁ ଯାଇପାରିବ ନାହିଁ। ହାଓଡ଼ା ମୋଟର ଛକ ଓ ମସ୍ତାନ ଦରଘା ଆଡ଼କୁ ଆସୁଥିବା ଏବଂ ଯୋବ୍ରା ଓ ମାତାମଠ ପଟୁ ଆସୁଥିବା ଯାନଗୁଡ଼ିକ ହାଇକୋର୍ଟ ମୁଖ୍ୟ ବିଚାରପତିଙ୍କ ବାସଭବନ ପାଖରୁ ଡାହାଣ ପଟ ଗଡ଼ାରେ ଯାଇ ଷ୍ଟାଣ୍ଡରେ ପାର୍କିଂ କରିବ। ମୁଖ୍ୟ ବିଚାରପତିଙ୍କ ବାସଭବନ ଛକଠାରୁ କୌଣସି ଗାଡ଼ି ସିଧା ରିଂବନ୍ଧରେ ଗଡ଼ଗଡ଼ିଆ ମନ୍ଦିର ଆଡ଼କୁ ଯିବନାହିଁ। ଲାୟନ୍ସ ଚକ୍ଷୁ ଚିକିତ୍ସାଳୟ ଛକଠାରୁ କୌଣସି ଗାଡ଼ି ଷ୍ଟାଡିୟମ ପଛ ପଟ ଦେଇ ବାଲିଯାତ୍ରା ପଡ଼ିଆ ଯାଇପାରିବ ନାହିଁ। ମୁଖ୍ୟ ବିଚାରପତିଙ୍କ ବାସଭବନ ସାମ୍ନା ପାର୍କିଂସ୍ଥଳରୁ ଯାନଗୁଡ଼ିକ ବାହାରି ସିଲ୍‌ଭର ସିଟି ବୋଟିଂ କ୍ଲବ ରାସ୍ତାରେ ମାତାମଠ ଆଡ଼କୁ ଯିବ। ସେହିପରି କାର୍ତ୍ତିକେଶ୍ୱର ଗଡ଼ା ପାଖ ପାର୍କିଂରୁ ଯାନଗୁଡ଼ିକ ବାହାରି କ୍ୟାଣ୍ଟନମେଣ୍ଟ ଥାନା ଆଡ଼କୁ ଯାଇପାରିବ।

## 'ଫାର୍ମାସିଷ୍ଟ ସ୍ୱାସ୍ଥ୍ୟସେବାର ସଜାଗ ପ୍ରହରୀ'



ପ୍ରତିମୂର୍ତ୍ତି ଅନାବରଣ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଓ ଅନ୍ୟମାନେ।

**କଣ୍ଟାପଡ଼ା,୨୫ା୧୧ (ସୁରନାରାୟଣ ସାହୁ)**

ସ୍ଥାନୀୟ ଦଧୀଚି ଫାର୍ମାସୀ କଲେଜ ପରିସରରେ ଗତ ୧୯ ତାରିଖଠାରୁ ଚାଲିଥିବା ୬୨ତମ ଜାତୀୟ ଫାର୍ମାସୀ ସପ୍ତାହ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ଭାରତୀୟ ରସାୟନ ପ୍ରଯୁକ୍ତି ବିଦ୍ୟା ଅନୁଷ୍ଠାନ ତଥା ଇଣ୍ଡିଆନ ଅଏଲ ଓଡ଼ିଶା ମୁଖ୍ୟ ପ୍ରଫେସର ପି.ଆର. ଭାଭିଆ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଫାଦରଅଫ୍ ଇଣ୍ଡିଆନ ଫାର୍ମାସୀ ଏଜୁକେଶନ ସ୍ୱର୍ଗତ ପ୍ରଫେସର ମହାଦେବ ଲାଲ ସ୍ରଫଙ୍କ ପ୍ରତିମୂର୍ତ୍ତିକୁ କଲେଜ ପରିସରରେ ଅନାବରଣ କରିଥିଲେ। ଏଥିସହ ସେ କହିଥିଲେ, ଫାର୍ମାସିଷ୍ଟ ହେଉଛନ୍ତି ସ୍ୱାସ୍ଥ୍ୟସେବାର ସଜାଗ ପ୍ରହରୀ। ଆଗାମୀ ଦିନରେ ଫାର୍ମାସୀ ଛାତ୍ରୀଛାତ୍ରଙ୍କ ପାଇଁ ଦେଶରେ ବହୁ ସୁଯୋଗ ସୃଷ୍ଟି ହେବାକୁ ଯାଉଛି। ୭ ଦିନ ବ୍ୟାପୀ ଆୟୋଜିତ ଦଧୀଚି ଶିକ୍ଷା ସମୂହ ଅନୁଷ୍ଠାନର ଚେୟାରମ୍ୟାନ ଡ. ମନୋଜ କୁମାର ଦାଶ କହିଥିଲେ, ସମାଜରେ ଔଷଧ ବ୍ୟବହାର ଉପରେ ସଚେତନତା ସୃଷ୍ଟି କରିବା ଏହି କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ। ଛାତ୍ରୀଛାତ୍ରଙ୍କ ପକ୍ଷରୁ ଔଷଧ ପ୍ରସ୍ତୁତି ପାଇଁ କରାଯାଇଥିବା ୨ଡି ଓ ୩ଡି ପ୍ରକଳ୍ପକୁ ମ୍ୟାନେଜିଂ ଟ୍ରଷ୍ଟି ବବିତା ଦେଖି ପ୍ରଶଂସା କରିଥିଲେ। କଲେଜ ଅଧ୍ୟକ୍ଷ ଡ. ରଜତ କୁମାର କର ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। କଲେଜର ଅର୍ଥ ନିର୍ଦ୍ଦେଶକ ବାସୁଦେବ ବିଶ୍ୱାଳ, ପ୍ରଶାସନିକ ଉପନିର୍ଦ୍ଦେଶକ ସୀମାଞ୍ଚଳ ପଣ୍ଡା ଜାତୀୟ ଫର୍ମାସୀ ଦିବସର ଗୁରୁତ୍ୱ ସମ୍ପର୍କରେ କହିଥିଲେ।

## ମେଗା ସ୍ପୋର୍ଟ୍ସ କାର୍ନିଭାଲ

**କଟକ,୨୫ା୧୧ (ଶିଲ୍ପା ପ୍ରିୟଦର୍ଶିନୀ)**

ମୋକିମ ଫାଉଣ୍ଡେଶନ ପକ୍ଷରୁ ଆୟୋଜିତ ମେଗା ସ୍ପୋର୍ଟ୍ସ କାର୍ନିଭାଲ-୨୦୨୩ର ଦ୍ୱିତୀୟ ଦିବସରେ ଟେବୁଲ ଟେନିସ ଓ ଚେସ୍ ଖେଳ ଶନିବାର କଟକ ଇନ୍‌ଡୋର ଷ୍ଟାଡିୟମରେ ଅନୁଷ୍ଠିତ ହୋଇଯାଇଛି। ରବିବାର ଉଦ୍‌ଯାପନୀ ସନ୍ଧ୍ୟାରେ ବିଭିନ୍ନ ବର୍ଗର ଖେଳରେ କଟକ ପାଇଁ ଗର୍ବ ଆଣିଥିବା ଭେଟେରାନ ଖେଳାଳିମାନଙ୍କୁ ସମ୍ମାନିତ କରାଯିବା ସହିତ ଜୀବନବ୍ୟାପୀ ସାଧନା ସମ୍ମାନ ପ୍ରଦାନ କରାଯିବ। ଉଦ୍‌ଯାପନୀ ଉତ୍ସବରେ ବଲିଉଡ୍ କମେଡିଆନ ବିଗ୍ନେସ ପାଣ୍ଡେଙ୍କ ସମେତ ଓଡ଼ିଆ ଚଳଚ୍ଚିତ୍ର ଜଗତର ଅଭିନେତ୍ରୀ ଓ ଅଭିନେତାମାନେ ଯୋଗଦେବେ। ସୋର୍ଟ୍ସ ବିଭାଗର ମୁଖ୍ୟ ସୁଦୀପ୍ତା ନନ୍ଦ, ଭେଟେରାନ ବିଭାଗର ମୁଖ୍ୟ ଶୟଦ ଜବିଉଲ୍ଲା, ମହମ୍ମଦ ଗୁଲ୍‌ଫମ, ସୌରଭ ପଣ୍ଡା, ଗୌପ୍ୟ ରଞ୍ଜନ ମହାପାତ୍ର, ସେକ୍ ସିଦ୍ଦିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ସଂକ୍ଷେପରେ

### ସତ୍‌ସଙ୍ଗ ମନୁଷ୍ୟକୁ ଶିଖରରେ ପହଞ୍ଚାଏ

**ଫୁଲନଖରା,୨୫ା୧୧ (ସତ୍ୟରଞ୍ଜନ ଦାସମହାପାତ୍ର)**

କଟକ ସଦର ଥାନା ଅନ୍ତର୍ଗତ ବ୍ରାହ୍ମଣଝରିଲୋସ୍ଥିତ ଶିବମୁନି ଯୋଗ ଶିକ୍ଷାକେନ୍ଦ୍ରର ୧୩ତମ ତଥା ସଦ୍‌ଗୁରୁ ଦେବସିଂ ମୁନି ମହାରାଜଙ୍କ ୧୪୦ତମ ଜନ୍ମ ବାର୍ଷିକ ଉତ୍ସବ ଶନିବାର ପାଳିତ ହୋଇଛି। ଯୋଗାଚାର୍ଯ୍ୟ ଶଶଧର ମୁନିଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗାଚାର୍ଯ୍ୟ ପ୍ରଫୁଲ୍ଲ ମୁନି, ସମ୍ମାନିତ ଅତିଥି ଭାବେ ଯୋଗାଚାର୍ଯ୍ୟ ଧ୍ରୁବମୁନି ଗଣେଶ ଚନ୍ଦ୍ର ସାହୁ, ଲମ୍ବୋଧର ମୁନି,ମାଧବ ମୁନି ପ୍ରମୁଖ ଯୋଗଦେଇଥିଲେ। ଅଖିଳ ଭୂମଣ୍ଡଳ ସର୍ବ ଶିରୋମଣୀ ମୁନି ସମାଜର ଯୋଗ ଶିକ୍ଷୟିତ୍ରୀ ଶାନ୍ତି ଦେବୀ କହିଥିଲେ, ସତ୍‌ସଙ୍ଗ ମନୁଷ୍ୟକୁ ସର୍ବଶ୍ରେଷ୍ଠ ଶିଖରରେ ପହଞ୍ଚାଇଥାଏ।

### ଜମି କାଗଜପତ୍ରକୁ ନେଇ ବ୍ଲକ ପ୍ରଶାସନର କଠୋର ନିୟମ

**କଟକ ସଦର,୨୫ା୧୧ (ସୁଶାନ୍ତ କୁମାର ଜେନା)**

ଆମ ଓଡ଼ିଶା ନବୀନ ଓଡ଼ିଶା ପ୍ରକଳ୍ପଗୁଡ଼ିକ କାର୍ଯ୍ୟକାରୀ କରିବାକୁ ଯାଇ କଟକ ସଦର ବ୍ଲକ ପ୍ରଶାସନ କଠୋର ନିୟମ ପ୍ରଣୟନ କରିଛି। ପ୍ରଥମେ ନିର୍ମାଣସ୍ଥଳରେ ସୂଚନା ଫଳକ ଲଗାଯାଇ ଜିଓ ଟ୍ୟାଗ କରାଯିବ। ପରେ ଜମିର ମାଲିକାନା ସମ୍ବନ୍ଧୀୟ ତଥ୍ୟ ଭୂଲେଖ ପୋର୍ଟାଲରୁ ସଂଗ୍ରହ କରାଯିବ। ଯଦି ନିର୍ମାଣ ପୂର୍ବରୁ ଦାଖଲ କରାଯାଇଥିବା କାଗଜପତ୍ର ସହ ଭୂଲେଖ ତଥ୍ୟ ମିଳିଯିବ, ତା'ହେଲେ କାର୍ଯ୍ୟାଦେଶ ଦିଆଯାଇ ବିଭାଗୀୟ ତତ୍ତ୍ୱାବଧାନରେ କାମ ଆରମ୍ଭ ପାଇଁ ଅନୁମତି ମିଳିବ ବୋଲି ବିଡିଓ ରୁମନା ଜାଫ୍ରୀ ସମସ୍ତ ପଞ୍ଚାୟତ କାର୍ଯ୍ୟନିର୍ବାହୀ, ଗ୍ରାମ ରୋଜଗାର ସେବକ ଓ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଜାଲ୍ କାଗଜପତ୍ର ବଳରେ ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯାଉଛି ବୋଲି ୨୦।୧୧।୨୦୨୩ରେ ପ୍ରଥମେ ଧରିତ୍ରୀରେ ଖବର ପ୍ରକାଶ ପାଇଥିଲା।

### ପଲ୍ଲିସଭା ବାତିଲ

**କଟକ ସଦର,୨୫ା୧୧ (ସୁଶାନ୍ତ କୁମାର ଜେନା)**

କିଶନ ନଗର ତହସିଲ ଅନ୍ତର୍ଗତ ଧରିଣା ପଞ୍ଚାୟତର କମରପଦା ଗ୍ରାମକୁ ବିଭାଜିତ କରି ନୂଆ ହାଡୁଆକୂଳ ରାଜସ୍ୱ ଗ୍ରାମ କରିବା ପାଇଁ ଶନିବାର ପଲ୍ଲିସଭା ଡକାଯାଇଥିଲା। ସ୍ଥାନୀୟ ଅର୍ଚ୍ଛିଲୀ ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ସଭାରେ ୪ ଜଣ ୱାର୍ଡ ସଭ୍ୟ ଓ ସରପଞ୍ଚ ଉପସ୍ଥିତ ଥିଲେ। ମାତ୍ର ସମିତି ସଭ୍ୟା ସସ୍ମିତା ଦାଶ ସେହି ଗ୍ରାମର ଭୋଟର ହୋଇଥିଲେ ମଧ୍ୟ ତାଙ୍କୁ ଡକାଯାଇ ନ ଥିବାରୁ ଭୋଟର ବଳରାମ ସେଠୀ ଏହାର ପ୍ରତିବାଦ କରିଥିଲେ। ଏହାକୁ ନେଇ ତହସିଲଦାର ମଧୁସୂଦନ ନାୟକଙ୍କ ସହ ଯୁକ୍ତିତର୍କ ହେବା ପରେ ପଲ୍ଲିସଭା ବାତିଲ କରାଯାଇଥିଲା। ପୂର୍ବରୁ ଏଥିପାଇଁ ଥରେ ପଲ୍ଲିସଭା ଡକାଯାଇଥିଲା। ନୂଆ ରାଜସ୍ୱ ଗ୍ରାମ ପ୍ରସ୍ତାବକୁ କେହି ବିରୋଧ କରି ନ ଥିବାବେଳେ ଆଉ ଥରେ ପଲ୍ଲିସଭା ତହସିଲଦାର କାହା ଚାପରେ ଡାକିଲେ ବୋଲି ସମିତି ସଭ୍ୟା ଦାଶ ତହସିଲଦାରଙ୍କୁ ପ୍ରଶ୍ନ କରିଛନ୍ତି। ମାତ୍ର ଏ ନେଇ ତହସିଲଦାର ନାୟକ ପ୍ରତିକ୍ରିୟା ଦେଇନାହାନ୍ତି।



କଟକ କଳାବିକାଶ କେନ୍ଦ୍ର ପ୍ରେକ୍ଷାଳୟରେ ୨୭ତମ ଗୁଞ୍ଜନ ଡ୍ୟାନ୍ସ ଆଣ୍ଡ୍ ମ୍ୟୁଜିକ୍ ଫେଷ୍ଟିଭାଲର ଶନିବାର ଉଦ୍‌ଯାପନୀ ସନ୍ଧ୍ୟାରେ କଳାକାରମାନେ ନୃତ୍ୟନାଟିକା ପରିବେଷଣ କରୁଛନ୍ତି।

# ମନ ମୋହିଲା ନୃତ୍ୟନାଟିକା

**କଟକ,୨୫ା୧୧ (ଶିଲ୍ପା ପ୍ରିୟଦର୍ଶିନୀ)**

**ଗୁଞ୍ଜନ ଡ୍ୟାନ୍ସ ଆଣ୍ଡ୍ ମ୍ୟୁଜିକ୍ ଫେଷ୍ଟିଭାଲ ଉଦ୍‌ଯାପିତ**

କଟକ କଳାବିକାଶ କେନ୍ଦ୍ର ପ୍ରେକ୍ଷାଳୟରେ ୩ ଦିନ ଧରି ଚାଲିଥିବା ୨୭ତମ ଗୁଞ୍ଜନ ଡ୍ୟାନ୍ସ ଆଣ୍ଡ୍ ମ୍ୟୁଜିକ ଫେଷ୍ଟିଭାଲ ଶନିବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ଓଡ଼ିଶୀ ନୃତ୍ୟଗୁରୁ ମୀରା ଦାସଙ୍କ ନେତୃତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ କଟକ ମହାନଗର ନିଗମ(ସିଏମ୍‌ସି) ମେୟର ସୁବାସ ସିଂ, ସମ୍ମାନିତ ଅତିଥି ଭାବେ ପଦ୍ମଶ୍ରୀ ଶ୍ୟାମାମଣି ଦେବୀ, ପଣ୍ଡିତ ଏ. ମହେଶ୍ୱର ରାଓ, ଏସ୍‌ବିଆଇ ଏମ୍‌ଜିଏମ୍ ଅମରେଶ ଦାସ, ନିରାମୟ ଉପଦେଷ୍ଟା ରଞ୍ଜନ ବିଶ୍ୱାଳ, ଅନୁଷ୍ଠାନର ଆଜୀବନ ସଦସ୍ୟ ଲୋରା ରଥ ଯୋଗଦେଇଥିଲେ। ଓଡ଼ିଶୀ ନୃତ୍ୟର ଏକ ନିଆରା ପରିଚୟ ସୃଷ୍ଟି କରିଛି ଗୁଞ୍ଜନ। ଏହି କଳାକୁ ବଜାୟ ରଖିବା ପ୍ରୟାସ ପ୍ରଶଂସନୀୟ ରହିଛି। ସଙ୍ଗୀତକୁ ଉଦ୍‌ଜୀବିତ କରି ରଖିବାକୁ ସର୍ବଦା ପ୍ରଚେଷ୍ଟା କରିଛି ଗୁଞ୍ଜନ। କଟକର ପରିଚୟକୁ ଓଡ଼ିଶୀ ନୃତ୍ୟ ମାଧ୍ୟମରେ ଗୁଞ୍ଜନ ଡାନ୍ସ ଏକାଡେମୀ ଆଗକୁ ନେଇଛି ବୋଲି ଅତିଥିମାନେ କହିଥିଲେ। ଏହି ଅବସରରେ ପଣ୍ଡିତ ହରିପ୍ରସାଦ ଚୌରାସିଆଙ୍କୁ ଜାତୀୟ ନିବେଦିତା ପଟ୍ଟନାୟକ ସମ୍ମାନ ପ୍ରଦାନ କରାଯାଇଥିଲା। ହେଲେ ଚୌରାସିଆଙ୍କ ଅନୁପସ୍ଥିତିରେ ତାଙ୍କ ଶିଷ୍ୟ ଅଭିରାମ ନନ୍ଦ ଏହି ସମ୍ମାନ ଗ୍ରହଣ କରିଛନ୍ତି। ଗୁରୁ ମୀରା ଦାସଙ୍କ ନିର୍ଦ୍ଦେଶନାରେ ଗୁଞ୍ଜନ ଡ୍ୟାନ୍ସ ଏକାଡେମୀର ନୃତ୍ୟଶିଳ୍ପୀମାନେ ନୃତ୍ୟ ନାଟିକା 'ଜୟ ଜୟ ରାମ' ପରିବେଷଣ କରିଥିଲେ। ଏଥିସହ ଅନୁଷ୍ଠାନର ଶିଶୁ କଳାକାରମାନେ ମଧ୍ୟ ନୃତ୍ୟ ପରିବେଷଣ କରିଥିଲେ। ଶ୍ରୀନିବାସ ଘଟୁଆରି କାର୍ଯ୍ୟକ୍ରମ ପରିଚାଳନା ଓ ନୃତ୍ୟଶିଳ୍ପୀ ସସ୍ମିତା ପଣ୍ଡା ଧନ୍ୟବାଦ ଦେଇଥିଲେ।

## ୫ ବଡ଼ ନାଳ ଉନ୍ନତୀକରଣ ପାଇଁ ୨୧୧ କୋଟି

**କଟକ, ୨୫ା୧୧ (ସୁପ୍ରିୟା ପ୍ରିୟଦର୍ଶିନୀ)**

କଟକ ମହାନଗର ନିଗମ (ସିଏମ୍‌ସି) ପକ୍ଷରୁ ୫ଟି ବଡ଼ ନାଳର ଉନ୍ନତୀକରଣ ଓ କଭର ସ୍ଲାବ ବ୍ୟବସ୍ଥା କରାଯିବ। ଏଥିପାଇଁ ୨୧୧ କୋଟି ୭୩ ଲକ୍ଷ ଟଙ୍କାର ବ୍ୟୟ ଅଟ୍ଟକଳକୁ ରାଜ୍ୟ ସରକାର ଅନୁମୋଦନ କରିବା ପରେ ସିଏମ୍‌ସି ପକ୍ଷରୁ ଟେଣ୍ଡର ଆହ୍ୱାନ କରାଯାଇଛି। ୨୦.୩୯ କୋଟି ବ୍ୟୟରେ ପ୍ରଥମେ ବିହାରୀବାଗଠାରୁ ମେହେନ୍ଦିପୁର, କାଜିବଜାର, ମସ୍‌ଜିଦ୍ କଲୋନୀ ଦେଇ ଖଟବିନ ସାହିକୁ ଯାଇଥିବା ସବ୍ ଡ୍ରେନ୍ ନିର୍ମାଣ କରାଯିବ। ଦ୍ୱିତୀୟରେ କ୍ରିଷ୍ଣା ମଙ୍ଗଳା ମନ୍ଦିରଠାରୁ ଫ୍ରେଣ୍ଡ୍‌ସ କଲୋନୀ ରାସ୍ତା, ଶାନ୍ତି ମେମୋରିଆଲ ହସ୍ପିଟାଲ ଦେଇ ବଜ୍ରକବାଟୀ ପର୍ଯ୍ୟନ୍ତ ସବ୍ ଡ୍ରେନ୍‌କୁ ୯.୧୮ କୋଟି ଟଙ୍କାରେ ଉନ୍ନତୀକରଣ କରାଯିବ। ତୃତୀୟରେ ଗଣେଶଘାଟଠାରୁ ସନ୍‌ସାଇନ ପଡ଼ିଆ, ଆଇନକ୍ସ, ଝୋଲାସାହି, ସେମିନାରୀ ଛକ, ରାଉସାପାଟଣା ପର୍ଯ୍ୟନ୍ତ ଲମ୍ବିଥିବା ନାଳକୁ ୫୯.୯୭ କୋଟି ଟଙ୍କାରେ ପୁନରୁଦ୍ଧାର କରାଯିବ। ଚତୁର୍ଥରେ ତ୍ରିସା ହସ୍ପିଟାଲରୁ କୁଇନ୍ସ ମ୍ୟାରୀ ହାଇସ୍କୁଲ, ରାଜାବଗିଚା କଲୋନୀ, ବାଦାମବାଡ଼ି, ଦୋଳମୁଣ୍ଡାଇ ଦେଇ ବଜ୍ରକବାଟୀ ପର୍ଯ୍ୟନ୍ତ ଲମ୍ବିଥିବା ନାଳ ନିର୍ମାଣ ପାଇଁ ୩୯.୯ କୋଟି ଟଙ୍କା ଖର୍ଚ୍ଚ ହେବ। ପଞ୍ଚମରେ ମାତୃଭବନରୁ ଖାନ୍‌ନଗର ସ୍ଲୁଇସ୍ ଫାଟକ ପର୍ଯ୍ୟନ୍ତ ନାଳକୁ ୮୨.୨୯ କୋଟି ଟଙ୍କାରେ ତିଆରି କରାଯିବ। ଏହି ପ୍ରକଳ୍ପଗୁଡ଼ିକୁ ଗତ ଅଗଷ୍ଟରେ ସିଏମ୍‌ସି କଷ୍ଟାକ୍ଟ ସ୍ଥାୟୀ କମିଟି ଓ କାଉନସିଲ ଅନୁମୋଦନ କରିବା ପରେ ଡିପିଆର ପ୍ରସ୍ତୁତ କରାଯାଇ ପ୍ରଶାସନିକ ଅନୁମୋଦନ ନିମନ୍ତେ ଗୃହ ଓ ନଗର ଉନ୍ନୟନ ବିଭାଗକୁ ପଠାଯାଇଥିଲା। ଜାଇକାର ପ୍ରୋଗ୍ରାମ ମ୍ୟାନେଜମେଣ୍ଟ କନ୍ସଲଟାନ୍ସି (ପିଏମ୍‌ସି) ଏହାର ତଦାରଖ ଦାୟିତ୍ୱ ନିର୍ବାହ କରିବ।

## 'କଠିନ ପରିଶ୍ରମ କଲେ ଲକ୍ଷ୍ୟସ୍ଥଳରେ ପହଞ୍ଚିହେବ'



ବାର୍ଷିକ ଉତ୍ସବରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

**ଫୁଲନଖରା,୨୫ା୧୧ (ସତ୍ୟରଞ୍ଜନ ଦାସ ମହାପାତ୍ର)**

କଟକ ସଦର ଥାନା ଅନ୍ତର୍ଗତ ଗୋପାଳପୁର ପୀରବଜାରସ୍ଥିତ କଳିଙ୍ଗ ଭାରତୀ ରେସିଡେନ୍ସିଆଲ କଲେଜର ବାର୍ଷିକ ଉତ୍ସବ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଅନୁଷ୍ଠାନର ନିର୍ଦ୍ଦେଶିକା ଲୁସି ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ସମାରୋହରେ ମୁଖ୍ୟ ଅତିଥି ଭାବେ ଅଭିନେତା ଆକାଶ ଦାସ ନାୟକ ଯୋଗଦେଇ କହିଥିଲେ, ଛାତ୍ରୀଛାତ୍ରମାନେ କଠିନ ପରିଶ୍ରମ କଲେ ଲକ୍ଷ୍ୟସ୍ଥଳରେ ପହଞ୍ଚି ପାରିବେ। ଏଥିରେ ସମ୍ମାନିତ ଅତିଥି ଭାବେ ପୂର୍ବତନ କର୍ପୋରେଟର କୌଶିକ୍ ଜେନା, ଅନ୍ୟ ଅତିଥି ଭାବେ କଟକ ସଦର ଥାନାଧିକାରୀ ରଶ୍ମିରଞ୍ଜନ ମହାପାତ୍ର, କର୍ପୋରେଟର ଜନାର୍ଦ୍ଦନ ପରିଡା ଯୋଗଦେଇଥିଲେ। ଯୁକ୍ତ ୩ କଲେଜ ଅଧ୍ୟକ୍ଷ ଡ. ସନ୍ତୋଷ କୁମାର ପଣ୍ଡା ବିବରଣୀ ପାଠ ଏବଂ ଯୁକ୍ତ ୨ କଲେଜ ଅଧ୍ୟକ୍ଷ ଡ. ଅଜୟ କୁମାର ମହାନ୍ତି ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ବରିଷ୍ଠ ଶିକ୍ଷାବିତ୍ ରାମଚନ୍ଦ୍ର ପଣ୍ଡାଙ୍କୁ ଜାନକୀ ବଲ୍ଲଭ ମେମୋରିଆଲ ଟିଚର୍ସ ଆୱାର୍ଡ ପ୍ରଦାନ କରାଯାଇଥିଲା। ସନ୍ଧ୍ୟାରେ ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

## ଓଡ଼ିଶୀନୃତ୍ୟ ମଣ୍ଡଳର ବାର୍ଷିକ ନୃତ୍ୟ ଉତ୍ସବ

**କଟକ,୨୫ା୧୧ (ଶିଲ୍ପା ପ୍ରିୟଦର୍ଶିନୀ)**

ଓଡ଼ିଶୀ ନୃତ୍ୟ ମଣ୍ଡଳ ପକ୍ଷରୁ ନୃତ୍ୟ ଉତ୍ସବ କଟକ ସାରଳା ଭବନରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ପ୍ରିୟରଞ୍ଜନ ଦାସଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ନୃତ୍ୟଶିଳ୍ପୀ ଡ. ସ୍ନେହପ୍ରଭା ସାମନ୍ତରାୟ ଉଦ୍‌ଘାଟନ କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ବିଧାୟକ ଇଂ. ମହମ୍ମଦ ମୋକିମ, ସମ୍ମାନିତ ଅତିଥି ଭାବେ ସାରଳା ସାହିତ୍ୟ ସଂସଦର ସଭାପତି ଇଂ. ପ୍ରଭାକର ସ୍ୱାଇଁ ଯୋଗଦେଇଥିଲେ। ଅନୁଷ୍ଠାନର ନୃତ୍ୟଶିଳ୍ପୀମାନେ ନୃତ୍ୟ ପରିବେଷଣ କରିଥିଲେ। ସେହିପରି ଅଲେଖ ଚନ୍ଦ୍ର ବିଶ୍ୱାଳଙ୍କ ରଚନାରେ ସଂହତି ସୌରଭ ଏବଂ ବନ୍ଦେ ମାତରମ୍ ଶିଶୁଶିଳ୍ପୀମାନେ ପରିବେଷଣ କରିଥିଲେ। ଏଥିସହ ଓଡ଼ିଶୀ ନୃତ୍ୟ, ଲୋକ ନୃତ୍ୟ ପରିବେଷିତ ହୋଇଥିଲା। ଶେଷରେ ଏକ ନୂତନ ପ୍ରସ୍ତୁତିକ୍ରମରେ 'ପାର୍ବଣରେ ରଜ' ପରିବେଷଣ କରାଯାଇଥିଲା। ଗୁରୁ ଆଶିଷ କୁମାର ଦାସଙ୍କ ସଂଯୋଜନା ଏବଂ ଗୁରୁ ସସ୍ମିତା ପଣ୍ଡାଙ୍କ ନିର୍ଦ୍ଦେଶନାରେ ୧୫୦ ଜଣ ଛାତ୍ରୀଛାତ୍ର ପ୍ରତିଭା ପ୍ରଦର୍ଶନ କରିଥିଲେ। ସଙ୍ଗୀତରେ ରବିନାରାୟଣ ଦାସ, ମର୍ଦ୍ଦଳରେ ଡ. ଗୌରାଙ୍ଗ ଚରଣ ମହଲା, ବଂଶୀରେ ପ୍ରଦୀପ ମହାପାତ୍ର, ବେହେଲାରେ ପ୍ରଦୀପ ମହାରଣା ଏବଂ ମଞ୍ଜିରାରେ ଗୁରୁ ସସ୍ମିତା ପଣ୍ଡାଙ୍କ ସହ ଗୁରୁ ପ୍ରାଚୀ ମହାପାତ୍ର, ନୃତ୍ୟ ଶିଳ୍ପୀ ରୂପା ପାଲ, ଚେତନାରାଣୀ ପ୍ରଧାନ ପ୍ରମୁଖ ପରିଚାଳନା କରିଥିଲେ।




ଉତ୍ସବରେ ନୃତ୍ୟଶିଳ୍ପୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରୁଛନ୍ତି।

# ରାସ୍ତା ନିର୍ମାଣରେ ବାଧକ ସାଜୁଛି ପାଇପ, କେବୁଲ

**ଚୌଦ୍ୱାର,୨୫ା୧୧ (ଆଶୁତୋଷ ଦାସ)**

**ଜାତୀୟ ରାଜପଥ ନିର୍ମାଣ ସମ୍ପର୍କିତ ସମୀକ୍ଷା ବୈଠକ**

ମଙ୍ଗୁଳି-ଢେଙ୍କାନାଳ ୫୫ନଂ. ଜାତୀୟ ରାଜପଥ କାର୍ଯ୍ୟକୁ ନେଇ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଚୌଦ୍ୱାର ମହାବିଦ୍ୟାଳୟ ସଭାଗୃହରେ ଶନିବାର ଅନୁଷ୍ଠିତ ହୋଇଯାଇଛି । ଚୌଦ୍ୱାର-କଟକ ବିଧାୟକ ସୌଭିକ୍ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ଏମ୍‌ପି ଭର୍ତ୍ତୃହରି ମହତାବ ଯୋଗଦେଇ ଜାତୀୟ ରାଜପଥ ନିର୍ମାଣ କାର୍ଯ୍ୟର ଅଗ୍ରଗତି, ନିର୍ମାଣରେ ବିଳମ୍ବ ହେବାର କାରଣ, ରାଜପଥ ସହ ଜଡିତ ବିଭିନ୍ନ ସମସ୍ୟା ଓ ଏହାର ସ୍ଥାୟୀ ସମାଧାନ ଉପରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ଦୀର୍ଘଦିନ ହେବ ରାଜରାସ୍ତାର ଉଭୟ ପାର୍ଶ୍ୱରେ ସ୍ଥାନୀୟ କମ୍ପାନୀର ଜଳଯୋଗାଣ ପାଇପ ଓ ଅନ୍ୟାନ୍ୟ କେବୁଲ, ଚୌଦ୍ୱାର ଜନସ୍ୱାସ୍ଥ୍ୟ ବିଭାଗର ବିଛାଯାଇଥିବା ପାନୀୟ ଜଳ ପାଇପ ରାସ୍ତା ନିର୍ମାଣ କାର୍ଯ୍ୟରେ ବାଧକ ସାଜୁଥିବା ରାସ୍ତା ନିର୍ମାଣକାରୀ ଠିକା ସଂସ୍ଥା ପକ୍ଷରୁ କୁହାଯାଇଥିଲା। ଏକମାସ ଭିତରେ ସ୍ଥାନୀୟ କମ୍ପାନୀ କର୍ତ୍ତୃପକ୍ଷ ଓ ଜନସ୍ୱାସ୍ଥ୍ୟ ବିଭାଗ ଏହାକୁ ହଟାଇବା ବ୍ୟବସ୍ଥା କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । ସମସ୍ତ ବିଭାଗ ଓ ସ୍ଥାନୀୟ ଅଞ୍ଚଳବାସୀଙ୍କ ସହଯୋଗ ରହିଲେ ଖୁବ୍‌ଶୀଘ୍ର ଚୌଦ୍ୱାର ସହର ରାସ୍ତା କାମ ସମ୍ପୂର୍ଣ୍ଣ ହେବ ବୋଲି ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷ(ଏନ୍ଏଚ୍ଏଆଇ)ର ବରିଷ୍ଠ ଅଧିକାରୀମାନେ ମତପ୍ରକାଶ କରିଥିଲେ। ଏହି ବୈଠକରେ ଏନ୍ଏଚ୍ଏଆଇର କ୍ଷେତ୍ରୀୟ ଅଧିକାରୀ, ଜଳ ସମ୍ପଦ ବିଭାଗ ମୁଖ୍ୟଯନ୍ତ୍ରୀ, ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ, ଢେଙ୍କାନାଳ ଏନ୍ଏଚ୍ଏଆଇର ପ୍ରକଳ୍ପ ନିର୍ଦ୍ଦେଶକ ଜେ.ଡି. ବର୍ମା, ଭୁବନେଶ୍ୱର ପ୍ରକଳ୍ପ ନିର୍ଦ୍ଦେଶକ କେ. ନାଗେଶ୍ୱର ରାଓ, ଜିଲାପାଳ ନରହରି ସେଠୀ, ଡୁଡା ପ୍ରକଳ୍ପ ନିର୍ଦ୍ଦେଶକ ହେମନ୍ତ କୁମାର ସ୍ୱାଇଁ, ଚୌଦ୍ୱାର ପୌରାଧ୍ୟକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ ରାଜପଥ ନିର୍ମାଣ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ଆଲୋଚନା କରିଥିଲେ। ପୌର ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲ ପ୍ରାରମ୍ଭିକ ସୂଚନା ଦେଇଥିଲେ। ମହାନଦୀ ନର୍ଥ ଡିଭିଜନ, ପୂର୍ତ୍ତ ଓ ଗୃହ ନିର୍ମାଣ ବିଭାଗ, ଜନସ୍ୱାସ୍ଥ୍ୟ, ଗ୍ରାମୀଣ ଜଳଯୋଗାଣ, ବିଦ୍ୟୁତ୍ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ, ଚୌଦ୍ୱାର ଓ ଆଠଗଡ଼ ତହସିଲଦାର, ଚୌଦ୍ୱାର ଥାନାଧିକାରୀ, ପୂର୍ବତନ ବିଧାୟକ ଡ. ପ୍ରଭାତ ରଞ୍ଜନ ବିଶ୍ୱାଳ, ପୌର ନିର୍ବାହୀ ଅଧିକାରୀ ସଞ୍ଜୀବ କୁମାର ମହାପାତ୍ରଙ୍କ ସମେତ ବହୁ କାଉନ୍‌ସିଲର ଓ ସ୍ଥାନୀୟ ଲୋକ ପ୍ରତିନିଧି ବୈଠକରେ ଯୋଗଦେଇଥିଲେ। କାଉନ୍‌ସିଲର ଆଶୁତୋଷ ଧନ୍ୟବାଦ ଦେଇଥିଲେ। ବୈଠକ ପରେ ମନ୍ତ୍ରୀ, ଏମ୍‌ପି, ବିଧାୟକ ସମସ୍ତ ବିଭାଗୀୟ ଅଧିକାରୀଙ୍କ ସହିତ କଳିଙ୍ଗ ଛକରୁ ଖୁଣ୍ଟୁଣୀ ପର୍ଯ୍ୟନ୍ତ ରାଜପଥ କାର୍ଯ୍ୟ ପରିଦର୍ଶନ କରିଥିଲେ।



ଏମ୍‌ପି, ମନ୍ତ୍ରୀ, ବିଧାୟକ ରାସ୍ତା ପରିଦର୍ଶନ କରୁଛନ୍ତି।

**ସଂକ୍ଷେପରେ**

## ଶିଶୁ ସାହିତ୍ୟିକ ଜଗମୋହନଙ୍କ ଜୀବନୀ ପୁସ୍ତକ ଲୋକାର୍ପିତ

ଭୁବନେଶ୍ୱର,୨୫।୧୧(ଶର୍ମିଷ୍ଠା ପାଣିଗ୍ରାହୀ)- ପ୍ରଫେସର ଜଗମୋହନ ରାଠୋର କେବଳ ଜଣେ ଶିକ୍ଷାବିତ୍ ନ ଥିଲେ, ସେ ଜଣେ ଉଚ୍ଚକୋଟୀର ଶିଶୁ-ସାହିତ୍ୟିକ ମଧ୍ୟ ଥିଲେ। ଶିଶୁ-ସାହିତ୍ୟ ସର୍ଜନା ସହିତ ୧୯୬୦ ରୁ ୭୦ ମସିହା ମଧ୍ୟରେ ଏମ୍‌ଇ ସ୍କୁଲ ଓ ହାଇସ୍କୁଲସ୍ତରୀୟ ପିଲାମାନଙ୍କ ପାଇଁ ସେ ଅନେକଗୁଡ଼ିଏ ପାଠ୍ୟପୁସ୍ତକ ରଚନା କରି ଖୁବ୍ ଲୋକପ୍ରିୟତା ଅର୍ଜନ କରିଥିଲେ। ତାଙ୍କ ଜୀବନୀ ଆଧାରିତ ପୁସ୍ତକ 'ଶିକ୍ଷକ ସେ ଉଜ୍ଜ୍ୱଳ ଜ୍ୟୋତିଷ୍କ: ଶିକ୍ଷକ ଓ ମାର୍ଗଦର୍ଶକ ପ୍ରଫେସର ଜଗମୋହନ ରାଠୋର'ର ଲୋକାର୍ପଣ ଉତ୍ସବ ଶନିବାର ବୁଦ୍ଧ ମନ୍ଦିର ସଭାଗୃହଠାରେ ଅନୁଷ୍ଠିତ ହୋଇଯାଇଛି। ଇଚ୍ଛିକିଲି ମିଚ୍ଛିକିଲି ଦ୍ୱାରା ଆୟୋଜିତ ଏହି ପୁସ୍ତକ ଲୋକାର୍ପଣ ଉତ୍ସବରେ ପୁସ୍ତକର ଲେଖକ ଡ. ଧ୍ରୁବଚରଣ ମିଶ୍ର ନିଜ ବକ୍ତବ୍ୟରେ ପ୍ରଫେସର ରାଠୋରଙ୍କ ଜୀବନର ବିଭିନ୍ନ ଘଟଣାବଳୀ ସମ୍ପର୍କରେ ଆଲୋକପାତ କରିଥିଲେ। ପ୍ରଫେସର ରାଠୋରଙ୍କ ସୁପୁତ୍ର ଡ. ପ୍ରସନ୍ନ କୁମାର ରାଠୋର ବାପାଙ୍କ ବିଷୟରେ କହିଥିଲେ। ମୁଖ୍ୟଅତିଥି ଭାବେ କଥାକାର ଓ ଶିଶୁ ସାହିତ୍ୟିକ ଦାଶ ବେନହୁର, କେନ୍ଦ୍ର ବାଲ୍ ସାହିତ୍ୟ ପୁରସ୍କାରପ୍ରାପ୍ତ ବିଶିଷ୍ଟ ଶିଶୁ-ସାହିତ୍ୟିକ ଡ. ଦିଗରାଜ ବ୍ରହ୍ମା ଓ ବିଶିଷ୍ଟ ସାହିତ୍ୟିକ ତଥା ସମାଲୋଚକ ବୈଷ୍ଣବ ଚରଣ ମହାନ୍ତି ସମ୍ମାନିତ ଅତିଥି ଭାବରେ ଯୋଗଦେଇ ଶିଶୁ-ସାହିତ୍ୟ ଓ ଶିଶୁ-ଶିକ୍ଷା କ୍ଷେତ୍ରରେ ଜଗମୋହନ ରାଠୋରଙ୍କ ଅବଦାନ ସଂପର୍କରେ ଆଲୋଚନା କରିଥିଲେ।

## ସାହିତ୍ୟିକ କର୍ମବର୍ଦ୍ଧମାନ ଅବକ୍ଷୟର ଚିତ୍ର ପ୍ରଦାନ କରିଥାନ୍ତି

ଭୁବନେଶ୍ୱର,୨୫।୧୧(ଶର୍ମିଷ୍ଠା ପାଣିଗ୍ରାହୀ)

ଜୀବନ ଓ ସାହିତ୍ୟ ମଧ୍ୟରେ କିଛି ଫରକ ନାହିଁ । ଜଣେ ସାହିତ୍ୟିକ ଜୀବନକୁ ଉପସ୍ଥାପିତ କରେ । ବେଳେବେଳେ ସେ ଇନ୍ଦ୍ରିୟାତୀତ, ଦୃଶ୍ୟାତୀତ ଓ ଶ୍ରବଣାତୀତ ସ୍ୱପ୍ନ ଓ ସମ୍ଭାବନାଗୁଡ଼ିକୁ ତା' ଲେଖାରେ ରୂପ ଦିଏ ବୋଲି ପ୍ରସିଦ୍ଧ ନାଟ୍ୟକାର ତଥା ସମାଲୋଚକ ଡ. ରମେଶ ପ୍ରସାଦ ପାଣିଗ୍ରାହୀ ମତ ଦେଇଛନ୍ତି । ଶନିବାର ସୂଚନା ଭବନରେ ଭୁବନେଶ୍ୱର ସାହିତ୍ୟ ସମାଜ ଟ୍ରଷ୍ଟ ପକ୍ଷରୁ ଆୟୋଜିତ ସାହିତ୍ୟ ମାସିକୀ କାର୍ଯ୍ୟକ୍ରମରେ 'ମୋ ସୃଜନ, ମୋ ଜୀବନ' ପ୍ରସଙ୍ଗ ଉପରେ ଡ. ପାଣିଗ୍ରାହୀ କହିଲେ, ବିକାଶ ପ୍ରକ୍ରିୟାରେ ଆମର ଐତିହ୍ୟ ଓ ପରମ୍ପରା ହଜି ଯାଉଥିବାବେଳେ ଜଣେ ସାହିତ୍ୟିକ କର୍ମବର୍ଦ୍ଧମାନ ଅବକ୍ଷୟର ଚିତ୍ର ପ୍ରଦାନ କରିଥାଏ। ନାଟକକୁ ଗଣସାହିତ୍ୟରେ ପରିଣତ କରିବା ଏବଂ ସେଥିରେ ଲୋକସାଂସ୍କୃତିକ ଉପାଦାନ ଖଞ୍ଜିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ସେ କହିଥିଲେ। ଟ୍ରଷ୍ଟର ସଭାପତି ସୂର୍ଯ୍ୟ ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କମଳା ପ୍ରସାଦ ମହାପାତ୍ର, ଡ. ଗିରୀଶ ସ୍ୱାଇଁ, ପବିତ୍ର ମୋହନ କର, ନନ୍ଦ କିଶୋର ବିଶ୍ୱାଳ ଓ ଶୈଳେନ୍ଦ୍ର ଜେନା ପ୍ରମୁଖ ବିଭିନ୍ନ ପ୍ରଶ୍ନ ପଚାରିଥିଲେ ଓ ଡ. ପାଣିଗ୍ରାହୀ ସେସବୁର ଉତ୍ତର ଦେଇଥିଲେ। ଏ ମାସର କବି ଭାବରେ ସୁଶ୍ରୀ ସ୍ୱୟଂସମ୍ପୂର୍ଣ୍ଣା କର ଯୋଗଦେଇ ସ୍ୱରଚିତ କବିତା ପାଠ କରିଥିଲେ। ଅନୁଷ୍ଠାନର କାର୍ଯ୍ୟକାରୀ ସଭାପତି କବି ରକ୍ଷକ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ମିଲେଟ୍ସ, ହସ୍ତତନ୍ତ ବସ୍ତ୍ରର ସର୍ବାଧିକ ଚାହିଦା

ଭୁବନେଶ୍ୱର,୨୫।୧୧
(ଶର୍ମିଷ୍ଠା ପାଣିଗ୍ରାହୀ)

### ଓଡ଼ିଶା ପାଭିଲିୟନର ୫୦ ଲକ୍ଷ ଟଙ୍କାର ବ୍ୟବସାୟ


ଭାରତ ଅନ୍ତର୍ଜାତୀୟ ମେଳାର ଓଡ଼ିଶା ପାଭିଲିୟନ୍‌ରେ ପଡ଼ିଥିବା ଷ୍ଟଲ୍‌ରେ ଲୋକଙ୍କ ଭିଡ଼।

ନୂଆଦିଲ୍ଲୀସ୍ଥିତ ପ୍ରଗତି ମଇଦାନରେ ଚାଲିଥିବା ୪୨ତମ ଭାରତ ଅନ୍ତର୍ଜାତୀୟ ମେଳାରେ ଶନିବାର ଥିଲା ଦ୍ୱାଦଶ ଦିବସ। ମେଳା ସରିବାକୁ ଆଉ ୨ଦିନ ଥିବାବେଳେ ଓଡ଼ିଶା ପାଭିଲିୟନ୍‌ରେ କ୍ରମଶଃ ଜନଗହଳି ବଢ଼ିବାରେ ଲାଗିଛି। କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ତରଫରୁ ଖୋଲାଯାଇଥିବା ଷ୍ଟଲ୍‌ରେ ଓଡ଼ିଶାରୁ ଉତ୍ପନ୍ନ ମିଲେଟରୁ ପ୍ରସ୍ତୁତ ବିସ୍କୁଟ, ମିକ୍ସଚର, ଆରିସା, କାକରା, ନୁଡୁଲ୍ସ, ମାଣ୍ଡିଆ ଓ ଅନ୍ୟାନ୍ୟ କ୍ଷୁଦ୍ରଶସ୍ୟର ଗୁଣ୍ଡ ଆଦି ସାମଗ୍ରୀକୁ ଦର୍ଶକ ଆଗ୍ରହର ସହିତ କିଣୁଥିବା ଦେଖିବାକୁ ମିଳୁଛି। ସେହିପରି କନ୍ଧମାଳ ଜିଲାର ଜୈବିକ କୃଷିଜାତ ସାମଗ୍ରୀ ଯଥା ହଳଦୀ, ଅଦା, ସୋରିଷ, ପାଲୁଅ ଆଦିର ମଧ୍ୟ ଚାହିଦା ରହିଛି। ଶୁକ୍ରବାର ଏହି ଷ୍ଟଲରେ ପାଖାପାଖି ୧ ଲକ୍ଷ ଟଙ୍କାର କାରବାର ହୋଇଛି। ଖଜୁରି ରସରୁ ପ୍ରସ୍ତୁତ ଗୁଡ଼ ଚିନି ଏବଂ ତାଳ ଗଛର ବିଭିନ୍ନ ଅଂଶରୁ ପ୍ରସ୍ତୁତ ଅନ୍ୟାନ୍ୟ ଘରକରଣା ସାମଗ୍ରୀକୁ ନେଇ ରାଜ୍ୟ ସରକାରଙ୍କ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗ ତରଫରୁ ଚଳିତବର୍ଷ ପ୍ରଥମଥର ପାଇଁ ଓଡ଼ିଶା ରାଜ୍ୟ ତାଳଗୁଡ ସମବାୟ ସମିତି ଅଂଶଗ୍ରହଣ କରିଛି। ଏହି ଷ୍ଟଲ୍ ପାଖାପାଖି ୧ ଲକ୍ଷ ଟଙ୍କାର ବ୍ୟବସାୟ କରିଛି। ସେହିପରି ଓଡ଼ିଶାର ବୁଣାକାରଙ୍କ ଦ୍ୱାରା ପ୍ରସ୍ତୁତ ପାରମ୍ପରିକ ଓ ଆଧୁନିକ ଡିଜାଇନର ହସ୍ତତନ୍ତ ବସ୍ତ୍ରର ସ୍ୱତନ୍ତ୍ର ଚାହିଦା ରହିଛି। ବୟନିକା ଷ୍ଟଲରେ ମିଳୁଥିବା ଏହିସବୁ ହସ୍ତତନ୍ତ ସାମଗ୍ରୀ ସହିତ କଟକର ସୁପ୍ରସିଦ୍ଧ ରୁପା ତାରକସି ସାମଗ୍ରୀ, ଓଡ଼ିଶାର ଭାସ୍କର୍ଯ୍ୟ ଶିଳ୍ପୀମାନଙ୍କ ଦ୍ୱାରା ନିର୍ମିତ କାଷ୍ଠ ଓ ପ୍ରସ୍ତର କାରୁକାର୍ଯ୍ୟ, ରଘୁରାଜପୁର ପଟ୍ଟଚିତ୍ର, ପିପିଲି ଚାନ୍ଦୁଆ ଆଦି ହସ୍ତଶିଳ୍ପ ସାମଗ୍ରୀ ମିଳୁଥିବା ଉତ୍କଳିକା ଷ୍ଟଲରେ ମଧ୍ୟ ପ୍ରବଳ ଗହଳି ହେଉଛି। ଶୁକ୍ରବାର ସୁଦ୍ଧା ବୟନିକା ଷ୍ଟଲ୍‌ରେ ୮ ଲକ୍ଷ ୨୭ ହଜାର ୪୪୬ ଟଙ୍କା ଏବଂ ଉତ୍କଳିକା ଷ୍ଟଲରେ ୫ ଲକ୍ଷ ୭୬ ହଜାର ଟଙ୍କାର ସାମଗ୍ରୀ ବିକ୍ରୟ ହୋଇଛି। ପାଭିଲିୟନର ମଧ୍ୟଭାଗରେ ଥିବା ବୋଇତ ଉପରେ ତନ୍ତରେ ବସ୍ତ୍ର ପ୍ରସ୍ତୁତି କଳାକୁ ଦର୍ଶକମାନେ ଉପଭୋଗ କରିବା ସହିତ ଚାନ୍ଦୁଆ, ପଟ୍ଟଚିତ୍ର ଓ ପ୍ରସ୍ତର ମୂର୍ତ୍ତି ନିର୍ମାଣ ଶୈଳୀ, ଏହାର ଉପଲବ୍ଧତା ଆଦି ସମ୍ପର୍କରେ ଶିଳ୍ପୀଙ୍କଠାରୁ ପଚାରି ବୁଝୁଛନ୍ତି। ୧୪ ତାରିଖରୁ ୨୪ ତାରିଖ ଅର୍ଥାତ ୧୧ ଦିନ ମଧ୍ୟରେ ଓଡ଼ିଶା ପାଭିଲିୟନର ବ୍ୟବସାୟ ୫୦ ଲକ୍ଷ ଛୁଇଁଥିବାବେଳେ ଦେଶ ବିଦେଶର ଅଢେଇ ଲକ୍ଷରୁ ଅଧିକ ଲୋକଙ୍କ ସହିତ ସୁସମ୍ପର୍କ ସ୍ଥାପନ କରିବାରେ ଓଡ଼ିଶା ପାଭିଲିୟନ ସଫଳ ହୋଇଛି ବୋଲି ପାଭିଲିୟନ ନିର୍ଦ୍ଦେଶକ ସୂର୍ଯ୍ୟରଞ୍ଜନ ମହାନ୍ତି ପ୍ରକାଶ କରିଛନ୍ତି।

**ଖାଦ୍ୟରୁଚି**

# ଲାଉ ଧୁଦୁରା ପିଠା



ଭୁବନେଶ୍ୱର,୨୫।୧୧ (ବନ୍ଦନା ସେଠୀ)- ପିଠା ସାଧାରଣତଃ ସମସ୍ତଙ୍କୁ ଖାଇବାକୁ ଭଲ ଲାଗେ। ତେବେ କେବଳ ବିରି, ଚାଉଳରେ ନୁହେଁ, ଆହୁରି ଅନେକ ସାମଗ୍ରୀରେ ସ୍ୱାଦିଷ୍ଟ ପିଠା ତିଆରି ହୋଇପାରେ। ସେହିପରି ଆମେ ଅଣଦେଖା କରିଦେଉଥିବା ବହୁ ପନି ପରିବାରୁ ମଧ୍ୟ ପିଠା ପ୍ରସ୍ତୁତ ହୋଇଥାଏ। ଚଳିତ ସପ୍ତାହର 'ଖାଦ୍ୟରୁଚି'ରେ ଏକ ନୂତନ ପିଠା ସ୍ଥାନ ପାଇଛି। ଏହାର ନାମ 'ଲାଉ ଧୁଦୁରା ପିଠା'। ଆସନ୍ତୁ ଏହାର ପ୍ରସ୍ତୁତି ପ୍ରଣାଳୀ ସମ୍ପର୍କରେ ଫୁଡ୍ ବ୍ଲଗର ସଙ୍ଗୀତା ଦାସଙ୍କଠାରୁ ଜାଣିବା।

**ଆବଶ୍ୟକ ସାମଗ୍ରୀ**



ବିରି- ୧୫୦ ଗ୍ରାମ୍
ଅରୁଆ ଚାଉଳ- ୨୫୦ ଗ୍ରାମ
ଲାଉ କୋରା- ୧୦୦ଗ୍ରାମ
ନଡ଼ିଆ କୋରା- ୫୦ ଗ୍ରାମ
ଗୁଜୁରାତି ଗୁଣ୍ଡ- ୧ ଚିମୁଟେ
ଗୁଡ଼- ୨୦୦ଗ୍ରାମ
ରିଫାଇନ ତେଲ କିମ୍ବା ଘିଅ – ଆବଶ୍ୟକତା ଅନୁସାରେ
ଲୁଣ – ସ୍ୱାଦ ଅନୁସାରେ

**ପ୍ରସ୍ତୁତି ପ୍ରଣାଳୀ**

ପ୍ରଥମେ ବିରି ଚାଉଳକୁ ପାଣିରେ ବତୁରାଇଦେବେ। ତା'ପରେ ପାଣିରୁ ଛାଣି ବିରି, ଚାଉଳ ଏବଂ କୋରା ହୋଇ ରହିଥିବା ଲାଉକୁ ମିଶାଇ ବାଟିଦେବେ। ଟିକେ ବହଳା ଘୋଳ ପ୍ରସ୍ତୁତ କରିବେ। ଏବେ ସେଥିରେ ଲୁଣ, ଗୁଡ଼, ନଡ଼ିଆ କୋରା, ଗୁଜୁରାତି ଗୁଣ୍ଡ ପକାଇ ଗୋଳେଇ ଦେଇ କିଛି ସମୟ ରଖିଦେବେ। ଅନ୍ୟ ଏକ କଡେଇରେ ଘିଅ କିମ୍ବା ତେଲ ଗରମ କରିବେ। ଏବେ ଏକ ଡ଼ଙ୍କିରେ ସେହି ଘୋଳକୁ ନେଇ ଗୋଲ ଗୋଲ କରି ଟିକିଏ ପତଳା କରି ମାଲପୁଆ ଭଳି ଛାଣିବେ। ଏବେ ପ୍ରସ୍ତୁତ ହୋଇଗଲା 'ଲାଉ ଦୁଧୁରା ପିଠା'। ଏହାକୁ ଗରମ ଗରମ ଖାଇଲେ ବହୁତ ସ୍ୱାଦିଷ୍ଟ ଲାଗିଥାଏ।

# ଆଇଟିସି ୱେଲକମ୍‌ର ସ୍ୱତନ୍ତ୍ର କେକ୍ ମିକ୍ସିଂ ସେରିମନି


କେକ୍ ମିକ୍ସିଂ ସେରିମନି ଅବସରରେ ଏକ୍‌ଜିକ୍ୟୁଟିଭ୍ ସେଫ୍ ଗୌତମ୍ ମିଶ୍ର ଓ ତାଙ୍କ ଟିମ୍ ସହ ହୋଟେଲର କର୍ମଚାରୀମାନେ।

ଭୁବନେଶ୍ୱର,୨୫।୧୧(ଅନୁରାଧା ମହାରଣା)

ବଡ଼ଦିନ ପାଳନ ପାଇଁ ଆଇଟିସି ୱେଲ୍‌କମ୍ ହୋଟେଲ ଗ୍ରାହକଙ୍କୁ ସ୍ୱତନ୍ତ୍ର ଅନୁଭୂତି ଦେବ। ଏଥିପାଇଁ ଡିସେମ୍ବର ୧୦ରୁ ଗ୍ରାହକଙ୍କ ପାଇଁ ଫଳ ତଥା ଡ୍ରାଏଫ୍ରୁଟ୍ ପ୍ରସ୍ତୁତ ସ୍ୱାଦିଷ୍ଟ କେକ୍ ଉପଲବ୍ଧ ହେବ। ପର୍ଯ୍ୟଟନ ଋତୁ ତଥା ବଡ଼ଦିନ ପର୍ବକୁ ଦୃଷ୍ଟିରେ ରଖି ଏକ୍‌ଜିକ୍ୟୁଟିଭ୍ ସେଫ୍ ଗୌତମ୍ ମିଶ୍ର ଏହି ନିଆରା ତଥା ସ୍ପେଶାଲ କେକ୍ ପ୍ରସ୍ତୁତ କରିଛନ୍ତି। ଏହି କେକ୍ କେବଳ ସ୍ୱାଦିଷ୍ଟ ତାହା ନୁହେଁ, ସ୍ୱାସ୍ଥ୍ୟପ୍ରଦ। ଶନିବାର ହୋଟେଲ ପରିସରରେ ଆୟୋଜିତ ଏହି ସ୍ୱତନ୍ତ୍ର କେକ୍ ମିକ୍ସିଂ ସେରିମନି ଅବସରରେ ସେଫ୍ ମିଶ୍ର ଏନେଇ ସୂଚନା ଦେଇଛନ୍ତି। ବିଭିନ୍ନ ଫଳ ସହ କାଜୁ, ପିସ୍ତା

### ସ୍ପେଶାଲ କେକ୍‌ରେ ରହିଛି ଔଷଧୀୟ ଗୁଣ, ୧୦ରୁ ବିକ୍ରି ଆରମ୍ଭ

ବାଦାମ୍, କିସ୍‌ମିସ୍, ଆପ୍ରିକଟ୍ ଖଜୁରି, ପ୍ଲମ୍ ଆଦି ଡ୍ରାଏ ଫ୍ରୁଟ୍‌କୁ ମିଶ୍ରଣ କରାଯାଇ କେକ୍ ପ୍ରସ୍ତୁତ କରାଯାଉଛି। ଏଥିରେ ଅଦା ପାଉଡର, ଡାଲ୍‌ଚିନି ପାଉଡର, ଜାଇଫଳ ପାଉଡର ବ୍ୟବହାର କରାଯାଉଥିବାରୁ ଏହା ଶରୀରକୁ ଥଣ୍ଡା ଓ କଫରୁ ମୁକ୍ତ କରିବ ବୋଲି ସେଫ୍ ମିଶ୍ର କହିଛନ୍ତି। ଏଥିରେ ଡାକ୍ତରଙ୍କ ପରାମର୍ଶ କ୍ରମେ ବ୍ରାଣ୍ଡି ଓ ରମ୍ ମିଶ୍ରଣ କରାଯାଇଛି। ଏହା ଶୀତରେ ଉଷ୍ମତା ପ୍ରଦାନ କରିବ ବୋଲି ସେ କହିଛନ୍ତି। ସେହିପରି ଏଥିରେ ପର୍ଯ୍ୟାପ୍ତ ପରିମାଣର ମହୁ ମଧ୍ୟ ବ୍ୟବହାର କରାଯାଇଛି। ତେବେ ମିଶ୍ରଣକୁ ଏକ ବ୍ୟାରେଲରେ ରଖାଯିବ। ଯେତେ ଅଧିକ ଦିନ ଏହି ମିଶ୍ରଣକୁ ରଖାଯିବ ଏହାର ସ୍ୱାଦ ଓ ବାସ୍ନା ବଢ଼ିବ। ତେବେ ତାଜା କେକ୍‌ରେ ଏହି ମିଶ୍ରଣ ବ୍ୟବହାର କରାଯାଇ ଗ୍ରାହକଙ୍କୁ ପରଷାଯିବ। ଏହି ମିଶ୍ରଣକୁ ୩ ମାସ ପର୍ଯ୍ୟନ୍ତ ରଖାଯାଇପାରିବ। ଏଥିରେ ବ୍ୟବହୃତ ଉପାଦାନ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ମଧ୍ୟ ବଢ଼ାଇବ ବୋଲି ସେଫ୍ ମିଶ୍ରଙ୍କ ସମେତ ଉପସ୍ଥିତ ଅନ୍ୟ ସେଫ୍‌ମାନେ ମତ ରଖିଛନ୍ତି। ଏହି କେକ୍ ମିକ୍ସିଂ କାର୍ଯ୍ୟକ୍ରମରେ ଆଇଟିସି ଭୁବନେଶ୍ୱରର ଜିଏମ୍ ସମୀର ଘୋଷ, ଫୁଡ୍ ଆଣ୍ଡ୍ ବେଭେରେଜ୍ ମ୍ୟାନେଜର ସତ୍ୟବ୍ରତ ହୋତାଙ୍କ ସମେତ ଅନ୍ୟ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।



ବଲିଉଡ୍ କଣ୍ଠଶିଳ୍ପୀ ବାପି ଲାହିରିଙ୍କ ସ୍ମୃତିରେ ସୁର ତରଙ୍ଗ ପକ୍ଷରୁ ସୂଚନା ଭବନରେ ଅନୁଷ୍ଠିତ ସଙ୍ଗୀତ କାର୍ଯ୍ୟକ୍ରମରେ ଅତିଥିଙ୍କ ସହ କଣ୍ଠଶିଳ୍ପୀମାନେ।

# ୫ଜଣ ପାଇବେ ଏକାମ୍ର ସମ୍ମାନ

ପୁରୁଣା ଭୁବନେଶ୍ୱର,୨୫।୧୧
(ସୁବାସ ଚନ୍ଦ୍ର ପ୍ରଧାନ)

କାର୍ତ୍ତିକ ପୂର୍ଣ୍ଣିମାରେ ଭୁବନେଶ୍ୱର ସାଂସ୍କୃତିକ ପରିଷଦ ପକ୍ଷରୁ ବିନ୍ଦୁସାଗରରେ ବୋଇତ ବନ୍ଦାଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏଥିସହ ପ୍ରାତଃ ୪ଟାରୁ ଭଜନ କାର୍ଯ୍ୟକ୍ରମ ହେବା ନେଇ ସ୍ଥିର ହୋଇଛି। ଏଥିରେ ଓଡ଼ିଶାର ସୁନାମଧନ୍ୟ କଣ୍ଠଶିଳ୍ପୀମାନେ ଯୋଗଦେଇ ସଙ୍ଗୀତ ପରିବେଷଣ କରିବେ। ଏହି ଅବସରରେ ଏକାମ୍ର ସମ୍ମାନ-୨୦୨୩ରେ କଣ୍ଠଶିଳ୍ପୀ ତାନସେନ ସିଂ, ଚିକିତ୍ସକ ଡ.ଅଜୟ ମିଶ୍ର, ବୈଜ୍ଞାନିକ ଶୁଭେନ୍ଦୁ ପଟ୍ଟନାୟକ, ସାହିତ୍ୟିକ ରକ୍ଷକ ନାୟକ, ଓଡ଼ିଆ ଖାଦ୍ୟ ପ୍ରସ୍ତୁତକାରିଣୀ ଶୁଭଶ୍ରୀ ପଟ୍ଟନାୟକଙ୍କୁ ସମ୍ମାନିତ କରାଯିବ। ଶେଷରେ ଶିଳ୍ପୀ ହୃଷୀକେଶ ବେହେରାଙ୍କ ଦ୍ୱାରା ପ୍ରସ୍ତୁତ ଏକ ସୁସଜ୍ଜିତ ବୋଇତକୁ ସାଧବ ସାଧବାଣୀଙ୍କ ଦ୍ୱାରା ବନ୍ଦାପନା କରାଯିବ। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଭାପତି ତଥା ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ରାଜ୍ୟ ଯୋଜନା ବୋର୍ଡ ସଦସ୍ୟ ଡ.ପ୍ରସନ୍ନ କୁମାର ପାଟ୍ଟଶାଣୀ, ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ଘଡ଼େଇ, ବିଧାୟକ ଅନନ୍ତ ନାରାୟଣ ଜେନା, ବିଧାୟକ ସୁଶାନ୍ତ କୁମାର ରାଉତ, ମେୟର ସୁଲୋଚନା ଦାସ ଏବଂ ଓଡ଼ିଶା କୋଠାବାଡ଼ି ଏବଂ ଅନ୍ୟାନ୍ୟ ଶ୍ରମିକ କଲ୍ୟାଣ ବୋର୍ଡ ଅଧ୍ୟକ୍ଷା ଶ୍ରୀମତୀ ମିଶ୍ର ପ୍ରମୁଖ ଉତ୍ସବରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଶୁକ୍ରବାର ଅନୁଷ୍ଠାନର ସଭାପତି ପଣ୍ଡାଙ୍କ ବାସଭବନରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ଉପସଭାପତି ସମରେନ୍ଦ୍ର ସାହୁ, ସମ୍ପାଦକ ଦୀପକ ମହାପାତ୍ର, କୋଷାଧ୍ୟକ୍ଷ ମନୋଜ କୁମାର ବେହେରା, ସୁରେଶ ବାରିକ, ଦାଶରଥି ଗରାବଡୁ, କର୍ପୋରେଟର ଚନ୍ଦ୍ର ଶେଖର ମଲ୍ଲିଆ, ଶିବପ୍ରସାଦ ବେହେରା, ଶିବ ନାରାୟଣ ରାୟ, ଅନୁଷ୍ଠାନର ସଦସ୍ୟ ପୂର୍ଣ୍ଣେନ୍ଦୁ ପୂଜାପଣ୍ଡା, ଶିବପ୍ରସାଦ ମହାପାତ୍ର, ନଳିନୀକାନ୍ତ ପଣ୍ଡା, ସୁବାସ ମହାପାତ୍ର, ହିମାଦ୍ରି ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଏସ୍ଏଚ୍‌ଜିଙ୍କୁ ଓଜିବିର ୨୫୦ କୋଟିର ସହାୟତା ରାଶି ପ୍ରଦାନ




ଭୁବନେଶ୍ୱର,୨୫।୧୧
(ଅନୁରାଧା ମହାରଣା)

ନାବାର୍ଡ ଦ୍ୱାରା ଆୟୋଜିତ ରାଜ୍ୟସ୍ତରୀୟ କନ୍‌କ୍ଲେଭ୍‌ରେ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ (ଓଜିବି) ପକ୍ଷରୁ ଖୋର୍ଦ୍ଧା, କଟକ ଏବଂ ପିପିଲିର ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟାଙ୍କୁ ୨୫୦କୋଟି ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଇଛି। ବ୍ୟାଙ୍କ ପକ୍ଷରୁ ମଧ୍ୟ କେସିସି ହିତାଧିକାରୀଙ୍କୁ ୨ କୋଟି, ବୁଲା ବିକାଳୀଙ୍କୁ ୧.୭ ଲକ୍ଷ ଏବଂ ପିଏମ୍ଏସ୍‌ବିୱାଇ ନୋମିନିଙ୍କୁ ୧୦ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ୩୦୦ରୁ ଊର୍ଦ୍ଧ୍ୱ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟ ଅଂଶଗ୍ରହଣ କରିଥିଲେ। କନ୍‌କ୍ଲେଭ୍‌ରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଓଜିବି ଚେୟାରମ୍ୟାନ୍ ରିସି ସିଂ, ମହାପ୍ରବନ୍ଧକ ଶ୍ୱେତାଭ କୁମାର, ମହାପ୍ରବନ୍ଧକ ତୃପ୍ତି ରଞ୍ଜନ ସ୍ୱାଇଁ, ମହାପ୍ରବନ୍ଧକ ବାସୁଦେବ ରାଉତରାୟ ଏବଂ ମହାପ୍ରବନ୍ଧକ ସତ୍ୟବତୀ ସାହୁ ଉପସ୍ଥିତ ରହି ଏହି ସହାୟତା ରାଶିର ଉପଯୁକ୍ତ ବିନିଯୋଗ ସହ ଗୁଣାତ୍ମକ ବୃଦ୍ଧି ଉପରେ ଏସ୍ଏଚ୍‌ଜି ସଦସ୍ୟାଙ୍କୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଏସ୍ଏଚ୍‌ଜି ହିତାଧିକାରୀମାନେ ସେମାନଙ୍କ ଚାନ୍ଦୁଆ, ପଟ୍ଟଚିତ୍ର ଆଦି ଉତ୍ପାଦର ପ୍ରଦର୍ଶନ କରିଥିଲେ। ରାଜ୍ୟର ପ୍ରତ୍ୟେକ ମହିଳାଙ୍କୁ ସଶକ୍ତ କରିବା ପାଇଁ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଅଧିକ ସଶକ୍ତ କରିବାକୁ ବ୍ୟାଙ୍କ ପ୍ରତିବଦ୍ଧ ବୋଲି ବ୍ୟାଙ୍କ ପକ୍ଷରୁ କୁହାଯାଇଛି।

# ବିଏମ୍‌ସି ପ୍ରତିନିଧି ଦଳର ଟିଟିଏସ୍ ସମୀକ୍ଷା

ଭୁବନେଶ୍ୱର,୨୫।୧୧ (ବନ୍ଦନା ସେଠୀ)



ସୈନିକ ସ୍କୁଲ୍ ନିକଟ ଅସ୍ଥାୟୀ ଡମ୍ପିୟାର୍ଡ (ଟିଟିଏସ୍)ରୁ ଆସୁଥିବା ଦୁର୍ଗନ୍ଧ ନେଇ ଜନଅସନ୍ତୋଷ ଜାରି ରହିଥିବାବେଳେ ବିଏମ୍‌ସି ପକ୍ଷରୁ ଘନ ଘନ କ୍ଷେତ୍ର ପରିଦର୍ଶନ କରାଯାଇ ସମସ୍ୟା ଦୂର ପାଇଁ ଚେଷ୍ଟା କରାଯାଉଛି। ଶନିବାର ମେୟର ସୁଲୋଚନା ଦାସଙ୍କ ନେତୃତ୍ୱରେ ବିଏମ୍‌ସିର ଏକ ପ୍ରତିନିଧି ଦଳ ଟିଟିଏସ୍‌କୁ ଯାଇ ବର୍ଜ୍ୟ ପ୍ରକ୍ରିୟାକରଣର ସମୀକ୍ଷା କରିଥିଲେ। ଅତିରିକ୍ତ କମିଶନର ଶୁଭେନ୍ଦୁ କୁମାର ସାହୁ ପ୍ରତିନିଧିଙ୍କୁ କାର୍ଯ୍ୟର ଅଗ୍ରଗତି ଓ ଏଠାରେ ଯାନ୍ତ୍ରିକ ଉପଯୋଗ ସମ୍ପର୍କରେ ବୁଝାଇଥିଲେ। ଦାରୁଠେଙ୍ଗ ଡମ୍ପିୟାର୍ଡଠାରେ ଗତ ମେ'ରୁ ବର୍ଜ୍ୟ ପଡୁନାହିଁ। ସହରରୁ ଆସୁଥିବା ବିଭିନ୍ନ ୱାର୍ଡରେ ପୃଥକୀକୃତ ବର୍ଜ୍ୟ ସଂପୃକ୍ତ ଏମ୍‌ସିସି ଓ ଏମ୍ଆରଏଫ୍‌କୁ ଯାଉଛି ଏବଂ ସବୁଜ ବର୍ଜ୍ୟକୁ ସ୍ୱତନ୍ତ୍ର ସ୍ଥାନକୁ ନିଆଯାଉଛି। ବଳକା ବର୍ଜ୍ୟ ଟିଟିଏସ୍‌ଠାରେ ରଖାଯାଉଛି। ଏଥିରେ ବିଭିନ୍ନ ପ୍ରକାର ବର୍ଜ୍ୟ ରହିଥିବାରୁ ସେଗୁଡ଼ିକୁ ବିଜ୍ଞାନ ସମ୍ମତ ଭାବେ ପ୍ରକ୍ରିୟାକରଣର ଜରୁରୀ ଆବଶ୍ୟକତା ରହିଛି। ପରୀକ୍ଷଣ ପରେ ଏଠାରେ ଥିବା ଦୁଇ ଧାଡିର ଟ୍ରମେଲ ଏବଂ ଗୋଟିଏ ଟେରେକ୍ସ ମେଶିନ ଏହି ବର୍ଜ୍ୟକୁ ଆକାର ଅନୁସାରେ ପୃଥକ କରୁଛି। ପ୍ରଥମେ ଜମି ରହିଥିବା ବର୍ଜ୍ୟକୁ କାଢି ସେଥିରେ ସ୍ୱତନ୍ତ୍ର ଘୋଳ ପକାଇ ନଷ୍ଟୀକରଣ ପ୍ରକ୍ରିୟା ଦ୍ୱାରା ନିସୃତ ଦୂଷିତ ଜଳକୁ ସ୍ୱତନ୍ତ୍ର ଭାବେ ସଂଗ୍ରହ କରାଯାଇ ମଳ ଉପଚାର କେନ୍ଦ୍ରକୁ ନିଆଯାଉଛି। ଘଣ୍ଟାକୁ ପ୍ରାୟ ୬୦ ଟନ୍‌ରୁ ଅଧିକ ବର୍ଜ୍ୟ ପୃଥକ କରାଯାଉଛି ଏବଂ ଅଳ୍ପଦିନ ମଧ୍ୟରେ ଆଉଏକ ଟେରେକ୍ସ ମେଶିନ ଅଣାଯାଇ ପ୍ରକ୍ରିୟାକରଣକୁ ଆହୁରି ତ୍ୱରାନ୍ୱିତ କରାଯିବ ବୋଲି ସୂଚନା ଦିଆଯାଇଛି। ଏହି ଅବସରରେ ଟିଟିଏସ ଚାରିପାଖରେ ନିମ୍ବ ଗଛ ଲଗାଇବାକୁ ମେୟର ପରାମର୍ଶ ଦେଇଥିଲେ। ପ୍ରତିନିଧି ଦଳରେ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ବିରଞ୍ଚି ନାରାୟଣ ମହାସୁପକାର, ପ୍ରୀତିନନ୍ଦା ରାଉତ, ମହାମାୟା ସ୍ୱାଇଁ, ଅମରେଶ ଜେନା, ମିହିର କୁମାର ରାଉତ, କୁମାରେନ୍ଦ୍ର ମହାପାତ୍ର, ପ୍ରେମାନନ୍ଦ ଜେନା, ମୋନାଲିସା ସାହୁ, ଉତ୍ତର ଜୋନର ଡେପୁଟି କମିଶନର ପ୍ରିୟଙ୍କା ଜେନା, ଆସିଷ୍ଟାଣ୍ଟ କମିଶନର ଏନ୍. ଗଣେଶ ବାବୁ ପ୍ରମୁଖ ଉପସ୍ଥିତ ଥିଲେ।

# ଜନ୍ମପୀଠରେ ଭକ୍ତ ଶିରୋମଣି ଦାସିଆଙ୍କ ଜୟନ୍ତୀ ଉତ୍ସବ

ଭୁବନେଶ୍ୱର,୨୫।୧୧ (ବନ୍ଦନା ସେଠୀ)



ଭକ୍ତ ଦାସିଆ ସ୍ମୃତି କମିଟି ପକ୍ଷରୁ ଆୟୋଜିତ ଉତ୍ସବରେ ଅତିଥିମାନେ ପତ୍ରିକା 'ଭାବକୁ ନିକଟ'ର ଶେଷ ସଂଖ୍ୟା ଲୋକାର୍ପଣ କରୁଛନ୍ତି।

ଭକ୍ତ ଶିରୋମଣି ଦାସିଆଙ୍କ ଜୟନ୍ତୀ ଉତ୍ସବ ତାଙ୍କ ଜନ୍ମ ଓ ସାଧନା ପୀଠ ପୁରୀ ଜିଲା ତେଇଶିପୁର ପଞ୍ଚାୟତ ବାଲିଗାଁଠାରେ ପାଳିତ ହୋଇଯାଇଛି। ଭକ୍ତ ଦାସିଆ ସ୍ମୃତି କମିଟି ଆନୁକୂଲ୍ୟରେ ଆୟୋଜିତ ଏହି ଉତ୍ସବରେ ସମାଧି ସ୍ଥଳରେ ବେଦ, ଗୀତା ଓ ଭାଗବତ ପାଠ ସହିତ ଅଖଣ୍ଡ ନାମ ସଂକୀର୍ତ୍ତନ କରାଯାଇ ଥିଲା। କମିଟି ସଭାପତି ତଥା ଶ୍ରୀଜଗନ୍ନାଥ ସଂସ୍କୃତି ବିଶାରଦ ଡ. ପ୍ରତିଭା ମହାରଥୀ ସ୍ମୃତି ସଭାରେ ସଭାପତିତ୍ୱ କରି ଭକ୍ତ ଦାସିଆଙ୍କ ବ୍ୟକ୍ତିତ୍ୱ, ଜୀବନ ସମ୍ବନ୍ଧରେ ଆଲୋକପାତ କରିଥିଲେ। ଏଥିସହ ସେ କିଭଳି ଭକ୍ତି, ଦୃଢ଼ ଆତ୍ମବିଶ୍ୱାସ, ସମର୍ପଣ ଭାବରେ ମହାପ୍ରଭୁଙ୍କ ସାନିଧ୍ୟ ଲାଭ କରି ଆଧାତ୍ମିକ ଭଗତରେ ସିଦ୍ଧି ପୁରଷ ଭାବେ ପ୍ରତିଷ୍ଠିତ ହୋଇ ପାରିଲେ ସେସମ୍ପର୍କରେ ଡ. ମହାରଥୀ ବ୍ୟାଖ୍ୟା କରିଥିଲେ। ମୁଖ୍ୟ ଅତିଥି ଭାବେ ଉତ୍କଳ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ଡ. ବିନାୟକ ରଥ, ମୁଖ୍ୟବକ୍ତା ଭାବେ ଏମ୍‌ସର ପୂର୍ବତନ ନିର୍ଦ୍ଦେଶକ ଡା. ଅଶୋକ କୁମାର ମହାପାତ୍ର ଓ ସମ୍ମାନିତ ଅତିଥି ଭାବେ ଟିପିଏସ୍ ଇନ୍‌ଫ୍ରାଷ୍ଟ୍ରକ୍ଚରର ଉପସଭାପତି ନୀଳାଦ୍ରି ଭୂଷଣ ମହାପାତ୍ର, ଯୁଗ୍ମ ରିଲିଫ୍ କମିଶନର ଲିପିକା ଦାସ, ଶିକ୍ଷାବିତ୍ ତଥା ବରିଷ୍ଠ ସଦସ୍ୟ ଡ. ଚିତ୍ତରଞ୍ଜନ ମିଶ୍ର ଏବଂ ଷ୍ଟେଟ୍‌ବ୍ୟାଙ୍କ ଅଫ ଇଣ୍ଡିଆ ଭୁବନେଶ୍ୱର ଶାଖାର ପୂର୍ବତନ ମହାନିର୍ଦ୍ଦେଶକ ବିବେକାନନ୍ଦ ମହାପାତ୍ର ପ୍ରମୁଖ ଯୋଗଦେଇ ମତ ଦେଇଥିଲେ। କମିଟିର ସାଧାରଣ ସମ୍ପାଦକ ଡ. ଘନଶ୍ୟାମ ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରି ପୀଠରେ ସର୍ବାଙ୍ଗୀନ ଉନ୍ନତି ନିମନ୍ତେ ରାଜ୍ୟ ସରକାରଙ୍କୁ ନିବେଦନ କରିଥିଲେ।
ଏହି ଅବସରରେ ଆଧାତ୍ମିକ ତ୍ରୈମାସିକ ପତ୍ରିକା 'ଭାବକୁ ନିକଟ'ର ୮ମ ବର୍ଷର ଶେଷ ସଂଖ୍ୟା ଲୋକାର୍ପିତ ହୋଇଥିଲା। ପିପିଲି ଡେଲାଙ୍ଗ ଅଞ୍ଚଳର ଗଣମାଧ୍ୟମ ପ୍ରତିନିଧି ଓ ବିଶିଷ୍ଟ ବ୍ୟକ୍ତିଙ୍କୁ 'ଭକ୍ତ ଦାସିଆ ସେବା ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ପରେ ଉତ୍କଳ ସାହିତ୍ୟ ଓ କଳା ସଂସଦ ଦ୍ୱାରା ପ୍ରାୟୋଜିତ ଗୀତିନାଟ୍ୟ 'ଭକ୍ତ ଦାସିଆ' ପରିବେଷଣ ହୋଇଥିଲା। କମିଟିର ସାଂସ୍କୃତିକ ସମ୍ପାଦକ ଆଇନଜୀବୀ ଡ. ସରୋଜ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ସଂକ୍ଷେପରେ

### ରାଜ୍ୟସ୍ତରୀୟ ଫୁଟ୍‌ବଲ ପ୍ରତିଯୋଗିତା ଫାଇନାଲରେ ପ୍ରତାପ କ୍ଲବ

ନିଶ୍ଚିନ୍ତକୋଇଲି, ୨୫।୧୧(ଅଶୋକ କୁମାର ମହାପାତ୍ର): କଟକ ଜିଲା ନିଶ୍ଚିନ୍ତକୋଇଲି ବ୍ଲକ ଅସୁରେଶ୍ୱର ଆଥ୍‌ଲେଟିକ ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା ୪୯ ତମ ରାଜ୍ୟସ୍ତରୀୟ ଫୁଟ୍‌ବଲ ପ୍ରତିଯୋଗିତାର ପ୍ରଥମ ସେମି ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସୁରଜ ସ୍ପୋର୍ଟିଂ କ୍ଲବ କେନ୍ଦ୍ରାପଡ଼ାକୁ ୫-୪ ଗୋଲରେ ପରାସ୍ତ କରି ପ୍ରତାପ କ୍ଲବ କଟକ ଫାଇନାଲରେ ପ୍ରବେଶ କରିଛି। ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଉଭୟ ଦଳ ପରସ୍ପରକୁ ଗୋଟିଏ ଲେଖାଏ ଗୋଲ୍ ଦେଇଥିଲେ। ଫଳରେ ଟ୍ରାଇବ୍ରେକର ସହାୟତା ନିଆଯାଇଥିଲା। ଏମ୍‌ଡି ଜହୁର, ଟୁକୁନା ଭୋଇ, ସେକ ହଇତ ଖେଳ ପରିଚାଳନା କରିଥିଲେ। ଶନିବାର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ ଫିଫା କ୍ଲବ ଯାଜପୁର ଓ ୟଙ୍ଗ୍ ଉତ୍କଳ କଟକ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଅନୁଷ୍ଠାନ ସୂତ୍ରରୁ ପ୍ରକାଶ।

### ବାଲ୍ୟବିବାହ ମୁକ୍ତ ଗ୍ରାମ ପାଇଁ ବ୍ଲକସ୍ତରୀୟ କର୍ମଶାଳା

ବଡ଼ମ୍ବା,୨୫।୧୧( ମାୟାଧର ମଲ୍ଲିକ): କଟକ ଜିଲାରେ କାର୍ଯ୍ୟକାରୀ ହେଉଥିବା ଆକସେସ ଟୁ ଜଷ୍ଟିସ ଫର ଚିଲ୍ଡ୍ରେନ୍ସ ପ୍ରୋଗ୍ରାମ ଓ ଜିଲା ସମାଜ ମଙ୍ଗଳ ବିଭାଗ ତରଫରୁ ବାଲ୍ୟ ବିବାହ ମୁକ୍ତ ଗ୍ରାମ ପାଇଁ ଶୁକ୍ରବାର ବ୍ଲକସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଉତ୍କଳ ସେବକ ସମାଜ ଓ କୈଳାସ ସତ୍ୟାର୍ଥୀ ଚିଲ୍ଡ୍ରେନ୍ସ ଫାଉଣ୍ଡେଶନ ମିଳିତ ଆନୁକୂଲ୍ୟରେ ଆୟୋଜିତ କର୍ମଶାଳାରେ ଆକ୍‌ସେସ ଟୁ ଚିଲ୍ଡ୍ରେନ୍ସ ପ୍ରକଳ୍ପ ନିର୍ଦ୍ଦେଶକ ଇଂ. ଅନ୍ୱେୟ ଅଭିନବ ପୌରୋହିତ୍ୟ କରିଥିଲେ। ମୁଖ୍ୟ ଅତିଥିଭାବେ ବ୍ଲକ ଅଧ୍ୟକ୍ଷ ରଘୁପତି ମହାନ୍ତି ଯୋଗଦେଇ ବାଲ୍ୟବିବାହ ରୋକାଯିବା ଦିଗରେ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥିଭାବେ ବିଡିଓ ରମେଶ କୁମାର ଜେନା, ଏବିଡିଓ ଅଭିପ୍ସା ସ୍ୱାଇଁ, ସାନବାର୍ସିଙ୍ଗ ପଞ୍ଚାୟତ ସରପଞ୍ଚ ସଦାନନ୍ଦ ସ୍ୱାଇଁ, ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରକାଶ ଚନ୍ଦ୍ର ମତଗଜ ସିଂ, ସିଡିପିଓ ନମିତା ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ଆଗାମୀ ଦିନରେ ବଡ଼ମ୍ବା ବ୍ଲକକୁ ବାଲ୍ୟ ବିବାହ ମୁକ୍ତ ଘୋଷଣା କରାଯିବା ସହ ଏଦିଗରେ ପଦକ୍ଷେପ ନେବାକୁ ରଣନୀତି ପ୍ରସ୍ତୁତି କରାଯାଇଥିଲା। ଚିନ୍ମୟ ଗୋଛି ଓ ହେମନ୍ତ କୁମାର ବେହେରା କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବା ବେଳେ ସୂର୍ଯ୍ୟସ୍ମିତା ଓ ଅନୁଷ୍କା ଚୌଧୁରୀ ଏଥିରେ ସହାୟତା କରିଥିଲେ। ସିଡିପିଓ କାର୍ଯ୍ୟାଳୟର ସୁପରଭାଇଜରଙ୍କ ସମେତ ସାନବାର୍ସିଙ୍ଗ, ବଡ଼ବାର୍ସିଙ୍ଗ ଓ ଖୁଣ୍ଟକଟା ପଞ୍ଚାୟତର ସିଆର୍‌ପି, ଅଙ୍ଗନୱାଡ଼ି କର୍ମୀ, ଏମ୍‌ବିକେ ଓ ସ୍ୱୟଂ ସହାୟିକା ଗୋଷ୍ଠୀ ସଦସ୍ୟା ଏଥିରେ ଉପସ୍ଥିତ ଥିଲେ।

# ୫ ବର୍ଷ ହେବ ପୂର୍ଣ୍ଣାଙ୍ଗ ହେଉନି କେନ୍ଦୁପାଟଣା ଡେଏରି

- ୩ ବର୍ଷ ହେବ ଅବଧି ସରିଛି
- ୧୨କୋଟି ୪୯ ଲକ୍ଷ ଟଙ୍କା ଅର୍ଥ ମଞ୍ଜୁର ହୋଇଥିଲା
- ଏ ପର୍ଯ୍ୟନ୍ତ ଯନ୍ତ୍ରାଂଶ ଲାଗିନାହିଁ

ନିଶ୍ଚିନ୍ତକୋଇଲି,୨୫।୧୧
(ଅଶୋକ କୁମାର ମହାପାତ୍ର)



ବେକାର ଯୁବତୀ ଯୁବକମାନଙ୍କୁ ଆତ୍ମନିର୍ଭରଶୀଳ କରାଇବା ଓ ସେମାନଙ୍କର ଆର୍ଥିକ ପରିସ୍ଥିତିକୁ ସୁଦୃଢ଼ କରାଇବା ଉଦ୍ଦେଶ୍ୟରେ ମାହାଙ୍ଗା ନିର୍ବାଚନ ମଣ୍ଡଳୀ ଅଧୀନ କେନ୍ଦୁପାଟଣାଠାରେ ଏକ ଡେଏରି ପ୍ରତିଷ୍ଠା କରିବାକୁ ସରକାର ଯୋଜନା କରିଥିଲେ। ୨୦୧୯ ଫେବୃୟାରୀ ୧୭ରେ ଏହାର ଶିଳାନ୍ୟାସ କରାଯାଇଥିଲା। ଏଥପାଇଁ ସରକାର ୧୨କୋଟି ୪୯ ଲକ୍ଷ ଟଙ୍କା ଅର୍ଥ ମଞ୍ଜୁର କରିଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ତତ୍କାଳୀନ କଟକ ଜିଲାପାଳ ଅରବିନ୍ଦ ଅଗ୍ରୱାଲ ତତ୍କାଳୀନ କଟକ ଜିଲା ପରିଷଦ ଅଧ୍ୟକ୍ଷା ଜ୍ୟୋତିରେଖା ନାୟକ, ବିଜେଡି ଏମ୍‌ପି ଅନୁଭବ ମହାନ୍ତି, ନରେନ୍ଦ୍ର ସ୍ୱାଇଁଙ୍କ ସମେତ କଟକ ଜିଲାର ବିଧାୟକମାନେ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

ମାତ୍ର ଠିକାଦାରଙ୍କ ମନମୁଖି କାମ ଓ ଅତ୍ୟନ୍ତ ମନ୍ଥର ଗତିରେ ନିର୍ମାଣ କାର୍ଯ୍ୟ ଚାଲିଥିବା କାରଣରୁ ଅବଧି ଶେଷ ହେବାର ୩ ବର୍ଷ ପରେ ମଧ୍ୟ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ପୂର୍ଣ୍ଣାଙ୍ଗ ହୋଇପାରିନାହିଁ। କେନ୍ଦ୍ର ସରକାର ଟେଣ୍ଡର ମାଧ୍ୟମରେ ଏହି ପକ୍ରଳ୍ପ ପାଇଁ ଠିକାଦାର ଚୟନ କରିଥିଲେ। ମାତ୍ର ସମ୍ପୃକ୍ତ ଠିକାଦାର ଅଟକଳ ଅନୁଯାୟୀ କାର୍ଯ୍ୟ କରି ନ ଥିବା ବେଳେ ନିର୍ମାଣ କାର୍ଯ୍ୟରେ ନିମ୍ନମାନର ସାମଗ୍ରୀ ବ୍ୟବହାର କରାଯାଇଥିବା ଅଭିଯୋଗ ହୋଇଛି। ଫଳରେ ଏହାର ସ୍ଥାୟିତ୍ୱ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅପରପକ୍ଷେ ଏହି ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ୨ ବର୍ଷ ମଧ୍ୟରେ ଶେଷ ହେବା କଥା। ଇତିମଧ୍ୟରେ ୫ ବର୍ଷ ବିତିଯାଇଥିଲାବେଳେ କେବେଳ ଗୃହ ନିର୍ମାଣ କାର୍ଯ୍ୟ ପୂର୍ଣ୍ଣାଙ୍ଗ ହୋଇସାରିଛି। ଏପର୍ଯ୍ୟନ୍ତ ପ୍ରକଳ୍ପରେ କୌଣସି ଯନ୍ତ୍ରାଂଶ ଲଗାଯାଇ ପାରିନାହିଁ। ଫଳରେ ନିର୍ମାଣ କାର୍ଯ୍ୟର ପୂର୍ଣ୍ଣାଙ୍ଗ ନେଇ ଅନିଶ୍ଚିତତା ପ୍ରକାଶ ପାଇଛି। ଏହି ପ୍ରକଳ୍ପ ପୂର୍ଣ୍ଣାଙ୍ଗ ହୋଇଥିଲେ ଏଠାରେ ୩୦୦ରୁ ୪ଶହ ବେକାର ଯୁବତୀଯୁବକଙ୍କୁ ଆତ୍ମ ନିଯୁକ୍ତି ଦିଆଯାଇ ପାରିଥାନ୍ତା। ମାତ୍ର ବିଳମ୍ବ କାରଣରୁ ଏହି ଆଶା ପାଣି ଫୋଟକା ପରି ମିଳାଇ ଯାଇଛି।

ସୂଚନାଯୋଗ୍ୟ, ଏହି ପ୍ରକଳ୍ପ ନିର୍ମାଣ ନିମନ୍ତେ କେନ୍ଦୁପାଟଣା ନିୟନ୍ତ୍ରିତ ବଜାର କମିଟି ପ୍ରାୟ ୫ ଏକର ଜମି ଯୋଗାଇ ଦେଇଥିଲେ। ଏହି ପ୍ରକଳ୍ପରେ ଦୁଗ୍ଧ ପ୍ୟାକେଟ ପ୍ରସ୍ତୁତ ହେବା ସହ ଆଇସକ୍ରିମ ମଧ୍ୟ ପ୍ରସ୍ତୁତ ହୋଇ ଅନ୍ୟତ୍ର ବିକ୍ରୟ ପାଇଁ ପଠାଯିବାକୁ ଯୋଜନା କରାଯାଇଥିଲା। ତେବେ କୋଭିଡ୍ ମହାମାରୀ ସମୟରେ ନିର୍ମାଣ କାର୍ଯ୍ୟରେ ବ୍ୟାଘାତ ସୃଷ୍ଟି ହୋଇଥିଲା। ଏହି ସମୟରେ ପ୍ରକଳ୍ପରେ ବିନିଯୋଗ ହେବାକୁ ଥିବା ଯନ୍ତ୍ରାଂଶର ମୂଲ୍ୟ ଅହେତୁକ ବୃଦ୍ଧି ପାଇଥିଲା। ମୂଲ୍ୟବୃଦ୍ଧି ଯୋଗୁ ଏପର୍ଯ୍ୟନ୍ତ ପ୍ରକଳ୍ପ ପାଇଁ କୌଣସି ଯନ୍ତ୍ରାଂଶ କିଣାଯାଇ ପାରି ନଥିବା ବେଳେ ପୂର୍ଣ୍ଣାଙ୍ଗ ପାଇଁ ଆହୁରି ୫କୋଟି ଟଙ୍କାର ଆବଶ୍ୟକ ଥିବା ବିଶେଷ ସୂତ୍ରରୁ ଜଣାପଡ଼ିଛି। ଅପରପକ୍ଷରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମଧ୍ୟରେ ଆନ୍ତରିକତା ଅଭାବ ଯୋଗୁ ପ୍ରକଳ୍ପ କାର୍ଯ୍ୟ ଶେଷ ହୋଇ ପାରୁନାହିଁ ବୋଲି ସାଧାରଣରେ ଅଭିଯୋଗ ହୋଇଛି।

ଏସମ୍ପର୍କରେ ବିଭାଗୀୟ ସହକାରୀ ଅଧିକାରୀ ସୁଧାଂଶୁ ଶେଖର ପଣ୍ଡାଙ୍କୁ ବାରମ୍ବାର କଲ୍ କରାଯାଇଥିଲେ ମଧ୍ୟ ସେ ନ ଉଠାଇବାରୁ ମତାମତ ମିଳିପାରିନାହିଁ।

# ଓଟିଏମ୍ ଶ୍ରମିକଙ୍କ ସ୍ଥାୟିତ୍ୱ ସମ୍ପର୍କରେ ସ୍ପଷ୍ଟ କରାଯାଉ

ମଙ୍ଗୁଳି-ଜଗତପୁର,୨୫।୧୧(ମାନସ ସାମଲ)

ଚୌଦ୍ୱାରସ୍ଥିତ ଓଡ଼ିଶା ଟେକ୍ସଟାଇଲ ମିଲ୍ସ(ଓଟିଏମ୍) କମ୍ପାନୀ ଜମିରେ ରାଜ୍ୟ ସରକାର ୩୦୫୦ କୋଟି ଟଙ୍କା ବ୍ୟୟ ଅଟକଳରେ ସମନ୍ୱିତ ବୟନ ଶିଳ୍ପ ଓ ଲଜିଷ୍ଟିକ ପାର୍କ ନିର୍ମାଣ କରିବେ। ହେଲେ ଏହା କେବେ ହେବ ତାହା ସାର୍ବଜନୀନ କରନ୍ତୁ ବୋଲି ବୋଲି ଚୌଦ୍ୱାର-କଟକ ଭାଜପା ନେତା ସନ୍ତୋଷ ମହାନ୍ତି ବାଣୀପଦା ଗ୍ରାମସ୍ଥିତ ଭାଜପା କାର୍ଯ୍ୟାଳୟରେ ଶନିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ପ୍ରକାଶ କରିଛନ୍ତି। ଏଥିସହ ସେ କହିଛନ୍ତି, ଓଟିଏମ୍ କଲୋନୀରେ ଦୀର୍ଘବର୍ଷ ଧରି ରହିଆସୁଥିବା ଶ୍ରମିକ ପରିବାର ବିସ୍ଥାପିତ ହେବେ ନା ସ୍ଥାୟୀଭାବେ ରହିବେ ତାହା ସ୍ପଷ୍ଟ କରନ୍ତୁ। ୧୯୯୯ ମହାବାତ୍ୟାରେ କ୍ଷତିଗ୍ରସ୍ତ ହୋଇ ଓଟିଏମ୍ ବନ୍ଦ ହୋଇଯିବା ପରେ ଶ୍ରମିକମାନେ ତାଙ୍କ ପ୍ରାପ୍ୟ ପାଇ ନ ଥିଲେ। ଏଥିଯୋଗୁ ସେମାନେ ବିଭିନ୍ନ ପ୍ରକାର ଅସୁବିଧାର ସମ୍ମୁଖୀନ ହେଉଥିଲେ। ଦୀର୍ଘ ୨୨ ବର୍ଷ ପରେ ହାଇକୋର୍ଟଙ୍କ ହସ୍ତକ୍ଷେପ ପରେ ସେମାନେ ପ୍ରାପ୍ୟ ପାଇଛନ୍ତି।

କେନ୍ଦ୍ର ସରକାର ୭ଟି ରାଜ୍ୟକୁ ବୟନ ଶିଳ୍ପ ପାଇଁ ବହୁ କୋଟି ଟଙ୍କା ମଞ୍ଜୁର କରିଛନ୍ତି। କିନ୍ତୁ ରାଜ୍ୟ ସରକାର ଏହି ସୁଯୋଗକୁ ପ୍ରତ୍ୟାଖ୍ୟାନ କରିବା ଫଳରେ ବେକାରୀ ସମସ୍ୟା ଦୂର ହେଇପାରୁନି। ଆସନ୍ତା ୧ ମାସ ମଧ୍ୟରେ ପ୍ରଧାନମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ ପାଇଁ ରାଜ୍ୟପାଳଙ୍କ ଜରିଆରେ ଦାବିପତ୍ର ଦିଆଯିବ ବୋଲି ଭାଜପା ନେତା ସନ୍ତୋଷ ମହାନ୍ତି କହିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ଇନ୍ଦ୍ରାଣୀପାଟଣା ମଣ୍ଡଳ ଭାଜପା ସଭାପତି ଜୟନ୍ତ କୁମାର ସ୍ୱାଇଁ, କାଉନ୍‌ସିଲର ସୁଜାତା ସାହୁ, ଯୁବ ସଂଗଠକ ତନ୍ମୟ କୁମାର ସାହୁ, ଗଣେଶ ଚନ୍ଦ୍ର ବେହେରା, ଝୁନୁରାଣୀ ଦାସ, ବର୍ଷାରାଣୀ ପଲେଇ, ସ୍ନେହାଶିଷ ବଳଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ଏ ସମ୍ପର୍କରେ ଚୌଦ୍ୱାର-କଟକ ବିଧାୟକ ସୌଭିକ୍ ବିଶ୍ୱାଳ କହିଛନ୍ତି, ରାଜ୍ୟରେ ୮୪,୧୯୮ କୋଟି ଟଙ୍କା ନିବେଶକୁ ମଞ୍ଜୁରୀ ମିଳିଛି। ୩ଲକ୍ଷରୁ ଉର୍ଦ୍ଧ୍ୱ କର୍ମନିଯୁକ୍ତିର ସୁଯୋଗ ମିଳୁଛି। କେନ୍ଦ୍ର ଯୋଜନାଠୁ ଏହା ୩ଗୁଣ ଅଧିକ। ଓଟିଏମ୍ ଶ୍ରମିକ ପରିବାର ବହୁତ ଦୁଃଖ ପାଇଛନ୍ତି, ସେମାନଙ୍କ ସ୍ଥାୟିତ୍ୱ ପାଇଁ ବିଧାନସଭାରେ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛି। ଓଟିଏମ୍ ଶ୍ରମିକ ନିଶ୍ଚିତ ନ୍ୟାୟ ପାଇବେ।

# ମହୋତ୍ସବ ଆମ ଐତିହ୍ୟ, ସଂସ୍କୃତି ପ୍ରସାର, ପ୍ରଚାରର ମାଧ୍ୟମ




ରଗଡ଼ି କାର୍ତ୍ତକ ମହୋତ୍ସବର ୩ୟ ସନ୍ଧ୍ୟାରେ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ, ରାଜେନ୍ଦ୍ର ସାହୁ ଓ ଅନ୍ୟମାନେ।

ବାଙ୍କୀ,୨୫।୧୧(ଜ୍ଞାନେନ୍ଦ୍ର ମୋହନ ମିଶ୍ର)

**ରଗଡ଼ି କାର୍ତ୍ତକ ମହୋତ୍ସବର ୩ୟ ସନ୍ଧ୍ୟା**

ବାଙ୍କୀ ଉପଖଣ୍ଡ ଡମପଡ଼ା ବ୍ଲକ ରଗଡି କାର୍ତ୍ତିକ ମହୋତ୍ସବର ତୃତୀୟ ସନ୍ଧ୍ୟା ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ବେଗୁନିଆ ବିଧାୟକ ରାଜେନ୍ଦ୍ର ସାହୁ ଯୋଗଦେଇ ରଗଡି କାର୍ତ୍ତିକ ମହୋତ୍ସବ ଆମର ଐତିହ୍ୟ ଓ ସଂସ୍କୃତି ପ୍ରସାର ଓ ପ୍ରଚାରର ମାଧ୍ୟମ ବୋଲି କହିଥିଲେ। ବାଙ୍କୀ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ଏହି ମହୋତ୍ସବ ଗ୍ରାମାଞ୍ଚଳରେ ପାଳନ କରାଯାଉଥିଲେ ମଧ୍ୟ ବାଙ୍କୀର କଳା, ସାହିତ୍ୟ ଓ ସଂସ୍କୃତିକୁ ଅଧିକ ଋଦ୍ଧିମନ୍ତ କରିବ ବୋଲି କହିଥିଲେ। ସମ୍ମାନିତ ଅତିଥିଭାବେ ଅବସରପ୍ରାପ୍ତ ବିଚାରପତି ରାମଚନ୍ଦ୍ର ଦାଶ, ଖୋର୍ଦ୍ଧା ଜିଲା ପରିଷଦ ସଭ୍ୟ ପ୍ରକାଶ ଚନ୍ଦ୍ର ସାହୁ, ବାଙ୍କୀ ଏନ୍‌ଏସି ନଗରପାଳ ମାଣିକ ସାହୁ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ରଗଡି ପଞ୍ଚାୟତ ସରପଞ୍ଚ ବିଜୟ ଲକ୍ଷ୍ମୀ ମହାନ୍ତି ସଭାପତିତ୍ୱ କରିଥିବା ବେଳେ ସହସମ୍ପାଦକ ବିଜୟ କୁମାର ମହାନ୍ତି ସମ୍ପାଦକୀୟ ବିବରଣୀ ଉପସ୍ଥାପନ କରିଥିଲେ। ସମିତି ସଭ୍ୟ ତଥା ମହୋତ୍ସବ ଉପସଭାପତି ଭାଗୀରଥି ପାଣି ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ହେମମାଳପୁରରେ ୩ ମନ୍ଦିରର ଶିଳାନ୍ୟାସ

ଆଠଗଡ଼,୨୫।୧୧(ସତ୍ୟ ପ୍ରସାଦ ରଥ)

ଆଠଗଡ଼ ଏନ୍‌ଏସି ଅନ୍ତର୍ଗତ ୧ନଂ ୱାର୍ଡର ହେମମାଳପୁର ଗ୍ରାମରେ ନୀଳକଣ୍ଠେଶ୍ୱର ମନ୍ଦିର, ଶନିଶ୍ଚର ଯଜ୍ଞ ମଣ୍ଡପ ଓ ନୂତନ ଭାଗବତ ଗୃହ ନିର୍ମାଣ ପାଇଁ ଶିଳାନ୍ୟାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସହାୟତା ରାଶି ଯୋଜନାରେ ଚାଲିଥିବା ଏହି କାର୍ଯ୍ୟରେ କୃଷି ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଯୋଗଦେଇଥିଲେ। ଏଥିପାଇଁ ଗ୍ରାମବାସୀଙ୍କ ପକ୍ଷରୁ ତତ୍କାଳୀନ ୫-ଟି ସଚିବଙ୍କ ଗସ୍ତ ସମୟରେ ଦାବିପତ୍ର ଦିଆଯାଇଥିଲା। ଗ୍ରାମବାସୀଙ୍କ ଦାବିକୁ ହୃଦୟଙ୍ଗମ କରି ଏହି ପ୍ରକଳ୍ପ ପାଇଁ ୩୦ଲକ୍ଷ ଟଙ୍କା ଘୋଷଣା କରିଥିଲେ। ଏହି ଶିଳାନ୍ୟାସ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଏନ୍‌ଏସି ଅଧ୍ୟକ୍ଷା ସସ୍ମିତା ରାଉତ, ଉପାଧ୍ୟକ୍ଷ ବି. ଶୁଭ୍ର ଶଙ୍କର ଜ୍ୟୋତି, କାଉନସିଲର ସୁଶାନ୍ତ କୁମାର ଜେନା, ଶିବଶଙ୍କର ଜେନା, ପ୍ରଦୀପ୍ତ କୁମାର ଦାସ, ପ୍ରକାଶ ରାଉତ, ଖଲିଦ ମହମ୍ମଦ ପ୍ରମୁଖ ଯୋଗଦେଇଥିଲେ।

# ଶିଶୁ ଅଧିକାର ସଚେତନତା ଶିବିର

ବଡ଼ମ୍ବା,୨୫।୧୧( ମାୟାଧର ମଲ୍ଲିକ):

ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରାୟୋଜିତ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମରେ ବଡ଼ମ୍ବା ମୋହନ ସୁବୁଦ୍ଧି କନିଷ୍ଠ ମହାବିଦ୍ୟାଳୟ ପରିସରରେ ଶିଶୁ ଅଧିକାର ସଚେତନତା ସମ୍ପର୍କିତ ଏକ ଶିବିର ଓ ସଚେତନତା ରାଲି ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷା ତଥା ଆଇୱାଇଡିପିର ମୁଖ୍ୟ ସଙ୍ଗଠକ ଡ. ଶୁଚିସ୍ମିତା ମହାନ୍ତିଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଶିବିରରେ ଅର୍ଥନୀତି ବିଭାଗର ମୁଖ୍ୟ ଡ. ତନୟା ପଟେଲ ଓଡ଼ିଆ ବିଭାଗର ମୁଖ୍ୟ ତଥା ନୋଡାଲ ଅଧିକାରୀ ସରିତା ସାହୁ ପ୍ରମୁଖ ଏହି ସାମାଜିକ ସଚେତନତା କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଏହି ଅବସରରେ ୧୮ ବର୍ଷରୁ କମ୍ ଆୟୁବର୍ଗର ପ୍ରତ୍ୟେକ ବ୍ୟକ୍ତିଙ୍କର ସାମ୍ବିଧାନିକ ଅଧିକାର ସମ୍ପର୍କରେ ସୂଚନା ଦିଆଯିବା ସହ ଶିଶୁ ଚାଲାଣ, ଶିଶୁ ଶ୍ରମିକ ପ୍ରଥା, ଶିଶୁ ଯୌନ ଶୋଷଣ ଓ ବାଲ୍ୟବିବାହ ନିରୋଧ ସମ୍ପର୍କରେ ଆଲୋଚନା କରାଯାଇଥିଲା। ପ୍ରାଧ୍ୟାପକ ବିଶ୍ୱନାଥ ପଟ୍ଟନାୟକ, ଅଧ୍ୟାପିକା ସରିତା ସାହୁ, ଅଧ୍ୟାପିକା ଡ. ପ୍ରିୟମ୍ବଦା ଦାଶ ଓ ଅଧ୍ୟାପକ ଲକ୍ଷ୍ମୀଧର ପଣ୍ଡା ପ୍ରମୁଖ ଯୋଗଦେଇ ନିଜସ୍ୱ ମତ ବ୍ୟକ୍ତ କରିଥିଲେ। ଅଧ୍ୟାପକ କ୍ୟାପଟେନ୍ ସୁଧୀର ମହାରଣା, ଅଧ୍ୟାପକ ଡ. ଅରବିନ୍ଦ ନାୟକ, ଅଧ୍ୟାପିକ ପ୍ରଜ୍ଞାପରମିତା ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଛାତ୍ରୀଛାତ୍ରଙ୍କ ସମେତ ସମସ୍ତ ଅଧ୍ୟାପିକା ଓ ଅଧ୍ୟାପକଙ୍କୁ ନେଇ ଶିଶୁ ଅଧିକାର ସମ୍ପର୍କିତ ଏକ ରାଲି ବିଭିନ୍ନ ସାହି ବସ୍ତି ପରିକ୍ରମା କରିଥିଲା।




ସଚେତନତା ଶିବିରରେ ଯୋଗଦେଇଥିବା ଅତିଥିମାନେ।

# ୨ କଲ୍ୟାଣ ମଣ୍ଡପର ଭିତ୍ତିପ୍ରସ୍ତର ସ୍ଥାପନ

ଆଠଗଡ଼,୨୫।୧୧(ସତ୍ୟ ପ୍ରସାଦ ରଥ)

ଆଠଗଡ ମିନି ଷ୍ଟାଡିୟମ ନିକଟରେ କଣ୍ଟୋଲ ଗ୍ରାମସ୍ଥିତ ବାରବାଟି ପୋଖରୀ ନିକଟରେ ୨ଟି କଲ୍ୟାଣ ମଣ୍ଡପ ନିର୍ମାଣ ପାଇଁ ଭିତ୍ତି ପ୍ରସ୍ତର ସ୍ଥାପନ କରାଯାଇଛି। ରାଜ୍ୟ ସରକାର ନଗର ଉନ୍ନୟନ ବିଭାଗ ତରଫରୁ ଗ୍ରାମ ଉନ୍ନୟନ ବିଭାଗ ଜରିଆରେ ଯଥାକ୍ରମେ ୭୩୯.୧୪ ଓ ୧୧୫୦.୯୦ ବର୍ଗମିଟରରେ ଏହାକୁ ନିର୍ମାଣ କରାଯିବ। ୨ ମହଲା ବିଶିଷ୍ଟ ଏହି ମଣ୍ଡପ ପାଇଁ କୃଷି ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏହି ଅବସରରେ ମନ୍ତ୍ରୀ ସ୍ୱାଇଁଙ୍କୁ ଏକ ବାଇକ୍ ଶୋଭାଯାତ୍ରାରେ ସହର ପରିକ୍ରମା କରାଯାଇଥିଲା। ଭିତ୍ତିପ୍ରସ୍ତର ସ୍ଥାପନ ଉତ୍ସବରେ ଏନ୍‌ଏସି ଅଧ୍ୟକ୍ଷା ସସ୍ମିତା ରାଉତ, ଉପାଧ୍ୟକ୍ଷ ବି.ଶୁଭ୍ରଶଙ୍କର ଜ୍ୟୋତିଙ୍କ ସମେତ ସୁବର୍ଣ୍ଣମଞ୍ଜରୀ ଭଞ୍ଜ, ଲଳିତ ମୋହନ ନାୟକ, ରଞ୍ଜିତା ଭକ୍ତା, ପ୍ରଦୀପ୍ତ ଦାଶ, ଶିଶିର ପ୍ରସାଦ ମାନସିଂ, ଶିବଶଙ୍କର ଜେନା, ମହମ୍ମଦ ଖଲିଦ ଯୋଗଦେଇଥିଲେ।



ଭିତ୍ତିପ୍ରସ୍ତର ସ୍ଥାପନ ଅବସରରେ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଓ ଅନ୍ୟମାନେ।

# ଉତ୍ସବର ମାହୋଲ ସୃଷ୍ଟିକଲା ଏ++ ମାନ୍ୟତା

କଟକ,୨୫।୧୧
(ସୁପ୍ରିୟା ପ୍ରିୟଦର୍ଶିନୀ)

ରେଭେନ୍‌ଶା ବିଶ୍ୱବିଦ୍ୟାଳୟକୁ ନାକ୍ ପକ୍ଷରୁ ଏ++ ମାନ୍ୟତା ମିଳିଛି। ଏହା ଜଣାପଡ଼ିବା ପରେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ, ଅଧ୍ୟାପିକାଅଧ୍ୟାପକ, କର୍ମଚାରୀ ଏବଂ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଛି। ଏହି ଅବସରରେ ଶନିବାର ବିଶ୍ୱବିଦ୍ୟାଳୟ ପରିସରରେ ଏକପ୍ରକାର ଉତ୍ସବମୟ ପରିବେଶ ସୃଷ୍ଟି ହୋଇଥିଲା। ସରକାରୀ ବିଶ୍ୱବିଦ୍ୟାଳୟ ଭାବରେ ରେଭେନ୍‌ଶା ହିଁ କେବଳ ଏ++ ଗ୍ରେଡ୍ ମାନ୍ୟତା ପାଇପାରିଛି।



“ସବୁଆଡ଼େ ଖୁସିର ମାହୋଲ। ନାକ୍ ଟିମ୍ ରେଭେନ୍‌ଶା ପରିଦର୍ଶନ ବେଳେ ୭ଟି କ୍ରାଇଟେରିଆ ମାଗିଥିଲା। ତେବେ ରେଭେନ୍‌ଶା ପାଖରେ ସେସବୁ ବ୍ୟବସ୍ଥା ପୂର୍ବରୁ ରହିଆସିଛି। ମୁଖ୍ୟ କଥା ହେଉଛି ରେଭେନ୍‌ଶା ରେଡିଓ ଓ ବ୍ରେଲ୍ ଲାଇବ୍ରେରି, ଯାହା ଏହି ମାନ୍ୟତା ପାଇବାରେ ବେଶ୍ ସହାୟକ ହୋଇପାରିଛି।

– ଶୁଭ୍ରାଂଶୁ ଦାଶ, ଛାତ୍ର



“ଖବର ମିଳିବା ପରଠାରୁ ମିଠା ଖାଇବା ଚାଲିଛି। ନାଚଗୀତ ବନ୍ଦ ହେଉ ନାହିଁ। ରେଭେନ୍‌ଶା ଛାତ୍ର ଭାବରେ ଏଥିଲାଗି ମୁଁ ବହୁତ ଗର୍ବିତ। ଏଥିପାଇଁ ରେଭେନ୍‌ଶା ପ୍ରସ୍ତୁତ ଥିଲା। ପରିମଳଠାରୁ ଆରମ୍ଭ କରି, ସ୍ମାର୍ଟ କ୍ଲାସ୍‌ରୁମ୍, ସେମିନାର ଆଦି ରେଭେନ୍‌ଶାକୁ ଏହି ମାନ୍ୟତା ପାଇବାରେ ସହାୟକ ହୋଇଛି।

– ଦେବୀ ପ୍ରସାଦ ରଥ, ଛାତ୍ର



“ରେଭେନ୍‌ଶାକୁ ନାକରୁ ଏ++ ମାନ୍ୟତା ମିଳିବା ପରେ ସବୁଆଡ଼େ ଖୁସିର ମାହୋଲ। ଆମେମାନେ କୁଳପତିଙ୍କୁ ଭେଟି ପ୍ରଥମେ ଶୁଭେଚ୍ଛା ଜଣାଇଥିଲୁ। ଏହାପରେ ଆରମ୍ଭ ହୋଇଥିଲା ଛାତ୍ରୀଛାତ୍ରଙ୍କ ନାଚଗୀତ। ଆମେମାନେ ଏକ ଶୋଭାଯାତ୍ରାରେ ବାହାରି ପୂରା ବିଶ୍ୱବିଦ୍ୟାଳୟ ପରିକ୍ରମା କରିଛୁ।

–ଭି. ବିନାୟକ ଦାସ, ଛାତ୍ର



ରେଭେନ୍‌ଶା ବିଶ୍ୱବିଦ୍ୟାଳୟ କୁଳପତି ଓ ରେଜିଷ୍ଟ୍ରାରଙ୍କୁ ଫୁଲମାଳ ପିନ୍ଧାଇ ପାଛୋଟି ନିଆଯାଉଛି।



ରେଭେନ୍‌ଶା ବିଶ୍ୱବିଦ୍ୟାଳୟକୁ ଶନିବାର ଏ++ ମାନ୍ୟତା ମିଳିବା ପରେ ଛାତ୍ରୀଛାତ୍ରମାନେ ବାଜା ବଜାଇ ଖୁସିରେ ନାଚୁଛନ୍ତି।

## ସଂକ୍ଷେପରେ

### ୨୭ରେ ମନ୍ଦାକିନୀ ବୋଇତ ବନ୍ଦାଣ ଉତ୍ସବ

**ନିରାକାରପୁର,୨୫।୧୧(ମାନସ ଚନ୍ଦ୍ର ପଟ୍ଟନାୟକ):** ଉତ୍କଳୀୟ ନୌବାଣିଜ୍ୟ ଓ ପରମ୍ପରାକୁ ଉଜ୍ଜୀବିତ କରିବା ସହ ଯୁବ ମାନସ ଭିତରେ ପ୍ରାଚୀନ ସାଂସ୍କୃତିକ ଭାବ ଆଧାରର ଚେତନା ସୃଷ୍ଟି କରିବା ପାଇଁ ମନ୍ଦାକିନୀ ବୋଇତ ବନ୍ଦାଣ ଉତ୍ସବ ଆସନ୍ତା ୨୭ତାରିଖ ସକାଳ ସାଢ଼େ ୮ଟାରେ ରାମେଶ୍ୱର ଛକ ନିକଟ ମନ୍ଦାକିନୀ ନଦୀକୂଳରେ ଅନୁଷ୍ଠିତ ହେବ। ଏନେଇ ଶୁକ୍ରବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବ ଅବସରରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ସହ ଯାତ୍ରା ଓ ଚଳଚ୍ଚିତ୍ର କଳାକାରମାନେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଅନୁରୂପ ଭାବେ ଏହି ମହୋତ୍ସବ ନିମନ୍ତେ ଶୁକ୍ରବାରଠାରୁ ଶୁଭଖୁଣ୍ଟ ପଡ଼ିଥିବା କମିଟିର ମୁଖ୍ୟ ସଂଯୋଜକ ବିଶ୍ୱଭୂଷଣ ଛୋଟରାୟ ସୂଚନା ଦେଇଛନ୍ତି। ବୁଦ୍ଧିଜୀବୀ, ସଂସ୍କୃତିପ୍ରେମୀ, ସାମାଜିକକର୍ମୀ, ଜନସାଧାରଣ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିବାକୁ ସାଧାରଣ ସମ୍ପାଦକ ରମାକାନ୍ତ ମହାପାତ୍ର, ଉପସଭାପତି ରଞ୍ଜିତ ଜଗଦେବ, ବିଜୟ କୁମାର ରାଉତରାୟ, କୈଳାସ ସାମନ୍ତରାୟ, କୃଷ୍ଣଚନ୍ଦ୍ର ନରେନ୍ଦ୍ର ପ୍ରମୁଖ ସୂଚନା ଦେଇଛନ୍ତି।

### ଖୋର୍ଦ୍ଧା ଆଇନ କଲେଜରେ ପ୍ରବେଶ ଉତ୍ସବ

**ଖୋର୍ଦ୍ଧା,୨୫।୧୧(ପ୍ରଭାତ ପାଣିଗ୍ରାହୀ):** ଖୋର୍ଦ୍ଧା ଆଇନ ମହାବିଦ୍ୟାଳୟର ତିନି ବର୍ଷିଆ ଡିଗ୍ରୀ ତଥା ପାଞ୍ଚବର୍ଷିଆ ବି.ଏଲ୍.ଏଲ୍.ବି ଅନର୍ସ ପାଠ୍ୟକ୍ରମ ପ୍ରଥମ ବାର୍ଷିକ ପ୍ରବେଶ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କଲେଜ ପ୍ରତିଷ୍ଠାତା ସମ୍ପାଦକ ସୁଧୀର କୁମାର ମାନସିଂହଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଉତ୍ସବରେ ସାମାଜିକ କର୍ମୀ ରାମଶଙ୍କର ମୁଖ୍ୟ ଅତିଥି, ବ୍ରିଗେଡିଅର ଅଭିମନ୍ୟୁ ରାଉତ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। କଲେଜ ଅଧ୍ୟକ୍ଷ ଡ.ଦିନେଶ କୁମାର ସାବତ, ଅଧ୍ୟାପକ ଶୁଭଜିତ ବେହେରା, ଅଧ୍ୟାପିକା ଅନ୍ନପୂର୍ଣ୍ଣା ଦେବୀ, ଅର୍ଚ୍ଚିତା ମହାରଣା, ଲାଇବ୍ରେରିଆନ ଗୀତାଞ୍ଜଳି ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ରାମଶଙ୍କର ଆଇନ ଶିକ୍ଷାର ପ୍ରାସଙ୍ଗିକତା ଏବଂ ଓଡ଼ିଆ ଭାଷାକୁ ଆଇନ ଶିକ୍ଷାକ୍ଷେତ୍ରରେ ଆପଣେଇବାକୁ ପରାମର୍ଶ ଦେଇଥିଲେ। ଶେଷରେ ଛାତ୍ରୀଛାତ୍ରମାନେ ଓଡ଼ିଶୀ, ଲୋକନୃତ୍ୟ ପ୍ରଦର୍ଶନ କରିଥିଲେ।

### ପୁରୁଷ ବନ୍ଧ୍ୟାକରଣ ପକ୍ଷ ଆରମ୍ଭ

**ଜଟଣୀ,୨୫।୧୧(ରବୀନ୍ଦ୍ର ନାଥ ମହାକୁଡ଼):** ଜଟଣୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ପୁରୁଷ ବନ୍ଧ୍ୟାକରଣ ପକ୍ଷ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ସ୍ୱାସ୍ଥ୍ୟକେନ୍ଦ୍ର ପରିସରରୁ ଏକ ସଚେତନତା ଗାଡିକୁ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀକ୍ଷକ ଡା. ଜିତେନ୍ଦ୍ର ପଣ୍ଡା ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଆସନ୍ତା ୨୭ ତାରିଖ ପର୍ଯ୍ୟନ୍ତ ବ୍ଲକର ବିଭିନ୍ନ ପଞ୍ଚାୟତର ଜନସାଧାରଣଙ୍କୁ ସଚେତନ କରାଯିବ। ସେହିପରି ଆସନ୍ତା ୨୮ ତାରିଖରୁ ଡିସେମ୍ବର ୪ ତାରିଖ ପର୍ଯ୍ୟନ୍ତ ସ୍ଥିରତା ପକ୍ଷ ପାଳନ କରାଯିବ। ଏହି କାର୍ଯ୍ୟକ୍ରମରେ ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ଶାନ୍ତିଲତା ଦେଇ, ମହିଳା ଓ ଜନସ୍ୱାସ୍ଥ୍ୟ ପରିଦର୍ଶକ ଜ୍ୟୋତ୍ସ୍ନାରାଣୀ ପତି, ଝୁନୁବାଳା ମହାପାତ୍ର, ସୁବ୍ରତ ରାୟ, ଡ. ପାର୍ଥସାରଥୀ ନାୟକ ଉପସ୍ଥିତ ଥିଲେ।

# ବଡ଼ଓଷାରେ ପ୍ରଭୁ ଧବଳେଶ୍ୱରଙ୍କ ଦର୍ଶନ

**ଗୁରୁଜଙ୍ଗରେ ଲକ୍ଷାଧିକ ଭକ୍ତଙ୍କ ସମାଗମ**

- ଠାକୁରଙ୍କୁ ଲାଗିହେଲା ଅଟକାଳି ଭୋଗ
- ୨ ପ୍ଲାଟୁନ ଫୋର୍ସ, ୧୫ ଅଫିସର, ୨୦ ହୋମଗାର୍ଡ ମୁତୟନ

**ଖୋର୍ଦ୍ଧା,୨୫।୧୧(ପ୍ରଭାତ ପାଣିଗ୍ରାହୀ)**

ବଡ଼ଓଷା ଅବସରରେ ଶନିବାର ଖୋର୍ଦ୍ଧା ଗୁରୁଜଙ୍ଗର ଧବଳେଶ୍ୱରଙ୍କ ପୀଠରେ ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଥିଲା। ଏଠାକୁ ଖୋର୍ଦ୍ଧା ସମେତ ନୟାଗଡ ଏବଂ ଭୁବନେଶ୍ୱର ଅଞ୍ଚଳର ଭକ୍ତଙ୍କ ସୁଅ ଛୁଟିଥିଲା। ଶ୍ରଦ୍ଧାଳୁଙ୍କ ଓଁ ନମଃ ଶିବାୟ, ଶିବ ପଞ୍ଚାକ୍ଷର, ମହା ମୃତ୍ୟୁଞ୍ଜୟ, ସହସ୍ରନାମ, ନାମ ସଂକୀର୍ତ୍ତନରେ କମ୍ପିଥିଲା ପରିବେଶ। ସେହିପରି ଖୋର୍ଦ୍ଧା ମୁକୁନ୍ଦପ୍ରସାଦ ଅସୁରେଶ୍ୱର, ଜେମାଦେଇର ବାଲୁଙ୍କେଶ୍ୱର, ସାମନ୍ତରାପୁର ସ୍ୱପ୍ନେଶ୍ୱର, ଉପରସାହିର ଚଉରା ବାଲୁଙ୍କେଶ୍ୱର, ରାଧାବଲ୍ଲଭସାହିର ବରାଳ ବାଲୁଙ୍କେଶ୍ୱର, ଟିଏଲ୍‌ସିର ତାରକେଶ୍ୱର, ନୂଆଗଡ଼ ରୋଡ୍‌ର ଚନ୍ଦ୍ରଶେଖର, ଲୋକେଶ୍ୱରସ୍ଥିତ ଶ୍ରୀଲୋକେଶ୍ୱର, ବାଘମାରୀ ଅତ୍ରିର ଏକାଦଶରୁଦ୍ର ଶ୍ରୀହଟ୍ଟକେଶ୍ୱର, ଗୋଡାର ଗୋଡାଲୋକନାଥ, ଟାଙ୍ଗୀର ଚଣ୍ଡେଶ୍ୱର, ପଶ୍ଚିମାଶମ୍ଭୁ ପ୍ରତାପେଶ୍ୱର ଆଦି ପୀଠରେ ଭକ୍ତଙ୍କ ସମାଗମ ହୋଇଥିଲା।

ଶ୍ରୀଧବଳେଶ୍ୱରଙ୍କ ନିକଟରେ ମାନସିକ ପୂରଣ ପାଇଁ ବହୁ ଭକ୍ତ ଅଟକାଳି ଭୋଗ ଅର୍ପଣ କରିଛନ୍ତି। ପରିବାରର ଶୁଭମନାସି ଏହି ଭୋଗ ଅର୍ପଣ କରାଯିବା ବିଧି ରହିଛି। ଏଥିସହ ଭକ୍ତମାନେ ଉବୁକା ଦର୍ଶନ କରିଛନ୍ତି। ଶୃଙ୍ଖଳିତ ଦର୍ଶନ ଲାଗି ମନ୍ଦିର ପରିସରରେ ବ୍ୟାରିକେଡ ବ୍ୟବସ୍ଥା କରାଯାଇଥିଲା। ମହିଳା, ପୁରୁଷ ମାନେ ଅଲଗା ଧାଡିରେ ଆସି ଧବଳେଶ୍ୱରଙ୍କ ନିକଟରେ ଭକ୍ତି ନୈବେଦ୍ୟ ଅର୍ପଣ କରି ଅନ୍ୟପାର୍ଶ୍ୱ ଦେଇ ବାହାରକୁ ବାହାରିଥିଲେ। ଏଥିସହିତ ଏକାଧିକ ଭକ୍ତ ମନ୍ଦିର ପରିସରରେ ଅଳାଁ ଗଛକୁ ଧୂପ, ଦୀପ, ଅକ୍ଷତ ଚାଉଳ ଦେଇ ପୂଜାର୍ଚ୍ଚନା ସହ ନାଗମୂର୍ତ୍ତି ସ୍ଥାପନ କରିଥିଲେ। ବଡ଼ଓଷା କରିଥିବା ଭକ୍ତମାନେ ଠାକୁରଙ୍କ ନିକଟରେ ଚୁଡ଼ାଘଷା ଭୋଗ କରିଥିଲେ। ଧବଳେଶ୍ୱରଙ୍କ ପୀଠରେ ଅନ୍ୟ ଏକ ସ୍ୱତନ୍ତ୍ରତା ହେଉଛି ବଡ଼ଓଷାର ଗଜଭୋଗ ଓ ଅଟକାଳି ଭୋଗ। ବିରି ଓ ଚାଉଳକୁ ବଟାଯାଇ ନଡିଆ ପୁର ଦେଇ ସ୍ୱତନ୍ତ୍ର ପିଠା ପ୍ରସ୍ତୁତ କରି ଗଜଭୋଗ କରାଯାଇ ଲାଗି କରାଯାଏ। ସେହିଭଳି ଚାଉଳ ଚୂନା, ଅଟା, ଗୁଡ, ଆଖୁ, କନ୍ଦମୂଳ, ପାଚିଲା କଦଳୀ, ସେଓ, ଡାଳିମ୍ବ ଆଦି ଫଳ ମିଶାଇ ମନ୍ଦିର ପରିସର ବାହାର ରୋଷଘରେ ସେବକମାନଙ୍କ ଦ୍ୱାରା ପ୍ରସ୍ତୁତ ଅଟକାଳି ଠାକୁରଙ୍କୁ ଲାଗି କରାଯାଏ। ଅନ୍ୟପକ୍ଷରେ ମନ୍ଦିର କର୍ତ୍ତୃପକ୍ଷଙ୍କ ପକ୍ଷରୁ ଠାକୁରଙ୍କୁ ଲାଗି ଗଜଭୋଗ ଓ ଅଟକାଳି ଭୋଗ ଭକ୍ତମାନେ ପାଇବା ବ୍ୟବସ୍ଥା ହୋଇଥିଲା।

ଏନେଇ ମନ୍ଦିର ଟ୍ରଷ୍ଟ ବୋର୍ଡ ସଦସ୍ୟ ବୃନ୍ଦାବନ ସାହୁ କହିଛନ୍ତି, ବଡ଼ଓଷାରେ ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଥିଲା। ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ଉପରେ ଗୁରୁତ୍ୱ ଦିଆଯାଇଛି। ବିଳମ୍ବିତ ରାତି ୨ଟାରେ ଠାକୁରଙ୍କ ଦ୍ୱାରଫିଟା, ଅନ୍ୟାନ୍ୟ ନୀତି ବଢ଼ି ୩ଟାରେ ମଙ୍ଗଳ ଆଳତି ପରେ ସର୍ବସାଧାରଣଙ୍କ ଦର୍ଶନ ଆରମ୍ଭ ହୋଇଥିଲା। ଭୋର ୪ଟାରେ ଗଜଭୋଗ, ୯ଟାରେ ହାଣ୍ଡିଭୋଗ ଅର୍ପଣ କରାଯାଇଥିଲା। ମଧ୍ୟାହ୍ନରେ ସକାଳ ଧୂପରେ ଶଙ୍ଖୁଡି ଭୋଗରେ ଅନ୍ନ, ଡାଲମା, ବିଭିନ୍ନ ପ୍ରକାର ବ୍ୟଞ୍ଜନ, ଖିରି, କାକରା ଅର୍ପଣ କରାଯାଇଥିଲା। ପହୁଡ ପରେ ୩ଟାରୁ ପୁଣି ଦର୍ଶନ ରାତି ୧୦ଟା ପର୍ଯ୍ୟନ୍ତ ଦର୍ଶନ ହୋଇଥିଲା। ସନ୍ଧ୍ୟା ୬ଟାରେ ଆଳତି, ୧୦ଟାରେ ବେଢା ପରିକ୍ରମା ପରେ ମନ୍ଦିର ପହୁଡ଼ ହୋଇଥିଲା। ନିର୍ଦ୍ଧାରିତ ସମୟରେ ନୀତିକାନ୍ତି ସହିତ ସେବକଙ୍କ ସହଯୋଗରେ ଦର୍ଶନ ବ୍ୟବସ୍ଥା ଶୃଙ୍ଖଳିତ ରହିଥିଲା। ପରିଚାଳନାରେ ସ୍ଥାନୀୟ ଯୁବକ, ସ୍ୱେଚ୍ଛାସେବୀ ସହଯୋଗ କରିଥିଲେ। ସାମାଜିକ କର୍ମୀ ଜିତେନ୍ଦ୍ର ସାହୁ କହିଛନ୍ତି, ଗୁରୁଜଙ୍ଗର ଧବଳେଶ୍ୱରଙ୍କ ପୀଠରେ ଏକ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଛି। ଏଠାରେ ବଡଓଷା ଆଡ଼ମ୍ବରରେ ପାଳନ କରାଯାଇଥାଏ। ୩ଦିନ ବ୍ୟାପୀ ଯାତ୍ରା ଲାଗି ରହିଥାଏ। ବିଭିନ୍ନ ସ୍ଥାନରୁ ବେପାରୀମାନେ ଆସି ପସରା ମେଲାଇଥାନ୍ତି। ଚଳିତ ବର୍ଷ ମନ୍ଦିର ପରିସରକୁ ଲାଗି ଶହେରୁ ଊର୍ଦ୍ଧ୍ୱ ଷ୍ଟଲ ପଡିଛି। ଘରୋଇ ସାଜସଜ୍ଜା, ଘରକରଣା ସାମଗ୍ରୀ, ଟେରାକୋଟା, ମାଟିର ସାମଗ୍ରୀ, କୃଷି ଯନ୍ତ୍ରପାତି, ପ୍ଲାଷ୍ଟିକ ଖେଳଣା, କସମେଟିକ୍ ସାମଗ୍ରୀ, ଖାଦ୍ୟ ଷ୍ଟଲ, ଫାଷ୍ଟଫୁଡ ସମେତ ପିଲାଙ୍କ ମୀନାବଜାର, ମିକି ମାଉସ, ରାମଦୋଳି ଆଦି ପଡିଥାଏ। ଅନ୍ୟପକ୍ଷରେ ଏହା ଏକ କୃଷି ଭିତ୍ତିକ ପର୍ବ ବୋଲି ସାମାଜିକ କର୍ମୀ ଜିତେନ୍ଦ୍ର ଭଞ୍ଜ କହିଛନ୍ତି। ସଦର ଏସ୍‌ଡିପିଓ ଦିଲୀପ ଦାସ କହିଛନ୍ତି, ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ, ଟ୍ରାଫିକ ଓ ଭିଡ଼ ନିୟନ୍ତ୍ରଣ ଉପରେ ଗୁରୁତ୍ୱ ଦିଆଯାଇଛି। ମନ୍ଦିର ପରିସରରେ ଅସ୍ଥାୟୀ କ୍ୟାମ୍ପ କରାଯାଇଛି। ୨ ପ୍ଲାଟୁନ ଫୋର୍ସ, ୧୫ ଅଫିସର, ୨୦ ହୋମଗାର୍ଡ ନିୟୋଜିତ ହୋଇଛନ୍ତି।


ଗୁରୁଜଙ୍ଗର ଧବଳେଶ୍ୱରଙ୍କ ପୀଠରେ ଭକ୍ତଙ୍କ ଗହଳି।

## ପ୍ରକଳ୍ପ ବୁଲି ଦେଖିଲେ ମହିଳା ଓ ଶିଶୁ ବିକାଶ ବିଭାଗ ସଚିବ

**ଟାଙ୍ଗୀ/ନିରାକାରପୁର,୨୫।୧୧ (ରଘୁନାଥ ସାହୁ/ମାନସ ଚନ୍ଦ୍ର ପଟ୍ଟନାୟକ)**

ମହିଳା ଓ ଶିଶୁ ବିକାଶ ବିଭାଗ କମିଶନର ତଥା ସଚିବ ଶୁଭା ଶର୍ମା ଶୁକ୍ରବାର ଖୋର୍ଦ୍ଧା ଜିଲା ଟାଙ୍ଗୀ ବ୍ଲକ ଅନ୍ତର୍ଗତ ବିଭିନ୍ନ ପଞ୍ଚାୟତରେ ହୋଇଥିବା ବିଭିନ୍ନ ପ୍ରକଳ୍ପର ତଦାରଖ କରିଛନ୍ତି। ରାମେଶ୍ୱର ପଞ୍ଚାୟତ ଅନ୍ତର୍ଗତ ଜଗତପୁର, ରାମେଶ୍ୱର ଅଙ୍ଗନୱାଡିକେନ୍ଦ୍ର, ରାମେଶ୍ୱର ଉଚ୍ଚ ବିଦ୍ୟାଳୟ, ଲେଣ୍ଡୋ ୫–ଟି ରୂପାନ୍ତରିତ ବିଦ୍ୟାଳୟ, ଟାଙ୍କୋଳର ଛତୁଆ ତିଆରି କେନ୍ଦ୍ର ବୁଲି ଦେଖିଥିଲେ। କିଭଳିଭାବେ ବିଦ୍ୟାଳୟ, ଅଙ୍ଗନୱାଡିକେନ୍ଦ୍ରର ଉନ୍ନତି ସହ ଶୈକ୍ଷିକ ପରିବେଶ ସୁଦୃଢ଼ ହୋଇପାରିବ ସେ ସମ୍ପର୍କରେ ବିଦ୍ୟାଳୟ ପରିଚାଳନା କମିଟି, ଅଙ୍ଗନୱାଡି କର୍ମୀ, ସ୍ୱୟଂ ସହାୟିକା ଗୋଷ୍ଠୀର ସଭ୍ୟାମାନଙ୍କ ସହିତ ଆଲୋଚନା କରିଥିଲେ। ଖୋର୍ଦ୍ଧା ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀ, ପ୍ରକଳ୍ପ ନିର୍ଦ୍ଦେଶକ ଡ.ବାଦଲ ମହାନ୍ତି, ମମତା ଜିଲା ପ୍ରକଳ୍ପ ସଂଯୋଜକ ସୁରଥ ବିଶ୍ୱାଳ, ଟାଙ୍ଗୀ ବିଡିଓ ରେସମା ଟେଟେ, ସିଡିପିଓ ନିର୍ମଳା ଦାଶ, ବ୍ଲକ ଶିକ୍ଷା ଅଧିକାରୀ ରବୀନ୍ଦ୍ର କୁମାର ସାହୁ, ପୋଷଣର ବ୍ଲକ ସଂଯୋଜକ ସ୍ୱରାଜ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।


ଜଟଣୀ: ବଡ଼ଓଷା ଅବସରରେ ଶନିବାର ଶୁଭ ସନ୍ଧ୍ୟା ଆଞ୍ଚଳିକ ଯୁବ ପରିଷଦ ପକ୍ଷରୁ ଅନୁଷ୍ଠିତ ଭଜନ ସମାରୋହ।

## ଶୈବପୀଠରେ ଭକ୍ତଙ୍କ ଭିଡ଼

**ଜଟଣୀ,୨୫।୧୧(ରବୀନ୍ଦ୍ରନାଥ ମହାକୁଡ଼):** ଶନିବାର ବଡ଼ଓଷା ଅବସରରେ ଜଟଣୀ ସହର ଓ ଗ୍ରାମାଞ୍ଚଳରେ ଥିବା ବିଭିନ୍ନ ଶୈବପୀଠରେ ପ୍ରବଳ ଭକ୍ତଙ୍କ ସମାଗମ ହୋଇଥିଲା। ଅରଗୁଳ ଦେଉଳବସ୍ତ ଗ୍ରାମର ଗତିଶ୍ୱର ଦେବଙ୍କ ମନ୍ଦିରରେ ବଡ଼ଓଷା ପର୍ବ ପାଳିତ ହୋଇଯାଇଛି। ମନ୍ଦିର ପରିଚାଳନା କମିଟି ପକ୍ଷରୁ ନୀତିନିର୍ଘଣ୍ଟ ଅନୁସାରେ ବିଧି ମୁତାବକ ଠାକୁରଙ୍କୁ ସକାଳେ ମାହାସ୍ନାନ କରାଯିବା ପରେ ଆଳତି କରାଯଇଥିଲା। ପ୍ରତିଦିନ ପରି ଖେଚୁଡ଼ି ଏବଂ ପିଠା ଭୋଗ ଓ ଶଙ୍ଖୁଡି ଭୋଗ ଲାଗି କରାଯାଇ ଭକ୍ତଙ୍କ ଦର୍ଶନ ପାଇଁ ସାହାଣମେଲା କରାଯାଇଥିଲା। ଶୁଭସନ୍ଧ୍ୟା ଆଞ୍ଚଳିକ ଯୁବ ପରିଷଦ ପକ୍ଷରୁ ୩୦ତମ ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା। ଏଥିରେ ଭଜନ ଗାୟକ ନରେନ୍ଦ୍ର କୁମାର ଓ ସାଥି ଯୋଗଦେଇଥିଲେ। ବିଧାୟକ ସୁରେଶ କୁମାର ରାଉତରାୟ ମୁଖ୍ୟ ଅତିଥିଭାବେ ଯୋଗଦେଇ କଳାକାରଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ବଡ଼ଓଷା ପର୍ବ ଓ ଭଜନ ସମାରୋହକୁ କମିଟି ସଭାପତି ରାଧାଶ୍ୟାମ ମହାପାତ୍ର ଏବଂ ଶୁଭସନ୍ଧ୍ୟା ଆଞ୍ଚଳିକ ଯୁବ ପରିଷଦର ପ୍ରଫୁଲ୍ଲ ବାହିନୀପତି, ନରହରି ସ୍ୱାଇଁ, ପ୍ରଶାନ୍ତ ରାୟ, ସୁବାସ ସାହୁ, କିଶୋର ସାମନ୍ତରାୟ, ପ୍ରମୋଦ ପ୍ରଧାନ, ଅଶୋକ ରାଉତରାୟଙ୍କ ସମେତ ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

## ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା


କାର୍ଯ୍ୟକ୍ରମରେ ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର ଏବଂ ଅନ୍ୟ ଅତିଥିମାନେ।

**ଖୋର୍ଦ୍ଧା,୨୫।୧୧(ପ୍ରଭାତ ପାଣିଗ୍ରାହୀ):** ସିଗ୍‌ମା ପବ୍ଲିକ ସ୍କୁଲର ଦୁଇଦିନିଆ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ସ୍ଥାନୀୟ ଷ୍ଟାଡିୟମରେ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ଖୋର୍ଦ୍ଧା ଜିଲା ଯୋଜନା କମିଟି ଅଧକ୍ଷ ତଥା ବେଗୁନିଆ ବିଧାୟକ ରାଜେନ୍ଦ୍ର କୁମାର ସାହୁ, ପୋରାଧ୍ୟକ୍ଷା କନକଲକ୍ଷ୍ମୀ ମହାନ୍ତି ଏବଂ ଖୋର୍ଦ୍ଧା ଏସ୍‌ଡିପିଓ ଦିଲ୍ଲୀପ କୁମାର ଦାସ ଯୋଗଦେଇଥିବା ବେଳେ ଉଦ୍‌ଯାପନୀ ଉତ୍ସବରେ ଖୋର୍ଦ୍ଧା ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର, ଉପ ନଗରପାଳ ସୌର୍ଯ୍ୟ ରଞ୍ଜନ ମହାନ୍ତି, କାଉନସିଲର ପ୍ରବୀଣା ଜଗଦ୍ଦେବ ରାୟ ପ୍ରମୁଖ ଯୋଗଦେଇ ଶିଶୁ କ୍ରୀଡାବିତ୍ ମାନଙ୍କୁ କ୍ରୀଡା ପ୍ରତି ନିଜର ଲକ୍ଷ୍ୟ ରଖିବାକୁ ଉତ୍ସାହିତ କରିଥିଲେ। ଛାତ୍ରୀଛାତ୍ରମାନେ ମଶାଲ ଆଣି ଏସଡିପିଓ ଦାସଙ୍କୁ ଅର୍ପଣ କରିବା ପରେ ଦାସ ମଶାଲ ସ୍ଥାପନ କରି କ୍ରୀଡା ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଅନୁଷ୍ଠାନର ଅଧକ୍ଷା ମମତାଞ୍ଜଳୀ ପଟ୍ଟନାୟକଙ୍କ ସଭାପତିତ୍ୱରେ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ପ୍ରତିଯୋଗିତା ପରିଚାଳନା କରିଥିଲେ। ପିଲାମାନଙ୍କ ମଧ୍ୟରେ ୨୦୦ମିଟର, ୧୦୦ମିଟର, ୫୦ମିଟର ଦୌଡ ପ୍ରତିଯୋଗିତା, ସଙ୍ଗୀତ ଚୌକି, ବଲ ଥ୍ରୋ, ସାଇକଲ ରେସ, ଲଙ୍ଗ ଜମ୍ପ ଆଦି ପ୍ରତିଯୋଗିତା କରାଯାଇଥିଲା। କୃତି ପ୍ରତିଯୋଗୀମାନଙ୍କୁ ଅତିଥିଙ୍କ ସହ ଅନୁଷ୍ଠାନର ଚେୟାରମ୍ୟାନ ଶୁଭ୍ରାଂଶୁ ରଞ୍ଜନ ସାମନ୍ତରାୟ ପଦକ ଦେଇ ପୁରସ୍କୃତ କରିଥିଲେ।

## କାଞ୍ଜିଆଗଡ଼ ପାଇକ ଶିଳାଲେଖାର ସଂରକ୍ଷଣ ଦାବି

**ଖୋର୍ଦ୍ଧା,୨୫।୧୧(ପ୍ରଭାତ ପାଣିଗ୍ରାହୀ)**

ଖୋର୍ଦ୍ଧା ବାଜପୁର ନିକଟବର୍ତ୍ତୀ ମହତ୍‌ପଲ୍ଲୀ କାଞ୍ଜିଆଗଡ଼ଠାରେ ଥିବା ପାଇକ ଶିଳାଲେଖ ସଂରକ୍ଷଣ ଏବଂ ପୁନରୁଦ୍ଧାର ପାଇଁ ବରୁଣେଇ ଖୋର୍ଦ୍ଧା ଗଡ଼ ବିକାଶ ପରିଷଦ ଓ ଖୋର୍ଦ୍ଧା ବିକାଶ ମଞ୍ଚ ପକ୍ଷରୁ ଦାବି ହୋଇଛି। ଏନେଇ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ ରାଯାଇଛି। ସୂଚନାଥାଉ କି, ବାଜପୁର ନିକଟ ମହତପଲ୍ଲୀଠାରେ କାଞ୍ଜିଆଗଡ଼ ଅବସ୍ଥିତ । ୧୮୧୭ ପାଇକ ବିଦ୍ରୋହ ସମୟରେ ବ୍ରିଟିଶଙ୍କ ବିରୋଧରେ ଲଢି ଶହୀଦ ହୋଇଥିବା ୧୮ଜଣ ପାଇକ ଯୋଦ୍ଧାଙ୍କର ଶିଳାଲେଖ ରହିଛି। ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବରୁ ପରିତ୍ୟକ୍ତ ଅବସ୍ଥାରେ ରହିଛି। ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରସ୍ତାବିତ ପାଇକ ଗବେଷଣା ପ୍ରତିଷ୍ଠାନରେ ସଂରକ୍ଷିତ ଭାବେ ରଖିବା ପାଇଁ ଉଭୟ ଅନୁଷ୍ଠାନ ପକ୍ଷରୁ ଦାବି ହୋଇଛି। ଆଗାମୀ ପିଢି ଏବଂ ଗବେଷକ, ଐତିହାସିକମାନେ ଏ ସମ୍ପର୍କରେ ଅଧିକ ତଥ୍ୟ ହାସଲ କରିପାରିବେ। ପାଇକ ବିଦ୍ରୋହ ସହିତ ଅନେକ ଲୁକ୍କାୟିତ ତଥ୍ୟ ଲୋକଲୋଚନକୁ ଆସିପାରିବ। ସ୍ଥାନୀୟ ଲୋକଙ୍କ କହିବା ମୁତାବକ, ପାଇକମାନେ ଅସ୍ତ୍ର ପୂଜାର୍ଚ୍ଚନା କରୁଥିବା ବେଳେ ବିଟ୍ରିଶ୍‌ମାନେ ସେମାନଙ୍କୁ ହତ୍ୟା କରିଥିଲେ। ଯେଉଁଥିପାଇଁ ଏହି ଶିଳାଲେଖଗୁଡିକ ସେମାନଙ୍କ ଉଦ୍ଦେଶ୍ୟରେ ସ୍ଥାପନ କରାଯାଇଛି। ପୂର୍ବତନ ବିଧାୟକ ଡ.ଦିଲ୍ଲୀପ ଶ୍ରୀଚନ୍ଦନ ଓ ଖୋର୍ଦ୍ଧା ବିକାଶ ମଞ୍ଚର ସଭାପତି ଆଇନଜୀବୀ ନରେନ୍ଦ୍ର ପୃଷ୍ଟିଙ୍କ ନେତୃତ୍ୱରେ ପ୍ରକାଶ ଦାସ, ଗୋପାଳ ଦାସ, ସୁବାସ ସାମନ୍ତରାୟ, ଡ.ବୃନ୍ଦାବନ ପଣ୍ଡା, ଗିରିଜା ପଟ୍ଟନାୟକ, ବିଷ୍ଣୁ ସାମନ୍ତରାୟ, ଶର୍ମିଷ୍ଠା ପଟ୍ଟନାୟକ, ଗାୟତ୍ରୀ ବୋଷ ପ୍ରମୁଖ ଏହି ଶିଳାଲେଖ ସଂରକ୍ଷଣ ପ୍ରତି ରାଜ୍ୟ ସଂସ୍କୃତି ବିଭାଗ ଓ ପ୍ରତ୍ନତତ୍ତ୍ୱ ବିଭାଗ ଯତ୍ନବାନ ସହିତ ଏହି ସ୍ଥାନକୁ ଏକ ଐତିହ୍ୟସ୍ଥଳ ଘୋଷଣା ପାଇଁ ଦାବି କରିଛନ୍ତି।

## ଓଡ଼ିଆ ସାହିତ୍ୟ ପ୍ରତି ଭକ୍ତଚରଣଙ୍କ ଅବଦାନ ଅତୁଳନୀୟ

**ବୋଲଗଡ଼,୨୫।୧୧(ଦେବବ୍ରତ ହୋତା)**

ବୈଷ୍ଣବ କବି ଭକ୍ତଚରଣ ଦାସଙ୍କ ସ୍ମାରକୀ ସମାରୋହ ବୋଲଗଡ଼ ସାନପଦର ଗ୍ରାମସ୍ଥିତ ଭକ୍ତଚରଣ ସ୍ମୃତିସଦନଠାରେ କବିତୀର୍ଥ ଭକ୍ତଚରଣ ସାହିତ୍ୟ ସଂସ୍କୃତି ସଂସଦର ସମ୍ପାଦକ ଶ୍ରୀକାନ୍ତ କୁମାର ନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଯାଇଛି। ସାହିତ୍ୟ ସଭାରେ ସଂସଦର ସଭାପତି ତ୍ରିଲୋଚନ ମହାନ୍ତି ସଭାପତିତ୍ୱ କରିଥିଲେ। ଆୟୋଜିତ ସଭାରେ ନୂଆଦିଲ୍ଲୀ ସାହିତ୍ୟ ଏକାଡେମୀର ପୂର୍ବତନ ପ୍ରୋଗ୍ରାମ ଅଧିକାରୀ ଡ.ମିହିର ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇ କବି ଭକ୍ତଚରଣ ଦାସଙ୍କ ଓଡ଼ିଆ ସାହିତ୍ୟ ପ୍ରତି ଅବଦାନ ଅତୁଳନୀୟ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ପୌରୁଷ ପତ୍ରିକାର ସମ୍ପାଦକ ତଥା ଗବେଷକ ଡ.ଅସିତ୍ ମହାନ୍ତି ଯୋଗଦେଇ ଓଡ଼ିଆ ଭାଷା ସାହିତ୍ୟକୁ ପରିପୁଷ୍ଟ କରିବା ନିମନ୍ତେ ଭକ୍ତଚରଣ ଦାସ ଜୀବନର ପ୍ରତ୍ୟେକ ସମୟ ଉତ୍ସର୍ଗ କରିଛନ୍ତି ବୋଲି କହିଥିଲେ। ସାହିତ୍ୟିକ ରାଜକିଶୋର ବ୍ରହ୍ମା, ସ୍ଥାନୀୟ ସରପଞ୍ଚ ବୈକୁଣ୍ଠ ଚରଣ ସ୍ୱାଇଁ , ସମିତିସଭ୍ୟ ଦିଲୀପ ମହାପାତ୍ର , ଉଚ୍ଚବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରଫୁଲ୍ଲ ଚନ୍ଦ୍ର ସିଂହ, ସୁରେଶ ମହାପାତ୍ର, ପ୍ରଫୁଲ୍ଲ ମହାନ୍ତି, ପ୍ରିୟଦର୍ଶୀ ମହାନ୍ତି ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ଶିକ୍ଷକ ବିଜୟ ସାହୁ ଅତିଥି ପରିଚୟ ଓ ଅର୍ଜୁନ ପଟ୍ଟନାୟକ ବିବରଣୀ ପାଠ କରିଥିଲେ।

## ସୁସ୍ଥ ଜୀବନ ପାଇଁ ଯୋଗ ଜରୁରୀ

**ବେଗୁନିଆ,୨୫।୧୧(ହର ପ୍ରସନ୍ନ ପଣ୍ଡା)**

ବେଗୁନିଆ ମହାବିଦ୍ୟାଳୟ ପରିସରରେ ଗୁରୁବାର ଯୋଗ ଶିବିର ଅନୁଷ୍ଠିତ ହୋଇଯାଇଛି। ଯୁବ କ୍ରୀଡା ବିକାଶ ଆନୁକୂଲ୍ୟରେ ଆୟୋଜିତ ଶିବିରରେ ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ପ୍ରକାର ଯୋଗ ପ୍ରଶିକ୍ଷଣ ଦିଆଯାଇଥିଲା। ମହାବିଦ୍ୟାଳୟର ଅଧକ୍ଷା ଡ.ସବିତାଞ୍ଜଳି ସେନାପତିଙ୍କ ସଭାପତିତ୍ୱରେ ଯୋଗ ପ୍ରଶିକ୍ଷକଭାବେ ଇଂ.ସୀତାକାନ୍ତ ପଣ୍ଡା, ଇଂ.ଗୌରାଙ୍ଗ ଚନ୍ଦ୍ର ମଣ୍ଡଳ, ପ୍ରମୋଦ କୁମାର ସାହୁ, ପ୍ରାଧ୍ୟାପକ ବ୍ରଜେନ୍ଦ୍ର କୁମାର ପାଲଟାସିଂହ ପ୍ରମୁଖ ଯୋଗଦେଇଥିଲେ। ସୁସ୍ଥ ଶରୀର ଜୀବନ ଯାପନ ପାଇଁ ଯୋଗ ନିହାତି ଜରୁରୀ ବୋଲି ମତପ୍ରକାଶ ପାଇଥିଲା। ଅଧ୍ୟାପିକା ବିଜୟ ଲକ୍ଷ୍ମୀ ସୁବୁଦ୍ଧି ପରିଚାଳନା କରିଥିବା ବେଳେ ନମିତା ରାଣୀ ମହାରଣା, ଦେବଯାନୀ ପାଇକରାୟ, ଉମେଶ ମହନ୍ତ ସହଯୋଗ କରିଥିଲେ।

## ‘କ୍ରୀଡ଼ା ଦ୍ୱାରା ମାନସିକ, ଶାରୀରିକ ବିକାଶ ହୁଏ’

**ଜଟଣୀ,୨୫।୧୧(ରବୀନ୍ଦ୍ର ନାଥ ମହାକୁଡ଼)**

ଜଟଣୀ ରାମଚନ୍ଦ୍ରପୁରସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରର ୩୮ତମ ବର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଦୁଇଦିନ ଧରି ଅନୁଷ୍ଠିତ ଏହି ଉତ୍ସବର ଶନିବାର ଉଦଯାପନୀ ଦିବସରେ ହିନ୍ଦୁସ୍ତାନ ପେଟ୍ରୋଲିୟମ ଜଟଣୀ ଭୁବନେଶ୍ୱରର ଡିଜିଏମ୍ ତୃପ୍ତିରଞ୍ଜନ ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ହିନ୍ଦୁସ୍ତାନ ପେଟ୍ରୋଲିୟମ ଜଟଣୀ ପ୍ଲାଣ୍ଟ ପ୍ରବନ୍ଧକ ଶ୍ୟାମ ମନୋହର ଗୁପ୍ତା, ଜଟଣୀ ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀ ଦିଲୀପ କୁମାର ମହାନ୍ତି, ଜଟଣୀ ବ୍ଲକ ଏବିଇଓ ପୂର୍ଣ୍ଣଚନ୍ଦ୍ର ବେହେରା ପ୍ରମୁଖ ଯୋଗଦେଇଥିଲେ। କ୍ରୀଡା ଦ୍ୱାରା ମାନସିକ ଓ ଶାରୀରିକ ଅଭିବୃଦ୍ଧି ହୋଇଥାଏ। ବର୍ତ୍ତମାନ ପରିବର୍ତ୍ତିତ ସମାଜରେ ପାଠ ସହିତ ଛାତ୍ରୀଛାତ୍ର ଖେଳକୁଦ ମାଧ୍ୟମରେ ନିଜର ଭବିଷ୍ୟତ ଗଢ଼ିପାରିବେ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ବିଦ୍ୟାଳୟର ଉପସଭାପତି ସରୋଜ ବଳିୟାରସିଂ ଅଧକ୍ଷତା କରିଥିବା ବେଳେ ପ୍ରଧାନ ଆଚାର୍ଯ୍ୟ ମାନସ ରଞ୍ଜନ ଜେନା ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଦଶମ ଶ୍ରେଣୀ ଛାତ୍ରୀ ସ୍ୱାଗତିକା ସାମନ୍ତରାୟ ଅଖିଳ ଭାରତୀୟ କ୍ରୀଡାରେ ୧୦୦ ମିଟର ଦୌଡ଼ରେ କୃତିତ୍ୱ ଅର୍ଜନ କରି ବିଦ୍ୟାଭରତୀ ପକ୍ଷରୁ ସ୍କୁଲ ଏଣ୍ଡ ଗେମ୍ସ ଫେଡେରେଶନ ଅଫ ଇଣ୍ଡିଆରେ ଖେଳିବା ପାଇଁ ରାଜ୍ୟର ଏକମାତ୍ର ଖେଳାଳିଭାବେ ଗୌରବ ଅର୍ଜନ କରିଛନ୍ତି। ସେହିପରି ଉଦ୍‌ଘାଟନୀ ଦିବସରେ ବିଶିଷ୍ଟ ଶିଶୁ ସାହିତ୍ୟିକ ତ୍ରିଲୋଚନ ମହାପାତ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ କ୍ରୀଡା ଉତ୍ସବକୁ ଉଦ୍‌ଘାଟନ କରି ମତବ୍ୟକ୍ତ କରିଥିଲେ। ଦୌଡ, ଉଚ୍ଚ ଡିଆଁ, ଲଙ୍ଗଜମ୍ପ,ବାଧାଦୌଡ, ବର୍ଚ୍ଛା ଫିଙ୍ଗା ସହିତ ବିଭିନ୍ନ ନୃତ୍ୟ ଏବଂ ଗୀତ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଉଦ୍‌ଯାପନୀ ଦିବସରେ ଦିଲୀପ ଲେଙ୍କା କ୍ରୀଡ଼ା ବିବରଣୀ ପାଠ କରିଥିବା ବେଳେ ସମ୍ପାଦକ ଅଶୋକ କୁମାର ଶର୍ମା ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ଗୁରୁମା ଗୁରୁଜୀମାନେ ସହଯୋଗ କରିଥିଲେ।


ଅତିଥିଙ୍କଠାରୁ ଜଣେ କୃତୀ ପ୍ରତିଯୋଗୀ ପୁରସ୍କାର ଗ୍ରହଣ କରୁଛନ୍ତି।

## ‘ନିଶାକୁ ନା’ କହିଲେ ସମାଜ ଶୃଙ୍ଖଳିତ ହେବ

**ଖୋର୍ଦ୍ଧା,୨୫।୧୧(ପ୍ରଭାତ ପାଣିଗ୍ରାହୀ)**

ନିଶା କୁ ନା’ କହିଲେ ସମାଜ ଶୃଙ୍ଖଳିତ ହେବ। ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀଙ୍କ ଜନ୍ମଦିନ ଅବସରରେ ନିଶା ମୁକ୍ତ ଖୋର୍ଦ୍ଧା ସହର ଆହ୍ୱାନ ଦେଇଛି ବରିଷ୍ଠ ନାଗରିକ ମଞ୍ଚ। ଗୁରୁବାର ପୂର୍ବାହ୍ନ ୧୦ଟାରେ ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରୁ ଶହେରୁ ଊର୍ଦ୍ଧ୍ୱ ବରିଷ୍ଠ ନାଗରିକ ବାଇକ ଶୋଭାଯାତ୍ରାରେ ବାହାରି ନଗର ପରିକ୍ରମା କରି ଲୋକଙ୍କୁ ସଚେତନତା ବାର୍ତ୍ତା ଦେଇଥିଲେ। ନୂଆ ବସଷ୍ଟାଣ୍ଡ ଠାରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ନିଶା ସମାଜକୁ କଳୁଷିତ କରୁଛି। ଦେଶର ଭବିଷ୍ୟତ ଯୁବସମାଜ ପଥଭ୍ରଷ୍ଟ ହେଉଛନ୍ତି। ଅନେକ ପରିବାରରେ ଅଶାନ୍ତି ଲାଗି ରହିଛି। ତେଣୁ ଶୃଙ୍ଖଳିତ ସମାଜ ଗଠନ କରିବାକୁ ହେଲେ ନିଶା ମୁକ୍ତି ଅଭିଯାନ ପ୍ରତ୍ୟେକ ପରିବାରରୁ ଆରମ୍ଭ ହେବା ଆବଶ୍ୟକତା ରହିଛି। ପ୍ରତ୍ୟେକ ପରିବାର ଏଥିପ୍ରତି ଯତ୍ନବାନ ହେବା ସହ ସଙ୍କଳ୍ପ ନେବା ସମୟ ଆସିଛି। ପଥଭ୍ରଷ୍ଟ ଯୁବସମାଜକୁ ପୁଣି ଥରେ ଦାୟିତ୍ୱସମ୍ପର୍ଣ୍ଣ କରିବାକୁ ହେଲେ ନିଶା ଠାରୁ ଦୂରେଇ ରହିବାକୁ ପଡିବ। ଯୁବବର୍ଗ ଦେଶର ଏକ ପ୍ରମୁଖ ଆଧାର। ଯୁବସମାଜ ଶୃଙ୍ଖଳିତ, ଦାୟିତ୍ୱ ଏବଂ କର୍ତ୍ତବ୍ୟସମ୍ପର୍ଣ୍ଣ ହେଲେ ଏକ ସଶକ୍ତ ରାଷ୍ଟ୍ର ଗଠନ ହେବ। ନିଶାକୁ ନା କହିଲେ, ସମାଜରେ ଏକ ବୈପ୍ଲବିକ ପରିବର୍ତ୍ତନ ଆସିପାରିବ ବୋଲି ମତପ୍ରକାଶ ପାଇଥିଲା। ମଞ୍ଚର ଉପଦେଷ୍ଟା ଶିକ୍ଷାବିତ ଭୀମସେନ ପ୍ରଧାନ, ସଭାପତି ଶିକ୍ଷାବିତ ସତ୍ୟବାଦୀ ବଳିୟାରସିଂ, ପ୍ରଫୁଲ୍ଲ ସାମନ୍ତରାୟ, ବିଧାନ ଚନ୍ଦ୍ର ମହାନ୍ତି, ଦେବପ୍ରସାଦ ମଜୁମଦାର, ସତ୍ୟବ୍ରତ ଦାସ, ଯୋଗେନ୍ଦ୍ର ପଣ୍ଡା, ଅନନ୍ତ ମଙ୍ଗରାଜ, ବୈକୁଣ୍ଠ ମହାପାତ୍ର, ଗୋବିନ୍ଦ ଚନ୍ଦ୍ର ମହାରଣା, ରାଜେନ୍ଦ୍ର କୁମାର ନଗେନ୍ଦ୍ର, ଶରତ ଚନ୍ଦ୍ର ମହାପାତ୍ର, ଶରତ ଚନ୍ଦ୍ର ପ୍ରଧାନ, ବିଜୟ କୁମାର ପଣ୍ଡା, ନରେନ୍ଦ୍ର ପୃଷ୍ଟି, ପ୍ରହ୍ଲାଦ ପ୍ରଧାନ, ଦିଲୀପ ପଟ୍ଟନାୟକ, ବିଜୟ କୁମାର ପଣ୍ଡା, କିଶୋର ଚନ୍ଦ୍ର ପରମଗୁରୁ, ସୁରେନ୍ଦ୍ର ପଟନାୟକ, ଅରୁଣ ଦେ, ଶ୍ରୀମନ୍ତ କୁମାର ବେହେରାଙ୍କ ସମେତ ଶତାଧିକ ବରିଷ୍ଠ ନାଗରିକ ଯୋଗଦେଇଥିଲେ। ଅନୁଷ୍ଠାନର ସମ୍ପାଦକ ରାମଶଙ୍କର, ଯୁଗ୍ମ ସମ୍ପାଦକ ବସନ୍ତ ଦାଶ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।


କାର୍ଯ୍ୟକ୍ରମରେ ବରିଷ୍ଠ ନାଗରିକ ମଞ୍ଚର ସଦସ୍ୟ ଏବଂ ଅନ୍ୟମାନେ।

## ସଂକ୍ଷେପରେ

### ରାସବାଡ଼ି ମଠର ମୁଖ୍ୟ ମହନ୍ତଙ୍କ ପରଲୋକ

ନିମାପଡ଼ା,୨୫।୧୧ (ବିଚିତ୍ରାନନ୍ଦ ସାହୁ/ରଞ୍ଜନ ପଟ୍ଟନାୟକ)



ବହୁ ପ୍ରାଚୀନ, ପ୍ରସିଦ୍ଧ ନିମାପଡ଼ା ରାସବାଡ଼ି ମଠର ମୁଖ୍ୟ ମହନ୍ତ କୃଷ୍ଣଚନ୍ଦ୍ର ଦାସ(୮୩)ଙ୍କ ନିମାପଡ଼ା ମେଡିକାଲରେ ଗୁରୁବାର ବିଳମ୍ବିତ ରାତିରେ ପରଲୋକ ଘଟିଛି। ବାର୍ଦ୍ଧକ୍ୟଜନିତ କାରଣରୁ ତାଙ୍କର ପରଲୋକ ହୋଇଛି। ତାଙ୍କ ମୃତ୍ୟୁରେ ସ୍ଥାନୀୟ ନିମାପଡ଼ା ଅଞ୍ଚଳର ବହୁ ମଠାଧୀଶ, ବହୁ ବିଶିଷ୍ଟ ବ୍ୟକ୍ତି ମହନ୍ତଙ୍କ ଶେଷ ଦର୍ଶନ କରି ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିଥିଲେ। ଏହି ଅବସରରେ ମହନ୍ତ ସ୍ୱର୍ଗତ ଦାସଙ୍କ ଏକ ଶୋଭାଯାତ୍ରା ନିମାପଡ଼ା ସହର ପରିକ୍ରମା କରିଥିଲା। ନିମାପଡ଼ା ବଜାର, ଗୋପୀନାଥପାଟଣା, ମହାରଣା ସାହିର ଶତାଧିକ ଗ୍ରାମବାସୀ, ବହୁ ମଠାଧୀଶ, ନିମାପଡ଼ା ଥାନା, ବିଶ୍ୱ ହିନ୍ଦୁ ପରିଷଦ ପକ୍ଷରୁ ମହନ୍ତଙ୍କ ଶବାଧାରରେ ପୁଷ୍ପମାଲ୍ୟ ପ୍ରଦାନ କରାଯାଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଦୀର୍ଘ ୬୦ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ମୁଖ୍ୟ ମହନ୍ତ ରହି ମଠର ଆରାଧ୍ୟ ଦେବତା ଶ୍ରୀଚୈତନ୍ୟ, ନିତ୍ୟାନନ୍ଦ, ନୃସିଂହ, ରାଧାକୃଷ୍ଣଙ୍କ ପୂଜାର୍ଚ୍ଚନା, ଯାନିଯାତ୍ରା କରି ଆସୁଥିଲେ। ମହନ୍ତ ଦାଶ ଜଣେ ପ୍ରତିଷ୍ଠିତ ଜାତକ ବିଶାରଦ, ଶାନ୍ତ ସରଳ ଧର୍ମ ପରାୟଣ, ପରୋପକାରୀ ବ୍ୟକ୍ତି ଥିଲେ। ପୁରୀ ସ୍ୱର୍ଗଦ୍ୱାରଠାରେ ତାଙ୍କର ଶବଦାହ କରାଯାଇଥିବା ରାସବାଡ଼ି ମଠ ସୂତ୍ରରୁ ଜଣାପଡ଼ିଛି।

### ୫୦ କେ.ଜି. ଗଞ୍ଜେଇ ସହ ଅଭିଯୁକ୍ତ ଗିରଫ

ଡେଲାଙ୍ଗ,୨୫।୧୧(ରଶ୍ମିରଞ୍ଜନ ପ୍ରଧାନ)

ଗଞ୍ଜେଇ ଚୋରା ଚାଲାଣ ଅଭିଯୋଗରେ ପୋଲିସ ଜଣକୁ ଗିରଫ କରିଛି। ସେ ହେଲେ ଡେଲାଙ୍ଗ ଥାନା ଅଞ୍ଚଳ ମାର୍ଥା ଗ୍ରାମର କଂଗ୍ରେସ ମହାପାତ୍ର(୪୫)। ତାଙ୍କ ପାଖରୁ ପୋଲିସ ୫୦ କେ.ଜି. ଗଞ୍ଜେଇ ଜବତ କରିବା ସହ ଏନ୍‌ଡିପିସି ଆକ୍ଟରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, କଂଗ୍ରେସ ଏକ କାରରେ ଗଞ୍ଜେଇ ନେଇ ଭୁବନେଶ୍ୱର ଅଭିମୁଖେ ଯାଉଥିଲେ। ଡେଲାଙ୍ଗ ପୋଲିସ ଏ ଖବରପାଇ ସ୍ପେସିଆଲ୍ ଟାସ୍କଫୋର୍ସ ପୋଲିସକୁ ଖବର ଦେଇଥିଲା। ସେମାନେ ଉଉରା ଛକଠାରୁ କଂଗ୍ରେସଙ୍କୁ ଧରିଥିଲେ।

### ଗୋଦାମ ତାଲା ଭାଙ୍ଗି ୪୦ ହଜାର ଟଙ୍କାର ସାମଗ୍ରୀ ଚୋରି

ନିମାପଡ଼ା,୨୫।୧୧(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ଥାନା ଅଧୀନ ଧଳେଶ୍ୱର ଗ୍ରାମପଞ୍ଚାୟତର ଲମ୍ବିଲୋ ଗ୍ରାମରେ ଚାଲିଥିବା ମିଶନ ଶକ୍ତି ଗୃହର ଗୋଦାମ ଘର ତାଲା ଭାଙ୍ଗି ଦୁର୍ବୃତ୍ତ ୪୦ ହଜାର ଟଙ୍କାର ବିଭିନ୍ନ ସାମଗ୍ରୀ ଚୋରି କରିନେଇଥିବା ଥାନାରେ ଅଭିଯୋଗ ହୋଇଛି। ଏନେଇ ପୋଲିସ ୪୨୪/୨୩ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ଦୁର୍ବୃତ୍ତ ୨ଟି ଲୁହା ଗ୍ରୀଲ, ୪୦ ବସ୍ତା ସିମେଣ୍ଟ, ବିଦ୍ୟୁତ୍ ମୋଟର, ପାଣି ପାଇପ, ଲୁହା କୋଦାଳ, କଡ଼େଇ ଆଦି ସାମଗ୍ରୀ ଚୋରି କରିନେଇଥିବା ଜଣାପଡ଼ିଛି। ଏ ସମ୍ପର୍କରେ ମିଶନ ଶକ୍ତି ଗୃହର ନିର୍ମାଣ କାର୍ଯ୍ୟ କରୁଥିବା ଏଜେନ୍ସି ସ୍ଥାନୀୟ ଥାନା ଅଧୀନ ଓହଳ ଗ୍ରାମର ଅଜୟ ପରିଡ଼ା ଥାନାରେ ଅଭିଯୋଗ କରିଛନ୍ତି। ଗ୍ରାମାଞ୍ଚଳରେ ବେକାର ନିଶାସକ୍ତ ଯୁବକ ବିଭିନ୍ନ ସ୍ଥାନରୁ ଏଭଳି ଚୋରି କରୁଥିବା ବିଭିନ୍ନ ମହଲରେ ଚର୍ଚ୍ଚା ହେଉଛି। ପୋଲିସ ଏ ଦିଗରେ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।

### ସୁନେତ୍ର ଚକ୍ଷୁ ଯୋଜନା କାର୍ଯ୍ୟକ୍ରମ

ପିପିଲି, ୨୫।୧୧ (ପ୍ରଭାତ କୁମାର ମହାପାତ୍ର):

ରାଜ୍ୟ ସରକାରଙ୍କ ସୁନେତ୍ର ଚକ୍ଷୁ ଯତ୍ନ କାର୍ଯ୍ୟକ୍ରମ ଅଧୀନରେ ପିପିଲି ବ୍ଲକ ଅନ୍ତର୍ଗତ ଗୋପବନ୍ଧୁ ମେମୋରିଆଲ ହାଇସ୍କୁଲ ଦାଣ୍ଡମୁକୁନ୍ଦପୁରଠାରେ ଛାତ୍ରୀଛାତ୍ରମାନଙ୍କ ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପିପିଲି ବ୍ଲକ ଅନ୍ତର୍ଗତ ପ୍ରାୟ ଦୁଇଶହ ବିଦ୍ୟାଳୟର ଚକ୍ଷୁଦୋଷ ଥିବା ଛାତ୍ରୀଛାତ୍ର ଯୋଗଦେଇଥିଲେ। ଏଠାରେ ସେମାନଙ୍କର ଚକ୍ଷୁ ପରୀକ୍ଷା ହେବା ସହିତ ବିନାମୂଲ୍ୟରେ ଚଷମା ଦିଆଯିବ। ଏହି କାର୍ଯ୍ୟକ୍ରମକୁ ପିପିଲି ବିଇଓଙ୍କ ତତ୍ତ୍ୱାବଧାନରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଓ ଅନ୍ୟ କର୍ମଚାରୀମାନେ ପରିଚାଳନା କରିଥିଲେ। ଏହି ଶିବିରକୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଡାକ୍ତର ଶୁଭ୍ରକଳୀ ପରମଗୁରୁ, ଚକ୍ଷୁ ସହାୟକ ସନ୍ୟାସୀ ନାୟକ ଓ ଶୁଭାଶିଷ ବିଶ୍ୱାଳ ପରିଚାଳନା କରିଥିଲେ।

# ଶ୍ରୀବିଗ୍ରହଙ୍କ ତ୍ରିବିକ୍ରମ ବେଶ

ପୁରୀ, ୨୫।୧୧ (ଅଜିତ୍ ମହାନ୍ତି)



ପଞ୍ଚୁକର ତୃତୀୟ ଦିବସ ଶନିବାର ଅବସରରେ ଶ୍ରୀମନ୍ଦିରରେ ଶ୍ରୀବିଗ୍ରହମାନଙ୍କ ଆଡ଼କିଆ ବା ତ୍ରିବିକ୍ରମ ବେଶ ସମ୍ପନ୍ନ ହୋଇଛି। ଦାରୁ ବିଗ୍ରହମାନଙ୍କ ଅବକାଶ ନୀତି ଶେଷହେବା ପରେ ମହାପ୍ରଭୁଙ୍କ ତ୍ରିବିକ୍ରମ ବେଶ ଆରମ୍ଭ ହୋଇଥିଲା। ପୁଷ୍ପାଳକ ସେବକମାନେ ବେଶ ସମ୍ପାଦନ କରିଥିଲେ। ଆଡ଼କିଆ ବେଶରେ ଜଗନ୍ନାଥ ଓ ବଳଭଦ୍ରଙ୍କ ମସ୍ତକରେ ଚୂଳ ଲାଗି କରାଯାଇଥିଲା। ଏହି ଚୂଳରେ ସ୍ୱର୍ଣ୍ଣନିର୍ମିତ କିଆ ଆଡ଼ବାଗରେ ଖୋସାଯାଇଥିଲା। ମା' ସୁଭଦ୍ରା ଓ ଦୁଇ ଠାକୁରଙ୍କ ମସ୍ତକର ଶୀର୍ଷଭାଗରେ ସ୍ୱର୍ଣ୍ଣଚନ୍ଦ୍ରିକା ମଧ୍ୟ ଖଞ୍ଜାଯାଇଥିଲା। ଏଥିସହିତ ପୂର୍ବଦିନ ପରି ଅନ୍ୟାନ୍ୟ ସ୍ୱର୍ଣ୍ଣ ଅଳଙ୍କାର ଓ ହଳ, ମୂଷଳ, ଶଙ୍ଖ, ଚକ୍ର ଏବଂ ପାଟବସ୍ତ୍ର ଇତ୍ୟାଦିରେ ଠାକୁରମାନଙ୍କୁ ଆଡ଼କିଆ ବା ତ୍ରିବିକ୍ରମ ବେଶରେ ଭୂଷିତ କରାଯାଇଥିଲା। ଏହି ସୁନା କିଆଗୁଡ଼ିକ ଶ୍ରୀଜଗନ୍ନାଥ ଓ ଶ୍ରୀବଳଭଦ୍ରଙ୍କ ମସ୍ତକରେ ପିନ୍ଧାଯାଇଥିବା ସୋଲ, କନା, ବେତ, ଜମ୍ବୁରା, କଇଁଥ ଅଠାରେ ନିର୍ମିତ ଚୂଳରେ ଖୋସାଯାଏ। ଚୂଳ ଶେଷରେ ଲଗାଯାଏ ସୁନାର ଚନ୍ଦ୍ରିକା। ମା' ସୁଭଦ୍ରାଙ୍କୁ ମଧ୍ୟ ଏହି ବେଶରେ ଗୋଟିଏ ସୁନା ଚନ୍ଦ୍ରିକା ଦ୍ୱାରା ଶୋଭିତ କରାଯାଏ। ମାତ୍ର ତାଙ୍କ ମସ୍ତକରେ ଚୂଳ ଲାଗି କରା ନ ଯାଇ ସୁନା କିରୀଟ ଲଗାଯାଏ। ଠାକୁରମାନଙ୍କ ମୁଖର ଉପର ପାର୍ଶ୍ୱରେ ଦୁଇଟି ଲେଖାଏଁ କାଡ଼କାନି ଲଗାଯାଇଥାଏ। ଏହି ବେଶରେ ଘାଗଡ଼ା ମାଳି, ବରକୋଳି ମାଳି, ପଦ୍ମମାଳି, ଗିନିମାଳି, ପଦକ ମାଳି ପିନ୍ଧାଯାଇଥାଏ। ଏହାବ୍ୟତୀତ ମହାପ୍ରଭୁଙ୍କ ଅନ୍ୟାନ୍ୟ ଅଳଙ୍କାର, ମାଳି, ଶ୍ରୀପୟର, ଶ୍ରୀହସ୍ତ ଏବଂ ଆୟୁଧ ମଧ୍ୟ ଲାଗି କରାଯାଇଥିଲା। ମହନ୍ତ ମହାରାଜ ରାମ ଜୟନ୍ତୀ ଦାସଙ୍କ ଦ୍ୱାରା ଏହି ବେଶର ପ୍ରଚଳନ ହୋଇଥିବା ଜଣାଯାଏ । ମହାପ୍ରଭୁଙ୍କ ଏହି ତ୍ରିବିକ୍ରମ ବେଶ ଦର୍ଶନ କରିବା ନିମନ୍ତେ ଶ୍ରୀମନ୍ଦିରରେ ଭକ୍ତଙ୍କ ପ୍ରବଳ ଗହଳି ହୋଇଥିଲା । ଭକ୍ତମାନେ ପ୍ରଶାସନ ପକ୍ଷରୁ ନିର୍ମାଣ କରାଯାଇଥିବା ବ୍ୟାରିକେଡ୍ ମଧ୍ୟରେ ଆସି ମହାପ୍ରଭୁଙ୍କ ଦୁର୍ଲଭ ବେଶକୁ ଦର୍ଶନ କରିଥିଲେ।

## ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ଉପରେ ଗୁରୁତ୍ୱ

ପୁରୀ, ୨୫।୧୧ (ଅଜିତ୍ ମହାନ୍ତି):

କାର୍ତ୍ତିକ ପୂର୍ଣ୍ଣିମାକୁ ଆଖିଆଗରେ ରଖି ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି। ଏ ନେଇ ପୋଲିସ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବା ସହ ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ଉପରେ ଗୁରୁତ୍ୱ ଦିଆଯାଇଛି। ସେହିପରି ଯାତାୟାତ ଏବଂ ଟ୍ରାଫିକ ନିୟନ୍ତ୍ରଣ କରାଯାଇଛି। ପୁରୀର ବିଭିନ୍ନ ତୀର୍ଥ ପୁଷ୍କରିଣୀ ଏବଂ ସମୁଦ୍ରକୂଳଠାରେ ଭକ୍ତଙ୍କ ସୁବିଧା ତଥା ଶୃଙ୍ଖଳିତ ସ୍ନାନ ଓ ଡଙ୍ଗା ଭସା ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଇଛି। ଏ ନେଇ ଶନିବାର ପୋଲିସ ପ୍ରଶାସନ ପକ୍ଷରୁ ଏକ ବିଜ୍ଞପ୍ତି ପ୍ରକାଶ ପାଇଛି। ୨୬ ଓ ୨୭ ତାରିଖ ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ନିଆଯାଇଥିବା ପଦକ୍ଷେପ ସଂପର୍କରେ ସୂଚନା ପ୍ରଦାନ କରାଯାଇଛି। ଶ୍ରୀମନ୍ଦିର ଭିତର, ବାହାର,

**କାର୍ତ୍ତିକ ପୂର୍ଣ୍ଣିମା ପାଇଁ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା**

ବିଭିନ୍ନ ତୀର୍ଥପୁଷ୍କରିଣୀ ଏବଂ ସମୁଦ୍ର କୂଳରେ ପୋଲିସ ଫୋର୍ସ ମୁତୟନ ରହିବେ। ଶୃଙ୍ଖଳିତ ଦର୍ଶନ ଏବଂ ଟ୍ରାଫିକ ନିୟନ୍ତ୍ରଣ ପାଇଁ ୬ ଜଣ ଅତିରିକ୍ତ ଏସ୍‌ପି, ୧୮ ଜଣ ଡିଏସ୍‌ପି, ୩୨ ଜଣ ସବ୍‌ଇନ୍ସପେକ୍ଟର, ୧୩୨ ଜଣ ଏସ୍‌ଆଇ, ୧୯ ଜଣ ହାବିଲଦାର, ୧୬୭ ଜଣ କନଷ୍ଟେବଲ, ୫୪ ଜଣ ଟ୍ରେନିଂ ହାବିଲଦାର ଓ କନଷ୍ଟେବଲ, ୪୩୨ ହୋମଗାର୍ଡ ଓ ୪୦ ଜଣ ଲାଇଫ ଗାର୍ଡଙ୍କ ସହ ୩୯ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ରହିବେ। ସେହିପରି ଭକ୍ତଙ୍କ ଯାତାୟାତ ସୁବିଧା ପାଇଁ ମାର୍କେଟଛକଠାରୁ ଶ୍ରୀମନ୍ଦିର ଏବଂ ଶ୍ରୀମନ୍ଦିର ଚାରିପାଖକୁ ନୋ ଭେଇକିଲ ଜୋନ୍ ଭାବରେ ଘୋଷଣା କରାଯାଇଛି।

## ବାଳିକା କବାଡ଼ି ପ୍ରତିଯୋଗିତା: ଭୁବନେଶ୍ୱର ଜିସିପିଇ ଚାମ୍ପିୟନ୍

ପିପିଲି, ୨୫।୧୧ (ପ୍ରଭାତ କୁମାର ମହାପାତ୍ର):

ଶନିବାର ପିପିଲି କଲେଜ ଖେଳ ପଡ଼ିଆରେ ଦୁଇଦିନିଆ ରାଜ୍ୟ ଜୋନ୍‌ସ୍ତରୀୟ ବାଳିକା କବାଡି ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଏହି କବାଡ଼ି ପ୍ରତିଯୋଗିତାରେ ଯାଜପୁରର ରାମବାଗ ଡିଗ୍ରୀ କଲେଜ, ଭୁବନେଶ୍ୱର ପଟିଆର ରାଜା ମଧୁସୁଦନଦେବ ଡିଗ୍ରୀ କଲେଜ, ଭୁବନେଶ୍ୱରର ସରକାରୀ ଶାରୀରିକ ଶିକ୍ଷା କଲେଜ ତଥା ଜିସିପିଇ କଲେଜ, ବିଜେବି ଡିଗ୍ରୀ କଲେଜ, ବାଙ୍କୀ ଅଟୋନୋମସ୍ କଲେଜ, ପିପିଲି ଡିଗ୍ରୀ କଲେଜ ସମେତ ୬ଟି କଲେଜର ଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ । ଶେଷରେ ରାଜା ମଧୁସୁଦନଦେବ ଡିଗ୍ରୀ କଲେଜ ଖେଳାଳୀମାନଙ୍କୁ ପରାସ୍ତ କରି ଜିସିପିଇ କଲେଜ ଛାତ୍ରୀମାନେ ଚାମ୍ପିୟନ ହୋଇଥିଲେ। ଏହି ଉଦ୍‌ଯାପନୀ ସଭା ପିପିଲି କଲେଜର ଅଧ୍ୟକ୍ଷ ତପନ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ହୋଇଥିବା ବେଳେ ଏଥିରେ ଅତିଥି ଭାବେ ପିପିଲି ଏନ୍‌ଏସି ଅଧ୍ୟକ୍ଷ ସେକ ବାବୁ, ପିପିଲି ଏନଏସି ସାଂସଦ ପ୍ରତିନିଧି ସେକ ଆବିଦିନ୍, ଏନଏସି କାଉନସିଲର ଚନ୍ଦନ ସେଠୀ ପ୍ରମୁଖ ଯୋଗଦେଇଥିଲେ। ପିପିଲି କଲେଜର ଅଧ୍ୟକ୍ଷ ତପନ କୁମାର ଦାଶ ଚାମ୍ପିୟନ ଜିସିପିଇ କଲେଜର ଅଧିନାୟିକା ସରସ୍ୱତୀ ବେହୁରାଙ୍କ ସହ ସମସ୍ତ ଖେଳାଳୀଙ୍କୁ ଚାମ୍ପିୟନ ଟ୍ରଫି ପ୍ରଦାନ କରିଥିଲେ । ସେହିପରି ରାଜା ମଧୁସୁଦନଦେବ ଡିଗ୍ରୀ କଲେଜ ଖେଳାଳିମାନଙ୍କୁ ରନର୍ସ ଅପ୍ ଟ୍ରଫି ପ୍ରଦାନ କରି ଉତ୍ସାହିତ କରିଥିଲେ। ଅଧ୍ୟାପକ ଡ. ସଂଗ୍ରାମ କେଶରୀ ପରିଡ଼ା ଓ ଖେଳ ଶିକ୍ଷୟିତ୍ରୀ ସରସ୍ୱତୀ ସ୍ୱାଇଁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ଅଧ୍ୟାପକ ଶରତ କୁମାର ପ୍ରଧାନ, ଡ. ସଚିକାନ୍ତ ନାୟକ, ଭାରତୀ ଭୂଷଣ ଦାସ, କ୍ୟାପଟେନ ଆଦିତ୍ୟ ପ୍ରସାଦ ରଥ ପ୍ରମୁଖ ପରିଚାଳନା କରିଥିଲେ । ସେହିପରି ଉତ୍କଳ ବିଶ୍ୱବିଦ୍ୟାଳୟର ସଂଯୋଜନାରେ ବିଶ୍ୱବିଦ୍ୟାଳୟ ପର୍ଯ୍ୟବେକ୍ଷକ ଗୀତାଞ୍ଜଳୀ ଦାସ, ସଦାଶିବ ସାହୁ କ୍ରୀଡ଼ା ତଦାରଖ କରିଥିଲେ।




ଟ୍ରଫି ସହ ଚାମ୍ପିୟନ ଜିସିପିଇ କଲେଜ ଛାତ୍ରୀ ।




କବିର ପନ୍ଥ ଦ୍ୱାରା ଆୟୋଜିତ ଦିବ୍ୟ ସମାଗମରେ ମଞ୍ଚାସୀନ ଅତିଥି।

## 'ବୈରାଗ୍ୟ, ଯୋଗ ମାର୍ଗ ସମନ୍ୱୟର ପ୍ରତୀକ ଥିଲେ ସଦ୍‌ଗୁରୁ କବୀର ସାହେବ'

ପୁରୀ, ୨୫।୧୧(ଅଜିତ୍ ମହାନ୍ତି):

କବୀର ସାହେବ ଥିଲେ ଜ୍ଞାନ, ଭକ୍ତି, ବୈରାଗ୍ୟ ଓ ଯୋଗ ମାର୍ଗ ସମନ୍ୱୟର ପ୍ରତୀକ। ପ୍ରତ୍ୟେକ ଜୀବ ତା'ର ପ୍ରାରବ୍ଧ ଅନୁସାରେ ଏକ ପଥ ଅନୁସରଣ କରି ସେହି ପରମାତ୍ମାଙ୍କୁ ଲାଭ କରିଥାଏ। ସରଳ ଓ ସ୍ୱଚ୍ଛମନରେ ତାଙ୍କ ଶରଣାପନ୍ନ ହେଲେ ସିଏ ସହଜରେ ବ୍ୟକ୍ତି ହୃଦୟରେ ପ୍ରକଟ ହୋଇଥାନ୍ତି ବୋଲି ପୂଜ୍ୟ ପ୍ରକାଶମୁନି ସାହେବ କହିଛନ୍ତି। ଦୀର୍ଘ ୬୨୫ ବର୍ଷ ପରେ ଏହି ପବିତ୍ର ଧାମରେ ଏପରି ଏକ ଆଧାତ୍ମିକ ସମାବେଶ କବୀର ପନ୍ଥୀଙ୍କ ଦ୍ୱାରା ଆୟୋଜିତ ହେବା ସମସ୍ତଙ୍କ ପାଇଁ ଏକ ଗୌରବର ବିଷୟ। ସଦ୍‌ଗୁରୁ କବୀରଙ୍କ ଅଶେଷ କୃପାରୁ ଆମେ ଗୁରୁମୁଖୀ ହୋଇଛୁ। ଏହା ହିଁ ଜୀବନର ସାର୍ଥକତା। ଗୁରୁଙ୍କ ବାକ୍ୟକୁ କେବଳ ଶ୍ରବଣ ନ କରି ତାକୁ କାମରେ ଲଗାଇବା ଉଚିତ୍ ବୋଲି କବୀର ସାହେବ ନିର୍ଦ୍ଦେଶ ଦେଇଥିଲେ ବୋଲି ପୂଜ୍ୟ ପ୍ରକାଶମୁନି ମତ ରଖିଥିଲେ। ସଦ୍‌ଗୁରୁ କବୀର ଧନୀ ଧର୍ମଦାସ ସାହେବ ବଂଶାବଳୀ ପ୍ରତିନିଧି ସଭା ଦ୍ୱାରା ଆୟୋଜିତ ଏହି ଦିବ୍ୟ ସମାଗମକୁ ସଭାପତି ପ୍ରକାଶ ପଟେଲ, ସମ୍ପାଦକ ବିଜୟ ମହନ୍ତ ଓ ବରିଷ୍ଠ ସଦସ୍ୟ ସତ୍ୟ ପ୍ରକାଶ ସୋନି ଉତ୍ସବ ପରିଚାଳନା କରିଥିଲେ। ଏହି ସମାଗମରେ ଦେଶ ବିଦେଶର ଅନେକ କବୀର ପନ୍ଥୀ ଯୋଗଦେଇଥିଲେ।

## ସାଇ ସାହିତ୍ୟ ସୌରଭ ସଂସ୍ଥାନର ରାଜ୍ୟସ୍ତରୀୟ ସାହିତ୍ୟ ଆସର

ଡେଲାଙ୍ଗ,୨୫।୧୧(ରଶ୍ମିରଞ୍ଜନ ପ୍ରଧାନ)

ସାଇ ସାହିତ୍ୟ ସୌରଭ ସଂସ୍ଥାନ ପକ୍ଷରୁ ରାଜ୍ୟସ୍ତରୀୟ ସାହିତ୍ୟ ଆସର ବିଳାସପୁରଠାରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ସାଧୁଚରଣ ବେହେରା ଏଥିରେ ସଭାପତିତ୍ୱ କରିଥିଲେ। ସାହିତ୍ୟ ଆସରରେ ଡ. ପ୍ରସନ୍ନ ପାଟଶାଣୀ, ବ୍ରହ୍ମପୁର ମେଡିକାଲର ଡା. ରାଜେନ୍ଦ୍ର ବେହେରା, ପ୍ରାକ୍ତନ ଶିଶୁ ସୁରକ୍ଷା ଆୟୋଗ ଅଧ୍ୟକ୍ଷା ସୁଶ୍ରୀ ସନ୍ଧ୍ୟାବତୀ ପ୍ରଧାନ, ବୈଜ୍ଞାନିକ ସସ୍ମିତା ପାତ୍ର, ସାମାଜିକ କର୍ମୀ ବିକାଶ ପଟ୍ଟନାୟକ, ଧୀରେନ୍ଦ୍ର ଜେନା, ଶଶୀଧର ପଣ୍ଡା, ବିନୟଭୂଷଣ ପାଣିଗ୍ରାହୀ, ପୂର୍ବତନ ସରପଞ୍ଚ ପ୍ରଦ୍ୟୁମ୍ନ ପରିଡ଼ା, ପୁଷ୍ପକାନ୍ତି ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ରବୀନ୍ଦ୍ରନାଥ ଷଡ଼ଙ୍ଗୀ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ପୁରୀ, ନୟାଗଡ଼, ଖୋର୍ଦ୍ଧା, ଯାଜପୁର, ଭଦ୍ରକ, ଅନୁଗୋଳ, ନିମାପଡ଼ା, କଣାସ, ପିପିଲି, କାକଟପୁର, ଚନ୍ଦନପୁର ଆଦି ସ୍ଥାନରୁ କବିମାନେ ଯୋଗଦେଇ ସ୍ୱରଚିତ କବିତା ପାଠ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଶାନ୍ତ ମହାପାତ୍ର, ବଙ୍କୁ ରାଉତରାୟ, ନଗେନ ପ୍ରଧାନ, ବାମଦେବ ସ୍ୱାଇଁ, ନିର୍ମଳ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ସ୍ତ୍ରୀ, ଶ୍ୱଶୁରଘର ନାମରେ ସ୍ୱାମୀଙ୍କ ନିର୍ଯାତନା ଅଭିଯୋଗ

ଗୋପ,୨୫।୧୧ (ଭାରତୀ ଭୂଷଣ ଉପାଧ୍ୟାୟ)

ସ୍ତ୍ରୀ ଓ ଶ୍ୱଶୁର ଘର ଲୋକ ନିର୍ଯାତନା ଦେଉଥିବା ନେଇ ସ୍ୱାମୀ ହାଇକୋର୍ଟରେ ଅଭିଯୋଗ କରିଥିଲେ। ଏହି ଅଭିଯୋଗର ସତ୍ୟାସତ୍ୟ ତଦନ୍ତ କରି ସମ୍ପୃକ୍ତ ସ୍ତ୍ରୀ ଓ ତାଙ୍କ ପରିବାର ନାମରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଏହି ନିର୍ଦ୍ଦେଶ ଅନୁଯାୟୀ ଗୋପ ଥାନାରେ ୪୭୦/୨୩ରେ ଏକ ମୋକଦ୍ଦମା ରୁଜୁ କରାଯାଇଥିବା ଥାନା ଅଧିକାରୀ ମହେଶ୍ୱର ସେଠୀ କହିଛନ୍ତି। ପ୍ରକାଶ ଯେ, ୨୦୨୨ ନଭେମ୍ବର ୩୦ରେ ଗୋପ ଅଞ୍ଚଳର ଜ୍ୟୋତି ରଞ୍ଜନ ରଥ(୩୭) ଯାଜପୁରର ଶୁଭଶ୍ରୀଙ୍କୁ ବିବାହ କରିଥିଲେ। ବିବାହର ଗୋଟିଏ ସପ୍ତାହ ମଧ୍ୟରେ କୌଣସି କାରଣକୁ ନେଇ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ବିବାଦ ହୋଇଥିଲା। ସେହି ବିବାଦକୁ ୨ ପରିବାର ମଧ୍ୟରେ ଆପୋସ ସମାଧାନ ଲାଗି ଉଦ୍ୟମ କରାଯାଇଥିଲେ ମଧ୍ୟ କୌଣସି ବାଟ ବାହାରି ନ ଥିଲା। ଶୁଭଶ୍ରୀ ବିଭିନ୍ନ ସମୟରେ ବାପଘରର ଅସୁବିଧା କହି ଜ୍ୟୋତିଙ୍କଠାରୁ ମୋଟା ଅଙ୍କର ଅର୍ଥ ଦାବି କରୁଥିବାବେଳେ ଭିଣୋଇଙ୍କ ସହିତ ଅଶ୍ଳୀଳ ଭିଡିଓ କରିବା ଘଟଣା ମଧ୍ୟ ସ୍ୱାମୀଙ୍କ ଆଗରେ ମାନିଥିବା ଅଭିଯୋଗରେ ଦର୍ଶାଯାଇଛି। ଗତ ଅଗଷ୍ଟ ୨୮ରେ ଶୁଭଶ୍ରୀ ଓ ତାଙ୍କ ବାପଘର ଲୋକ ଜ୍ୟୋତିଙ୍କ ଘରେ ପହଞ୍ଚି ବିଭିନ୍ନ ପ୍ରକାରର କଥା କହି ୨୦ ଲକ୍ଷ ଟଙ୍କା ଦାବି କରିଥିଲେ। ଏସବୁରେ ନିର୍ଯାତିତ ଜ୍ୟୋତି ନ୍ୟାୟ ଆଶାରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇ ଏକ ପିଟିଶନ ଦାଏର କରିଥିଲେ। ହାଇକୋର୍ଟ ଜିଲା ଏସ୍‌ପିଙ୍କୁ ତଦନ୍ତ କରିବାକୁ ନିର୍ଦ୍ଦେଶ ଦେବା ପରେ ଏସ୍‌ପି ଗୋପ ଥାନା ଅଧିକାରୀ ସେଠୀଙ୍କୁ ତଦନ୍ତ ନିର୍ଦ୍ଦେଶ କରିଥିଲେ। ଏ ସମ୍ପର୍କରେ ଥାନା ଅଧିକାରୀ ସେଠୀଙ୍କୁ ପଚାରିବାରେ ହାଇକୋର୍ଟ ଓ ଜିଲା ଏସ୍‌ପିଙ୍କ ନିର୍ଦ୍ଦେଶରେ ତଦନ୍ତ ଚାଲିଛି ବୋଲି କହିଛନ୍ତି।

## ଏନ୍‌ସିସି ବାଳିକା ବିଭାଗର ପୁନିତ ସାଗର ଅଭିଯାନ

ପୁରୀ, ୨୫।୧୧(ଅଜିତ ମହାନ୍ତି):

ଓଡ଼ିଶା ବାଳିକା ବାଟାଲିଆନ ଏନ୍‌ସିସି ଭୁବନେଶ୍ୱର ପକ୍ଷରୁ ପୁରୀ ସ୍ୱର୍ଣ୍ଣାଭ ବେଳାଭୂମିରେ ପୁନିତ ସାଗର ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ପୁରୀ ସରକାରୀ ବାଳିକା ବିଦ୍ୟାଳୟର ଫାଷ୍ଟ ଅଫିସର ଶୋଭାରାଣୀ ସ୍ୱାଇଁ ଓ ପୁରୀ ଓମେନ୍ସ କଲେଜ୍‌ର ଲ୍ୟୁଟ୍‌ନାଣ୍ଟ ମଞ୍ଜୁଲତା ସାମଲଙ୍କ ପରିଚାଳନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଏନ୍‌ସିସିର ୮୦ଜଣ କ୍ୟାଡେଟ୍ ସାମିଲ ହୋଇ ପୁରୀ ଦିଗ୍‌ବାରେଣୀ ଖୁଣ୍ଟିଠାରୁ ସ୍ୱର୍ଗଦ୍ୱାର ବେଳାଭୂମି ପର୍ଯ୍ୟନ୍ତ ସଫେଇ କରିଥିଲେ। ପରେ ପୁନିତ ସାଗର ଅଭିଯାନ ସମ୍ପର୍କରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅତିଥି ଭାବେ ସମାଜସେବୀ ବଦ୍ରି ମିଶ୍ର, ଏନ୍‌ସିସି ସୁବେଦାର ଲ୍ୟୁଟ୍‌ନାଣ୍ଟ ବଳଦେବ ସିଂ, ଓଡ଼ିଆ ପ୍ରାଧ୍ୟାପକ ପ୍ରମୋଦ କୁମାର ଷଡଙ୍ଗୀ, ସିନିୟର ଜିସିଆଇ ସିପ୍ରା ପାଣିଗ୍ରାହୀ ଏବଂ ଜିସିଆଇ ନିବେଦିତା ଦାସ ଯୋଗଦେଇ ସ୍ୱଚ୍ଛତା ଓ ଶୃଙ୍ଖଳା ଉପରେ ମତବ୍ୟକ୍ତ କରିଥିଲେ।

## ସ୍ୱାସ୍ଥ୍ୟକେନ୍ଦ୍ରରେ ଯୋଗଶିକ୍ଷା

ଅସ୍ତରଙ୍ଗ,୨୫।୧୧(ମମତା ଜେନା)

ଅସ୍ତରଙ୍ଗ ବ୍ଲକ ରତନପୁର ଉପ ସ୍ୱାସ୍ଥ୍ୟକେନ୍ଦ୍ରରେ ଯୋଗଶିକ୍ଷା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଉପ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡାକ୍ତର ଅଭିଷେକ ବେହେରା ଯୋଗ ଶିକ୍ଷା କରୁଥିବା ରୋଗୀଙ୍କୁ ଯୋଗ ସମ୍ପର୍କିତ ଉପାଦେୟତା ବିଷୟରେ କହିଥିଲେ। ସପ୍ତାହର ପ୍ରତି ୨ଦିନ ଯୋଗ ଶିକ୍ଷାକେନ୍ଦ୍ରରେ ଅସ୍ତରଙ୍ଗର ଯୋଗ ଶିକ୍ଷୟିତ୍ରୀ ପ୍ରିୟଙ୍କା ପ୍ରିୟଦର୍ଶିନୀ ବାରିକ୍ ଶାରୀରିକ ଅସୁସ୍ଥତା ରୋଗୀ ଓ କଲେଜ ଛାତ୍ରୀଛାତ୍ରଙ୍କୁ ଶିକ୍ଷା ଦେଉଛନ୍ତି। ଏଥିରେ ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ସଞ୍ଜୟ ପ୍ରଧାନ ଉପସ୍ଥିତ ଥିଲେ। ନିୟମିତ ଯୋଗକରିବା ଫଳରେ ଶରୀରର ଅନେକ ଯନ୍ତ୍ରଣା ଉପଶମ ହେଉଥିବା ଯୋଗ ଶିକ୍ଷା କରୁଥିବା ବ୍ୟକ୍ତି କହିଛନ୍ତି। ଅସ୍ତରଙ୍ଗ ବ୍ଲକର ବିଭିନ୍ନ ଉପ ସ୍ୱାସ୍ଥ୍ୟକେନ୍ଦ୍ରରେ ଯୋଗ ଶିକ୍ଷୟିତ୍ରୀ ସ୍ମିତା ରାଣୀ ଛାଟୋଇ ଓ ବିଭିନ୍ନ ଯୋଗଗୁରୁ ଯୋଗ ଶିକ୍ଷା ଦେଉଛନ୍ତି। ଏହାକୁ ସ୍ୱାସ୍ଥ୍ୟକେନ୍ଦ୍ରର ତଦାରଖ କରୁଥିବା ଡା. ସଞ୍ଜୟ ପ୍ରଧାନ ସୂଚନା ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଡା. ସୁଜିତ ମହାନ୍ତି, ଫାର୍ମାସିଷ୍ଟ ଦାଶରଥି ତ୍ରିପାଠୀ, ବିଶ୍ୱନାଥ ଜାନି, ସନ୍ତୋଷ କାଣ୍ଡି, ବିକାଶ କୁମାର ପ୍ରମୁଖ ପ୍ରତ୍ୟେକ ଯୋଗ ଶିକ୍ଷା ଦିନରେ ଉପସ୍ଥିତ ରହି ଯୋଗ ସମ୍ପର୍କିତ ଆଲୋଚନାରେ ଅଂଶଗ୍ରହଣ କରୁଛନ୍ତି।



## ଗ୍ରାମୀଣ ପାର୍କ ଏବେ ଘଞ୍ଚ ଜଙ୍ଗଲ

**ଖେଳ ଯନ୍ତ୍ରାଂଶରେ କଳଙ୍କି**

ଚାରିଛକ,୨୫।୧୧(ଶିଶିର ସ୍ୱାଇଁ)

ଗ୍ରାମାଞ୍ଚଳବାସୀଙ୍କ ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦେଇ ରାଜ୍ୟ ସରକାରଙ୍କ ପକ୍ଷରୁ ସମସ୍ତ ପଞ୍ଚାୟତରେ ଗ୍ରାମୀଣ ପାର୍କ ସବୁ କରାଯାଇଛି। ପାର୍କରେ ବରିଷ୍ଠ ନାଗରିକଙ୍କଠାରୁ ଆରମ୍ଭ କରି ଯୁବତୀ, ଛାତ୍ରୀଛାତ୍ର, ପିଲାଙ୍କ ପାଇଁ ଅବସର ବିନୋଦନ ଲାଗି ବିଭିନ୍ନ ପ୍ରକାରର ଦୋଳି, ବିଭିନ୍ନ ଉପକରଣ, ସୌନ୍ଦର୍ଯ୍ୟ ପାଇଁ ହରିଣ, ବାଘ, ଘୋଡ଼ା ଆଦି ଜୀବଙ୍କ ମୂର୍ତ୍ତି ରଖାଯାଇଛି। ହେଲେ ପୁରୀ ଜିଲା ଚାରିଛକ ଥାନା ଅଧୀନ ଭୋଦର, ତୁଳସୀପୁର, ବାହାରଣା, କଳାପାଞ୍ଚଣ, ଛଣିଜଙ୍ଗ ଓ ତମ୍ପାଳ ପଞ୍ଚାୟତର ପାର୍କଗୁଡ଼ିକରେ ଖେଳ ଯନ୍ତ୍ରାଂସ ସବୁ କଳଙ୍କି ଲାଗି ଗଲାଣି। ପାର୍କରେ ଲାଗିଥିବା ଘାସ, ଗଛ ମରି ଯାଇଥିବାବେଳେ ଲାଇଟ, ପାଣି ଟ୍ୟାପ ସବୁ ଭାଙ୍ଗି ଯାଇଥିବା ଦେଖିବାକୁ ମିଳିଛି। ପାର୍କରେ ଅନାବନା ଗଛ ଉଠି ବଣ ହୋଇ ଜଙ୍ଗଲର ଭ୍ରମ ସୃଷ୍ଟି କରୁଛି। କେତେକ ପାର୍କ ଅଧା ହୋଇ ବିଲ୍ ହୋଇଥିବାବେଳେ, ସମ୍ପୂର୍ଣ୍ଣ ହୋଇଥିବା ପାର୍କରେ ଗୋରୁ ଚରୁଥିବା ଦେଖିବାକୁ ମିଳୁଛି। ଏହି ସବୁ ପାର୍କକୁ ଅଞ୍ଚଳର ବରିଷ୍ଠ ନାଗରିକ, ଯୁବପିଢ଼ି ଓ କୁନି କୁନି ପିଲା ଆସି ଖେଳିବାକୁ ଭୟ କରୁଛନ୍ତି। ପାର୍କର ଏପରି ଅବସ୍ଥା ଦେଖି ସରକାରଙ୍କ ପାର୍କ ତିଆରି କରିବାରେ ଖର୍ଚ୍ଚ ହୋଇଥିବା ଲକ୍ଷାଧିକ ଟଙ୍କା ପାଣିରେ ପଡ଼ିଲା ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ଏ ଦିଗରେ ଦୃଷ୍ଟି ଦେଇ ମରାମତି କରିବା ସହ ରକ୍ଷଣାବେକ୍ଷଣ ପାଇଁ ପୁରୀ ଜିଲାପାଳ, ୫-ଟି ସଚିବ ଓ ମୁଖ୍ୟମନ୍ତ୍ରୀ ଦୃଷ୍ଟି ଦେବାକୁ ବୁଦ୍ଧିଜୀବୀ ମହଲରୁ ଦାବି ହେଉଛି।



ରକ୍ଷଣା ବେକ୍ଷଣ ଅଭାବରୁ ଘଞ୍ଚ ଜଙ୍ଗଲ ପାଲଟିଛି ଗ୍ରାମୀଣ ପାର୍କ।

# ଦମ୍ପତିଙ୍କ ହାତଗୋଡ଼ ବାନ୍ଧି ବାଥ୍‌ରୁମ୍‌ରେ ପୂରାଇ ଲୁଟିନେଲେ

## ମାରୁତି ବିହାରରେ ସଶସ୍ତ୍ର ଡକାୟତି

ଭୁବନେଶ୍ୱର (ସୂର୍ଯ୍ୟକାନ୍ତ ବେହେରା)/ବାରଙ୍ଗ, ୨୫।୧୧ (ଲିଙ୍ଗରାଜ ରାଉତ)





ନନ୍ଦନକାନନ ଥାନା ଅନ୍ତର୍ଗତ ରଘୁନାଥପୁର ଗାଁ ମାରୁତିବିହାରରେ ଶନିବାର ଭୋର୍ ସମୟରେ ସଶସ୍ତ୍ର ଡକାୟତି ହୋଇଛି। ଦୁର୍ବୃତ୍ତମାନେ ଦମ୍ପତିଙ୍କ ହାତ ଗୋଡ ବାନ୍ଧି ବାଥ୍‌ରୁମରେ ବନ୍ଦ କରି ଲକ୍ଷାଧିକ ଟଙ୍କାର ସୁନା ଗହଣା ଲୁଟି ନେଇଛନ୍ତି। ଏହା ଜଣାପଡିବା ପରେ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି ହୋଇଛି। ପୀଡିତା ଗୃହକର୍ତ୍ତା ରାକେଶ ଚାନ୍ଦ ଥାନାରେ ଲିଖିତ ଅଭିଯୋଗ ପରେ ପୋଲିସ ମାମଲା (ନଂ.୧୮୪/୨୩) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ସାଇଣ୍ଟିଫିକ ଟିମ୍ ସହାୟତାରେ ଭୁବନେଶ୍ୱର ଡିସିପି ପ୍ରତୀକ ସିଂ ଓ ଜୋନ୍-୪ ଏସିପି ରମେଶ ବିଶୋଇ ଘଟଣାସ୍ଥଳରେ ପହଞ୍ଚି ଥାନା ଅଧିକାରୀଙ୍କ ଉପସ୍ଥିତିରେ ଛାନ୍‌ଭିନ୍ ଚଳାଇଥିଲେ ମଧ୍ୟ ସମ୍ପୃକ୍ତ ଗ୍ୟାଙ୍ଗର ସୁରାକ ପାଇପାରିନାହାନ୍ତି।

ସୂଚନାନୁସାରେ, ମାରୁତିବିହାର ଭୋଳ ରେସିଡେନ୍ସିରେ ଦୁଇ ପିଲାଙ୍କ ସହ ରାକେଶ ଚାନ୍ଦ ଓ ସ୍ତ୍ରୀ ଏଲିଶ୍ରୀ ଦେ ଚାନ୍ଦ ରୁହନ୍ତି। ଶୁକ୍ରବାର ରାତିରେ ସମସ୍ତେ ଶୋଇଯାଇଥିଲେ। ଭୋର୍ ସମୟରେ ୮ ଜଣ ଡକାୟତ କଳାଡ୍ରେସ୍ ଓ ମୁଖାପିନ୍ଧି ରୋଷେଇ ଘର ଝରକା ତାଡି ଘରେ ପଶିଥିଲେ। ପରେ ବେଡ୍ ରୁମ୍ କବାଟ ବନ୍ଦ ଥିବାରୁ ଲକ୍ ଭାଙ୍ଗିଥିଲେ। ଶବ୍ଦ ଶୁଣି ପ୍ରଥମେ ଗୃହକର୍ତ୍ତା ରାକେଶ ଓ ପରେ ଅନ୍ୟମାନେ ଉଠି ପଡିବାରୁ ଦୁର୍ବୃତ୍ତମାନେ କଟୁରି, ଛୁରି, ଶାବଳ, ଆରି ବ୍ଲେଡ୍ ଦେଖାଇ ମାରି ଦେବାକୁ ଧମକ ଦେଇଥିଲେ। ଏହି ସମୟରେ ସେମାନେ ପ୍ରଥମେ ଦୁଇ ପିଲାଙ୍କୁ ନିଜ କବ୍‌ଜାକୁ ନେଇ ମାରିଦେବାକୁ କହିଥିଲେ। ଫଳରେ ରାକେଶ ଓ ତାଙ୍କ ସ୍ତ୍ରୀ ଭୟଭୀତ ହୋଇ ଦୁର୍ବୃତ୍ତଙ୍କ ନିକଟରେ ସରେଣ୍ଡରେ କରିଥିଲେ। ଏହାପରେ ସେମାନେ ରାକେଶ ଓ ତାଙ୍କ ସ୍ତ୍ରୀଙ୍କ ହାତଗୋଡ ବାନ୍ଧିବା ପରେ ଦୁଇ ପିଲାଙ୍କ ସହ ବାଥ୍‌ରୁମ୍‌ରେ ପୂରାଇ ବାହାର ପଟୁ ବନ୍ଦ କରିଦେଇଥିଲେ। ପରେ ଘରୁ ଭିତରେ ଖୋଜାଖୋଜି କରି ୫ ହଜାର ଟଙ୍କା ଓ ଲକ୍ଷାଧିକ ଟଙ୍କାର ସୁନା ଗହଣା ନେଇଯାଇଥିଲେ। ତେବେ ବେଶି ଟଙ୍କା ନ ପାଇବାରୁ ଦମ୍ପତିଙ୍କୁ ଟଙ୍କା କେଉଁଠି ରଖିଛି କହି ଧମକାଇଥିଲେ। ସେହିପରି ଟଙ୍କା ନ ମିଳିବାରୁ ନିଜ ନିଜ ଭିତରେ

### ଲକ୍ଷାଧିକ ଟଙ୍କାର ଗହଣା ନେଇଗଲେ, କମ୍ ଟଙ୍କାକୁ ନେଇ ଝଗଡ଼ା ଲାଗିଲେ

ଝଗଡ଼ା ବି ଲାଗିଥିଲେ। ସେମାନେ ହିନ୍ଦୀ ଓ ଓଡିଆ ଭାଷାରେ କଥା ହେଉଥିଲେ। ଘର ଭିତରେ ପ୍ରାୟ ଏକ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ଲୁଟ୍‌ପାଟ୍ ସହ ଆତଙ୍କ ଖେଳାଇବା ପରେ ପଳାଇଥିଲେ।

ସୂଚନାଯୋଗ୍ୟ, ରାକେଶଙ୍କ ଘରଠାରୁ ମାତ୍ର ୧୦୦ ମିଟର ଦୂରରେ ଥିବା ବିଆର୍ ୨୦ ନମ୍ବର ଘରୁ କିଛିଦିନ ତଳେ ଚୋରି ହୋଇଥିଲା। ଏନେଇ ନନ୍ଦନକାନନ ଥାନାରେ ମଧ୍ୟ ଅଭିଯୋଗ ହୋଇଥିଲା। ହେଲେ ଏଯାଏ ପୋଲିସ ସମ୍ପୃକ୍ତ ଚୋରଙ୍କୁ ଗିରଫ କରିବା ଦୂରର କଥା ଚୁପ୍ ବସିଥିବାରୁ କଲୋନିବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ଅନ୍ୟପଟେ ପୋଲିସର ୨୪ ଘଣ୍ଟିଆ ପାଟ୍ରୋଲିଂକୁ ନେଇ ମଧ୍ୟ ସେମାନେ ପ୍ରଶ୍ନ ଉଠାଇଛନ୍ତି ।

ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ବିବେକ



@ ପ୍ରେମାନନ୍ଦ



@ ଦୀପକ



@ ମହେନ୍ଦ୍ରନାଥ



@ ରାଜେଶ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

### ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨୫।୧୧।୨୦୨୩

| ୫,୬୮, ୮୩୨ ଟଙ୍କା | |
|---|---|
| ସୁନା | ୦୨.୯୫୦ ଗ୍ରାମ |
| ରୁପା | ୧୯.୧୦୦ ଗ୍ରାମ |




ପୁରୁଣା ପେନ୍‌ସନ ଦାବିରେ ଭାରତୀୟ ରେଲ୍ କର୍ମଚାରୀ ପୁରୁଣା ପେନ୍‌ସନ ସଂଘର୍ଷ ସମିତି ପକ୍ଷରୁ ଶନିବାର ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ଅନୁଷ୍ଠିତ ପେନ୍‌ସନ ସାମ୍ବିଧାନିକ ମହାରାଲି।

## ଆଜି କ'ଣ କେଉଁଠି

ଭୁବନେଶ୍ୱର
- ଜନଗଣର ନେତା ବୀରେନ ମିତ୍ରଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ, ଜୟଦେବ ବିହାର ଛକସ୍ଥିତ ବୀରେନ ମିତ୍ରଙ୍କ ପ୍ରତିମୂର୍ତ୍ତିସ୍ଥଳ, ସକାଳ ୯ଟା। ସାଧାରଣ ସଭା, ସନ୍ଧ୍ୟା ୬ଟା।
- ଅଲ୍ ଓଡ଼ିଶା ବିଏନ୍‌ବି ରିଟାୟର୍ଡସ ଆସୋସିଏଶନର ୩ୟ ତ୍ରୈବାର୍ଷିକ ସମ୍ମିଳନୀ, ଓଡ଼ିଶା ଷ୍ଟେଟ କୋ-ଅପରେଟିଭ୍ ବ୍ୟାଙ୍କ ମୁଖ୍ୟ ଅଫିସ, ସମ୍ମିଳନୀ କକ୍ଷ, ସଚିବାଳୟ ମାର୍ଗ, ପୂର୍ବାହ୍ନ ୧୧ଟା।
- 'ଦିଲୀପ ତିର୍କୀ: ବିୟୋଣ୍ଡ ଦି ସ୍ପୋର୍ଟ' ଫଟୋ ପ୍ରଦର୍ଶନୀ, କଳିଙ୍ଗ ଆର୍ଟ ଗ୍ୟାଲେରି, ପୂର୍ବାହ୍ନ ୧୧ଟା।
- ନିଖିଳ ଓଡ଼ିଶା ବ୍ୟାଙ୍କ ଅଫ୍ ବରୋଦା କର୍ମଚାରୀ ସଂଘ ସମ୍ମିଳନୀ, ରୋଟାରୀ ଭବନ, ପୂର୍ବାହ୍ନ ୧୧ଟା।
- ଶ୍ରୀଜଗନ୍ନାଥ ଗବେଷଣା ପ୍ରତିଷ୍ଠାନ ପକ୍ଷରୁ ମାସିକ ଆଲୋଚନା ଚକ୍ର, ପ୍ରତିଷ୍ଠାନ ଅଧ୍ୟୟନ କକ୍ଷ, ପୂର୍ବାହ୍ନ ୧୧ଟା ୩୦।
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଅନ୍ତର୍ଜାତୀୟ ସାଉଥ୍ କୋରିଆନ ଲୋକକଳା ଚିତ୍ର ପ୍ରଦର୍ଶନୀ, ଓଡ଼ିଶା ରାଜ୍ୟ ସଂଗ୍ରହାଳୟ, ଅପରାହ୍ନ ୪ଟା।
- ମାଇମେଡର ବାର୍ଷିକୋତ୍ସବ, ବିଜୁ ନାଟ୍ୟ କେନ୍ଦ୍ର, ଅପରାହ୍ନ ୪ଟା।
- ୬ତମ କଳିଙ୍ଗ ପୁସ୍ତକ ମେଳାରେ କବିତା ପାଠୋତ୍ସବ, ପ୍ରଦର୍ଶନୀ ପଡ଼ିଆ, ଅପରାହ୍ନ ୪ଟା ୩୦।
- ଶ୍ୱେତ ସଂକେତ ଆସରରେ ଗଳ୍ପ କର୍ମଶାଳା ଓ ଗଳ୍ପ ପଠନ, ରାଜଧାନୀ କଳା ସଂସଦ, ଅପରାହ୍ନ ୫ଟା ୩୦।
- ୧୭ତମ ଚନ୍ଦ୍ରଶେଖରପୁର ବୋଇତ ବନ୍ଦାଣ ଉତ୍ସବ, ପ୍ରୋଜେକ୍ଟ ୱାଟର ପଣ୍ଡ, କେୟାର ହସ୍ପିଟାଲ ପାଖ, ସନ୍ଧ୍ୟା ୬ଟା।
- ୬ଷ୍ଠ ରାଷ୍ଟ୍ରୀୟ ସାଂସ୍କୃତି ମହୋତ୍ସବ 'ଆନନ୍ଦିନୀ ସାଂସ୍କୃତିକ ମେଳା ଏବଂ ଇନ୍ଦିରା କ୍ରିତୀ ସମ୍ମାନ', ଉତ୍କଳ ରଙ୍ଗମଞ୍ଚ, ସନ୍ଧ୍ୟା ୬ଟା ୩୦।

ବାଲିଅନ୍ତା
- ସାଇ ପାଲିଙ୍କି ସମ୍ମିଳନୀ, ପାଣ୍ଡରା ଗ୍ରାମର ସାଇ ଶ୍ରଦ୍ଧା ମନ୍ଦିର ପରିସର, ସକାଳ ୯ଟା।
- କାର୍ତ୍ତିକେଶ୍ୱର ପୂଜା ଉପଲକ୍ଷେ ଫି ସେଲ୍‌ରେ ଅପେରା ପରିବେଷଣ, ରୁଦ୍ରପୁର- ସୁନ୍ଦରାପାଟଣା କାର୍ତ୍ତିକେଶ୍ୱର ଯାତ୍ରା ପଡ଼ିଆ, ରାତି ୧୧ଟା।

ପୁରୀ
- ଶ୍ରୀକ୍ଷେତ୍ର କଳା ପ୍ରକାଶିକାର ଭଜନ ସମାରୋହ, ସିଂହଦ୍ୱାର, ଅପରାହ୍ନ ୫ଟା ୪୫।

# ସନ୍‌ଲିସାଙ୍କୁ ବଢୁଛି ସମର୍ଥନର ସୁଅ

### ଧାରଣା ସାମୟିକ ସ୍ଥଗିତ, ମଙ୍ଗଳବାର ସୁଦ୍ଧା ଦାବି ପୂରଣ ନ ହେଲେ ପୁଣି ଅନଶନ

ଭୁବନେଶ୍ୱର,୨୫।୧୧(ଶର୍ମିଷ୍ଠା ପାଣିଗ୍ରାହୀ)

ଓଡ଼ିଆ ଚଳଚ୍ଚିତ୍ର ଶିଳ୍ପକୁ ବଞ୍ଚାଇବା ସହ ନିଜ ପ୍ରଯୋଜିତ ଚଳଚ୍ଚିତ୍ର 'ପ୍ରଥା'କୁ ନ୍ୟାୟ ଦାବିରେ ଗତ ଗୁରୁବାରଠାରୁ ଭୁବନେଶ୍ୱର ଲୋୟର ପିଏମ୍‌ଜିଠାରେ ଧାରଣାରେ ବସିଥିବା ପ୍ରଯୋଜିକା ସନ୍‌ଲିସା ପଟେଲଙ୍କ ପ୍ରତି ସମର୍ଥନ ବଢ଼ିବାରେ ଲାଗିଛି। ସିନେମା ଜଗତ ଓ ରାଜନୀତିର ଅନେକ ବ୍ୟକ୍ତିବିଶେଷ ଆସି ତାଙ୍କ ସହ ବସି ଚଳଚ୍ଚିତ୍ର ସୁରକ୍ଷା ପାଇଁ ସ୍ୱର ଉତ୍ତୋଳନ କରିଛନ୍ତି। ଶନିବାର ଓଡ଼ିଶା ଚଳଚ୍ଚିତ୍ର ଉନ୍ନୟନ ନିଗମ(ଓଏଫ୍‌ଡିସି)ର ଅଧ୍ୟକ୍ଷ କୁନା ତ୍ରିପାଠୀ ମଧ୍ୟ ଆସି ପହଞ୍ଚିଥିଲେ। ଅଭିନେତା ତଥା ଏମ୍‌ପି ଅନୁଭବ ମହାନ୍ତି, ଅରିନ୍ଦମ ରାୟ ଓ ତ୍ରିପାଠୀ ସନ୍‌ଲିସାଙ୍କୁ ଧାରଣା ଭଙ୍ଗ କରିବା ସହ ସମସ୍ୟାର ସମାଧାନ ପାଇଁ ମଙ୍ଗଳବାର ସରକାରଙ୍କ ସହ ଆଲୋଚନା କରିବେ ବୋଲି କହିଥିଲେ। ସେହିପରି ବିଧାୟକ ସୁରେଶ ରାଉତରାଏ, ଭାଜପା ବିଧାୟକ ମୋହନ ମାଝୀ, ସୁକାନ୍ତ ପାଣିଗ୍ରାହୀ, ସୁରଜ ସୂର୍ଯ୍ୟବଂଶୀ, ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ଶଙ୍କର ଓରାମ, କେ ନାରାୟଣ ରାଓ ପ୍ରମୁଖ ଯୋଗଦେଇ ଅଭିଯାନ ପ୍ରତି ସେମାନଙ୍କ ସମର୍ଥନ ଜଣାଇ ଖୁବ୍ ଶୀଘ୍ର ସରକାରଙ୍କ ସହ କଥାବାର୍ତ୍ତା କରି ସମାଧାନର ପନ୍ଥା ବାହାର କରିବେ ବୋଲି କହିଥିଲେ। ପରେ ଅଭିନେତ୍ରୀ ମହାଶ୍ୱେତା ରାୟ ଜୁସ୍ ପିଆଇ ସନ୍‌ଲିସାଙ୍କ ଅନଶନ ଭାଙ୍ଗିଥିଲେ। ତେବେ ଆସନ୍ତା ମଙ୍ଗଳବାର ସମସ୍ୟାର ସମାଧାନ ନ ହେଲେ ଏହା



ଧାରଣାସ୍ଥଳରେ ଓଏଫ୍‌ଡିସି ଅଧ୍ୟକ୍ଷ କୁନା ତ୍ରିପାଠୀ ଓ ଅଭିନେତା ଅରିନ୍ଦମ ରାୟ ପ୍ରମୁଖ।

ପରଠାରୁ ପ୍ରତୀକ ଧାରଣା ଜାରି ରହିବ ବୋଲି ଧାରଣାରତ ଓଡିଆ ଚଳଚ୍ଚିତ୍ର ବଞ୍ଚାଅ ଅଭିଯାନର ସଦସ୍ୟମାନେ ସୂଚନା ଦେଇଛନ୍ତି। ଏହି ଅବସରରେ ଓଡିଆ ଚଳଚ୍ଚିତ୍ର ପ୍ରଯୋଜକ, ନିର୍ଦ୍ଦେଶକ, କଳାକାର, ନୃତ୍ୟ ନିର୍ଦ୍ଦେଶକ, ଫାଇଟ ମାଷ୍ଟର, କ୍ୟାମେରାମ୍ୟାନ, ସଂଳାପକାର, କାହାଣୀକାର ଯୋଗ ଦେଇ ସେମାନଙ୍କ ସମର୍ଥନ ମଧ୍ୟ ଜଣାଇଥିଲେ।

ଶନିବାର ବରିଷ୍ଠ ଅଭିନେତ୍ରୀ ମହାଶ୍ୱେତା ମୁମ୍ବାଇରୁ ଆସି ଅଭିଯାନରେ ଯୋଗଦେଇଥିଲେ। ଏପରି କି ଅଭିନେତ୍ରୀ ଅନୁ ଚୌଧୁରୀ ମଧ୍ୟ ଅଭିଯାନରେ ଯୋଗ ଦେଇ ସମର୍ଥନ ଜଣାଇଥିଲେ। ଧାରଣାରେ ଅଭିନେତା ପାର୍ଥସାରଥି, ସାନ୍ତୁ, ସ୍ୱରାଜ ବାରିକ, ଡିସ୍କୋ ରେଞ୍ଜୀ, ରବି ମିଶ୍ର, ପ୍ରକାଶ ସ୍ୱାଇଁ, ଅଖିଳ ପଟ୍ଟନାୟକ, ରୋହନ ଗର୍ଗ, କୁମାର, ରାଜୀର, ଗୁଲୁଆ, ଅଭିନେତ୍ରୀ ପିଙ୍କି ପ୍ରଧାନ, ନିର୍ଦ୍ଦେଶକ ଅଶୋକ ପତି, ବବି ଇସ୍‌ଲାମ, ତାପସ ସରଘରିଆ, ତିରୁପତି ସାହୁ, ସଂଳାପ ଲେଖକ ଡ. ରଜନୀ ରଞ୍ଜନ, ସତୀଶ ମିଶ୍ର, କ୍ୟାମେରାମ୍ୟାନ ସୁଦର୍ଶନ ସେନାପତି, ସଙ୍ଗୀତ ନିର୍ଦ୍ଦେଶକ ପ୍ରେମ ଆନନ୍ଦ, ସମ୍ଭାବନାର ସମ୍ପାଦକ ଦେବ ପ୍ରସାଦ ପରିଜା, ସିନେ ଗବେଷକ ଡ. ମାଧବ ବେହୁରା, ପ୍ରଯୋଜକ ସଞ୍ଜୟ ପାତ୍ର, ଦୀପକ ମହାନ୍ତି , ଶିବିର ପରିଡା, ରଞ୍ଜନ ପଟେଲ ପ୍ରମୁଖ ଉପସ୍ଥିତ ଥିଲେ।

## ମହାପ୍ରସାଦ ପଡ଼ି ବୋଝିଆ ଆହତ

ପୁରୀ, ୨୫।୧୧ (ଅଜିତ୍ ମହାନ୍ତି)

ଶ୍ରୀମନ୍ଦିରରେ ଶନିବାର ଏକ ଅଘଟଣ ଘଟିଯାଇଛି। ମହାପ୍ରସାଦ ବୋହୁଥିବା ସମୟରେ ବାଇଶି ପାହାଚ ନିକଟରେ ପଡ଼ି ଜଣେ ବୋଝିଆ ଗୁରୁତର ଆହତ ହୋଇଥିବା ଜଣାପଡ଼ିଛି। ଗରମ ଅବଢ଼ା ଓ ଡାଲି ପଡ଼ି ବୋଝିଆଙ୍କ ପେଟ, ହାତ ଫୋଟକା ହୋଇଥିବା ବେଳେ ବେକ ଓ ଅଣ୍ଟାରେ ଗଭୀର ଆଘାତ ଲାଗିଥିବା ଜଣାପଡିଛି। ଆହତ ହୋଇଥିବା ବୋଝିଆ ଜଣଙ୍କ ହେଉଛନ୍ତି ସଦର ଥାନା ଅନ୍ତର୍ଗତ କଣ୍ଢପୁର ଗ୍ରାମର ମୂଷା ବରାଳ। ତାଙ୍କୁ ଚିକିତ୍ସା ପାଇଁ ସଦର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ମିଳିଥିବା ସୂଚନା ମୁତାବକ, ମହାପ୍ରଭୁଙ୍କ ଭୋଗମଣ୍ଡପ ନୀତି ସରିବା ପରେ ବୋଝିଆ ଭୋଗ ବୋହୁଥିଲେ। ବାଇଶି ପାହାଚ ନିକଟରେ ପ୍ରବଳ ଭିଡ଼ ଯୋଗୁ ଭକ୍ତମାନେ ତାଙ୍କ ଦେହରେ ଧକ୍କା ହୋଇଯିବାରୁ ଗରମ ଅବଢ଼ା, ଡାଲି ସହ ସେ ତଳେ ପଡିଯାଇଥିଲେ। ଏପରି ଘଟଣା ବାରମ୍ବାର ଘଟୁଥିବାବେଳେ ଶ୍ରୀମନ୍ଦିର ପ୍ରଶାସନ କୌଣସି ପଦକ୍ଷେପ ଗ୍ରହଣ କରୁ ନ ଥିବାରୁ ବୋଝିଆମାନେ କ୍ଷୋଭ ପ୍ରକାଶ କରିଛନ୍ତି।

# ସିଆରପିଏଫ୍ ଯବାନ ମାନସଙ୍କ ଶେଷକୃତ୍ୟ ସମ୍ପନ୍ନ

ଅସ୍ତରଙ୍ଗ/କାକଟପୁର(ପ୍ରଦୀପ୍ତ ଦୀକ୍ଷିତ୍/ମମତା ଜେନା/ ଶୁଭଦର୍ଶନ ମିଶ୍ର)୨୫।୧୧

ସିଆର୍‌ପିଏଫ୍ ଯବାନ ମାନସ ରଞ୍ଜନ ଦାସ (୪୨)ଙ୍କ ପାର୍ଥିବ ଶରୀର ଶନିବାର ସକାଳ ସମୟରେ ପୁରୀ ଜିଲା କାକଟପୁର ବଜାରରେ ପହଞ୍ଚିଛି। ଏହାପରେ ଏକ ବିରାଟ ଶୋଭାଯାତ୍ରାରେ ତାଙ୍କ ପାର୍ଥିବ ଶରୀରକୁ ଜନ୍ମମାଟି ବଡ଼ଓଳଙ୍ଗର ଗ୍ରାମ ପର୍ଯ୍ୟନ୍ତ ନିଆଯାଇଥିଲା। ଗାଁର ସମସ୍ତ ଲୋକେ ସେଠାରେ ପହଞ୍ଚି ମାନସଙ୍କ ଶେଷ ଦର୍ଶନ କରି ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ତାଙ୍କ ନାବାଳକ ପୁଅ ଅମିତ ଦାସ ମୁଖାଗ୍ନି ଦେବା ପରେ ଶ୍ମଶାନରେ



ମାନସଙ୍କ ମରଶରୀରରେ ପୁଷ୍ପ ମାଲ୍ୟାର୍ପଣ ପୂର୍ବକ ଶେଷ ସମ୍ମାନ ଦିଆଯାଉଛି।

ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ମାନସ ଆତ୍ମହତ୍ୟା କରିବା ଶୁଣିବାକୁ ମିଳିଥିଲା। କିନ୍ତୁ ମାନସ ଆତ୍ମହତ୍ୟା କରି ନ ଥିବା ତାଙ୍କ ସ୍ତ୍ରୀ ଗଣମାଧ୍ୟମ ସମ୍ମୁଖରେ ପ୍ରକାଶ କରିଛନ୍ତି। ଅନ୍ୟପଟେ ମାନସଙ୍କ ମା' ସରକାରଙ୍କୁ ପରିବାର ସହାୟତା ପାଇଁ ଅନୁରୋଧ କରିଛନ୍ତି। ମାନସଙ୍କ ଶେଷକୃତ୍ୟ ସମୟରେ କାକଟପୁର ଥାନାଧିକାରୀ ଉମେଶ ସାହୁ, ପୂର୍ବତନ ପୁରୀ ଜିଲା ପରିଷଦ ଅଧ୍ୟକ୍ଷ ଜ୍ୟୋତିର୍ମୟ ଦଳାଇଙ୍କ ସହ ବହୁ ନେତୃବୃନ୍ଦ ଉପସ୍ଥିତ ଥିଲେ। ଜମ୍ମୁ କଶ୍ମୀରରେ ସିଆର୍‌ପିଏଫ୍‌ରେ ଥିବା ମାନସ ୨ ମାସ ତଳେ ଘରକୁ ଆସି ପୁଣି କର୍ମକ୍ଷେତ୍ରକୁ ଫେରିଥିଲେ। ଗତ ଗୁରୁବାର ସକାଳ ୬ଟାରେ ମାନସଙ୍କ ସ୍ତ୍ରୀ ତାଙ୍କ ସହିତ କଥା ହୋଇଥିଲେ। ପରେ ସକାଳ ସାଢେ ୮ଟା ସମୟରେ ମାନସଙ୍କ ମୃତ୍ୟୁ ଖବର ଆସିଥିଲା। ପରିବାରରେ ଶୋକର ଛାୟା ଖେଳିଯାଇଛି।

# ରାଷ୍ଟ୍ରପତିଙ୍କ ସୁରକ୍ଷା ପାଇଁ ୧୬ ପ୍ଲାଟୁନ ଫୋର୍ସ

ଭୁବନେଶ୍ୱର,୨୫।୧୧ (ସୂର୍ଯ୍ୟକାନ୍ତ ବେହେରା)

ଭାରତର ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ରବିବାରଠାରୁ ଦୁଇଦିନିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି। ରାଷ୍ଟ୍ରପତି ସନ୍ଧ୍ୟାରେ ଭୁବନେଶ୍ୱର ବିମାନ ବନ୍ଦରରେ ପହଞ୍ଚିବା ପରେ ସେଠାରୁ ସିଧା ରାଜଭବନ ଯାଇ ରାତ୍ରି ଯାପନ କରିବେ। ସୋମବାର ସକାଳେ ପାରାଦୀପ ଅଭିମୁଖେ ଯାଇ ବୋଇତ ବନ୍ଦାଣ ଉତ୍ସବ ସମେତ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବେ। ଏହାକୁ ଦୃଷ୍ଟିରେ ରଖି କମିଶନରେଟ ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଛି। ଏଥିପାଇଁ ୧୬ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ବ୍ୟବସ୍ଥା ହୋଇଛି। ସୁରକ୍ଷା ଦାୟିତ୍ୱରେ ୫ଜଣ ଅତିରିକ୍ତ ଡିସିପି, ୧୧ଜଣ ଏସିପି ଓ ଡିଏସ୍‌ପି, ୧୮ ଇନ୍ସପେକ୍ଟର, ୭୧ଜଣ ଏସ୍‌ଆଇ ଓ ଏସ୍‌ଆଇ, ୧୧ ହାବିଲଦାର, ୫୬ କନ୍‌ଷ୍ଟେବଲଙ୍କ ସହ ଅନ୍ୟ ୯୧ଜଣ ରହିଛନ୍ତି। ସେହିପରି ୨୦ଜଣ ମହିଳା କନ୍‌ଷ୍ଟେବଲ ଓ ୫୬ଜଣ ହାବିଲଦାର ନିୟୋଜିତ ରହିବେ। ତେବେ ରାଷ୍ଟ୍ରପତିଙ୍କ ଗସ୍ତର ଦିନକ ଆଗରୁ ଅର୍ଥାତ୍ ଶନିବାର ଅପରାହ୍ନରେ କମିଶନରେଟ ପୋଲିସ ପକ୍ଷରୁ କାରକେଡ୍ ରିହର୍ସାଲ କରାଯାଇଛି। ଡିସିପିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାରକେଡ୍ ଭୁବନେଶ୍ୱର ବିମାନବନ୍ଦରରୁ ବାହାରି ଏଜି ଛକ ଦେଇ ରାଜଭବନକୁ ଯାଇଥିଲା।

# ଦରମା ଏକ, ଆଶା ଅନେକ



**ଆଜିର ଯୁବପିଢ଼ିଙ୍କ ସ୍ୱପ୍ନ ଆକାଶଛୁଆଁ, ଯେଉଁଥିପାଇଁ ଆବଶ୍ୟକ ପ୍ରଚୁର ଅର୍ଥ। ମାସିକ ଦରମାରେ ଯାହା ପୂରଣ କରିବା କଷ୍ଟ। ତେଣୁ ଅନେକେ ଜବ୍ ସହ ଅନ୍ୟାନ୍ୟ କାର୍ଯ୍ୟ କରୁଥିବା ବି ଦେଖାଯାଏ। ହେଲେ ଏହା ଯଦି ନିଜ କାର୍ଯ୍ୟ କିମ୍ବା କାର୍ଯ୍ୟାଳୟ ପ୍ରତି ଅବହେଳାର କାରଣ ସାଜେ, ତେବେ ଏଥିପାଇଁ କେବେ ପଦୋନ୍ନତି ସହ ଦରମା ବୃଦ୍ଧି ଅଟକିଯାଏ ତ ଆଉ କେବେ ହରାଇବାକୁ ହୋଇଥାଏ ଜବ୍। ତେଣୁ ଗୋଟିଏ ଜବ୍‌ରେ ଥାଇ ମଧ୍ୟ ଜଣେ ସ୍ମାର୍ଟ ଉପାୟରେ ନିଜ ସ୍ୱପ୍ନ ସାକାର କରିପାରିବେ...**

**ଉଦ୍ୟମ କରନ୍ତୁ:** ଅଧିକ ରୋଜଗାର କରିବା ଲକ୍ଷ୍ୟ ଥିଲେ କେବଳ ସ୍ୱପ୍ନ ଦେଖିଲେ ଏହା ପୂରଣ ହୋଇଯିବ ନାହିଁ। ଏହାକୁ ସାକାର କରିବା ଲାଗି ସର୍ବଦା ନିଜ କର୍ମରେ ସଚ୍ଚୋଟ ହେବା ସହ ଉଦ୍ୟମ ଜାରି ରଖନ୍ତୁ।

**ହୁଅନ୍ତୁ ପ୍ରଥମ:** ନିଜ କର୍ମକ୍ଷେତ୍ରରେ ପ୍ରତ୍ୟେକ କାର୍ଯ୍ୟକୁ ସମୟ ପୂର୍ବରୁ କରିବାକୁ ଚେଷ୍ଟା କରନ୍ତୁ। କଷ୍ଟ ହେବ କିମ୍ବା କରି ନ ପାରିଲେ ଅପଦସ୍ଥ ହେବାକୁ ପଡ଼ିବ ଭାବି ଡରି ଯାଆନ୍ତୁ ନାହିଁ। ବରଂ ଯେକୌଣସି କାମ ଦିଆଗଲେ ସକାରାତ୍ମକ ଭାବେ ଏହାକୁ ଗ୍ରହଣ କରନ୍ତୁ ଏବଂ ନିର୍ଦ୍ଧାରିତ ସମୟ ପୂର୍ବରୁ ସାରିବାକୁ ଚେଷ୍ଟା କରନ୍ତୁ। କୌଣସି ଉଚ୍ଚ ପଦସ୍ଥ କର୍ମଚାରୀଙ୍କ ଅନୁପସ୍ଥିତିରେ କିମ୍ବା ଜବ୍ ଛାଡ଼ିଥିବା କୌଣସି କର୍ମଚାରୀଙ୍କ ସ୍ଥାନରେ ତାଙ୍କ କାମ କରିବାକୁ ବି ପଛାନ୍ତୁ ନାହିଁ। ଆପଣଙ୍କର ଏହି କାର୍ଯ୍ୟକଳାପ ବସ୍‌ଙ୍କୁ ଖୁସି କରିବା ସହ ଆପଣଙ୍କ ପଦୋନ୍ନତିରେ ବେଶ୍ ସହାୟକ ହୋଇପାରିବ।

**ମଲ୍ଟି ଟାସ୍କିଂ ହେବା ଭଲ:** ଅଫିସ୍‌ରେ କେବଳ ନିର୍ଦ୍ଧାରିତ କାମରେ ନିଜକୁ ସୀମିତ ରଖନ୍ତୁ ନାହିଁ। ଏହାଦ୍ୱାରା କେବଳ ଗୋଟିଏ ଦିଗରେ ହିଁ ଦକ୍ଷତା ବୃଦ୍ଧି ପାଇବ। ନିଜ କାମରେ ବେଷ୍ଟ ଦେବା ସହ ଯଦି ଫାଙ୍କା ସମୟ ପାଆନ୍ତି, ତେବେ ଅନ୍ୟାନ୍ୟ କାର୍ଯ୍ୟରେ ଆଗ୍ରହ ଦେଖାନ୍ତୁ। ଦେଖିବେ, ଆପଣ ମଲ୍ଟି ଟାସ୍କିଂ ହୋଇ ଏକାଧିକ କ୍ଷେତ୍ରରେ ଦକ୍ଷତା ହାସଲ କରିପାରିବେ। ଫଳରେ ଧୀରେ ଧୀରେ ଏହା ଆପଣଙ୍କ ପ୍ରତି ସଭିଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ଆପଣଙ୍କୁ ଜଣେ ଦକ୍ଷ କର୍ମଚାରୀର ପରିଚୟ ଦେବ ଏବଂ ଯଥାଶୀଘ୍ର ଦରମା ବୃଦ୍ଧିରେ ସାହାଯ୍ୟ କରିବ।

**ଟାର୍ଗେଟ୍ ପୂରଣ କରନ୍ତୁ:** ପ୍ରତ୍ୟେକ ଅଫିସ୍‌ରେ ବିଭିନ୍ନ କାମକୁ ନେଇ ଟାର୍ଗେଟ୍ ଏବଂ ଡେଡ୍‌ଲାଇନ୍ ରହିଥାଏ। ତେଣୁ ଡେଡ୍‌ଲାଇନ୍ ପୂର୍ବରୁ ଅଧିକରୁ ଅଧିକ ଟାର୍ଗେଟ୍ ପୂରଣ କରିବାକୁ ଚେଷ୍ଟା କରନ୍ତୁ। ଏହା ଆପଣଙ୍କ କ୍ୟାରିୟର ବୁଷ୍ଟ କରିବାରେ ବେଶ୍ ସାହାଯ୍ୟ କରିବ।

**ଆତ୍ମପରିଚୟ ସୃଷ୍ଟି କରନ୍ତୁ:** ଗୋଟିଏ ଜବ୍‌ରେ ରହି ଯଦି ଇନ୍‌କ୍ରିମେଣ୍ଟ କିମ୍ବା ପ୍ରମୋଶନ୍ ଆଶା ରଖୁଛନ୍ତି, ତେବେ ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଅନୁଷ୍ଠାନରେ ଆପଣଙ୍କର ସକ୍ରିୟ ଯୋଗଦାନ। କାରଣ ଅନେକ କର୍ମଚାରୀ ଏମିତି ଅଛନ୍ତି, ଯେଉଁମାନେ କାମ ଜାଣିଥିଲେ ସୁଦ୍ଧା କେବଳ ନିଜ କାମ ବ୍ୟତୀତ ଆବଶ୍ୟକ ସମୟରେ ବି ଅଫିସ୍‌ର ଅନ୍ୟ କୌଣସି କାମରେ ଯୋଗଦାନ କରନ୍ତି ନାହିଁ। ଫଳସ୍ୱରୂପ ତାଙ୍କ ଭିତରେ କେତେ ପାରଦର୍ଶିତା ରହିଛି, ତା' ଲୋକଲୋଚନକୁ ଆସିପାରେ ନାହିଁ ଏବଂ ବର୍ଷ ବର୍ଷ ଧରି ତାଙ୍କ ପଦବୀ ସମାନ ହିଁ ରହିଥାଏ। ତେଣୁ ଯଦି ଆପଣଙ୍କର ବିଭିନ୍ନ କାମରେ ଦକ୍ଷତା ରହିଛି, ତେବେ ସୁଯୋଗ ମିଳିଲେ ନିଶ୍ଚୟ ଭାବେ ଏହା ପ୍ରଦର୍ଶନ କରନ୍ତୁ। ଏହା ନିଶ୍ଚିତ ଭାବେ ବସ୍‌ଙ୍କ ମନରେ ଆପଣଙ୍କ ପ୍ରତି ଭଲ ଭାବନା ଏବଂ ବିଶ୍ୱାସ ସୃଷ୍ଟି କରିବ, ଯାହାକି ଆପଣଙ୍କ କ୍ୟାରିୟର ପାଇଁ ଖୁବ୍ ଭଲ ସଂକେତ।

**ଲିଡରଶିପ୍ ନିଅନ୍ତୁ:** ଅଫିସ୍‌ରେ ଅନେକ କାମ ଏକା କରିବା କଷ୍ଟ। ତେଣୁ ଏକ ଟିମ୍ ବା ଗ୍ରୁପ୍ ଗଠନ କରାଯାଇଥାଏ। ତେଣୁ ସବୁବେଳେ ଏଭଳି ଟିମ୍‌ରେ ଲିଡରଶିପ୍ ନେବାକୁ ଚେଷ୍ଟା କରନ୍ତୁ ଏବଂ ସଭିଙ୍କ ଭିତରେ କାମକୁ ଏଭଳି ବାଣ୍ଟିଦିଅନ୍ତୁ, ଯେପରି ତାହା ଶୀଘ୍ର ଏବଂ ସଠିକ୍ ଭାବେ ସମାପ୍ତ ହୋଇପାରିବ। ଏପରି କରିବା ଦ୍ୱାରା ଧୀରେ ଧୀରେ ଆପଣଙ୍କ ଟିମ୍‌କୁ ବଡ଼ ବଡ଼ ପ୍ରୋଜେକ୍ଟ ଦେବା ପାଇଁ କମ୍ପାନିର ବିଶ୍ୱାସ ବଢ଼ିବ ଏବଂ ଇନ୍‌ସେଣ୍ଟିଭ୍, ବୋନସ୍ ଆଦି ସହିତ ଇନ୍‌କ୍ରିମେଣ୍ଟ ଶୀଘ୍ର ମିଳିପାରିବ।

**ବଢ଼ାନ୍ତୁ କ୍ୱାଲିଫିକେଶନ୍:** ଆପଣ ଯେଉଁ ପୋଷ୍ଟରେ କାର୍ଯ୍ୟ କରୁଛନ୍ତି ତା'ଠାରୁ ବଡ ପୋଷ୍ଟକୁ ଯାଇ ଅଧିକ ଦରମା ଆଶା ରଖୁଥିଲେ ପ୍ରଥମେ ନିଜର କ୍ୱାଲିଫିକେଶନ୍ ବଢ଼ାନ୍ତୁ। ଅଫିସ୍ କାମ ପରେ ସମୟ ବାହାର କରି ହାୟର ଷ୍ଟଡି କିମ୍ବା ବିଭିନ୍ନ ଶର୍ଟ ଟର୍ମ କୋର୍ସ କରନ୍ତୁ। ଏହାଦ୍ୱାରା ଗୋଟିଏ ଜବ୍‌ରେ ଥାଇ ସୁଦ୍ଧା ଇନ୍‌କ୍ରିମେଣ୍ଟ ପାଇ ପାରିବେ ଏବଂ ଆପଣଙ୍କର ଅଧିକ ରୋଜଗାର କରିବାର ସ୍ୱପ୍ନ ସାକାର ହୋଇପାରିବ।

**ଆକର୍ଷଣୀୟ ପର୍ସନାଲିଟି ସାଜନ୍ତୁ:** ନିଜ ପର୍ସନାଲିଟିକୁ ଏକ୍ସପ୍ରେସିଭ୍ କରିବାକୁ ଚେଷ୍ଟା କରନ୍ତୁ। କାମ ଭଲ କଲେ ପ୍ରଶଂସା ମିଳେ। ହେଲେ ଏଥିରେ ଅଧିକ ଖୁସି ହୋଇ ଆତ୍ମଗର୍ବ କରିବା କିମ୍ବା କାମରେ ଅବହେଳା କରିବା ଭଳି ଭୁଲ୍ ଆଦୌ କରନ୍ତୁ ନାହିଁ। ସବୁବେଳେ ନିଜର ବେଷ୍ଟ ଦେବାକୁ ଚେଷ୍ଟା କରନ୍ତୁ ଦେଖିବେ ଆପଣଙ୍କ କାମ ହିଁ ସବୁ ଆଶା ପୂରଣ କରିବାରେ ସାହାଯ୍ୟ କରିବ।







## ଏ ସପ୍ତାହର ପ୍ରଶ୍ନ

୧– ନ୍ୟାଶନାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ହାଇଡ୍ରୋଲୋଜି ........... ଠାରେ ଅବସ୍ଥିତ ?
୨– ............. ମିନିଷ୍ଟ୍ରି ଦ୍ୱାରା 'ଓମେନ୍ ଫର୍ ୱାଟର, ୱାଟର ଫର୍ ଓମେନ୍' କ୍ୟାମ୍ପେନ୍ ଆରମ୍ଭ କରାଯାଇଛି ?
୩– 'ଜେଡ୍‌ଇଭି'ର ଫୁଲ୍‌ଫର୍ମ ................ ?
୪– ...................... ହେଉଛି ମଣିଷକୃତ ପ୍ରଥମ ପ୍ଲାଷ୍ଟିକ୍ ?
୫– ପୃଥିବୀର ସବୁଠାରୁ ବଡ଼ ଆଗ୍ନେୟଗିରି .............. ?

## ଗତ ସପ୍ତାହର ଉତ୍ତର

୧ ସେ ନୋ ଟୁ କରପ୍ସନ୍, କମିଟ୍ ଟୁ ଦି ନେଶନ
୨ ଝାଡ଼ଖଣ୍ଡ
୩ ଦିଲ୍ଲୀ
୪ ୮୫% କ୍ଷୁଦ୍ରଚାଷୀ
୫ ଜୁଲାଇ ୨ ତାରିଖ

## ଉତ୍ତରଦାତା



ଶେଖ୍ ୟାକୁବ୍, ଗୋପ



ସୁନୀଲ କୁମାର ବେହେରା, ବ୍ରହ୍ମପୁର

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି
ଇ-ମେଲ୍ ଠିକଣା: dharitriagamiasha @gmail.com

## ଟପ୍ ୧୦

### ଦ୍ରୁତଗାମୀ ଜଳଜୀବ



୧– ମାର୍ଲିନ୍........ ୧୧୦କି.ମି. ପ୍ରତି ଘଣ୍ଟା
୨– ସ୍ୱୋର୍ଡଫିସ୍........ ୯୭ କି.ମି.ପ୍ରତି ଘଣ୍ଟା
୩– ମାକୋ ସାର୍କ........ ୭୪ କି.ମି.ପ୍ରତି ଘଣ୍ଟା
୪– ୟେଲୋଫିନ୍ ଟୁନା........ ୭୪କି.ମି.ପ୍ରତି ଘଣ୍ଟା
୫– ଫ୍ଲାଇଂ ଫିସ୍........ ୬୯ କି.ମି. ପ୍ରତି ଘଣ୍ଟା
୬– ବୋନ୍ ଫିସ୍........ ୬୪ କି.ମି. ପ୍ରତି ଘଣ୍ଟା
୭– ବୋନିଟୋ........ ୬୪ କି.ମି.ପ୍ରତି ଘଣ୍ଟା
୮– କିଲର୍ ହ୍ୱେଲ୍........ ୫୫ କି.ମି. ପ୍ରତି ଘଣ୍ଟା
୯– ବାରା କୁଡ଼ା........ ୨୭ କି.ମି. ପ୍ରତି ଘଣ୍ଟା
୧୦– ପାଇଲଟ୍ ହ୍ୱେଲ୍ ........ ୩୨ କି.ମି.ପ୍ରତି ଘଣ୍ଟା

## ହେଲ୍ଥ ଆଲର୍ଟ

# କାନ ସଫା କରୁଥିଲେ

**ପରିଷ୍କାର ପରିଚ୍ଛନ୍ନ ରହିବା ପାଇଁ କେବଳ ପ୍ରତିଦିନ ଗାଧୋଇବା ଯଥେଷ୍ଟ ନୁହେଁ। ତେଣୁ ପାଟି, ନାକ, ଆଖି ସହ କାନ ସଫା କରିବା ବି ଦରକାର। ହେଲେ ଆପଣ ଜାଣନ୍ତିକି କାନ ସଫା କରିବା ବେଳେ ସାମାନ୍ୟ ଅସାବଧାନତା କାନକୁ କ୍ଷତି ପହଞ୍ଚାଇବା ସହ ଶ୍ରବଣ ସମସ୍ୟାର କାରଣ ସାଜିପାରେ। ତେଣୁ କାନର ସୁରକ୍ଷା ପାଇଁ କେତୋଟି କଥା ପ୍ରତି ଦୃଷ୍ଟି ଦେବା ଆବଶ୍ୟକ...**

- କାନର ପରଦା ଅଧିକ ସମ୍ବେଦନଶୀଳ। ତେଣୁ କାଠି କିମ୍ବା ଟାଣ ଜିନିଷ ଆଦୌ କାନରେ ପୂରାନ୍ତୁ ନାହିଁ। କାରଣ ଇୟରବଡ୍‌ର ନରମ ତୁଳା ମଧ୍ୟ ସେଠାରେ ବାଜିବାମାତ୍ରେ କ୍ଷତ ହେବାର ଆଶଙ୍କା ରହିଛି। ତେଣୁ କାନ ପୋଛିବା ଲାଗି କାନ ଭିତରେ ଇୟରବଡ୍‌କୁ ନ ରଗଡି ଧୀରେ ଧୀରେ ପୋଛନ୍ତୁ, ଯେପରି କାନ ଭିତରର ଚର୍ମ ବା ତ୍ୱଚା ରାମ୍ପି ହୋଇ କଷ୍ଟ ଅନୁଭବ ହେବ ନାହିଁ।
- ଇଅରବଡ୍‌ରେ କାନ ସଫା କରିବା ବେଳେ କେବେକେବେ ମଳି ବାହାରିବା ପରିବର୍ତ୍ତେ ଭିତରକୁ ଠେଲି ହୋଇଯାଇଥାଏ, ଯାହାକି ପରଦା ପାଖରେ ଜମା ହୋଇ କମ୍ ଶୁଭିବା କିମ୍ବା କାନ ଭିତରେ ହ୍ୱିସିଲ୍ ମାରିବା ଭଳି ଶୁଭିଥାଏ। ଏଥିପ୍ରତି ବିଶେଷ ସତର୍କ ରୁହନ୍ତୁ।
- କାନକୁ ସଫା ରଖିବା ଆଳରେ ଅଧିକ ଥର କିମ୍ବା ପ୍ରତିଦିନ ସଫା କରନ୍ତୁ ନାହିଁ। କାରଣ ଏପରି କରିବା ଦ୍ୱାରା ବାହାର ମଳି ଭିତରକୁ ଯିବାରେ ଅବରୋଧ କରିବା ଲାଗି କାନ ଭିତରେ ଥିବା ଅଠାଳିଆ ଅଂଶ ଛାଡ଼ିଯାଇଥାଏ ଏବଂ ଧୂଳି ସହଜରେ ଭିତରକୁ ଯାଇଥାଏ। ଫଳରେ ଇନ୍‌ଫେକ୍ସନ୍ ହେବାର ଆଶଙ୍କା ବୃଦ୍ଧି ପାଇଥାଏ।
- କେବେକେବେ ଅଜାଣତରେ କାନ ଭିତରେ ଇୟରବଡ୍‌ରୁ କିଛି ତୁଳା ରହିଯାଇଥାଏ। ପରେ ଗାଧୋଇବା ଭୁଲରେ କାନ ଭିତରକୁ ପାଣି ପଶିଗଲେ ତୁଳା ତାହାକୁ ଶୋଷିନିଏ, ଫଳରେ ଫଙ୍ଗାଲ ଇନ୍‌ଫେକ୍ସନ ହୋଇ କାନ ଭିତରେ ଘା' ହେବା ସହ ବିନ୍ଧା ହୋଇଥାଏ।
- କେବେକେବେ କାନ ସଫା ବେଳେ ପରଦାରେ କ୍ଷତ ହୋଇ ରକ୍ତସ୍ରାବ ହେବା କିମ୍ବା ଫାଟିଯିବା ଭଳି ସମସ୍ୟା ଉପୁଜିଥାଏ, ଯାହାକି ନା କେବଳ କଷ୍ଟଦାୟକ ବରଂ ଏହି ସାମାନ୍ୟ ଅସତର୍କତା ଯୋଗୁ କେବେକେବେ ଶ୍ରବଣ ଶକ୍ତି ହରାଇବାର ଆଶଙ୍କାକୁ ମଧ୍ୟ ଏଡ଼ାଇ ଦିଆଯାଇପାରେ ନାହିଁ।
- ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଅପରିଷ୍କାର କାଠି, ପୁରୁଣା କିମ୍ବା ପୂର୍ବରୁ ବ୍ୟବହୃତ ଇଅରବଡ୍‌ରେ ଆଦୌ କାନ ସଫା କରନ୍ତୁ ନାହିଁ। ଏହାଦ୍ୱାରା ମଳି ଯାଇ କାନ ଭିତରେ ଇନ୍‌ଫେକ୍ସନ କରାଇଥାଏ।
- କାନ ସଫା କରିବା ଲାଗି ଏଣୁ ତେଣୁ ତେଲ ପକାନ୍ତୁ ନାହିଁ। କାନ ସଫା କରିବା ବେଳେ କୌଣସି ଅସୁବିଧା ହେଲେ ମନ ଇଚ୍ଛା ଇୟର ଡ୍ରପ୍ ନ ପକାଇ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ।



## ଜାଣନ୍ତୁ ଦୁନିଆ

# ରୁଦ୍ରାକ୍ଷ



**ଆମ ଦେଶରେ ରୁଦ୍ରାକ୍ଷ ମାଳିକୁ ଏକ ଧାର୍ମିକ ପ୍ରତୀକ ଭାବେ ଗ୍ରହଣ କରାଯାଏ। ଏହାକୁ ପିନ୍ଧିଲେ ଏକ ସକାରାତ୍ମକ ଶକ୍ତି ମିଳିବା ସହ ବିଭିନ୍ନ ଶାରୀରିକ ସମସ୍ୟାରୁ ମଧ୍ୟ ଉପଶମ ମିଳିଥାଏ ବୋଲି ବିଶ୍ୱାସ ରହିଛି। ଜାଣିବା ଏହି ମାଳି ସମ୍ପର୍କରେ କିଛି ରୋଚକ ତଥ୍ୟ...**

- ରୁଦ୍ରାକ୍ଷ ଶବ୍ଦଟି ଦୁଇଟି ସଂସ୍କୃତ ଶବ୍ଦ ରୁଦ୍ର ଅର୍ଥାତ୍ ଶିବ ଏବଂ ଅକ୍ଷ ଅର୍ଥାତ୍ ଆଖି ଶବ୍ଦରୁ ଆସିଛି। କିମ୍ବଦନ୍ତୀ ଅନୁଯାୟୀ ଥରେ ମହାଦେବ ଧ୍ୟାନ କରୁଥିବା ସମୟରେ ତାଙ୍କ ଆଖିରୁ ଲୁହ ଝରିଥିଲା, ଯାହା ମାଟିରେ ପଡ଼ିବା ପରେ ରୁଦ୍ରାକ୍ଷ ଗଛ ଉଠିଥିଲା। ସେବେଠୁ ଏହାକୁ ମହାଦେବଙ୍କ ପ୍ରତୀକ ଭାବେ ଗ୍ରହଣ କରାଯାଇଛି।
- ମହାଦେବଙ୍କ ଗଳାରେ ଏହା ଶୋଭା ପାଉଥିବାରୁ ଏହାକୁ ଶିବଭକ୍ତମାନେ ହାତରେ ଏବଂ ଗଳାରେ ଧାରଣ କରିଥା'ନ୍ତି।
- ଏକ ମୁଖୀରୁ ଆରମ୍ଭ ହୋଇ ଚଉଦ ମୁଖୀ ପର୍ଯ୍ୟନ୍ତ ରୁଦ୍ରାକ୍ଷ ବିଭିନ୍ନ ପ୍ରକାରର ରହିଛି। ପ୍ରତ୍ୟେକ ରୁଦ୍ରାକ୍ଷର ମହତ୍ତ୍ୱ ଏବଂ ଏହାକୁ ନେଇ ବୀଜମନ୍ତ୍ର ମଧ୍ୟ ଭିନ୍ନ ଭିନ୍ନ। ସେହିପରି ଆକାର ଅନୁଯାୟୀ ଏହାକୁ ୩ ପ୍ରକାରରେ ବିଭକ୍ତ କରାଯାଇଛି ଯଥା- ବଡ଼ ବା ଅଁଳା ଆକାରର, ମଧ୍ୟମ ବା କୋଳି ଆକାରର ଏବଂ କ୍ଷୁଦ୍ର ବା ଚଣା ଆକାରର। ଭକ୍ତମାନେ ନିଜ ପସନ୍ଦ ଆକାରର ରୁଦ୍ରାକ୍ଷ ଧାରଣ କରିଥା'ନ୍ତି।
- ରୁଦ୍ରାକ୍ଷକୁ ପୁରାତନ ଯୁଗରେ ମୁନି ଋଷିମାନେ ପୂଜା କରିବା ବ୍ୟତୀତ ଖାଦ୍ୟ ଏବଂ ପାନୀୟ ପଦାର୍ଥର ଶୁଦ୍ଧତା ପରୀକ୍ଷା କରିବାକୁ ବ୍ୟବହାର କରୁଥିଲେ। ସେମାନେ ଜଙ୍ଗଲରେ ବୁଲୁଥିବା ସମୟରେ କୌଣସି ସ୍ଥାନରୁ ପାଣି ପିଇବା ପୂର୍ବରୁ ଏହା ବିଷାକ୍ତ କି ନୁହେଁ ଜାଣିବା ଲାଗି ସେଥିରେ ରୁଦ୍ରାକ୍ଷ ବୁଡ଼ାଉଥିଲେ। ଯଦି କ୍ଲକ୍ୱାଇଜ୍ ବୁଲିଲା ତେବେ ପାଣି ଶୁଦ୍ଧ ଏବଂ ଆଣ୍ଟି କ୍ଲକ୍ ୱାଇଜ୍ ବୁଲିଲେ ପାଣି ବିଷାକ୍ତ ବୋଲି ଜାଣିପାରୁଥିଲେ।



- ସାଧାରଣତଃ ୧୦୮ଟି ରୁଦ୍ରାକ୍ଷଯୁକ୍ତ ମାଳା ଲୋକ ପିନ୍ଧିଥା'ନ୍ତି। କେହି କେହି ଏହାଠାରୁ କମ୍ ବି ବ୍ୟବହାର କରିଥା'ନ୍ତି। ତେବେ ଗୋଟିଏ ମାଳାରେ ସର୍ବନିମ୍ନ ୮୪ଟି ରୁଦ୍ରାକ୍ଷ ରହିବା ଦରକାର।
- ଏହି ମାଳା ପିନ୍ଧିଲେ ଏହାର ସୁଫଳ ପାଇବା ଲାଗି ଆମିଷ ନ ଖାଇବା, ଘରଦ୍ୱାର ସଫା ରଖିବା, ନିଶା ସେବନଠୁ ଦୂରେଇ ରହିବା, ବଡ଼ଙ୍କୁ ସମ୍ମାନ ଦେବା ଭଳି ବିଭିନ୍ନ ଦିଗକୁ ନେଇ କେତେକ ନିୟମ ରହିଛି।
- କୁହାଯାଏ, ରୁଦ୍ରାକ୍ଷ ସବୁବେଳେ ଭଲପିନ୍ଧିବା ଦରକାର। ଅର୍ଥାତ୍ ଭଙ୍ଗା, ପୋକଖିଆ ରୁଦ୍ରାକ୍ଷ ପିନ୍ଧିବା ଠିକ୍ ନୁହେଁ। ହେଲେ ଏହାକୁ ପିନ୍ଧିବା ପୂର୍ବରୁ ଶିବଲିଙ୍ଗ ସହ ଏହାର ଅଭିଷେକ କରିବା ଦରକାର।
- ରୁଦ୍ରାକ୍ଷ ପିନ୍ଧିବା ଦ୍ୱାରା ଈଶ୍ୱରକୃପା ମିଳିଥାଏ ଏବଂ ସକାରାତ୍ମକ ଶକ୍ତି ମିଳିଥାଏ। କେବଳ ଏତିକି ନୁହେଁ, ଏହା ବିଭିନ୍ନ ଚର୍ମରୋଗ, ସ୍ନାୟୁ ରୋଗ, ରକ୍ତଚାପ ଆଦି ସମସ୍ୟା ବି ଦୂର କରିଥାଏ।



## ୨୮ରେ ରତ୍ନଭଣ୍ଡାର ବାହାର କାନ୍ଥର ଲେଜର ସ୍କାନିଂ ହେବ

**ପୁରୀ, ୨୫।୧୧ (ଅଜିତ୍ ମହାନ୍ତି)**

ଶ୍ରୀମନ୍ଦିର ପ୍ରଶାସନର ନିଷ୍ପତ୍ତି ଅନୁଯାୟୀ ଆସନ୍ତା ୨୮ ତାରିଖରେ ଶ୍ରୀମନ୍ଦିର ବାହାର ରତ୍ନଭଣ୍ଡାର କାନ୍ଥର ଲେଜର ସ୍କାନିଂ କରାଯିବ। ଏନେଇ ପୂର୍ବରୁ ଅନୁଷ୍ଠିତ ହୋଇଥିବା ବୈଠକରେ ନିଷ୍ପତ୍ତି ହୋଇସାରିଛି। କାର୍ତ୍ତିକ ମାସର ଗହଳି କମିବା ପରେ ଅର୍ଥାତ କାର୍ତ୍ତିକ ପୂର୍ଣ୍ଣିମା ପରଦିନ କାର୍ଯ୍ୟ କରାଯିବାକୁ ନିଷ୍ପତ୍ତି ନିଆଯାଇଥିଲା। ଏହି କାର୍ଯ୍ୟ ପାଇଁ ସମସ୍ତ ଆନୁଷଙ୍ଗିକ ସାମଗ୍ରୀ ଏଏସ୍ଆଇ ନିକଟରେ ପହଞ୍ଚିସାରିଥିବା ସୂଚନା ମିଳିଛି। ତେବେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାସ କହିଛନ୍ତି, ଏହି ଦାୟିତ୍ୱ ଏଏସ୍ଆଇକୁ ଦିଆଯାଇଛି। ଏଏସ୍ଆଇ ନିର୍ଦ୍ଦିଷ୍ଟ ସମୟ ଦେଖି କାର୍ଯ୍ୟ କରିବେ। ଭିଡ଼ କମିଲା ପରେ ସେମାନେ ସୁରୁଖୁରୁରେ କାର୍ଯ୍ୟ କରିବେ ବୋଲି ଦାସ କହିଛନ୍ତି।

# ମନ୍ଦିରକୁ ଧସେଇ ପଶିଲେ ଶ୍ରଦ୍ଧାଳୁ

### ଧବଳେଶ୍ୱରଙ୍କ ବଡ଼ସିଂହାର ବେଶ

- ବ୍ୟାରିକେଡ୍‌କୁ ନେଇ ଉପୁଜିଥିଲା ବିବାଦ
- ଜିଲାପାଳଙ୍କ ହସ୍ତକ୍ଷେପ ପରେ ଧାରଣା ପ୍ରତ୍ୟାହୃତ

**ଖୁଣ୍ଟୁଣୀ, ୨୫।୧୧ (ସଚ୍ଚିଦାନନ୍ଦ ପଣ୍ଡା)**


ଧବଳେଶ୍ୱର ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼।


ଧବଳେଶ୍ୱରଙ୍କ ବଡ଼ସିଂହାର ବେଶ

କଟକ ଜିଲା ଆଠଗଡ଼ର ପ୍ରସିଦ୍ଧ ଧବଳେଶ୍ୱର ମନ୍ଦିରର ପୂଜକ ଓ ପ୍ରଶାସନ ମଧ୍ୟରେ ଲାଗି ରହିଥିବା ବିବାଦ ଶୁକ୍ରବାର ବିଳମ୍ବିତ ରାତିରେ ଅନ୍ତ ଘଟିଛି। ଜିଲାପାଳ ନରହରି ସେଠୀଙ୍କ ହସ୍ତକ୍ଷେପ ପରେ ପୂଜକମାନେ ଧାରଣାରୁ ହଟିଛନ୍ତି। ଶନିବାର ବଡ଼ଓଷା ଅବସରରେ ଭୋର ୪ଟାରୁ ପୂଜକମାନେ ନୀତି ସମ୍ପନ୍ନ କରିବା ପରେ ବିଭିନ୍ନ ଫୁଲରେ ବାବା ଧବଳେଶ୍ୱରଙ୍କୁ ବଡ଼ସିଂହାର ବେଶରେ ସଜ୍ଜିତ କରିଥିଲେ। ଏଥିସହ ବାଳଭୋଗ, ଖେଚୁଡ଼ି ଭୋଗ ଓ ଘର୍ଷଣ ଭୋଗ ଲାଗି କରିବା ପରେ ୫ଟାରେ ଭକ୍ତଙ୍କ ପାଇଁ ମନ୍ଦିର ଦ୍ୱାର ଖୋଲାଯାଇଥିଲା। ଶୁକ୍ରବାର ଦେଖାଦେଇଥିବା ବିବାଦ ଯୋଗୁ ଠାକୁରଙ୍କ ଦର୍ଶନରୁ ବଞ୍ଚିତ ହୋଇଥିବା ବହୁସଂଖ୍ୟକ ଶ୍ରଦ୍ଧାଳୁ ମନ୍ଦିର ଦ୍ୱାରା ଖୋଲାଯିବା ମାତ୍ରେ ଭିତରକୁ ଧସେଇ ପଶିଥିଲେ। ଏହାଦ୍ୱାରା କବାଟର କୁମ୍ଭୁଡା ଉପୁଡିଯାଇଥିଲା। ହେଲେ କବାଟ ଭାଙ୍ଗିନାହିଁ। କବାଟ ଭାଙ୍ଗିବା ଖବର କେତେକ ଗଣମାଧ୍ୟମରେ ପ୍ରକାଶ ପାଇଛି, ଯାହା ସମ୍ପୂର୍ଣ୍ଣ ମିଥ୍ୟା ଓ କପୋଳକଳ୍ପିତ ବୋଲି ଆଠଗଡ଼ ଦେବୋତ୍ତର ମୁଖ୍ୟ ଉପଜିଲାପାଳ ପ୍ରଶାନ୍ତ କୁମାର ତରାଇ କହିଛନ୍ତି।

ପୂର୍ବ ନିଷ୍ପତ୍ତି ଅନୁଯାୟୀ ବ୍ୟାରିକେଡ୍ ବ୍ୟବସ୍ଥା ନ ହେବା ଓ ସାଇକେଲ ଷ୍ଟାଣ୍ଡ ଦୁଇଜଣଙ୍କୁ ନିଲାମ ଦେବା ଫଳରେ ପୂଜକ ସମାଜ କ୍ଷତିଗ୍ରସ୍ତ ହେବା ଅଭିଯୋଗ କରି ଶୁକ୍ରବାର ସକାଳ ୯ଟାରୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ପୂଜକମାନେ ମନ୍ଦିର ମୁଖ୍ୟ ଦ୍ୱାର ଆଗରେ ଧାରଣାରେ ବସିଥିଲେ। ଏଥିଯୋଗୁ ବିଭିନ୍ନ ସ୍ଥାନରୁ ଆସିଥିବା ଭକ୍ତମାନେ ଠାକୁର ଦର୍ଶନରୁ ବଞ୍ଚିତ ହୋଇଥିଲେ। ଅତିରିକ୍ତ ଜିଲାପାଳ ଉମାକାନ୍ତ ରାଜ, ଏସ୍‌ପି ମିହିର କୁମାର ପଣ୍ଡା, ଅତିରିକ୍ତ ଏସ୍‌ପି ଦେବଦତ୍ତ ବରାଳ, ପୂର୍ବତନ ଉପଜିଲାପାଳ ହେମନ୍ତ କୁମାର ସ୍ୱାଇଁ, ଆଠଗଡ଼ ଉପଜିଲାପାଳ ପ୍ରଶାନ୍ତ କୁମାର ତରାଇ, ଦେବୋତ୍ତର ସୁପରଭାଇଜର ଭବାନୀ ଶଙ୍କର ପଣ୍ଡା, ଗୁରୁଡିଝାଟିଆ ଥାନା ଅଧିକାରୀ ସୁମନ୍ତ କିଷାନ ଓ ଚୌଦ୍ୱାର ଏସ୍‌ଡିପିଓ ଉମାକାନ୍ତ ନାୟକ ଧାରଣାସ୍ଥଳରେ ପହଞ୍ଚି ପୂଜକମାନଙ୍କୁ ବୁଝାଶୁଝା କରିଥିଲେ ମଧ୍ୟ ସେମାନେ ନିଜ ଜିଦ୍‌ରେ ଅଟଳ ଥିଲେ। ଜିଲାପାଳ ପ୍ରତିଶ୍ରୁତି ଦେବା ପରେ ଧାରଣାରୁ ହଟିବୁ ବୋଲି କହିଥିଲେ। ଶେଷରେ ରାତି ପ୍ରାୟ ୨ଟାରେ ଜିଲାପାଳ ସେଠୀ ପହଞ୍ଚି ଆଲୋଚନା କରିବା ପରେ ପୂଜକମାନେ ଧାରଣା ପ୍ରତ୍ୟାହାର କରିନେଇଥିଲେ। ପୂଜକ ସମାଜ ସଭାପତି ବିଷ୍ଣୁ ଚରଣ ପତ୍ରୀ କହିଛନ୍ତି, ଜିଲାପାଳଙ୍କ ସହିତ ଆଲୋଚନା ପରେ ବ୍ୟାରିକେଡ୍ ବ୍ୟବସ୍ଥା ସୁଧାରିବାକୁ ସେ କହିଛନ୍ତି। ଆଠଗଡ଼ ଦେବୋତ୍ତର ପ୍ରଶାସନ ଆଗାମୀ ଦିନରେ ଆଉ ଦୁଇଜଣଙ୍କୁ ସାଇକେଲ ଷ୍ଟାଣ୍ଡ ନିଲାମ ନ ଦେଇ ଜଣଙ୍କୁ ଦେବେ। ଏଥିରୁ ଆଦାୟ ଅର୍ଥ ପୂଜକ ଓ ଠାକୁରଙ୍କ ସେବାରେ ଲଗାଯିବ। ଜିଲାପାଳଙ୍କ ଏଭଳି ନିଷ୍ପତ୍ତିରେ ଖୁସି ଅଛୁ। ଆଲୋଚନାରେ ପୂଜକ ସମିତି ସଭାପତି ପତ୍ରୀ, ଆଲୋକ ପତ୍ରୀ, ପ୍ରଶାନ୍ତ ପତ୍ରୀ, ପ୍ରକାଶ ପତ୍ରୀ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଶନିବାର ମଧ୍ୟରାତିରେ ଠାକୁରଙ୍କ ନିକଟରେ ଗଜଭୋଗ ଓ ତରଣ ଲାଗି କରାଯିବ ବୋଲି ପୂଜକ ସମାଜ ସଭାପତି ପତ୍ରୀ କହିଛନ୍ତି।




































# '୩୩,୦୦୦ କୋଟିରେ ପହଞ୍ଚିଛି ଗ୍ରାମୀଣ ବ୍ୟବସାୟ'

## ଏଫ୍‌ପିଓ ଏବଂ ଏସ୍‌ଏଚ୍‌ଜିଙ୍କ ଦକ୍ଷତା ବୃଦ୍ଧି ପାଇଁ ନାବାର୍ଡର ରାଜ୍ୟସ୍ତରୀୟ ସମ୍ମିଳନୀ

ଭୁବନେଶ୍ୱର,୨୫।୧୧ (ଅଭୟ ଦାଶ)




ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କୃଷକ ଉତ୍ପାଦ ସଙ୍ଗଠନ (ଏଫ୍‌ପିଓ) ଏବଂ ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି)ଙ୍କ ମାଧ୍ୟମରେ ଦେଶର କୃଷକ, ଗ୍ରାମୀଣ ମହିଳାମାନଙ୍କୁ ସଶକ୍ତ କରିବାର ଦାୟିତ୍ୱ ନେଇଛନ୍ତି ବୋଲି ଶନିବାର ନାବାର୍ଡ ପକ୍ଷରୁ ଆୟୋଜିତ 'ଷ୍ଟେଟ୍ ଲେଭଲ କନ୍‌କ୍ଲେଭ'ରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ଉଲ୍ଲେଖଯୋଗ୍ୟ, ନାବାର୍ଡ ପକ୍ଷରୁ ଭୁବନେଶ୍ୱରଠାରେ ଆୟୋଜିତ ଏଫ୍‌ପିଓ ଓ ଏସ୍‌ଏଚ୍‌ଜିଙ୍କର ଦକ୍ଷତା ବୃଦ୍ଧି ସହ ସେମାନଙ୍କୁ ସଶକ୍ତୀକରଣ କରିବା ଲକ୍ଷ୍ୟରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ଯୋଗଦେଇ ପ୍ରଧାନ ଏହା କହିଛନ୍ତି। ଆମ ଦେଶର ଗ୍ରାମୀଣ ବିକାଶ ଏବଂ ସଶକ୍ତୀକରଣରେ ନାବାର୍ଡର ବିଶେଷ ଭୂମିକା ରହିଆସିଛି। ଏପରିକି ଓଡ଼ିଶାର ଗ୍ରାମାଞ୍ଚଳରେ ଆର୍ଥିକ ବ୍ୟବସାୟ ପାଇଁ ୨୦୧୪ରେ ୧୩,୦୦୦ କୋଟି ଟଙ୍କା ବ୍ୟୟବରାଦ ହେଉଥିବା ବେଳେ ୨୦୨୩ରେ ଉକ୍ତ ଆର୍ଥିକ ପ୍ରବନ୍ଧନ ଅଢେଇ ଗୁଣା ବୃଦ୍ଧି ପାଇ ୩୩,୦୦୦କୋଟି ଟଙ୍କାରେ ପହଞ୍ଚିଛି। ବିଶେଷକରି ଏଫ୍‌ପିଓ ଏବଂ ଏସ୍‌ଏଚ୍‌ଜିଙ୍କୁ କମ୍ ସୁଧରେ ତଥା ନାମକୁମାତ୍ର ଋଣ ପ୍ରଦାନ କରିବା ବହୁତ ସହଜ ହୋଇଛି। କେନ୍ଦ୍ର ସରକାର ଏସ୍‌ଏଚ୍‌ଜିମାନଙ୍କୁ ୧୧% ସୁଧରେ ଋଣ ଦେଉଥିବା ବେଳେ ଉକ୍ତ ଋଣର ୭% କେନ୍ଦ୍ର ସରକାର ପରିଶୋଧ କରୁଥିବା ବେଳେ ରାଜ୍ୟ ସରକାର ୪% ସୁଧ ପରିଶୋଧ କରୁଛନ୍ତି। ଅପରପକ୍ଷରେ ଋଣ ନେଉଥିବା ଏସ୍‌ଏଚ୍‌ଜି ଗ୍ରୁପ୍‌ଗୁଡ଼ିକ ବ୍ୟବସାୟକୁ ବଢାଇ ସ୍ୱାବଲମ୍ବୀ ହେବା ପାଇଁ ଋଣ ଅର୍ଥ ଉପଯୋଗ କରିବା ପାଇଁ ପ୍ରଧାନ ପରାମର୍ଶ ଦେଇଛନ୍ତି। ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱାଧୀନ ସରକାରରେ ଗରିବ, ମହିଳା, ଚାଷୀ ପ୍ରାଥମିକତାରେ ଅଛନ୍ତି। ଓଡ଼ିଶାରେ ପ୍ରତି ବର୍ଷ ୩୩ଲକ୍ଷ ଚାଷୀଙ୍କ ପରିବାରକୁ ପିଏମ୍ କିଷାନ ସମ୍ମାନ ନିଧିରେ ୬ ହଜାର ଟଙ୍କା ଲେଖାଏ ଦିଆଯାଉଛି। ଫସଲ ବୀମା ବାବଦରେ ୫ହଜାର କୋଟି ମିଳୁଛି। ଓଡ଼ିଶାରେ ୪୦୦ଟି ଏଫ୍‌ପିଓ କାମ କରୁଛନ୍ତି। ଭାରତ ସରକାରଙ୍କ ନାବାର୍ଡ ପ୍ରତିବର୍ଷ ମାତ୍ର ୫ରୁ ୬% ସୁଧରେ ଓଡ଼ିଶା ସରକାରଙ୍କୁ ଗ୍ରାମାଞ୍ଚଳରେ ବିକାଶମୂଳକ କାମ ପାଇଁ ଋଣ ଦେଉଛି। ଗରିବ ଘରୁ ଆସୁଥିବା ଲୋକମାନଙ୍କ କମ୍ପାନୀ ତିଆରି କରିବାର ସ୍ୱପ୍ନ ସାକାର ହେଉଛି। ୨କୋଟି ଲକ୍ଷପତି ଦିଦି ବନାଇବାର ଯୋଜନା ହୋଇଛି। ମୋଦିଜୀ ଆଜି ଗ୍ରାମାଞ୍ଚଳର ଲୋକଙ୍କ ଦ୍ୱାରା ଉତ୍ପାଦିତ ସାମଗ୍ରୀର ପ୍ରଚାର ପ୍ରସାର ପାଇଁ ଭୋକାଲ ଫର୍ ଲୋକାଲର ବ୍ରାଣ୍ଡ୍ ଆମ୍ବାସାଡର ହୋଇଛନ୍ତି। ଗ୍ରାମାଞ୍ଚଳରେ ଗରିବ ଲୋକଙ୍କ ଜୀବନରେ ପରିବର୍ତ୍ତନ ଆଣିବା ପାଇଁ ଆମ ସରକାର ପ୍ରତିଶ୍ରୁତିବଦ୍ଧ । ଏହି ଅବସରରେ ଏଫ୍‌ପିଓ ତଥା ଏସ୍‌ଏଚ୍‌ଜିର ମାଆ ଭଉଣୀମାନଙ୍କୁ ସେମାନଙ୍କର ବ୍ୟବସାୟ ବଢ଼ାଇବା ପାଇଁ ପ୍ରଧାନ ନାବାର୍ଡ ପକ୍ଷରୁ ଋଣ ପ୍ରଦାନ କରିଥିଲେ।

## ରୁଚି ଫ୍ରୋଜିଟ୍‌ର ଏକ୍ସକ୍ଲୁସିଭ ଆଉଟ୍‌ଲେଟ୍



ଭୁବନେଶ୍ୱର,୨୫।୧୧

ରୁଚି ଫ୍ରୋଜିଟ୍‌ର ଏକ୍ସକ୍ଲୁସିଭ ଆଉଟ୍‌ଲେଟ୍ ଶନିବାର କଟକସ୍ଥିତ ମଧୁପାଟଣା ଶିଳ୍ପାଞ୍ଚଳ (ରୁଚି କମ୍ପାନୀ ପାଖ)ଠାରେ ଉଦ୍‌ଘାଟିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ରୁଚି ଫୁଡ୍‌ଲାଇନ୍‌ର ନିର୍ଦ୍ଦେଶିକା ସଙ୍ଗୀତା ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରୁଚି ଫୁଡ୍‌ଲାଇନ୍‌ର ପରିଚାଳନା ନିର୍ଦ୍ଦେଶକ ଡ.ଶରତ କୁମାର ସାହୁଙ୍କ ସମେତ ନିର୍ଦ୍ଦେଶିକା ରଶ୍ମି ସାହୁ, ନିର୍ଦ୍ଦେଶକ ଅରବିନ୍ଦ୍ ସାହୁ, ନିର୍ଦ୍ଦେଶିକା ସଲିନା ସାହୁ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଉକ୍ତ ଆଉଟ୍‌ଲେଟ୍‌ରେ ବିଭିନ୍ନ ପ୍ରକାର ଫ୍ରୋଜନ୍ ଫୁଡସ, ରେଡି-ଟୁ-ଇଟ୍,ରେଡି-ଟୁ-କୁକ୍, ସ୍ୱାସ୍ଥ୍ୟୋପଯୋଗୀ ଜିନିଷ, ପ୍ରିମିୟମ୍ ପ୍ରଡ଼କ୍ସ, ମୃଦୁପାନୀୟ ଓ ବିଭିନ୍ନ ପାରମ୍ପରିକ ଖାଦ୍ୟ ଉପଲବ୍ଧ। ସେହିଭଳି ପ୍ରତି କ୍ରୟ ଉପରେ ଫ୍ଲାଟ୍ ୨୦% ର ରିହାତି ୨୦୨୩ ଡିସେମ୍ବର ୫ ପର୍ଯ୍ୟନ୍ତ ଆଉଟଲେଟର ଉଦ୍‌ଘାଟନୀ ଅଫର ଭାବେ ଖାଉଟିମାନେ ପାଇପାରିବେ। ଅପରପକ୍ଷରେ ଫ୍ରୋଜିଟ୍‌ର ଶିଲ୍ପା ଦାସ, ଶ୍ରୀକାନ୍ତ ମହାପାତ୍ର, ଆଦ୍ୟାଶା ପଟ୍ଟନାୟକ, ଅଭିନାଶ ସିଂ, ସାଗ୍ନିକା ମହାପାତ୍ର, ସୋନାଲି ବେହେରା, ସଞ୍ଜୟ ଦାଶ ଏବଂ ଅଂଶୁମାନ ପତି ପ୍ରମୁଖ ଉକ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ରାଷ୍ଟ୍ର ନିର୍ମାଣରେ ଏଲ୍‌ଆଇସିର ଅନନ୍ୟ ଯୋଗଦାନ

ଭୁବନେଶ୍ୱର,୨୫।୧୧

ଭୁବନେଶ୍ୱର ଡିଭିଜନ ଜୀବନବୀମା କର୍ମଚାରୀ ସଂଘ (ବିଡିଏଲ୍‌ଆଇଇଏ)ର ୧୬ ତମ ବାର୍ଷିକ ଉତ୍ସବ ଓ ୨ ଦିନିଆ ଜୀବନବୀମା କର୍ମଚାରୀ ସଂଘ ସମ୍ମିଳନୀ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଏପରିକି ରୂପନାରାୟଣ ସାହୁଙ୍କ ସଭାପତିତ୍ୱରେ ସଭାକାର୍ଯ୍ୟ ଭୁବନେଶ୍ୱରର ପୋଖରୀପୁଟସ୍ଥିତ ଭାରତୀୟ ଜୀବନ ବୀମା ନିଗମ (ଏଲ୍‌ଆଇସି)ର ଡିଭିଜନ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଏଆଇଆଇଆଇଇଏର ବରେଲୀ ଡିଭିଜନର ସାଧାରଣ ସମ୍ପାଦକ ଗୀତା ସାନ୍ତ ସମ୍ମିଳନୀକୁ ଉଦ୍‌ଘାଟନ କରିବା ସହିତ ସେ କେନ୍ଦ୍ର ସରକାରଙ୍କ ଜନବିରୋଧୀ ଆର୍ଥିକ ନୀତିକୁ ତୀବ୍ର ସମାଲୋଚନା କରିଥିଲେ। ସେହିଭଳି ପୂର୍ବ କେନ୍ଦ୍ରୀୟ କ୍ଷେତ୍ରର ସାଧାରଣ ସମ୍ପାଦକ ତ୍ରିନାଥ ଦୋରା କହିଥିଲେ, ବିଗତ ୫୦ବର୍ଷରୁ ଅଧିକ ସମୟ ହେବ ଏଲ୍‌ଆଇସି ଦେଶର ବିକାଶ ଓ ରାଷ୍ଟ୍ର ନିର୍ମାଣରେ ଅନନ୍ୟ ଯୋଗଦାନ ଦେଇଥିବାବେଳେ କେନ୍ଦ୍ର ସରକାର ଏଭଳି ଏକ ସଂସ୍ଥାକୁ ଘରୋଇକରଣ କରିବାକୁ ଯୋଜନା କରୁଛନ୍ତି। ଏପରିକି ଏଲ୍‌ଆଇସି ଭଳି ଏକ ଲାଭଦାୟକ ସଂସ୍ଥାକୁ ଦୁର୍ବଳ କରିବା ସହ ସରକାରୀ ଅଂଶଧନକୁ ବିକ୍ରିକରିବା ପାଇଁ ଯେଉଁ ଅପଚେଷ୍ଟା କରାଯାଉଛି ସେ ବିଷୟରେ ଦୋରା ତୀବ୍ର ନିନ୍ଦା କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଏଲ୍‌ଆଇଇଏର କଟକ ଡିଭିଜନର ସାଧାରଣ ସମ୍ପାଦକ ଅଭୟ କୁମାର ଦାସ, ବ୍ରହ୍ମପୁର ଡିଭିଜନର ସାଧାରଣ ସମ୍ପାଦକ ସନ୍ତୋଷ କୁମାର ରଥ ଏବଂ ସମ୍ବଲପୁର ଡିଭିଜନର ସାଙ୍ଗଠନିକ ସମ୍ପାଦକ ଆଶିଷ କୁମାର ମହାପାତ୍ରଙ୍କ ସମେତ ସାଧାରଣ ବୀମା ଶିଳ୍ପର ସାଧାରଣ ସମ୍ପାଦକ ଦେବାଶିଷ ନାୟକ ପେନ୍‌ସନ ସଂଘର ସାଧାରଣ ସମ୍ପାଦକ ମାନଗୋବିନ୍ଦ ବାରିକ, ଭୁବନେଶ୍ୱର ମଣ୍ଡଳର ବରିଷ୍ଠ ମଣ୍ଡଳ ପ୍ରବନ୍ଧକ ମନୋରଞ୍ଜନ ଦାସ ଓ ଅନ୍ୟମାନେ ଯୋଗଦେଇ ନିଜ ନିଜର ମତ ଉପସ୍ଥାପନ କରିଥିଲେ। ପରିଶେଷରେ ସଂଘର ସାଧାରଣ ସମ୍ପାଦକ ଭାରତ ଭୂଷଣ ନାଏକ ବାର୍ଷିକ ବିବରଣୀ ପାଠ କରିଥିଲାବେଳେ ସାଙ୍ଗଠନିକ ସମ୍ପାଦକ ରମାକାନ୍ତ ଦାଶ ଧନ୍ୟବାଦ ଦେଇଥିଲେ।




ଭୁବନେଶ୍ୱର ଠାରେ ଆୟୋଜିତ୨ ଦିନିଆ ଜୀବନବୀମା କର୍ମଚାରୀ ସଂଘ ସମ୍ମିଳନୀରେ ଯୋଗଦେଇଥିବା ଅତିଥିମାନେ ଉପସ୍ଥିତ ଅଛନ୍ତି।

# ବିଜିୟୁର ୬ଷ୍ଠ ସମାବର୍ତ୍ତନ ଉତ୍ସବ




ଭୁବନେଶ୍ୱର,୨୫।୧୧

ରାଜ୍ୟର ପ୍ରମୁଖ ଘରୋଇ ଶିକ୍ଷାନୁଷ୍ଠାନ ବିର୍ଲା ଗ୍ଲୋବାଲ ୟୁନିଭର୍ସିଟି (ବିଜିୟୁ)ର ୬ଷ୍ଠ ସମାବର୍ତ୍ତନ ଉତ୍ସବ ଶନିବାର ବିଶ୍ୱବିଦ୍ୟାଳୟର ଭୁବନେଶ୍ୱର କ୍ୟାମ୍ପସରେ ଅନୁଷ୍ଠିତ ହୋଇଯାଇଛି। ବିଶେଷକରି ବିଜିୟୁର ୨୦୨୧-୨୩ ବ୍ୟାଚ୍‌ର ସ୍ନାତକୋତ୍ତର ଏବଂ ୨୦୨୦-୨୩ ବ୍ୟାଚ୍‌ର ସ୍ନାତକ ଛାତ୍ରୀଛାତ୍ରମାନଙ୍କ ପାଇଁ ଉକ୍ତ ସମାର୍ବତ୍ତନ ଉତ୍ସବ ଆୟୋଜିତ ହୋଇଥିଲା। ଏହି ପରିପ୍ରେକ୍ଷୀରେ ବିଜିୟୁର ମ୍ୟାନେଜମେଣ୍ଟ, କମ୍ୟୁନିକେଶନ, କମର୍ସ, ସୋସିଆଲ ସାଇନ୍ସ ଏବଂ ଲ'ବିଭାଗର କୃତୀ ଛାତ୍ରୀଛାତ୍ରମାନଙ୍କୁ ଡିଗ୍ରୀ ଏବଂ ସ୍ୱର୍ଣ୍ଣପଦକ ପ୍ରଦାନ କରାଯାଇଥିଲାବେଳେ ମହିନ୍ଦ୍ରା ଡିଫେନ୍ସ ଆଣ୍ଡ୍ ଏରୋସ୍ପେସ୍‌ର ଅଧ୍ୟକ୍ଷ ପ୍ରକାଶ ଶୁକ୍ଳା ଏବଂ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କୁ ବିର୍ଲା ଗ୍ଲୋବାଲ୍ ୟୁନିଭର୍ସିଟି ପକ୍ଷରୁ ସମ୍ମାନଜନକ ଡି. ଲିଟ୍ ଉପାଧି ପ୍ରଦାନ କରାଯାଇଛି। ସେହିଭଳି ବିର୍ଲା ଏକାଡେମି ଅଫ୍ ଆର୍ଟ ଆଣ୍ଡ୍ କଲ୍‌ଚର ଏବଂ ବିର୍ଲା ଗ୍ଲୋବାଲ ୟୁନିଭର୍ସିଟିର ଅଧ୍ୟକ୍ଷା ଜୟଶ୍ରୀ ମୋହତା ସମାବର୍ତ୍ତନ ଉତ୍ସବରେ ସଭାପତିତ୍ୱ କରିଥିଲେ। ଡିଗ୍ରୀ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ଶୁକ୍ଳା ଅଭିନନ୍ଦନ ଜଣାଇବା ସହ ବ୍ୟକ୍ତିଗତ ଓ ବୃତ୍ତିଗତ ଜୀବନ ମଧ୍ୟରେ ଆବଶ୍ୟକ ହେଉଥିବା ସନ୍ତୁଳନକୁ ବଜାୟ ରଖିବା ଉପରେ ଶୁକ୍ଳା ଗୁରୁତ୍ୱାରୋପ କରିଥିଲେ। ଏପରିକି ଏକ ଟିମ୍ ମଧ୍ୟରେ କାର୍ଯ୍ୟ କରିବାର ପ୍ରାଧାନ୍ୟକୁ ଜଣେ ଅନୁଭବ କରିବା ସହ ସଂସ୍ଥାର ନିର୍ଭରଯୋଗ୍ୟ ବ୍ୟକ୍ତି ରୂପେ ପାରଦର୍ଶିତା ଲାଭ କରିବା ଉଚିତ ବୋଲି ସେ ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି। ବିଜିୟୁର ଭିସି ପ୍ରଫେସର ପି.ପି.ମାଥୁର ବିଶ୍ୱବିଦ୍ୟାଳୟର ବାର୍ଷିକ ବିବରଣୀ ସହ ବିଶ୍ୱବିଦ୍ୟାଳୟର ସଫଳତା ଆଦି ବିଷୟରେ ବିସ୍ତୃତ ଭାବେ ମତପ୍ରକାଶ କରିଥିଲେ। ଉକ୍ତ ଉତ୍ସବରେ ବିଜିୟୁର ବୋର୍ଡ ଅଫ୍ ଗଭର୍ନର୍ସ ଏବଂ ବୋର୍ଡ ଅଫ୍ ମ୍ୟାନେଜମେଣ୍ଟର ସଦସ୍ୟ, ଫାକଲ୍ଟି, ଛାତ୍ରୀଛାତ୍ର ଏବଂ ଅଭିଭାବକମାନେ ଉପସ୍ଥିତ ଥିଲେ।

ଫୁର୍‌ସତ୍

# ସମ୍ବିଧାନ ପ୍ରତି ନାଗରିକଙ୍କ ପ୍ରତିବଦ୍ଧତା



**ଭା**ରତୀୟ ଜନସାଧାରଣଙ୍କ ମୌଳିକ ଅଧିକାରର ସୁରକ୍ଷା କ୍ଷେତ୍ରରେ ସମ୍ବିଧାନ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ସମ୍ବିଧାନ ମୌଳିକ ଅଧିକାରକୁ ସୁନିଶ୍ଚିତ କରେ। ଏହା ମୌଳିକ ଅଧିକାରର ସୁରକ୍ଷା କବଚ ପାଲଟି ଥାଏ। ୨୬ ନଭେମ୍ବର ୧୯୪୯ରେ, ଭାରତର ସମ୍ବିଧାନକୁ ଗ୍ରହଣ କରାଯାଇଥିଲା। ପରେ ଏହା ୨୬ ଜାନୁୟାରୀ ୧୯୫୦ରେ କାର୍ଯ୍ୟକାରୀ ହୋଇଥିଲା। ତେଣୁ ପ୍ରତିବର୍ଷ ନଭେମ୍ବର ୨୬କୁ ଭାରତରେ ସମ୍ବିଧାନ ଦିବସ ଭାବେ ପାଳନ କରାଯାଇଥାଏ।

ଏହି ଅବସରରେ ଭାରତୀୟ ସମ୍ବିଧାନ ପ୍ରତି ନାଗରିକଙ୍କ ପ୍ରତିବଦ୍ଧତା ଏବଂ ଦାୟିତ୍ୱବୋଧ ସମ୍ପର୍କରେ ସଚେତନତା ସୃଷ୍ଟି କରାଯାଇଥାଏ। ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରାଯାଇ ସଚେତନତା ବାର୍ତ୍ତା ପ୍ରସାରିତ ହୋଇଥାଏ। ମେ ୨୦୧୫ରେ, ସମ୍ବିଧାନ ପ୍ରଣେତା ବି.ଆର୍. ଆମ୍ବେଡକରଙ୍କ ୧୨୫ତମ ଜନ୍ମ ବାର୍ଷିକୀ ଅବସରରେ ସାମାଜିକ ନ୍ୟାୟ ଏବଂ ସଶକ୍ତୀକରଣ ମନ୍ତ୍ରଣାଳୟ ଏହି ଦିନକୁ ୨୬ ନଭେମ୍ବରରେ ସମ୍ବିଧାନ ଦିବସ ଭାବରେ ପାଳନ କରିବାକୁ ନିଷ୍ପତ୍ତି ନେଇଥିଲା। ଏହି ଦିନ ପାଳନ କରିବାର ଉଦ୍ଦେଶ୍ୟ ଥିଲା ଦେଶର ନାଗରିକଙ୍କ ମନରେ ସାମ୍ବିଧାନିକ ମୂଲ୍ୟବୋଧକୁ ପ୍ରୋତ୍ସାହିତ କରିବା ଏବଂ ସମ୍ମାନ ଦେବା। ଗେଜେଟ ବିଜ୍ଞପ୍ତି ୧୯ ନଭେମ୍ବର ୨୦୧୫ରେ ଭାରତ ସରକାର ୨୬ ନଭେମ୍ବରକୁ ସମ୍ବିଧାନ ଦିବସ ଭାବରେ ପାଳନ କରିବାକୁ ଘୋଷଣା କରିଥିଲେ। ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୧୧ ଅକ୍ଟୋବର ୨୦୧୫ରେ ମୁମ୍ବାଇରେ ସମ୍ବିଧାନ ପ୍ରଣେତା ବି.ଆର୍. ଆମ୍ବେଡକରଙ୍କ ଷ୍ଟାଚ୍ୟୁ ଅଫ ଇକ୍ୱାଲିଟି ମେମୋରିଆଲର ଶିଳାନ୍ୟାସ ଅବସରରେ ଘୋଷଣା କରିଥିଲେ।

## ସମ୍ବିଧାନ ଦିବସରେ ସଚେତନତା ବାର୍ତ୍ତା

# ୨୫ ବର୍ଷ ପରେ କରନ୍‌ଙ୍କ ସହ ସଲମାନ

**ମୁମ୍ବାଇ:** ବଲିଉଡ୍ ଭାଇଜାନ୍ ସଲମାନ ଖାନ୍ ଏବଂ ନିର୍ଦ୍ଦେଶକ କରନ୍ ଜୋହର ୨୫ ବର୍ଷ ପୂର୍ବେ ଏକାଠି ଏକ ଫିଲ୍ମ କରିଥିଲେ। ଏହାପରେ ସେମାନେ ଏକ ପ୍ରୋଜେକ୍ଟ କରିବାର ଯୋଜନା କରିଥିଲେ ମଧ୍ୟ ତାହା ଏପର୍ଯ୍ୟନ୍ତ ସଫଳ ହୋଇପାରିନାହିଁ। ତେବେ ଏତେ ବର୍ଷ ପରେ ସେମାନେ ଏକାଠି ଥିବା ଏକ ଫିଲ୍ମ ଆସିବାକୁ ଯାଉଛି। ଏନେଇ ଭାଇଜାନ୍ ନିଜେ ଫିଲ୍ମର ନାମ ଘୋଷଣା କରି ଖବରକୁ ନିଶ୍ଚିତ କରିଛନ୍ତି। ଭାଇଜାନ୍ ଏକ ସାକ୍ଷାତ୍‌କାରରେ କହିଛନ୍ତି, ସେ 'ଦି ବୁଲ୍' ନାମକ ଏକ ଫିଲ୍ମ କରୁଛନ୍ତି। ଏହାପରେ ଦବଙ୍ଗ ଆସିବ, କିକ୍ ଆସିବ। ଏହିପରି ୩-୪ଟି ଫିଲ୍ମ ଆସୁଛି। ବିଷ୍ଣୁ ବର୍ଦ୍ଧନ ଏହି ମୁଭିରେ ନିର୍ଦ୍ଦେଶନା ଦେଇଥିବାବେଳେ ପୂର୍ବରୁ କରନ୍ ଏକ ସାକ୍ଷାତ୍‌କାରରେ ସେ 'ଦି ବୁଲ୍' ନାମକ ଏକ ମୁଭିରେ କାମ କରିବା ନେଇ ପ୍ରକାଶ କରିଥିଲେ। ତେବେ ୧୯୯୮ର ସିନେମା 'କୁଛ୍ କୁଛ୍ ହୋତା ହୈ' ପରେ ସଲମାନ୍ ଏବଂ କରନ୍‌ଙ୍କୁ ଏବେ ଏକାଠି ଦେଖିବାକୁ ମିଳିବ। ଟାଇଗର ପରେ ଏହା ସଲମାନ୍‌ଙ୍କ ପରବର୍ତ୍ତୀ ମୁଭି ହେବ। ଫିଲ୍ମଟି ନଭେମ୍ବର ୨୦୨୪ରେ ପ୍ରେକ୍ଷାଳୟକୁ ଆସିବ।



# ଶ୍ୱେତ ବିପ୍ଳବ

## ଜାତୀୟ ଦୁଗ୍ଧ ଦିବସ



**ଶ୍ୱେତ** ବିପ୍ଳବର ଜନକ ଡ. ଭର୍ଗିଜ କୁରିନଙ୍କ ସମ୍ମାନରେ ପ୍ରତି ବର୍ଷ ଭାରତରେ ନଭେମ୍ବର ୨୬ରେ ଜାତୀୟ ଦୁଗ୍ଧ ଦିବସ ପାଳିତ ହୋଇଥାଏ। ଅପରେଶନ ଫ୍ଲଡ୍ ବା ଶ୍ୱେତ ବିପ୍ଳବରେ ସେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ ; ଯାହା ଦେଶର ସର୍ବବୃହତ୍ ନିଜସ୍ୱ ସ୍ଥାୟୀ ଉଦ୍ୟୋଗର ସ୍ଥିତି ଅଭିମୁଖେ ଭାରତର ଦୁଗ୍ଧ ଉଦ୍ୟୋଗକୁ ସୁଦୃଢ଼ କରିଥିଲା। ଭାରତୀୟ ଦୁଗ୍ଧ ସଂଗଠନ ଦ୍ୱାରା ନିଆଯାଇଥିବା ପଦକ୍ଷେପ ଅନ୍ତର୍ଗତ ୨୦୧୪ମସିହାରୁ ପ୍ରତି ବର୍ଷ ଦେଶରେ ଏହି ଦିବସ ପାଳିତ ହେଉଛି ।

ଭାରତର ଅର୍ଥନୈତିକ ସର୍ଭେ ୨୦୨୧-୨୦୨୨ଅନୁସାରେ, ଦୁଗ୍ଧ ଉତ୍ପାଦନରେ ଭାରତ ପ୍ରଥମ ସ୍ଥାନ ହାସଲ କରିଛି। ବିଶ୍ୱ ଦୁଗ୍ଧ ଉତ୍ପାଦନର ୨୩ପ୍ରତିଶତ ଯୋଗଦାନ ମଧ୍ୟ ଭାରତରେ ରହିଛି । ସେତିକି ନୁହେଁ, ଦୁଗ୍ଧ ହେଉଛି ଏକ ସର୍ବବୃହତ୍ କୃଷିଜାତ ଦ୍ରବ୍ୟ ; ଯାହାର ଜାତୀୟ ଅର୍ଥନୀତିକୁ ୫ ପ୍ରତିଶତ ଯୋଗଦାନ ରହିଛି। ସିଧାସଳଖ ୮କୋଟିରୁ ଊର୍ଦ୍ଧ୍ୱ କୃଷକଙ୍କୁ ଏହା ନିଯୁକ୍ତି ଦେଉଛି। ଭାରତରେ ଦୁଗ୍ଧ ଉତ୍ପାଦନ ବର୍ଷକୁ ୬.୨ ପ୍ରତିଶତ ହାରରେ ବଢ଼ିଛି । ଦୁଗ୍ଧ ଉତ୍ପାଦନରେ ଭାରତକୁ ଆତ୍ମନିର୍ଭରଶୀଳ କରିଥିବା ଡ. ଭର୍ଗିଜ କୁରିନଙ୍କ ପ୍ରୟାସ ଯୋଗୁ ଏ ସମସ୍ତ ଉପଲବ୍ଧି ସମ୍ଭବ ହୋଇପାରିଛି । କୁରିନଙ୍କ ଉଦ୍ଦେଶ୍ୟ ଥିଲା ଦୁଗ୍ଧ ଉତ୍ପାଦନରେ ଭାରତ କିଭଳି ଆତ୍ମନିର୍ଭରଶୀଳ ଓ ଆସନ୍ତା ୩୦ ବର୍ଷ ମଧ୍ୟରେ କିପରି ଚାରି ଗୁଣା ଅଧିକ ଉତ୍ପାଦନ କରିବାକୁ ସକ୍ଷମ ହେବ।

# ୧୬ କୋଟିରେ ଡାକ ଟିକେଟ ନିଲାମ

ନ୍ୟୁୟର୍କ




ବେଳେବେଳେ ଏକ ଛୋଟ ଜିନିଷ ବି ବେଶ୍ ଅମୂଲ୍ୟ ହୋଇଯାଏ। ସାଧାରଣତଃ ଡାକ ଟିକେଟର ମୂଲ୍ୟ ୫ରୁ ଆରମ୍ଭ ହୋଇ ୧୦୦ ଟଙ୍କା ଭିତରେ ହୋଇଥାଏ। ହେଲେ ନିକଟରେ ଏକ ଡାକ ଟିକେଟ ୧୬ କୋଟି ଟଙ୍କାରେ ନିଲାମ ହୋଇଥିବା ଜଣାପଡ଼ିଛି। ଟିକେଟ ଛପାରେ କିଛି ଗଡ଼ବଡ଼ ହେବା କାରଣରୁ ଏହାର ମୂଲ୍ୟ ଏତେ ହୋଇଛି। ୧୯୧୮ ମସିହାର ଏକ ଆମେରିକା ଡାକ ଟିକେଟ ଥିଲା, ଯାହାର ବ୍ୟବହାର ବିଶ୍ୱର ପ୍ରଥମ ନିୟମିତ ରୂପରେ ସରକାରୀ ଏୟାରମେଲ୍ ସେବାର ଟିକେଟ ପାଇଁ କରାଯାଇଥିଲା। ଟିକେଟରେ ସାଧାରଣତଃ ଏକ 'ଜେନି' କର୍ଟିସ୍ ବାଇପଲେନ୍‌କୁ ଉପରକୁ ଦିଗ କରାଇ ରଖାଯାଇଛି। ହେଲେ ଛପା ଦାୟିତ୍ୱରେ ଥିବା ଲୋକେ ସେହି ଚିତ୍ରକୁ ଓଲଟା ଛାପି ଦେଇଥିଲେ। ଏହାପରେ ଯାହା ଚିତ୍ର ହେଲା, ତାହା 'ଇନ୍‌ଭର୍ଟେଡ୍ ଜେନି'ର ଥିଲା। 'ଇନ୍‌ଭର୍ଟେଡ୍ ଜେନି' ଗୋଟେ ୧୦୦ ପିସ୍ ଥିବା ସିଟ୍ ପୂର୍ବରୁ ବିକ୍ରି ହୋଇଥିଲା, ହେଲେ ଏହାର ଏକ ଭୁଲ୍ ଧରାପଡ଼ିବା ପରେ ଏହି ଟିକେଟର ମୂଲ୍ୟ ବଢ଼ିଯାଇଛି। ନ୍ୟୁୟର୍କର ସିଇଗଲ୍ ଅକ୍ଶନ ଗ୍ୟାଲେରିସ୍‌ର ଅଧ୍ୟକ୍ଷ ସ୍କଟ ଟ୍ରିପେଲ୍‌ଙ୍କ କହିବା ଅନୁସାରେ, ଏହା 'ଷ୍ଟାମ୍ପ୍ ସଂଗ୍ରହର ପ୍ରତୀକ' ହୋଇଥିବାରୁ ଅତ୍ୟନ୍ତ ଖାସ୍ ଏବଂ ମହଙ୍ଗା ମଧ୍ୟ। ୧୯୧୮ ମସିହାରେ ସେହି ବିମାନ ବିଶେଷ ଭାବେ ଏତେ ଖାସ୍ ନ ଥିଲା। ସେତେବେଳେ ବହୁତ ଲୋକ ମଧ୍ୟ ସେହି ବିମାନ କିପରି ଦେଖାଯାଏ ତାହା ଜାଣି ନ ଥିଲେ। ସେଥିପାଇଁ ଟିକେଟର ଓଲଟା ଫଟୋ ଲୋକଙ୍କ ନଜରକୁ ଆସି ନ ଥିଲା ବୋଲି ଟ୍ରିପେଲ୍ କହିଛନ୍ତି। ଡାକଘର କିରାଣିଙ୍କୁ ପଚାରିବାରେ, ସେ ସେତେବେଳେ ବିମାନକୁ ଦେଖି ନ ଥିଲେ। ସେଥିପାଇଁ ଟିକେଟ ବିକିବା ସମୟରେ ସେ ଜାଣିପାରି ନ ଥିଲେ।

**ଦିଗନ୍ତଜ୍ୟୋତି ବିଜେଡି ଢେଙ୍କାନାଳ ଜିଲା ସାଧାରଣ ସମ୍ପାଦକ**

ଭୁବନେଶ୍ୱର,(ଅନୀଲ ଦାସ): ଢେଙ୍କାନାଳ ଜିଲା ବିଜେଡି କମିଟି କର୍ମକର୍ତ୍ତା ନିଯୁକ୍ତିରେ କେତେକ ସଂଶୋଧନ କରାଯାଇଛି । ଶନିବାର ଏ ନେଇ ବିଜେଡି ପକ୍ଷରୁ ପ୍ରେସ ବିଜ୍ଞପ୍ତି ଜରିଆରେ ସୂଚନା ଦିଆଯାଇଛି। ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ଶିଶିର କୁମାର ବେହେରାଙ୍କ ସ୍ଥାନରେ ଦିଗନ୍ତଜ୍ୟୋତି ପଟ୍ଟନାୟକଙ୍କୁ ବିଜେଡି ଢେଙ୍କାନାଳ ଜିଲା କମିଟିର ସାଧାରଣ ସମ୍ପାଦକ ଭାବେ ନିଯୁକ୍ତି ଦେଇଥିବା ବେଳେ କାମାକ୍ଷା ନଗର ବ୍ଲକ ସଭାପତି ଲଳିତ ସାହୁଙ୍କ ସ୍ଥାନରେ ପ୍ରଭାସ ରଞ୍ଜନ ମିଶ୍ରଙ୍କୁ ନିଯୁକ୍ତି ଦେଇଛି।


**ଜନ୍ମଦିନର ଶୁଭେଚ୍ଛା**

ନାମ: ....................................

ବୟସ:....................................

ଜନ୍ମ ତାରିଖ: ..............................



ଆଦିଦେବ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ସ୍ୱାଭିମାନର ସହ ଯୁବ ସମାଜ ସ୍ୱାବଲମ୍ବୀ ହେଉ: ଧର୍ମେନ୍ଦ୍ର

## ରାଜ୍ୟସ୍ତରୀୟ ଯୁବ ମହୋତ୍ସବ-୨୦୨୩ ଉଦ୍‌ଘାଟିତ



ଭୁବନେଶ୍ୱର,୨୫।୧୧(ଅନୀଲ ଦାସ)

ଓଡ଼ିଆ ଯୁବ ସମାଜର ଆବଶ୍ୟକତା ହେଉଛି ସମ୍ମାନ ଓ ସ୍ୱାଭିମାନର ସହ ସ୍ୱାବଲମ୍ବୀ ହେବା। ଏଥିପାଇଁ ପରିଶ୍ରମ କରିବା ଦରକାର। କେନ୍ଦ୍ର ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ ଏବଂ ନେହେରୁ ଯୁବ କେନ୍ଦ୍ର ସଙ୍ଗଠନ ଦ୍ୱାରା ଆୟୋଜିତ ରାଜ୍ୟସ୍ତରୀୟ ଯୁବ ମହୋତ୍ସବ-୨୦୨୩କୁ ଶନିବାର ଉଦ୍‌ଘାଟନକରି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହା କହିଛନ୍ତି। ଆମର ଜାତି, ଭାଷାକୁ ଅକ୍ଷୁଣ୍ଣ ରଖିବା ଭଳି ଭାବନା ଯୁବକଙ୍କ ମନରେ ତିଆରି କରିବାକୁ ପଡ଼ିବ। ଏଥିପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କଳ୍ପନାରେ ଆରମ୍ଭ ହୋଇଥିବା 'ମାଇଁ ଭାରତ' ସଂଗଠନ ବିକଶିତ ଭାରତର ନିର୍ମାଣରେ ଯୁବଶକ୍ତିଙ୍କୁ ଏକଜୁଟ କରିବାର ବଡ଼ ସୁଯୋଗ ଦେଇଛି।

ଆୟୋଜିତ କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ଉପସ୍ଥିତ ଛାତ୍ରୀଛାତ୍ର ଏବଂ ଯୁବତୀ ଯୁବକଙ୍କୁ ବିକଶିତ ଭାରତ ପାଇଁ ପଞ୍ଚପ୍ରାଣର ସଂକଳ୍ପ ପାଠ କରାଇଥିଲେ। ଏଥିସହ ସେ କହିଛନ୍ତି, ଆଜିର ଯୁବପିଢ଼ିଙ୍କ କାନ୍ଧରେ ହିଁ ଦେଶ ଚରମ ବୈଭବକୁ ପହଞ୍ଚିବ। ଏଥିଲାଗି ଦାସତ୍ୱ ଓ ବିଦେଶୀ ମାନସିକତାକୁ ଦୂର କରିବାକୁ ହେବ। ଦେଶର କଳା, ସଂସ୍କୃତି ଓ ପରମ୍ପରାକୁ ନେଇ ଗର୍ବ କରିବାକୁ ହେବ। ନାଗରିକ ଭାବେ କେବଳ ଅଧିକାର ନୁହେଁ ବରଂ ସମାଜର କର୍ତ୍ତବ୍ୟ ଓ ଦାୟିତ୍ୱ ନେବାକୁ ପଡ଼ିବ। ଚାକିରି କରିବା ପାଇଁ ନୁହେଁ, ଚାକିରି ଦେବା ପାଇଁ ପ୍ରସ୍ତୁତ ହେବାକୁ ପଡ଼ିବ। ସେ କହିଛନ୍ତି, ଏବେ ସାଧାରଣ ପରିବାରର ପିଲାମାନେ ଏବେ ଅପାର ସମ୍ଭାବନାର ହିମାଳୟ ପର୍ବତର ଶିଖର ଛୁଇଁଛନ୍ତି। ବଲାଙ୍ଗୀରର ୱିଙ୍ଗ୍ କମାଣ୍ଡର ନିଖିଳ ରଥ ମିଶନ 'ଗଗନଯାନ'ର ଅଂଶ ହୋଇଛନ୍ତି। ଓଡ଼ିଆ ବୈଜ୍ଞାନିକ ସୁସ୍ମିତା ମହାନ୍ତିଙ୍କ ନାଁ ଫୋର୍ବ୍ସ ପତ୍ରିକାରେ ସ୍ଥାନ ପାଇଛି। ଓଡ଼ିଆ ତଥା ଶ୍ରୀଜଗନ୍ନାଥ ସଂସ୍କୃତିକୁ ନେଇ ଗବେଷଣା କରୁଥିବା ପ୍ରତୀକ ପଟ୍ଟନାୟକ ହୁଅନ୍ତୁ କି ଉଦ୍ୟୋଗୀ ମିନୁଶ୍ରୀ ମଧୁସ୍ମିତା କିମ୍ବା ୱିକିପିଡିଆରେ ସମ୍ପାଦନା କରୁଥିବା ସଂଗ୍ରାମ ସେନାପତି ହୁଅନ୍ତୁ ସମସ୍ତେ ନିଜ ବଳରେ ଆଗକୁ ବଢ଼ିଛନ୍ତି। ଯାଜପୁର ଜିଲା କୋରେଇ ଅଞ୍ଚଳର ଦେବବ୍ରତ, ସ୍ମୃତିରଞ୍ଜନ, ରଶ୍ମିରଞ୍ଜନ, ଶୁଭକାନ୍ତ ଓ ଜ୍ଞାନରଞ୍ଜନ କରୋନା ସମୟରେ ଲୋକମାନେ କୋଭିଡ୍ ପରୀକ୍ଷା କରୁ ନ ଥିବା ବେଳେ ଏହାର ସମାଧାନ ଚିନ୍ତା କରି ସେମାନେ ଏକ ଭିଡିଓ ତିଆରି କରି ସମାଜରେ ସଚେତନତା ସୃଷ୍ଟି କରିଥିଲେ।

୨୦୩୬ରେ ଓଡ଼ିଶା ଭାଷାଭିତ୍ତିକ ରାଜ୍ୟ ଭାବେ ସ୍ୱତନ୍ତ୍ର ପ୍ରଦେଶ ଗଠନର ୧୦୦ ବର୍ଷ ପୂରଣ କରିବ। ୨୦୪୭ ସୁଦ୍ଧା ଦେଶ ସ୍ୱାଧୀନତାର ୧୦୦ ବର୍ଷ ପୂରଣ କରିବ। ଆଗାମୀ ୨୦୩୬ ଓ ୨୦୪୭ ପାଇଁ ଗାଁରୁ ରାଜ୍ୟ ପର୍ଯ୍ୟନ୍ତ ମୋର ଦାୟିତ୍ୱ କ'ଣ, ତା' ଉପରେ ବିଚାର କରି ଯୁବବର୍ଗମାନେ କାର୍ଯ୍ୟ କରିବା ଆବଶ୍ୟକ ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି।

ରାଜ୍ୟସ୍ତରୀୟ ଯୁବ ମହୋତ୍ସବରେ ଚିତ୍ରାଙ୍କନ, କବିତା ଲେଖନୀ, ବକ୍ତୃତା ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ବ୍ୟତୀତ ମୋବାଇଲ ଫଟୋଗ୍ରାଫି ଭଳି ନୂଆ ପ୍ରତିଯୋଗିତା ଯୋଡ଼ାଯାଇଥିବାରୁ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ଖୁସିବ୍ୟକ୍ତ କରିଥିଲେ।

# ଓଡ଼ିଆ ଚଳଚ୍ଚିତ୍ରର ବିକାଶ ପାଇଁ ରାଜ୍ୟ ସରକାର କୌଣସି ବ୍ୟବସ୍ଥା କରିନାହାନ୍ତି : ଭାଜପା

ଭୁବନେଶ୍ୱର,୨୫।୧୧(ଅନିଲ ଦାସ)

ଓଡ଼ିଆ 'ଫିଲ୍ମ ଇଣ୍ଡଷ୍ଟ୍ରି' ଉପରେ ୨୦ହଜାର ପରିବାର ନିର୍ଭର କରୁଥିଲେ ମଧ୍ୟ ରାଜ୍ୟ ସରକାର ସେମାନଙ୍କ ପାଇଁ କୌଣସି ବ୍ୟବସ୍ଥା କରିନାହାନ୍ତି। ଏପରି କି ସେମାନଙ୍କ ଓଡ଼ିଆ ଫିଲ୍ମର ପ୍ରଚାର ପ୍ରସାର ଲାଗି କୌଣସି ବ୍ୟବସ୍ଥା ହେଉ ନାହିଁ । ଅପରପକ୍ଷେ ରାଜ୍ୟ ସରକାର ଓଡ଼ିଆ ଫିଲ୍ମ କଳାକାରଙ୍କୁ ଗୁରୁତ୍ୱ ନ ଦେଇ ବଲିଉଡ୍ କଳାକାରଙ୍କୁ କୋଟି କୋଟି ଟଙ୍କାଦେଇ ଓଡ଼ିଶାକୁ ଆଣୁଛନ୍ତି। କିନ୍ତୁ ନିଜର କଳାକାର ଓ ଫିଲ୍ମ ପାଇଁ କୌଣସି ବ୍ୟବସ୍ଥା କରୁନାହାନ୍ତି ବୋଲି ବିଧାୟକ ମୋହନ ମାଝୀ କହିଛନ୍ତି। ରାଜ୍ୟର ସମସ୍ତ ବ୍ଲକରେ ପ୍ରେକ୍ଷାଳୟ ନିର୍ମାଣ ଲାଗି ପ୍ରତିଶ୍ରୁତି ଦିଆଯାଇଥିଲେ ବି ଅଦ୍ୟାବଧି ଚଳଚ୍ଚିତ୍ର ଶିଳ୍ପକୁ ସମ୍ପୂର୍ଣ୍ଣ ଅଣଦେଖା କରାଯାଇଛି। ରାଜ୍ୟର ଏକମାତ୍ର କଳିଙ୍ଗ ଷ୍ଟୁଡିଓକୁ ଲିଜ୍‌ସୂତ୍ରରେ ଅନ୍ୟ ଘରୋଇ ସଂସ୍ଥା ହାତକୁ ଟେକି ଦିଆଯାଇଛି। ଚଳଚ୍ଚିତ୍ର ଓ ପ୍ରେକ୍ଷାଳୟ ନିର୍ମାଣ ତଥା ଆନୁଷଙ୍ଗିକ ବ୍ୟବସ୍ଥାର ଉନ୍ନତୀକରଣ ପାଇଁ ଉଦ୍ଦିଷ୍ଟ 'ଚଳଚ୍ଚିତ୍ର ବିକାଶ ନିଗମ'ର କେବଳ ଶାସକ ଦଳ ନେତାଙ୍କ ଥଇଥାନ କେନ୍ଦ୍ର ପାଲଟିଛି। ବର୍ତ୍ତମାନ ସୁଦ୍ଧା କଳାକାର କଲ୍ୟାଣ ବୋର୍ଡ କାହିଁକି ଗଠନ କରାଯାଇ ନାହିଁ ବୋଲି ମୋହନ ପ୍ରଶ୍ନ କରିଛନ୍ତି। ଲୋୟର ପିଏମ୍‌ଜିଠାରେ ଧାରଣା ଦେଇଥିବା ସିନେ କଳାକାର, ଚଳଚ୍ଚିତ୍ର ନିର୍ମାଣ ସହ ସମ୍ପୃକ୍ତ ବିଭିନ୍ନ ବ୍ୟକ୍ତିବିଶେଷ ଓ ଅନୁଷ୍ଠାନକୁ ଭାଜପାର ଏକ ପ୍ରତିନିଧି ଦଳ ଭେଟିଥିଲେ। ଏଥିରେ ରାଜ୍ୟ ଉପସଭାପତି ତଥା ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, କେ.ନାରାୟଣ ରାଓ, ସୁକାନ୍ତ ନାୟକ, ସୂର୍ଯ୍ୟବଂଶୀ ସୁରଜ, ନବ କିଶୋର ମାଝୀ, ବୁଢାନ ମୁର୍ମୁ, ରାଜ୍ୟ ଉପସଭାପତି ଗୋଲକ ମହାପାତ୍ର, ପିଙ୍କି ପ୍ରଧାନ, ସୁଜିତ ଦାସ ପ୍ରମୁଖ ସାମିଲ ଥିଲେ।

# ରାଜସ୍ଥାନରେ ୭୪% ମତଦାନ

ଜୟପୁର,୨୫।୧୧(ପି.ଟି.)

ରାଜସ୍ଥାନ ବିଧାନସଭା ନିର୍ବାଚନ ପାଇଁ ଶନିବାର ମତଦାନ ଶେଷ ହୋଇଛି। କାଁଭାଁ ଗଣ୍ଡଗୋଳକୁ ବାଦ୍ ଦେଲେ ଭୋଟଗ୍ରହଣ ମୋଟାମୋଟି ଶାନ୍ତିପୂର୍ଣ୍ଣ ଥିଲା। ଶେଷ ରିପୋର୍ଟ ସୁଦ୍ଧା ମତଦାନ ହାର ୭୩.୯୨ ପ୍ରତିଶତ ହୋଇଥିବା ନିର୍ବାଚନ କମିଶନଙ୍କ ପକ୍ଷରୁ କୁହାଯାଇଛି। ୧୯୯ ଆସନ ଲାଗି ୫୧,୦୦୦ରୁ ଊର୍ଦ୍ଧ୍ୱ ବୁଥ୍‌ରେ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ମତଦାନ ଚାଲିଥିଲା। ଏପରିକି ଭୋଟକେନ୍ଦ୍ର ମଧ୍ୟରେ ଲାଇନ୍‌ରେ ଥିବା ଲୋକମାନଙ୍କୁ ୬ଟା ପରେ ମଧ୍ୟ ମତଦାନ ପାଇଁ ଅନୁମତି ଦିଆଯାଇଥିଲା। ଡିସେମ୍ବର ୩ରେ ଭୋଟଗଣତି ହୋଇ ଫଳାଫଳ ପ୍ରକାଶ ପାଇବ। ଶ୍ରୀଗଙ୍ଗାନଗରର କରନପୁର ଆସନରେ କଂଗ୍ରେସ ପ୍ରାର୍ଥୀଙ୍କ ମୃତ୍ୟୁ ଯୋଗୁ ସେଠାରେ ନିର୍ବାଚନ ବନ୍ଦ ଥିବାବେଳେ ୧୯୯ ଆସନ ଲାଗି ପ୍ରତିଦ୍ୱନ୍ଦ୍ୱିତାରେ ୧,୮୬୨ ପ୍ରାର୍ଥୀ ଅବତୀର୍ଣ୍ଣ ହୋଇଥିଲେ। ଶାନ୍ତିପୂର୍ଣ୍ଣ ମତଦାନ ପାଇଁ ସାରା ରାଜ୍ୟରେ ୧.୭୦ ଲକ୍ଷ ସୁରକ୍ଷା କର୍ମୀଙ୍କୁ ନିୟୋଜିତ କରାଯାଇଥିଲା।




**ଅଭିନନ୍ଦନ**

ନିରପେକ୍ଷ ଦୈନିକ ଖବରକାଗଜ ଧରିତ୍ରୀର ୫୦ତମ ଜୟନ୍ତୀ ପାଳନ ଅବସରରେ ଓଡ଼ିଶା ତଥା ବଲାଙ୍ଗୀର ଜିଲ୍ଲାର ଜନସାଧାରଣଙ୍କୁ ମାଁ ସମଲେଇ ଓ ଶ୍ରୀଜଗନ୍ନାଥ କୁଶଳରେ ରଖିଥାନ୍ତୁ ।

**ଶ୍ରୀ ଶିବାଜୀ ମହାନ୍ତି**
ଭାରତୀୟ ଜନତା ପାର୍ଟି ବଲାଙ୍ଗୀର ଜିଲ୍ଲା ସଭାପତି,
କଣ୍ଟାବାଞ୍ଜି,ବଲାଙ୍ଗୀର



**ଅଭିନନ୍ଦନ**

ଦୈନିକ ଖବରକାଗଜ ଧରିତ୍ରୀର ୫୦ତମ ଜୟନ୍ତୀ ପାଳନ ଅବସରରେ ଖବରକାଗଜର ଉତ୍ତରୋତ୍ତର ଉନ୍ନତି କାମନା କରିବା ସହିତ ଜଗତରନାଥ ଜଗନ୍ନାଥଙ୍କଠାରେ ଓଡ଼ିଶାବାସୀ ଏବଂ କଣ୍ଟାବାଂଜି ନଗରର ଜନସାଧାରଣଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ ଏବଂ ଶୁଭେଚ୍ଛା ।

**ଶ୍ରୀ ସଞ୍ଜୟ ଗାନ୍ଧୀ ଅଗ୍ରୱାଲ**
ସମ୍ପାଦକ, ଅଗ୍ରୱାଲ ସଭା ଟ୍ରଷ୍ଟ, କଣ୍ଟାବାଞ୍ଜି



**ଅଭିନନ୍ଦନ**

ଦୈନିକ ଖବରକାଗଜ ଧରିତ୍ରୀର ୫୦ତମ ଜୟନ୍ତୀ ପାଳନ ଅବସରରେ ଖବରକାଗଜର ଉତ୍ତରୋତ୍ତର ଉନ୍ନତି କାମନା କରିବା ସହିତ ଜଗତରନାଥ ଜଗନ୍ନାଥଙ୍କଠାରେ ଓଡ଼ିଶାବାସୀ ଏବଂ କଣ୍ଟାବାଂଜି ନଗରର ଜନସାଧାରଣଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ ଏବଂ ଶୁଭେଚ୍ଛା ।

**ଶ୍ରୀ କୈଳାଶ ଅଗ୍ରୱାଲ ନେରୋଲାକ**
ସେକ୍ରେଟାରୀ ଜେନେରାଲ, କଣ୍ଟାବାଂଜି ଚେମ୍ବର୍ସ ଅଫ କମର୍ସ ଏଣ୍ଡ ଇଣ୍ଡଷ୍ଟ୍ରିଜ


# କ୍ଷମତାକୁ ଆସିଲେ ରାଜ୍ୟରେ ଜାତିଭିତ୍ତିକ ଜନଗଣନା: କଂଗ୍ରେସ

ଭୁବନେଶ୍ୱର,୨୫।୧୧(ଅନିଲ ଦାସ)

୨୦୨୪ରେ କଂଗ୍ରେସ ସରକାର ଗଢ଼ିଲେ ଓଡ଼ିଶାରେ ନିଶ୍ଚିତ ଜାତିଭିତ୍ତିକ ଜନଗଣନା କରାଯିବ। କଂଗ୍ରେସ କମିଟି କାର୍ଯ୍ୟାଳୟରେ ଆୟୋଜିତ ସାଙ୍ଗଠନିକ ସଭାରେ ପିସିସି ସଭାପତି ଶରତ ପଟ୍ଟନାୟକ ଏହା କହିଛନ୍ତି। କଂଗ୍ରେସ ଦଳ ଓବିସି ବର୍ଗର ଅଧିକାର ପାଇଁ ସଂଗ୍ରାମ କରିବାକୁ ସଙ୍କଳ୍ପବଦ୍ଧ। ୨୦୦୫ରେ ଉପା ସରକାର ଅମଳରେ ୯୩ତମ ସମ୍ବିଧାନ ସଂଶୋଧନ କରାଯାଇ କେନ୍ଦ୍ର ସରକାରଙ୍କ ଶିକ୍ଷା ବିଭାଗରେ ନାମଲେଖା ପାଇଁ ୨୭% ସଂରକ୍ଷଣ ବ୍ୟବସ୍ଥା କରାଯାଇଥିଲା। ମାତ୍ର ଓଡ଼ିଶା ସରକାର ଶିକ୍ଷା କ୍ଷେତ୍ରରେ ନାମ ଲେଖାପାଇଁ ଓବିସି ବର୍ଗଙ୍କୁ ସଂପୂର୍ଣ୍ଣ ଭାବେ ଉପେକ୍ଷା କରିଛନ୍ତି। ରାଜ୍ୟରେ ୫୦%ରୁ ଊର୍ଦ୍ଧ୍ୱ ଓବିସି ଥିବାବେଳେ ଚାକିରି କ୍ଷେତ୍ରରେ ସରକାର ଏଥିପାଇଁ ମାତ୍ର ୧୧.୨୫% ସଂରକ୍ଷଣ ବ୍ୟବସ୍ଥା ଲାଗୁ କରିବା ଏହି ବର୍ଗ ପାଇଁ ଉପହାସ ବୋଲି ଶରତ କହିଛନ୍ତି। ଏହି ଅବସରରେ ଓଡ଼ିଶା ପ୍ରଦେଶ କଂଗ୍ରେସ ପଛୁଆବର୍ଗ(ଓବିସି) ବିଭାଗର ନବନିଯୁକ୍ତ ଅଧ୍ୟକ୍ଷ ବିଜୟାନନ୍ଦ ଚାଉଳିଆଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହି ଅବସରରେ ଚାଉଳିଆ କହିଛନ୍ତି, ଓବିସିଙ୍କ ପ୍ରତି କେନ୍ଦ୍ରର ଭାଜପା ଓ ରାଜ୍ୟର ବିଜେଡି ସରକାର କରୁଥିବା ଅବିଚାର ବିରୋଧରେ ରାଜରାସ୍ତାକୁ ଓହ୍ଲାଇବାକୁ ହେବ। ରାଜ୍ୟ ସରକାର ଓବିସି କମିଶନର ରିପୋର୍ଟକୁ ସାର୍ବଜନୀନ କରନ୍ତୁ ବୋଲି ସେ କହିଛନ୍ତି। ଏଥିରେ ପୂର୍ବତନ ମନ୍ତ୍ରୀ ଶରତ ରାଉତ, ଗଣେଶ୍ୱର ବେହେରା, ପଞ୍ଚାନନ କାନୁନ୍‌ଗୋ, ସୁରେଶ କୁମାର ରାଉତରାୟ, ମାନସ ଚୌଧୁରୀ, ସସ୍ମିତା ବେହେରା ପ୍ରମୁଖ ଓବିସି ବର୍ଗର ନ୍ୟାଯ୍ୟ ଦାବି, ସରକାରୀ ଉଦାସୀନତା ଓ ଦଳୀୟ ସଂଗଠନର ଦୃଢ଼ତା ଉପରେ ଆଲୋକପାତ କରିଥିଲେ। ଶେଷରେ ବିଧୁଭୂଷଣ ମହାପାତ୍ର ଧନ୍ୟବାଦ ଦେଇଥିଲେ।



କଂଗ୍ରେସ ରାଜ୍ୟ ଓବିସି ସେଲ ପକ୍ଷରୁ ରାମମନ୍ଦିରୁ କଂଗ୍ରେସ ଭବନକୁ ଶୋଭାଯାତ୍ରା ।


# Classified Everyday

**0674-2580101, 2549949**



**MATRIMONIAL**

**BRIDE WANTED**

Karan boy 45, Class-1 officer PM- 2.5 Lakh. 'SUHAG' 9938199964, 9090486408. D- 1849

Highly educated, Beautiful, fair with good permanent Govt./ Private Job, humble Christ-believer bride is required for a Bhubaneswar settled, highly qualified permanent job software engineer, handsome, fair ht. 5'11'' 30, parent well established in BBSR. Contact: 9437281290, 7077549777. D-1473

**GROOM WANTED**

42 ବର୍ଷ, Central water housing commission ଅଛନ୍ତି। 60,000/-, Divorcee ଝିଅପାଇଁ ଚାକିରିଆ କିମ୍ବା ବ୍ୟବସାୟିକ ବରପାତ୍ର ଆବଶ୍ୟକ। 8455853154. D-1848

ବୟସ 35 RI ଚାକିରି Divorce ଏକୁଟିଆ ରହୁଥିବା ଝିଅଙ୍କ ପାଇଁ ଯେକୌଣସି ଜାତିର ବରପାତ୍ର ଆବଶ୍ୟକ। 6370559357. D-75308

28 ବୟସ, ଅବିବାହିତା ଖଣ୍ଡାୟତ Govt. ଚାକିରି କରୁଥିବା କନ୍ୟାଙ୍କ ପାଇଁ Married / Unmarried Divorce ବରପାତ୍ର ଆବଶ୍ୟକ। 9040185433. D-1879

Searching Kaibarta Groom for very fair Kaibarta Bride. Contact Brother (IAS Faculty in Delhi), Mob- 9990161440. D-1876



**REAL ESTATE**

**SALE**

Residential cum commercial plot 3250sft. 6KM from Phulnakhara, 11KM from BBSR, gharabari with compound wall. 7809525452. D-75064

Duplex sale and plot sale near AIIMS Hospital Bhubaneswar. 9777433701. D-75273

Plot size of 470 & 538 decimal, adjacent to National Highway near Gudiapokhari Chhack, Infront of Sai Temple for sale. Brokers not allowed. Contact: 9938022309. D-1809

**Twincity** ମଧ୍ୟଭାଗରେ **Grand Bazar (Nakhara NH-16)** ସମ୍ମୁଖରୁ ଅଳ୍ପ ଦୂରତାରେ ଘରବାରି **Plot** ସୁଲଭ ମୂଲ୍ୟରେ କିଣନ୍ତୁ। ଗୃହ ନିର୍ମାଣ କରନ୍ତୁ – **9658562429.** D-75270

30ft. ପିଚୁରୋଡ୍ ସମସ୍ତପ୍ରକାର menities ଥାଇ, Gated Society ସହ ହଂସପାଳଠାରୁ 4 K.M ଦୂରରେ ବାଲିଅନ୍ତାଠାରେ, ଘରବାଡି ପ୍ଲଟ୍ ମିଳୁଛି, 8984483230. D-75269

**Duplex sale adjacent Retang Medical, C.V. Raman, Tamando, Bhubaneswar@ 57,00,000/-, 7008459987.** D-75272

**Land for sale at Balasore. Plot 340, Khata 198, Village Sahupada, Sardarpal, Sanamalaka, 82 Decimals near Balasore Baripada National- Highway Five and Residential Plot 655, Khata 353 near Harihat Village Sindhia, Balasore Town, 19 Decimals. Please contact - 7656861995, 8984692488.** D-71695

**Flat for sale 2BHK, 3BHK near Rasulgarh, Bhubaneswar with modern facilities & affordable price. Call- 9439856856, 7008982279, 6371097442, 9040116788.** D-1735

2634sqft. stitibangharabadi plot W/ Boundary, front road for sale at Senapati Bagicha, Puri @ 75 Lakhs: negotiable. Contact No- 9437281290, 8895729136. D-1835

ଜଟଣୀଗେଟ୍ NHରୁ ଅଳ୍ପଦୂରତାରେ sqft.-300/-, ଛତାବର-500/-, ନଖରା SC/Gen plot- 300/-. 7978663279. D-75268

ଭୁବନେଶ୍ୱର **KIIT University** ଜଗନ୍ନାଥମନ୍ଦିର ପାଖରେ **Boundary,** ଇଲେକ୍ଟ୍ରିସିଟିଥାଇ ପ୍ଲଟ୍ ବିକ୍ରି ହେବ – **9437205314, 9937513595.** D-75265

ଭୁବନେଶ୍ୱର ତମାଣ୍ଡୋ ଥାନା ପାଖରେ ଏବଂ ଯାଆଁଳା, ଭୁଆସୁଣୀ ମନ୍ଦିର ପାଖରେ **(General / SC) possession plot** ବହୁତ କମ୍ ମୂଲ୍ୟରେ ବିକ୍ରି ହେଉଛି। **9438315973 / 9938066403.** D-1655

ଭୁବନେଶ୍ୱର ତମାଣ୍ଡୋ **Hyundai Showroom** ପାଖରେ ଏବଂ ଯାଆଁଳା **Overbridge**ଠାରୁ **1 Km** ଦୂରରେ ସ୍ଥିତିବାନ **possession plot** ସୁଲଭ ମୂଲ୍ୟରେ ବିକ୍ରି ହେଉଛି। **Contact: 9777067303.** D-1656

Your Classified Advertisement published in Dharitri will be listed free in Dharitri Online Edition: **dharitriepaper.in**




700sqft. (First Floor) for rent at Ruchika Market, Baramunda, Bhubaneswar (Only Office Purposes), Contact: 9556030485, 8249064183. D-75501




**Relax, Refresh your body, Mind at Saikrupa Spa with best therapies. 8984068077.** D-1873

Asribada Panchakarma herbal SPA Kesharimall, Bhubaneswar. Contact: 8926173473. D-75061

Newly healthcare benefited SPA experience therapist in Bhubaneswar. Contact: 9938843929. D-75170

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:– classifieddharitri@gmail.com

**AFFIDAVIT**

I, Sujata Mohapatra, W/o Arun Kumar Mahapatra, resident of Jaunliapati, Choudhury Bazar, PO- Telenga Bazar, Dist.- Cuttack, Odisha declare by this affidavit No- 11543 Dt 24.11.2023 before the Executive Magistrate, Sadar Cuttack, that now onwards I shall be known as Sujata Mohapatra for all future purposes. D-1880

By an affidavit before the Notary Koraput, I Racheal Raykumari Thomas, D/o Mr. Malaimopathil John Thomas, resident of Hatpoda, Mathalput, Damonjodi, Koraput District State that I am Known and Called as Racheal Raykumari Thomas and Raykumari Thomas. That I do declare that Racheal Raykumari Thomas and Raykumari Thomas is one and same person and refer to my self only. D-1878

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ମନେ ପଡ଼ନ୍ତି**

**ଦ୍ୱାଦଶାହ ଅବସରରେ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ନିଶାକର ଦାସ**

ଇନ୍ଦରପା, ମଣିଜଙ୍ଗା, ଜଗତ୍‌ସିଂହପୁର

ତୁମର ଆବର୍ତ୍ତମାନରେ ପ୍ରତି ମୁହୂର୍ତ୍ତରେ ଆଶୀର୍ବାଦ ସବୁ ବେଳେ ଆମ ଉପରେ ରହିଥାଉ। ଆପଣଙ୍କ ଆତ୍ମା ଅମରତ୍ୱ ପ୍ରାପ୍ତ ହେଉ। ମା' ଶାରଳାଙ୍କ ନିକଟରେ ଏତିକି ପ୍ରାର୍ଥନା ।

**ଶୋକସନ୍ତପ୍ତ: ହତଭାଗ୍ୟ- ପୁଅ: ଦେବାଶିଷ, ବୋହୂ: ଅରୁପମା, ଝିଅ: ସେଲୀ, ଝିଲି, ଜୁଲି, ଭାଇ: ଡଃ ସୁରେନ୍ଦ୍ର ନାଥ ମହାପାତ୍ର, ନାତି/ନାତୁଣୀ: ସୁପ୍ରିୟା ଶୁଭମ୍, ସୋନାଲି, ସୋମୁ, ଅଙ୍କୁଲ, ଆୟୁଷ, ଆରୋଭି, ରୁଦ୍ର, ବନ୍ଧୁ ଓ ପରିବାରବର୍ଗ ।**

ଧ-୧୮୮୨

ଧରିତ୍ରୀ DHARITRI

**Scan & Pay**

ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ **QR Code** ସ୍କାନ୍ କରି ଯେକୌଣସି **UPI App** ମାଧ୍ୟମରେ ସହଜରେ ପୈଠ କରନ୍ତୁ ।

BHIM UPI

ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ **classifieddharitri@gmail.com** ରେ ଇମେଲ୍ କରନ୍ତୁ ।

# ବୋଲିଂରେ ସୁଧାର ଆଣିବ ଭାରତ

ଥିରୁଭାନନ୍ତପୁରମ,୨୫।୧୧(ପି.ଟି.)

ଅଷ୍ଟ୍ରେଲିଆ ବିପକ୍ଷ ପ୍ରଥମ ଟି୨୦ ମ୍ୟାଚ୍‌ରେ ସଂଘର୍ଷପୂର୍ଣ୍ଣ ୨ ଉଇକେଟ ଜିତିବା ପରେ ରବିବାର ଥିରୁଭାନନ୍ତପୁରମ୍‌ରେ ଖେଳାଯିବ ଦ୍ୱିତୀୟ ମ୍ୟାଚ୍। ଏହି ମ୍ୟାଚ୍‌ରେ ଭାରତୀୟ ବୋଲର ନିଜ ଫର୍ମ ସୁଧାରିବାକୁ ଚେଷ୍ଟା କରିବେ। ପ୍ରଥମ ମ୍ୟାଚ୍‌ରେ ଭାରତ ବିଜୟୀ ହୋଇଥିଲେ

## ଆଜି ଦ୍ୱିତୀୟ ଟି୨୦

ମଧ୍ୟ ଏଥିରେ ବ୍ୟାଟରଙ୍କ ଅବଦାନ ଅଧିକ ରହିଥିଲା। ଭାରତୀୟ ବୋଲର ୨୦୮ ରନ୍ ବ୍ୟୟ କରିଥିବା ବେଳେ କେବଳ ମୁକେଶ କୁମାର ଓ ଅକ୍ଷର ପଟେଲ ପ୍ରଭାବ ବିସ୍ତାର କରିପାରିଥିଲେ। ଉଭୟ ବୋଲର ଅଷ୍ଟ୍ରେଲୀୟ ବ୍ୟାଟରଙ୍କ ରନଗତି ରୋକିବାରେ ସମର୍ଥ ହୋଇଥିଲେ। ତେବେ କେରଳର ଗ୍ରୀନ୍ ଫିଲ୍ଡ ଷ୍ଟାଡିୟମରେ ଖେଳା ଯିବାକୁ ଥିବା ମ୍ୟାଚ୍‌ରେ ମଧ୍ୟ ଆଉ ଏକ ରନ୍ ଭୋଜି ଦେଖିବାକୁ ମିଳିବ। ତେଣୁ ଭାରତୀୟ ବୋଲର ଏହି ମ୍ୟାଚ୍‌ରେ ଫର୍ମକୁ ଫେରିବାକୁ ପ୍ରୟାସ କରିବେ। ମୁକେଶ କୁମାର ଯେଉଁଭଳି ଭାବେ ନିଜର ଲାଇନ୍, ଲେନ୍ଥ ପରିବର୍ତ୍ତନ କରୁଥିଲେ ଓ ୟର୍କର



ଗ୍ରୀନ୍‌ଫିଲ୍ଡର ପିଚ୍‌କୁ ନିରୀକ୍ଷଣ କରୁଛନ୍ତି ଋତୁରାଜ ଗାଏକ୍ୱାଡ।

ପକାଉଥିଲେ ଅନ୍ୟ ଭାରତୀୟ ବୋଲର ତାଙ୍କଠାରୁ ଶିଖିବା ଆବଶ୍ୟକ। ତେବେ ଏହି ଦଳର ଥିବା ଏକାଧିକ ବୋଲର ଦୀର୍ଘ ଦିନ ପରେ ଅନ୍ତର୍ଜାତୀୟ କ୍ରିକେଟକୁ ଫେରୁଥିବାରୁ ଏଭଳି ସମସ୍ୟା ଦେଖିବାକୁ ମିଳିଛି। ଖାସ୍ କରି ରବି ବିଷ୍ଣୋଇଙ୍କ ବୋଲିଂରେ ଏହା ସ୍ୱଷ୍ଟ ନଜର ଆସୁଛି।

ଭାରତୀୟ ବ୍ୟାଟିଂ ଲାଇନ୍‌ଅପ୍ ମଧ୍ୟ ଅପରିବର୍ତ୍ତିତ ରହିବ। ପ୍ରଥମ ମ୍ୟାଚ୍‌ରେ ଜୟସ୍ୱାଲ ଦ୍ରୁତ ଆରମ୍ଭ କରିଥିଲେ ମଧ୍ୟ ଏହାକୁ ବଡ ସ୍କୋରରେ ପରିଣତ କରି ପାରି ନ ଥିଲେ। ଅନ୍ୟପକ୍ଷରେ ଋତୁରାଜ ଗାଏକ୍ୱାଡ୍ ଦୁର୍ଭାଗ୍ୟଜନକ ଭାବରେ ରନ୍ ଆଉଟ ହୋଇଥିଲେ। ତେବେ ଦ୍ୱିତୀୟ ମ୍ୟାଚ୍‌ରେ ଭାରତ ସମାନ ଲାଇନଅପ୍ ସହିତ ଓହ୍ଲାଇବାର ସମ୍ଭାବନା ଅଧିକ। ସୂର୍ଯ୍ୟକୁମାର ଯାଦବ ଓ ଇଶାନ କିଶନ୍‌ଙ୍କ ବ୍ୟାଟିଂ ଚମତ୍କାର ରହିଥିବା ବେଳେ ରିଙ୍କୁ ସିଂଙ୍କ ଫିନିଶ ଅତ୍ୟନ୍ତ ଚମତ୍କାର ରହିଥିଲା। ଅନ୍ତିମ ଓଭରରେ ୩ ବ୍ୟାଟର ରନ୍ ଆଉଟ ହୋଇଥିଲେ ମଧ୍ୟ ରିଙ୍କୁ ଯେଉଁଭଳି ଭାବରେ ବ୍ୟାଟିଂ କରିଥିଲେ ତାହା ପ୍ରଶଂସନୀୟ। ଅନ୍ୟପକ୍ଷରେ ପ୍ରଥମ ମ୍ୟାଚରେ ଅଷ୍ଟ୍ରେଲିଆ ପକ୍ଷରୁ ଦ୍ରୁତତମ ଶତକ ହାସଲ କରିଥିବା ଜୋଶ ଇଂଲିଶଙ୍କ ଉପରେ ସମସ୍ତଙ୍କ ନଜର ରହିବ। ଷ୍ଟିଭ୍ ସ୍ମିଥ୍‌ଙ୍କୁ ଓପନ କରାଇବାର ରଣନୀତି ଫେଲ୍ ମାରିଥିବା ବେଳେ ଅନ୍ୟ ବିକଳ୍ପ ଉପରେ ନଜର ପକାଇବ ଅଷ୍ଟ୍ରେଲିଆ। ସେହିପରି ତନଭୀର ସାଂଘାଙ୍କ ସ୍ଥାନରେ ଆଡାମ ଜାମ୍ପାଙ୍କୁ ଖେଳାଇପାରେ ଅଷ୍ଟ୍ରେଲିଆ।

**ମ୍ୟାଚ୍ ସ୍ଥାନ: ଗ୍ରୀନ୍ ଫିଲ୍ଡ, କେରଳ**
**ସମୟ: ସନ୍ଧ୍ୟା ୭.୦୦**
**ପ୍ରସାରଣ: ସ୍ପୋର୍ଟ୍ସ ୧୮**

# ବର୍ଷା କାରଣରୁ ହାରିଲା ଓଡ଼ିଶା

ଭୁବନେଶ୍ୱର,୨୫।୧୧(ସରୋଜ ଜେନା)

## ବିଜୟ ହଜାରେ ଟ୍ରଫି

ସର୍ବଭାରତୀୟ ବିଜୟ ହଜାରେ ଟ୍ରଫିରେ ଓଡ଼ିଶାର ପ୍ରଥମ ପରାଜୟ। ବର୍ଷା କାରଣରୁ ଭିଜେଡିରେ ଫଳାଫଳ ନିର୍ଣ୍ଣୟ ହୋଇଥିବା ବେଳେ ରେଲୱେ ବିପକ୍ଷ ମ୍ୟାଚ୍‌କୁ ଦଳ ୨୪ ରନ୍‌ରେ ହାରି ଯାଇଥିଲା। ପ୍ରଥମେ ବ୍ୟାଟିଂ କରି ରେଲୱେ ୪୦ ଓଭରରେ ୧୯୩ ରନ୍‌ରେ ଅଲଆଉଟ ହୋଇଥିଲା। ଜବାବରେ ଓଡ଼ିଶା ୨୦.୨ ଓଭରରେ ୪ ଉଇକେଟ ହରାଇ ୬୭ ରନ୍ କରିଥିବା ବେଳେ ବର୍ଷା ହୋଇଥିଲା। ଭିଜେଡି ନିୟମ ଅନୁସାରେ ଓଡ଼ିଶା ୨୪ ରନ୍ ପଛରେ ରହି ମ୍ୟାଚ ହାରିଯାଇଥିଲା।

ଆଲୁରରେ ଖେଳାଯାଇଥିବା ମ୍ୟାଚ୍‌ରେ ଟସ୍ ଜିତି ରେଲ୍‌ୱେ ପ୍ରଥମେ ବ୍ୟାଟିଂ ନେଇଥିଲା। ତେବେ ଦେବବ୍ରତ ପ୍ରଧାନ ଓ ରାଜେଶ ମହାନ୍ତଙ୍କ ଘାତକ ବୋଲିଂ ବଳରେ ଦଳ ୧୯୩ ରନ୍‌ରେ ଅଲଆଉଟ ହୋଇଥିଲା। ରେଲୱେ ୭୩ ରନ୍‌ରେ ୬ ଉଇକେଟ ହରାଇଥିଲେ ମଧ୍ୟ ପ୍ରଥମ ସିଂଙ୍କ ୫୦ ଓ କର୍ନ ଶର୍ମାଙ୍କ ୭୨ ରନ୍ ବଳରେ ଦଳ ଲଢୁଆ ୧୯୩ ରନ୍ କରିଥିଲା। କର୍ନ ଶର୍ମା ୬୭ ବଲ୍ ଖେଳି ୫ ଚୌକା ଓ ୬ ଛକା ମାରିଥିଲେ। ଓଡ଼ିଶା ପକ୍ଷରୁ ଦେବବ୍ରତ ପ୍ରଧାନ ୪ ଓ ରାଜେଶ ମହାନ୍ତି ୩ ଉଇକେଟ ନେଇଥିଲେ।

ପ୍ରଥମ ମ୍ୟାଚ୍ ପରି ଓଡ଼ିଶାର ଆରମ୍ଭ ଅତ୍ୟନ୍ତ ଦୟନୀୟ ରହିଥିଲା। ଦଳର ଟପ୍ ୪ ବ୍ୟାଟର ଦୁଇ ଅଙ୍କ ଛୁଇଁ ପାରି ନ ଥିଲେ। ଅନୁରାଗ ଷଡଙ୍ଗୀ(୯), ଶାନ୍ତନୁ ମିଶ୍ର(୨), ଶୁଭ୍ରାଂଶୁ ସେନାପତି(୪) ଓ କାର୍ତ୍ତିକ ବିଶ୍ୱାଳ(୬) ବିଫଳ ହୋଇଥିଲେ। ୧୭ ରନ୍‌ରେ ଦଳ ୩ ଉଇକେଟ ହରାଇଥିବା ବେଳେ ୬୩ ରନ୍‌ରେ ଚତୁର୍ଥ ଉଇକେଟ ହରାଇଥିଲା। ମ୍ୟାଚ୍‌ର ୨୦.୨ ଓଭରରେ ବର୍ଷା ହେବାରୁ ଓଡ଼ିଶା ୨୪ ରନ୍ ପଛରେ ରହି ଯାଇଥିଲା। ଅଧିନାୟକ ବିପ୍ଳବ ସାମନ୍ତରାୟ ଅପରାଜିତ ୪୧ ରନ୍ ସ୍କୋର କରିଥିଲେ। ରେଲୱେ ପକ୍ଷରୁ ରାହୁଲ ଶର୍ମା ୨ ଉଇକେଟ ନେଇଥିବା ବେଳେ ଯୁବରାଜ ସିଂ ଓ ଆକାଶ ପାଣ୍ଡେ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ରେଲୱେ ୪୦ ଓଭରରେ ୧୯୩/୧୦(କର୍ନ ଶର୍ମା-୭୨, ପ୍ରଥମ ସିଂ-୫୦, ଦେବବ୍ରତ ପ୍ରଧାନ-୪/୩୫, ରାଜେଶ ମହାନ୍ତି-୩/୩୫, ପ୍ରୟାସ ସିଂ-୨/୪୦)।

ଓଡ଼ିଶା ୨୦.୨ ଓଭରରେ ୬୭/୪(ବିପ୍ଳବ ସାମନ୍ତରାୟ-୪୧*, ରାହୁଲ ଶର୍ମା-୨/୧୧, ଯୁବରାଜ ସିଂ-୧/୨୦, ଆକାଶ ପାଣ୍ଡେ-୧/୬)।

# ଫାଓ ୟୁଥ୍ ଲିଗ୍: ରାଇଜିଂ ଷ୍ଟାର ବିଜୟୀ



ମ୍ୟାଚ୍ ଅଫିସିଆଲଙ୍କ ସହିତ ରାଇଜିଂ ଷ୍ଟାର୍ ଓ ବିଡ଼ାନାସୀ କ୍ଲବ୍‌ର ଖେଳାଳି।

ଭୁବନେଶ୍ୱର,୨୫।୧୧(ସରୋଜ ଜେନା)

୧୫ ବର୍ଷରୁ କମ୍ ରାଜ୍ୟସ୍ତରୀୟ ଫାଓ ୟୁଥ୍ ଲିଗ୍‌ରେ ଶନିବାର ବିଜୟୀ ହୋଇଛି ରାଇଜିଂ ଷ୍ଟାର। ଅନ୍ୟ ଏକ ମ୍ୟାଚ୍‌ରେ ପଏଣ୍ଟ ବାଣ୍ଟିଛନ୍ତି ଫାଓ ଏକାଡେମୀ ଓ ଚାନ୍ଦ କ୍ଲବ। ବିଡାନାସୀ ଗ୍ରାଉଣ୍ଡରେ ଉଭୟ ମ୍ୟାଚ୍ ଖେଳା ଯାଇଥିଲା। ରାଇଜିଂ ଷ୍ଟାର ୨-୦ ଗୋଲରେ ବିଡାନାସୀ କ୍ଲବକୁ ପରାସ୍ତ କରିଛି। ରାଇଜିଂ ଷ୍ଟୁଡେଣ୍ଟ ପକ୍ଷରୁ ଶୁଭମ ସାମଲ ଦୁଇଟି ଯାକ ଗୋଲ ଦେଇଥିଲେ। ମ୍ୟାଚ୍‌ର ଅଷ୍ଟମ ଓ ୫୪ ତମ ମିନିଟରେ ଉଭୟ ଗୋଲ ସ୍କୋର ହୋଇଥିଲା। ପ୍ରଥମାର୍ଦ୍ଧ ଓ ଦ୍ୱିତୀୟାର୍ଦ୍ଧରେ ସେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଦ୍ୱିତୀୟ ମ୍ୟାଚ୍‌ଟି ଫାସ ଏକାଡେମୀ ଓ ଚାନ୍ଦ କ୍ଲବ୍ ମଧ୍ୟରେ ଖେଳା ଯାଇଥିଲା। ଏହି ମ୍ୟାଚ୍‌ଟି ଗୋଲଶୂନ୍ୟ ଭାବେ ଶେଷ ହୋଇଥିବା ବେଳେ ଉଭୟ ଦଳ ପଏଣ୍ଟ ବାଣ୍ଟିଥିଲେ।

# ସାତ୍ୱିକ-ଚିରାଗ ଫାଇନାଲରେ

ଶେନ୍‌ଝେନ୍, ୨୫।୧୧(ପି.ଟି.)

ଭାରତର ସାତ୍ୱିକ ସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ଶେଟ୍ଟି ଏଠାରେ ଚାଲିଥିବା ଚାଇନା ମାଷ୍ଟର୍ସ ସୁପର-୭୫୦ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟର ପୁରୁଷ ଡବଲ୍ସ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଶନିବାର ଅନୁଷ୍ଠିତ ସେମିଫାଇନାଲରେ ବିଶ୍ୱର ନମ୍ବର ୱାନ୍ ଭାରତୀୟ ଯୋଡ଼ି ଚାଇନାର ହି ଜି ତିଙ୍ଗ୍ ଓ ରେନ୍ ଜିଆଙ୍ଗ ୟୁଙ୍କୁ ୨୧-୧୫, ୨୨-୨୦ରେ ହରାଇ ଦେଇଛନ୍ତି। ସାତ୍ୱିକ-ଚିରାଗ ଗତବର୍ଷ ଫ୍ରେଞ୍ଚ ଓପନରେ ସେମାନଙ୍କର ପ୍ରଥମ ବିଡବ୍ଲ୍ୟୁଏଫ୍ ୱାର୍ଲ୍ଡ ସୁପର-୭୫୦ ଟାଇଟଲ ଜିତିଥିଲେ। ଟପ୍ ସିଡ୍ ଯୋଡ଼ି ଫାଇନାଲରେ ଚେନ୍ ବୋ ୟାଙ୍ଗ୍ ଓ ଲିୟୁ ୟି ଏବଂ ଦ୍ୱିତୀୟ ସିଡ୍ ଲିଆଙ୍ଗ ୱି କେଙ୍ଗ ଓ ୱାଙ୍ଗ୍ ଚାଙ୍ଗ୍ ଯୋଡ଼ିଙ୍କ ମଧ୍ୟରେ ଖେଳାଯିବାକୁ ଥିବା ଅନ୍ୟ ସେମିଫାଇନାଲ ବିଜେତାଙ୍କୁ ଭେଟିବ। ଚଳିତ ବର୍ଷ ସାତ୍ୱିକ-ଚିରାଗ ଯୋଡ଼ିଙ୍କ ପ୍ରଦର୍ଶନ ଭଲ ରହିଆସିଛି। ସେମାନେ ଇତିମଧ୍ୟରେ ବ୍ୟାଡ୍‌ମିଣ୍ଟନ ଏସିଆନ ଚାମ୍ପିୟନଶିପ୍, ଇଣ୍ଡୋନେସିଆ ସୁପର ୧୦୦୦, କୋରିଆ ସୁପର ୫୦୦, ସୁଇସ୍ ସୁପର ୩୦୦ ଜିତିବା ସହ ଏସିଆନ ଗେମ୍ସରେ ସ୍ୱର୍ଣ୍ଣ ଜିତିପାରିଛନ୍ତି। ବିଡବ୍ଲ୍ୟୁଏଫ୍ (ବ୍ୟାଡ୍‌ମିଣ୍ଟନ ୱାର୍ଲ୍ଡ ଫେଡେରେଶନ) ୱାର୍ଲ୍ଡ ଟୁର୍‌କୁ ୬ଟି ବିଭାଗରେ ବିଭକ୍ତ କରାଯାଇଛି। ସେଗୁଡ଼ିକ ହେଲା ୱାର୍ଲ୍ଡ ଟୁର୍ ଫାଇନାଲ୍ସ, ୪ ସୁପର ୧୦୦୦, ୬ ସୁପର ୭୫୦, ୭ ସୁପର ୫୦୦ ଓ ୧୧ ସୁପର ୩୦୦। ଏହାଛଡ଼ା ଅନ୍ୟ ଏକ କାଟେଗୋରି ଟୁର୍ନାମେଣ୍ଟ ହେଲା ବିଡବ୍ଲ୍ୟୁଏଫ୍ ଟୁର୍ ସୁପର ୧୦୦ ଲେଭଲ, ଯେଉଁଥିରେ କି ର୍‍ୟାଙ୍କିଙ୍ଗ୍ ପଏଣ୍ଟ ବ୍ୟବସ୍ଥା ରହିଛି।

# ଏନ୍‌ବିଏ ତଦନ୍ତର ସମ୍ମୁଖୀନ ହେବେ ଜୋଶ୍

ନ୍ୟୁୟର୍କ,୨୫।୧୧(ପି.ଟି.)

ଏନ୍‌ବିଏ ଦଳ ଓକ୍ଲାହୋମା ସିଟି ଥଣ୍ଡରଗାର୍ଡ ଖେଳାଳି ଜୋଶ ଗିଡେ ଅଡୁଆରେ। ଜଣେ ନାବାଳିକାଙ୍କ ସହିତ ଶାରୀରିକ ସମ୍ପର୍କ ରଖିଥିବା ନେଇ ଅଭିଯୋଗ ଆସିବା ପରେ ଏନ୍‌ବିଏ ପକ୍ଷରୁ ତଦନ୍ତ ଆରମ୍ଭ କରାଯାଇଛି। ଏକ ସୋସିଆଲ ମିଡିଆ ଆକାଉଣ୍ଟରେ ଏକ ଭିଡିଓ ପୋଷ୍ଟ କରାଯାଇଥିଲା। ଗିଡେଙ୍କ ସହିତ ଏକାଧିକ ଭିଡିଓରେ ନଜର ଆସିଥିବା ବାଳିକା ଜଣକ ଜଣେ ହାଇସ୍କୁଲ ଛାତ୍ର ବୋଲି ଉକ୍ତ ଆକାଉଣ୍ଟରୁ ଦାବି କରାଯାଇଥିଲା। ତେବେ ପରବର୍ତ୍ତୀ ସମୟରେ ଉକ୍ତ ଆକାଉଣ୍ଟକୁ ଡିଆକ୍ଟିଭେଟ୍ କରାଯାଇଥିଲା। ଏନ୍‌ବିଏର ଭବିଷ୍ୟତର ତାରକା ଭାବେ ଗିଡେଙ୍କୁ ବିବେଚନା କରାଯାଏ। ଅଷ୍ଟ୍ରେଲିଆର ଏହି ୨୧ ବର୍ଷୀୟ ଖେଳାଳି ଜଣକ ଏହି ମାମଲାକୁ ନେଇ ନୀରବତା ଅବଲମ୍ବନ କରିଛନ୍ତି। ତେବେ ଏନ୍‌ବିଏ ସ୍ୱତନ୍ତ୍ର ଭାବରେ ଏହି



ଜୋଶ ଗିଡେ

ମାମଲାର ତଦନ୍ତ କରିବ ବୋଲି ମୁଖପାତ୍ର ମାଇକେଲ୍ ବାସ୍ କହିଛନ୍ତି। ଖବରଦାତା ଏହି ମାମଲାକୁ ନେଇ ଗିଡେଙ୍କୁ ପ୍ରଶ୍ନ

## ନାବାଳିକା ସହ ଶାରୀରିକ ସମ୍ପର୍କ

କରିବା ପରେ ସେ ବର୍ତ୍ତମାନ ଏହାକୁ ନେଇ କୌଣସି ମତାମତ ଦେବାକୁ ଚାହୁଁ ନ ଥିବା ପ୍ରକାଶ କରିଥିଲେ। ଓକ୍ଲାହୋମା ସିଟି ଥଣ୍ଡରଗାର୍ଡ ଦଳର କୋଚ୍ ମାର୍କ ଡାଇଗ୍ନେଲ୍ଟ ମଧ୍ୟ ଏହାକୁ ନେଇ ପ୍ରତିକ୍ରିୟା ପ୍ରକାଶ କରିନାହାନ୍ତି। ଏହା ଜୋଶଙ୍କ ବ୍ୟକ୍ତିଗତ ମାମଲା ହୋଇଥିବାରୁ ଆମେ କିଛି ମତାମତ ଦେବା ଶ୍ରେୟସ୍କର ହେବ ନାହିଁ। ୨୦୨୧ରେ ପ୍ରଥମ ଥର ଏନ୍‌ବିଏ ଖେଳିଥିବା ଜୋଶ୍ ଚଳିତ ସିଜନରେ ୧୨.୩ ହାରାହାରିରେ ସ୍କୋର କରୁଥିବା ବେଳେ ୫.୭ ରିବାଉଣ୍ଡ ଓ ୪.୫ ଆସିଷ୍ଟ ସ୍କୋର ରହିଛି। ପ୍ରଥମ ସିଜନରେ ସେ ହାରାହାରି ୧୬.୬ ପଏଣ୍ଟ ସ୍କୋର କରୁଥିବା ବେଳେ ରିବାଉଣ୍ଡରୁ ୭.୯ ଓ ଆସିଷ୍ଟରୁ ୬.୨ ସ୍କୋର କରିଥିଲେ।

# ଆନ୍ତଃ ଜିଲା କ୍ୟାରମ୍ ପ୍ରତିଯୋଗିତା ଆରମ୍ଭ

ପୁରୁଣା ଭୁବନେଶ୍ୱର,୨୫।୧୧(ଡି.ଏନ୍.ଏ)

ଓଡ଼ିଶା କ୍ୟାରମ୍ ଆସୋସିଏଶନ ଏବଂ ଭୁବନେଶ୍ୱର କ୍ୟାରମ୍ ଆସୋସିଏଶନର ସହଯୋଗକ୍ରମେ ୧୦ମ ଆନ୍ତଃ ଜିଲା କ୍ୟାରମ୍ ପ୍ରତିଯୋଗିତା ଗଙ୍ଗାଯମୁନା ଉନ୍ନୟନ ପରିଷଦ ଆନୁକୂଲ୍ୟରେ ଶନିବାର ପୁରୁଣା ଭୁବନେଶ୍ୱରରେ ଆରମ୍ଭ ହୋଇଛି। ଏହା ୨୭ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିରେ ପୁରୁଷ ଓ ମହିଳା ଦଳଗତ, ପୁରୁଷ ଓ ମହିଳା ସିଙ୍ଗଲ୍ସ ଏବଂ ଡବଲ୍ସ ଏବଂ ଭେଟେରାନ୍ ସିଙ୍ଗଲ୍ସ ଓ ଡବଲ୍ସ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଗଙ୍ଗାଯମୁନା ଉନ୍ନୟନ ପରିଷଦ ସଭାପତି ଧୀରେନ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ଯୁବନେତା ଅମିୟ କୁମାର ଦାଶ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ।

# ଓଡିଏମ୍ ପବ୍ଲିକ ସ୍କୁଲର ବାର୍ଷିକ କ୍ରୀଡ଼ା





ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀ।

ଭୁବନେଶ୍ୱର, ୨୫।୧୧ (ବିଜୟ ରଣା)

ପଟିଆସ୍ଥିତ ଓଡିଏମ୍ ପବ୍ଲିକ ସ୍କୁଲର ୩୩ତମ ବାର୍ଷିକ କ୍ରୀଡ଼ା ଉତ୍ସବ ରେଲୱେ ଷ୍ଟାଡିୟମ ପରିସରରେ ଅନୁଷ୍ଠିତ ହୋଇଯାଇଛି। ହକି ଇଣ୍ଡିଆର ସଭାପତି ତଥା ପଦ୍ମଶ୍ରୀ ଡଃ ଦିଲୀପ କୁମାର ତିର୍କୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କ୍ରୀଡ଼ା ପତାକା ଉତ୍ତୋଳନ କରି ଏହାର ଉଦ୍‌ଘାଟନ କରିଥିଲେ। ଦୁଇ ଦିନିଆ କ୍ରୀଡ଼ା ପ୍ରତିଯୋଗିତା ଶନିବାର ଶେଷ ହୋଇଛି। ଓଡିଏମ୍ ଶିକ୍ଷାନୁଷ୍ଠାନ ସମୂହର ପ୍ରତିଷ୍ଠାତା ତଥା ଅଧ୍ୟକ୍ଷ ଡ. ସତ୍ୟବ୍ରତ ମୀନକେତନ କ୍ରୀଡ଼ା ପତାକାର ଅବତରଣ କରି ଏହାର ଉଦ୍‌ଯାପନୀ ଘୋଷଣା କରିଛନ୍ତି। ଏହି ଅବସରରେ ସେ ଉଦ୍‌ବୋଧନ ଦେଇ ଶିକ୍ଷା ବୌଦ୍ଧିକ ବିକାଶର ଚାବିକାଠି ଏବଂ କ୍ରୀଡ଼ା ଶାରିରୀକ ସୁସ୍ଥତାର ପରିଚୟ ବୋଲି ମତବ୍ୟକ୍ତ କରିବା ସହ ବିଦ୍ୟାର୍ଥୀର ସାମଗ୍ରିକ ବିକାଶ ପାଇଁ କ୍ରୀଡ଼ା ହିଁ ଏକମାତ୍ର ମାଧ୍ୟମ ବୋଲି ସେ ପ୍ରକାଶ କରିଥିଲେ।

ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରଫେସର ପି.କେ. ଦାସ, ବିତ୍ତ ଓ ପ୍ରଶାସନିକ ନିର୍ଦ୍ଦେଶିକା ଇନ୍ଦୁମତୀ ରାୟ, ଶିକ୍ଷା ନିର୍ଦ୍ଦେଶକ ଡ. ଆର୍ତ୍ତତ୍ରାଣ ମିଶ୍ର, ଶିକ୍ଷା ଉପଦେଷ୍ଟା ବ୍ରହ୍ମାନନ୍ଦ ରାଉତ, ଉପାଧ୍ୟକ୍ଷା ଡ. ସନ୍ଧ୍ୟାରାଣୀ ସ୍ୱାଇଁ, ଉପାଧ୍ୟକ୍ଷ ଡ.ରାଜେଶ କୁମାର ପାଢୀ ପ୍ରମୁଖ ଖେଳାଳିମାନଙ୍କୁ ପୁରସ୍କୃତ କରିଥିଲେ। ଶେଷରେ ପୀତି ହାଉସ୍‌କୁ ଚାମ୍ପିୟନ ଘୋଷଣା କରାଯାଇଥିଲା।

# ଭୋଳାନାଥଙ୍କ ବିରୋଧରେ ଲାଞ୍ଚ ମାଗିବା ଅଭିଯୋଗ

ନୂଆଦିଲ୍ଲୀ, ୨୫।୧୧ (ପି.ଟି.)

ହକି ଇଣ୍ଡିଆ ସେକ୍ରେଟାରୀ ଜେନେରାଲ ଭୋଳାନାଥ ସିଂଙ୍କ ବିରୋଧରେ ସାଂଘାତିକ ଅଭିଯୋଗ ଆଣିଛନ୍ତି ତେଲେଙ୍ଗାନା ହକି ୟୁନିଟ୍ ମୁଖ୍ୟ ସରଲ ତଲୱାର। ସେ କହିଛନ୍ତି ରାଜ୍ୟ ହକି ୟୁନିଟ୍‌କୁ ନିର୍ବାଚନ କରିବା ଲାଗି ଅନୁମତି ଦେବା ଲାଗି ଭୋଳାନାଥ ସିଂ ତାଙ୍କଠାରୁ ୨୫ ଲକ୍ଷ ଟଙ୍କା ଲାଞ୍ଚ ମାଗିଥିଲେ। କିନ୍ତୁ କ୍ଷମତାଶାଳୀ ହକି ଇଣ୍ଡିଆ ସେକ୍ରେଟାରୀ ଜେନରାଲ ଏହି ଅଭିଯୋଗ ଭିତ୍ତିହିନ ବୋଲି କହିଛନ୍ତି। ଖେଳର ଉନ୍ନତି ପାଇଁ ସେ ସବୁବେଳେ କାର୍ଯ୍ୟ କରି ଆସୁଛନ୍ତି। ୨୫ ଲକ୍ଷ ଟଙ୍କା ଛାଡ଼ ଏପରିକି ସେ ୨୫ ପଇସା କାହାରିଠାରୁ ନେଇ ନାହାନ୍ତି। ତେଲେଙ୍ଗାନା ହକି ନିର୍ବାଚନ ଏପ୍ରିଲ ମାସରେ ହେବାର ଥିଲା। ମାତ୍ର ଭୋଳାନାଥ ସିଂ ବିଭିନ୍ନ ଆଳ ଦେଖାଇ ନିର୍ବାଚନ କରାଇ ଦେଉ ନାହାନ୍ତ ବୋଲି ତଲୱାର କହିଛନ୍ତି। ସୂଚନାଯୋଗ୍ୟ, ତେଲେଙ୍ଗାନା ହକିର ଦୈନନ୍ଦିନ ବ୍ୟାପାର ବୁଝାଶୁଝା କରିବା ପାଇଁ ଭୋଳାନାଥଙ୍କ



ଭୋଳାନାଥ ସିଂ

ନେତୃତ୍ୱରେ ହକି ଇଣ୍ଡିଆ ଏକ ଆଡହକ୍ କମିଟି ଗଠନ କରିଥିଲା। ଏହି ୩ ଜଣିଆ ସଦସ୍ୟ ବିଶିଷ୍ଟ ଆଡହକ୍ କମିଟିର ମୁଖ୍ୟ ଭାବେ ଛତିଶଗଡ଼ ହକି ସାଧାରଣ ସମ୍ପାଦକ ଫିରୋଜ ଆନ୍‌ସାରୀଙ୍କୁ ନିଯୁକ୍ତି ଦେବା ପରେ ତଲୱାରଙ୍କ ପକ୍ଷରୁ ଏହି ସାଂଘାତିକ ଅଭିଯୋଗ ହୋଇଛି।

# ଆଶୀର୍ବାଦଙ୍କ ଶତକରେ ଓଡ଼ିଶା ଦୃଢ଼

ଭୁବନେଶ୍ୱର,୨୫।୧୧(ସରୋଜ ଜେନା)

୧୯ ବର୍ଷରୁ କମ୍ ସର୍ବଭାରତୀୟ କୁଚ୍‌ବିହାର ଟ୍ରଫିରେ ଓଡ଼ିଶାର ଆଶୀର୍ବାଦ ସ୍ୱାଇଁଙ୍କ ଦୃଢ଼ ବ୍ୟାଟିଂ। ଆଶୀର୍ବାଦ ଅପରାଜିତ ଶତକ ହାସଲ କରିଥିବା ବେଳେ ବରୋଦା ବିପକ୍ଷ ମ୍ୟାଚ୍‌ରେ ଦ୍ୱିତୀୟ ଦିନର ଖେଳ ଶେଷ ସୁଦ୍ଧା ଓଡ଼ିଶା ୭ ଉଇକେଟ ହରାଇ ୨୭୩ ରନ୍ କରିଛି। ଭଦୋଦରାର ମୋତିବାଗ କ୍ରିକେଟ ଗ୍ରାଉଣ୍ଡରେ ଖେଳା ଯାଇଥିବା ମ୍ୟାଚରେ ଓଡ଼ିଶା ହାତରେ ୩ ଉଇକେଟ ବାକି ଥାଇ ୩୬ ରନ୍ ପଛରେ ରହିଛି। ଅପରାଜିତ ୧୪୨ ରନ୍‌ର ଇନିଂସ ଖେଳିଥିବା ଆଶୀର୍ବାଦ ୨୩୬ ବଲ୍ ଖେଳି ୧୭ ଚୌକା ଓ ୨ ଛକା ମାରିଛନ୍ତି। ଶ୍ରୀୟାଂଶୁ ପଟ୍ଟନାୟକ ୧୯୮ ବଲ୍ ଖେଳି ୫ ଚୌକା ସହ ୬୮ ରନ୍ କରିଥିଲେ। ବରୋଦା ପକ୍ଷରୁ ଉତ୍ସବରାଜ ଚୁଡାସ୍ମା ଓ ଏଚ୍. ବି. ବୈଭବ ଦୁଇଟି ଲେଖାଏ ଉଇକେଟ ନେଇଛନ୍ତି। ପ୍ରଥମ ଦିନର ଖେଳ ଶେଷ ସୁଦ୍ଧା ବରୋଦା ୯ ଉଇକେଟ ହରାଇ ୩୦୬ ରନ୍‌ରେ ଇନିଂସ ଘୋଷଣା କରିଥିଲା। ନିତ୍ୟ ଜେ ପାଣ୍ଡ୍ୟା ୧୨୫ ଓ ଉତ୍ସବରାଜ ଚୁଡାସ୍ମା ୧୦୮ ରନ୍ ସ୍କୋର କରିଥିଲେ। ଓଡ଼ିଶା ପକ୍ଷରୁ ସମ୍ବିତ ବେଜା ସଫଳ ବୋଲର ଭାବେ ୫ ଉଇକେଟ ସଫଳତା ହାସଲ କରିଥିଲେ।

# ଉଦୟ ସାହାରନ ଭାରତ ଅଧିନାୟକ

ମୁମ୍ବାଇ, ୨୫।୧୧(ପି.ଟି.)

ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ)ରେ ଏସିଆନ କ୍ରିକେଟ କାଉନ୍‌ସିଲ (ଏସିସି) ୧୯ ବର୍ଷରୁ କମ୍ ପୁରୁଷ ଏସିଆ କପ୍ କ୍ରିକେଟ ଟୁର୍ନାମେଣ୍ଟ ଡିସେମ୍ବର ୮ରୁ ଖେଳାଯିବ। ଉଦୀୟମାନ ବ୍ୟାଟର ଉଦୟ ସାହାରନଙ୍କୁ ଗତଥରର ଚାମ୍ପିୟନ ଭାରତୀୟ ଦଳର ଅଧିନାୟକ ମନୋନୀତ କରାଯାଇଛି। ସାହାରନ ହେଉଛନ୍ତି ପଞ୍ଜାବର ଜଣେ ୧୯ ବର୍ଷୀୟ କ୍ରିକେଟର। ସେ ଚୟନକର୍ତ୍ତାଙ୍କ ନଜରରେ ରହିଆସିଥିଲେ। ଗତବର୍ଷ ଆଣ୍ଟିଗୁଆଠାରେ ୧୯ ବର୍ଷରୁ କମ୍ ବିଶ୍ୱକପ୍ ବେଳେ ଭାରତୀୟ ଦଳ କୋଭିଡ୍‌ର ଶିକାର ହୋଇଥିବା ବେଳେ ତାଙ୍କୁ ଜଣେ ବ୍ୟାକ୍‌ଅପ୍ ଖେଳାଳି ଭାବେ ମନୋନୀତ କରାଯାଇଥିଲା। ସୌମି କୁମାର ପାଣ୍ଡେଙ୍କୁ ୧୫ ଜଣିଆ ଦଳର ଉପଅଧିନାୟକ କରାଯାଇଛି। ୧୯ ବର୍ଷରୁ କମ୍ ବିଶ୍ୱକପ୍‌ରେ ଭାରତ ହେଉଛି ସବୁଠାରୁ ସଫଳତା ହାସଲ କରିଥିବା ଦଳ। ଏହି ଦଳ ୮ଥର ଟାଇଟଲ ଜିତିପାରିଛି। ଟୁର୍ନାମେଣ୍ଟରେ ପାକିସ୍ତାନ, ଆଫଗାନିସ୍ତାନ ଓ ନେପାଳ ସହିତ ଭାରତ ଗ୍ରୁପ୍ ଏ'ରେ ସ୍ଥାନ ପାଇଛନ୍ତି। ଡିସେମ୍ବର ୮ରେ ଆଇସିସି ଏକାଡେମୀ





ଉଦୟ ସାହାରନ

ଓଭାଲ-୧ଠାରେ ଆଫଗାନିସ୍ତାନକୁ ଭେଟି ଭାରତ ଏହାର ଅଭିଯାନ ଆରମ୍ଭ କରିବ। ଭାରତ ମଧ୍ୟ ସମାନ ଭେନ୍ୟୁରେ ପାକିସ୍ତାନକୁ ଡିସେମ୍ବର ୧୦ରେ ଭେଟିବ। ଦଳ ନେପାଳ ବିପକ୍ଷ ଫାଇନାଲ ଗ୍ରୁପ୍ ମ୍ୟାଚ୍ ଡିସେମ୍ବର ୧୨ରେ ଖେଳିବ।

## ୧୯ ବର୍ଷରୁ କମ୍ ଏସିଆ କପ୍ କ୍ରିକେଟ

ଅନ୍ୟପକ୍ଷରେ ଗ୍ରୁପ୍ ବି'ରେ ବାଂଲାଦେଶ, ୟୁଏଇ, ଜାପାନ ଓ ଶ୍ରୀଲଙ୍କା ସ୍ଥାନ ପାଇଛନ୍ତି। ଫାଇନାଲ ମ୍ୟାଚ ଡିସେମ୍ବର ୧୭ରେ ଦୁବାଇ ଇଣ୍ଟରନ୍ୟାଶନାଲ ଷ୍ଟାଡିୟମରେ ଖେଳାଯିବ।

**୧୯ ବର୍ଷରୁ କମ୍ ଭାରତୀୟ କ୍ରିକେଟ ଦଳ:** ଉଦୟ ସାହାରନ(ଅଧିନାୟକ), ସୌମି କୁମାର ପାଣ୍ଡେ (ଉପ-ଅଧିନାୟକ), ଆଶିଷ କୁଲକର୍ନୀ, ଆଦର୍ଶ ସିଂ, ରୁଦ୍ର ମୟୂର ପଟେଲ, ସଚିନ ଧାସ୍, ପ୍ରିୟାଂଶୁ ମୋଲିଆ, ମୁଶିର ଖାନ୍, ଧନୁଷ ଗୌଡ଼ା, ଅବିନାଶ ରାଓ (ଉଇକେଟ୍‌କିପର), ଏମ୍. ଅଭିଷେକ, ଇନେଶ ମହାଜନ (ଉଇକେଟ୍‌କିପର), ଆରାଧ୍ୟ ଶୁକ୍ଳା, ରାଜ ଲିମ୍ବାନୀ ଓ ନମନ ତିୱାରୀ। **ଟ୍ରାଭେଲିଂ ରିଜର୍ଭ:** ପ୍ରେମ ଦେବକର, ଅଂଶ ଗୋସାଇ, ମହମ୍ମଦ ଅମନ। **ନନ୍ ଟ୍ରାଭେଲିଂ ରିଜର୍ଭ:** ଦିଗ୍‌ବିଜୟ ପାଟିଲ, ଜୟନ୍ତ ଗୋୟାତ, ପି. ବିଗ୍ନେଶ, କରଣ ଚୋର୍‌ମେଲ।

# ମୁସଲମାନ ନ ଥିବା ଗାଁରେ ପୀରବାବାଙ୍କ ପୀଠ

ବାଲେଶ୍ୱର-ଭଦ୍ରକ ଜିଲା ସୀମାନ୍ତବର୍ତ୍ତୀ ବରଦା ଗ୍ରାମର ସାଳନ୍ଦୀ ନଦୀକୂଳରେ ଶୋଭାବର୍ଦ୍ଧନ କରୁଛି ୩ଶହ ବର୍ଷର ମନସୁର ବାବାଙ୍କ ସମାଧିପୀଠ ବା ମଜାର। ଖଇରା ସଦର ମହକୁମାରୁ ଦୂରତା ୨୦କି.ମି. ହୋଇଥିବା ବେଳେ ଭଦ୍ରକ ସହରରୁ ଦୂରତା ପାଖାପାଖି ୧୩କି.ମି.। ଏହି ପୀଠକୁ ଲୋକେ ପୀରବାବାଙ୍କ ପୀଠ ଭାବେ ସମ୍ବୋଧନ କରିଥାନ୍ତି। ଏହି ଗ୍ରାମରେ ଜଣେ ହେଲେ ମୁସଲିମ ପରିବାର ନ ଥାଇ ମଧ ଜଣେ ସନ୍ଥଙ୍କ ମଜାର ଶୋଭାପାଉଛି।।

ଏହି ଗ୍ରାମରେ ଆରାଧ୍ୟା ଦେବୀ ଭାବେ ବହୁ ପ୍ରାଚୀନ ବରଦାୟିନୀ ମା' ଭଗବତୀଙ୍କ ପୀଠ ରହିଛି। ଏଣୁ ଉଭୟ ସମ୍ପ୍ରଦାୟଙ୍କ ସଂସ୍କୃତି ଓ ପରମ୍ପରା ବହନ କରୁଥିବା ଏହି ୨ ପୀଠ ପାଇଁ ବରଦାକୁ ପର୍ଯ୍ୟଟନସ୍ଥଳୀ ଭାବେ ଘୋଷଣା କରିବାକୁ ଉଭୟ ସମ୍ପ୍ରଦାୟର ବ୍ୟକ୍ତିମାନେ ଦାବି କରିଛନ୍ତି। ମଜାର ସ୍ଥାପନା ପଛରେ ଥିବା ପ୍ରବାଦ ଅନୁଯାୟୀ ଅନ୍ୟୁନ ୩ଶହ ବର୍ଷ ତଳେ ଜଣେ ସାଧୁ ବା ଫକୀର ଏହି ରାସ୍ତା ଦେଇଯାଉଥିବା ବେଳେ ଯୋଗକୁ ସାଳନ୍ଦୀ ନଦୀ ତୀରରେ କୋଚିଲା ଗଛରେ ଆଚ୍ଛାଦିତ ଥିବା ଏହି ସ୍ଥାନରେ କିଛି ସମୟ ପାଇଁ ରହିଥିଲେ। ପରେ ସାଧୁ ଜଣକ ନିଜକୁ ଧ୍ୟାନସ୍ଥ କରିଥିଲେ ମଧ ଦେହାନ୍ତ ହୋଇଯାଇଥିଲା। ସାମାଧିସ୍ଥଳରେ ବାବାଙ୍କର ଏକ ଆସ୍ଥାନ ନିର୍ମାଣ କରି ସ୍ଥାନୀୟ ଗ୍ରାମବାସୀ ପୂଜାର୍ଚ୍ଚନା କରିଥିଲେ। ୧୯୭୦ ମସିହା ପର୍ଯ୍ୟନ୍ତ ହିନ୍ଦୁ ପୂଜକମାନେ ପୂଜାର୍ଚ୍ଚନା କରୁଥିଲେ। ଶେଷ ପୂଜକ ଭାବେ ମଧୁସୁଦନ ମହାନ୍ତି ବାବାଙ୍କର ପୂଜା କରୁଥିଲେ। ହେଲେ ବାବା ଜଣେ ସଂଖ୍ୟାଲଘୁ ସମ୍ପ୍ରଦାୟର ବ୍ୟକ୍ତି ବୋଲି ସ୍ୱପ୍ନାଦେଶ ହେବା ପରେ ସେହିଦିନଠାରୁ ମୁସଲିମ ଧର୍ମପୀଠ ଭାବେ ପ୍ରସିଦ୍ଧି ଲାଭ କରିଛି ଏବଂ କାଜିମଦାରମାନଙ୍କ ଦ୍ୱାରା ପୂଜା କରାଯାଇଆସୁଛି। କାଳକ୍ରମେ ଏହା ଭଦ୍ରକ ଚଉଦ ମହଲାର ସରକାରଙ୍କ ବାବାଙ୍କ ତତ୍ତ୍ୱାବଧାନରେ ରହିଛି। ପ୍ରତି ଗୁରୁବାର ଭକ୍ତ ବା ଜାହିରିନମାନେ ଅଧିକ ସଂଖ୍ୟାରେ ନମାଜ ପାଠ ଓ ଚାଦର ଚଢାଇବାକୁ ଆସିଥାନ୍ତି। ଉର୍ସ ପର୍ବରେ ଦେଶବିଦେଶର ବିଭିନ୍ନ କୋଣ ଅନୁକୋଣରୁ ମୌଲାନା ଓ ଶ୍ରଦ୍ଧାଳୁମାନେ


ଶ୍ରଦ୍ଧାଳୁମାନେ ପୀରବାବାଙ୍କୁ ଆରଧନା କରୁଛନ୍ତି।

ଏଠାକୁ ଯୋଗଦେବାକୁ ଆସିଥାନ୍ତି। କୌଣସି ବ୍ୟକ୍ତିର ଚୋରି କିମ୍ବା ଜିନିଷପତ୍ର ହଜିଗଲେ ସେମାନେ ପୀରବାବାଙ୍କ ପୀଠକୁ ଆସି ଇଟା ବାନ୍ଧି ଦରଖାସ୍ତ କଲେ ଜିନିଷପତ୍ର ମିଳିଯାଇଥାଏ ବୋଲି ବିଶ୍ୱାସ ରହିଛି। ଏହିଭଳି ଭାବେ ବହୁ ଉଦାହରଣ ରହିଛି ବୋଲି ଭଦ୍ରକ ପୁରୁଣା ବଜାରର ଜାକିର ହୁସେନ ସାହା କହିଛନ୍ତି। ୧୯୮୯ରେ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ ମଧ୍ୟରେ ଉଭୟ ସମ୍ପ୍ରଦାୟ ପକ୍ଷରୁ ଭବିଷ୍ୟତରେ ଅଶାନ୍ତିର ବାତବରଣ ରୋକିବାକୁ ଏକ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି। ଏଠାକାର ଜମିବାଡି ଉଭୟ ପକ୍ଷଙ୍କ ମଧ୍ୟରେ କ୍ରୟ ବିକ୍ରୟ କରାଯାଇପାରିବ ନାହିଁ। ମିରଜା ମୌସୁମୀ ଏବେ ପୀଠର ଖାଜିମଦାର ଭାବେ ଦାୟିତ୍ୱ ତୁଲାଉଥିବା ବେଳେ ଏହି ପୀଠ ଉଭୟ ସମ୍ପ୍ରଦାୟର ବିଶ୍ୱାସର ପ୍ରତୀକ ବୋଲି କହିଛନ୍ତି।

– ଉତ୍କଳବନ୍ଧୁ ପଣ୍ଡା, ଖଇରା































# ଜଗା ୟୁନାଇଟେଡ୍ ଚାମ୍ପିୟନ



ମ୍ୟାଚ୍ ପୂର୍ବରୁ ଅତିଥିଙ୍କ ସହ ଉଭୟ ଦଳର ଖେଳାଳି।

**ଶରଣକୁଳ,୨୫।୧୧(ଦୀପକ କର):** ନୟାଗଡ଼ ଜିଲା ଶରଣକୁଳ ଲଡୁକେଶ ଆଥ୍‌ଲେଟିକ୍ ଆସୋସିଏଶନ୍ ପକ୍ଷରୁ ସ୍ଥାନୀୟ ନାରାୟଣ ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆରେ ଚାଲିଥିବା ୬୨ତମ ସର୍ବଭାରତୀୟ ଫୁଟବଲ ଟୁର୍ନାମେଣ୍ଟରେ ଭୁବନେଶ୍ୱରର ଜଗା ୟୁନାଇଟେଡ୍ ଚାମ୍ପିୟନ ହୋଇଛି। ଫାଇନାଲ ମ୍ୟାଚ୍ ଜଗା ୟୁନାଇଟେଡ ବନାମ ଭୁବନେଶ୍ୱର ଏ.ଜି. ରିକ୍ରିଏଶନ କ୍ଲବ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଜଗା ୟୁନାଇଟେଡ ୫-୩ ଗୋଲରେ ବିଜୟ ଲାଭ କରିଥିଲା। ଖେଳର ପ୍ରଥମାର୍ଦ୍ଧ ସଂଘର୍ଷପୂର୍ଣ୍ଣ ଥିଲା। ଜଗା ୟୁନାଇଟେଡ୍‌ର ସଲା ଡିପ୍ ମ୍ୟାଚ୍‌ର ୨୩, ୩୧, ୩୩ ତମ ମିନିଟ୍‌ରେ ୩ଟି ଗୋଲ ସ୍କୋର କରି ଦଳକୁ ୩-୦ ଗୋଲରେ ଅଗ୍ରଣୀ କରିଥିଲେ। ଦ୍ୱିତୀୟାର୍ଦ୍ଧ ଖେଳର ୩୧ ମିନିଟ୍‌ରେ ଏ.ଜି. ରିକ୍ରିଏଶନ କ୍ଲବର ଖେଳାଳି ପପୁ ମାଝି, ୩୩ ତମ ମିନିଟରେ ଅର୍ପଣ ଲାକ୍ରା ଓ ଅନ୍ୟତମ ଖେଳାଳି ଡି.ଶ୍ରୀନାଥ ୩ଟି ଗୋଲ ଦେଇ ଖେଳକୁ ସମାନ ସ୍ଥିତିକୁ ନେଇ ଆସିଥିଲେ। କିନ୍ତୁ ଜଗା ୟୁନାଇଟେଡ୍‌ର ଆୟାନ ମିସ୍ତ୍ରୀ ଏହାପରେ ୨ଟି ସ୍କୋର କରିଥିଲେ।

ଅନୁଷ୍ଠାନର ସଭାପତି ତଥା ରଣପୁର ବିଧାୟକ ସତ୍ୟନାରାୟଣ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ପୁରୀ ଏମ୍‌ପି ପିନାକୀ ମିଶ୍ର, ମୁଖ୍ୟବକ୍ତା ନୟାଗଡ଼ ବିଧାୟକ ଡ.ଅରୁଣ କୁମାର ସାହୁ, ସମ୍ମାନିତ ଅତିଥି ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା, ଜିଲା ପରିଷଦ ଅଧ୍ୟକ୍ଷ ଇଂ.ଦେବାଶିଷ ପଟ୍ଟନାୟକ ଓ ଓଡ଼ଗାଁ ପଞ୍ଚାୟତ ସମିତି ଅଧ୍ୟକ୍ଷ ଲୋକନାଥ ସାହୁ, ଜିଲା ପରିଷଦ ସଭ୍ୟା ଚିନ୍ମୟୀ ଦାଶ ଓ ସଂଯୁକ୍ତା ପଢ଼ିହାରୀ ପ୍ରମୁଖ ଯୋଗଦେଇଥିଲେ। ଜଗା ୟୁନାଇଟେଡ୍‌ର ଖେଳାଳି ଆୟାନ ମିସ୍ତ୍ରୀଙ୍କୁ ଶ୍ରେଷ୍ଠ ଖେଳାଳି ଭାବେ ଟ୍ରଫି ସହ ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। ଶନିବାର ମ୍ୟାଚକୁ ରାଜୁ ମହାନ୍ତି, ଜ୍ୟୋତିରଞ୍ଜନ ସ୍ୱାଇଁ, ଶଶିକାନ୍ତ ଦାସିଆ, ପ୍ରସନ୍ନ କୁମାର ନାୟକ ପ୍ରମୁଖ ପରିଚାଳନା କରିଥିଲେ।













4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ